# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

♦VOLUME- 43 ♦ISSUE-301 ♦WEDNESDAY ♦29 APRIL 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୦୧ ♦ବୁଧବାର ♦୨୯ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଦାମୋଦରନଙ୍କୁ ୫ମ ସ୍ୱର୍ଣ୍ଣ

▶ପୃଷ୍ଠା ୧୨ ଦେଖନ୍ତୁ...

## ବିଜେପି ମନ୍ତ୍ରୀ ନୀତେଶ ରାଣେଙ୍କୁ ମାସେ ଜେଲ୍‌ଦଣ୍ଡ

■ ସିନ୍ଧୁଦୁର୍ଗ, ୨୮।୪ (ଏଜେନ୍ସି): ମହାରାଷ୍ଟ୍ର ସରକାରରେ ଥିବା ବିବାଦୀୟ ମନ୍ତ୍ରୀ ତଥା ବିଜେପି ନେତା ନୀତେଶ ରାଣେଙ୍କୁ କାର୍ଯ୍ୟରତ ଜଣେ ସରକାରୀ ଇଞ୍ଜିନିୟରଙ୍କ ଉପରକୁ କାଦୁଅ ଫିଙ୍ଗିବା ମାମଲାରେ ସିନ୍ଧୁଦୁର୍ଗ କୋର୍ଟ ସୋମବାର ଏକ ମାସର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟରେ ଅପିଲ୍ କରିବା ପାଇଁ କୋର୍ଟ ବର୍ତ୍ତମାନ ଏହି ସଜା ଉପରେ ରୋକ୍ ଲଗାଇଛନ୍ତି। ମୁମ୍ବାଇ-ଗୋଆ ହାଇୱେ ସମ୍ପ୍ରସାରଣ କାର୍ଯ୍ୟର ଅନୁଧ୍ୟାନ ପାଇଁ ସେତେବେଳେ କଂଗ୍ରେସରେ ଥିବା ନୀତେଶ ରାଣେ ଇଞ୍ଜିନିୟର ପ୍ରକାଶ ଶେଡେକରଙ୍କୁ ଡକାଇଥିଲେ।



ରାସ୍ତାର ଖରାପ ଅବସ୍ଥାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ନୀତେଶ ଓ ତାଙ୍କ ସମର୍ଥକମାନେ ଇଞ୍ଜିନିୟରଙ୍କ ଉପରକୁ ବାଲ୍ଟିରେ କାଦୁଅ ଫିଙ୍ଗିଥିଲେ। କେବଳ ସେତିକି ନୁହେଁ, ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି କାଦୁଅ ପାଣିରେ ଚାଲିବାକୁ ବାଧ କରିଥିଲେ। ଅତିରିକ୍ତ ସେସନ୍ସ ଜଜ୍ ଭିଏସ୍ ଦେଶମୁଖ କହିଛନ୍ତି ଯେ, ଜଣେ ଜନପ୍ରତିନିଧି ହୋଇ ଆଇନକୁ ନିଜ ▶ପୃଷ୍ଠା-୭

**ଇଞ୍ଜିନିୟରଙ୍କ ଉପରକୁ କାଦୁଅ ଫିଙ୍ଗିବା ମାମଲାରେ କୋର୍ଟ ରାୟ**

## ସିବିଆଇ ନିର୍ଦ୍ଦେଶକଙ୍କୁ ୩ ମାସ ଜେଲ୍ ଦଣ୍ଡାଦେଶ

■ ନୂଆଦିଲ୍ଲୀ, ୨୮।୪ (ଏଜେନ୍ସି): ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀଙ୍କ ଘରେ ଅନଧିକାର ପ୍ରବେଶ ଏବଂ ମାଡ଼ ମାରିବା ଅଭିଯୋଗରେ ଦିଲ୍ଲୀର ଏକ କୋର୍ଟ ସିବିଆଇର ଜଣେ ବର୍ତ୍ତମାନର ଯୁଗ୍ମ ନିର୍ଦ୍ଦେଶକ ଓ ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କୁ ୩ ମାସର ଜେଲ୍ ଦଣ୍ଡ ଶୁଣାଇଛନ୍ତି। ଏହି ରାୟ ପ୍ରାୟ ୨୫ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଆଇନଗତ ଲଢେଇ ପରେ ଆସିଛି। ଏହି ମାମଲା ପ୍ରାୟ ଦୁଇ ଦଶନ୍ଧି ପୂର୍ବର, ଅର୍ଥାତ୍ ୧୯ ଅକ୍ଟୋବର ୨୦୦୦ ମସିହାର। କୋର୍ଟ ବର୍ତ୍ତମାନର ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ରମନୀଶ ଏବଂ



ଅବସରପ୍ରାପ୍ତ ପୋଲିସ ଅଧିକାରୀ ଭିକେ ପାଣ୍ଡେଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେତେବେଳେ ଏହି ଦୁଇଜଣ ଏସପି ଭାବେ କାର୍ଯ୍ୟ କରୁଥିଲେ। ଆଇଆରଏସ୍ ଅଧିକାରୀ ଅଶୋକ କୁମାର ଅଗ୍ରୱାଲ ଅଭିଯୋଗ କରିଥିଲେ ଯେ, ଏକ ରେଡ୍ ସମୟରେ ସିବିଆଇ ଟିମ୍ ବିନା ଅନୁମତିରେ ତାଙ୍କ ଘରେ ପଶିଥିଲେ ଏବଂ ଗିରଫ ▶ପୃଷ୍ଠା-୭

**୨୫ ବର୍ଷ ପରେ ମିଳିଲା ନ୍ୟାୟ**

**ଆଇଆରଏସ୍ ଅଧିକାରୀଙ୍କୁ ମାଡ଼ ମାରିଥିଲେ**

### ବିମାନ ପେଟ୍ରୋଲ୍ ମୂଲ୍ୟ ବୃଦ୍ଧି; ଚାପରେ କମ୍ପାନୀ

## ସଙ୍କଟରେ ବିମାନ ସେବା

■ ନୂଆଦିଲ୍ଲୀ, ୨୮।୪ (ଏଜେନ୍ସି): ଉଚ୍ଚ ଇନ୍ଧନ ମୂଲ୍ୟ ଏବଂ ଭୂ-ରାଜନୈତିକ ଅସ୍ଥିରତା ଯୋଗୁଁ ଦେଶର ବିମାନ ଶିଳ୍ପ ଏହାର ଅସ୍ତିତ୍ୱକୁ ନେଇ ବର୍ତ୍ତମାନ ସଂଘର୍ଷ କରୁଛି। ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ଏବଂ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ବୃଦ୍ଧି ଯୋଗୁ ବିମାନ କମ୍ପାନୀଗୁଡିକ ଏକ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଦେଶର ପ୍ରମୁଖ ବିମାନ କମ୍ପାନୀଗୁଡିକୁ ନେଇ ଗଠିତ ସଂଘ ଫେଡେରେସନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍‌ଆଇଏ) ଉତ୍ପାଦ ଶୁଳ୍କ ଏବଂ ଭାଟ୍ କମ୍ କରିବାକୁ ସରକାରଙ୍କ ନିକଟରେ ଦାବି କରିଛି। ସଂଘ ଚେତାବନୀ ଦେଇଛି ଯେ, ଯଦି ସମୟୋଚିତ ପଦକ୍ଷେପ ନିଆ ନ ଯାଏ ତେବେ ବିମାନ ଉଡ଼ାଣ ବନ୍ଦ କରିଦିଆଯିବ। ନିକଟରେ ଏଫ୍‌ଆଇଏ ,ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ପକ୍ଷରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏ ନେଇ ଚିଠି ଲେଖାଯାଇଛି। ଏହି ଚିଠିରେ ବିମାନ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ରମୁଖ ଚିନ୍ତା ଏବଂ ଦାବି ଉଲ୍ଲେଖ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଏକ ବିମାନ କମ୍ପାନୀର ମୋଟ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦% ଏଟିଏଫ୍। ଉଚ୍ଚ ଇନ୍ଧନ ମୂଲ୍ୟ ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ହେତୁ ବିମାନ କମ୍ପାନୀଙ୍କ ଖର୍ଚ୍ଚ ଢ଼େର ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି, ବିମାନ କମ୍ପାନୀଗୁଡ଼ିକ ଏଟିଏଫ୍ ଉପରେ ୧୧% ଉତ୍ପାଦ ଶୁଳ୍କକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆହୁରିମଧ୍ୟ ସରକାରୀ ଏବଂ ଘରୋଇ ବିମାନ ଉଡ଼ାଣ ପାଇଁ ଏକ ସମାନ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥା ପନଃସ୍ଥାପନ କରିବାକୁ ସଂଘ କହିଛି। ପଶ୍ଚିମ ଏସିଆରେ ଅଶାନ୍ତି ଯୋଗୁଁ ଅନେକ ରୁଟ୍‌ରେ ପ୍ରତିବନ୍ଧକ ଲାଗୁ କରାଯାଇଥିବାରୁ ବିମାନଗୁଡିକୁ ଲମ୍ବା ରୁଟ୍ ଦେଇ ଉଡ଼ାଣ କରିବାକୁ ପଡୁଛି। ପରିଣାମସ୍ୱରୂପ କମ୍ପାନୀଗୁଡିକର ପରିଚାଳନା ଖର୍ଚ୍ଚ ବହୁତ ବଢ଼ିଯାଇଛି। ବର୍ତ୍ତମାନ ବିମାନ କମ୍ପାନୀଗୁଡ଼ିକ ପାଇଁ ଏକ ପ୍ରମୁଖ ସମସ୍ୟା ହେଉଛି, ମୂଲ୍ୟ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଅସନ୍ତୁଳନ। ଏଫ୍‌ଆଇଏ ତଥ୍ୟ ଅନୁଯାୟୀ, ଗତ ମାସରେ ସରକାର ଘରୋଇ ବିମାନ ପାଇଁ ଏଟିଏଫ୍ ମୂଲ୍ୟ ବୃଦ୍ଧିକୁ ୧୫ ଟଙ୍କା ପ୍ରତି ଲିଟର ପର୍ଯ୍ୟନ୍ତ ସୀମିତ କରିଥିଲେ। ବିପରୀତରେ, ଅନ୍ତର୍ଜାତୀୟ ବିମାନ କମ୍ପାନୀଗୁଡ଼ିକ ପାଇଁ ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୭୩ ଟଙ୍କା ବୃଦ୍ଧି କରାଯାଇଥିଲା। ଏଟିଏଫ୍ ମୂଲ୍ୟରେ ଏପରି ଅଯଥା ବୃଦ୍ଧି ବିରୁଦ୍ଧରେ ମନ୍ତ୍ରଣାଳୟକୁ ସଂଘ ଚେତାବନୀ ଦେଇଛି। ଏହା ବିମାନ କମ୍ପାନୀଗୁଡ଼ିକୁ ବହୁତ କ୍ଷତି ପହଞ୍ଚାଉଛି। ଏମିତି ପରିସ୍ଥିତି ଜାରି ରହିଲେ ବିମାନ କମ୍ପାନୀଗୁଡ଼ିକ ବନ୍ଦ ହୋଇଯାଇପାରେ। ଯଦି ବର୍ତ୍ତମାନର ମୂଲ୍ୟ ବୃଦ୍ଧି ପାଇବା ଜାରି ରହେ, ତେବେ ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ କମ୍ପାନୀଗୁଡ଼ିକୁ ପରିଚାଳନା କରିବା ଅସମ୍ଭବ ହୋଇଯିବ। ଯାହା ସମଗ୍ର ବିମାନ ଶିଳ୍ପକୁ ଏକ ଗଭୀର ସଙ୍କଟ ଭିତରକୁ ଠେଲିଦେବ।




ଉତ୍ପାଦ ଶୁଳ୍କ, ଭାଟ୍ କମ୍ କରିବାକୁ ଦାବି

## ପଶ୍ଚିମବଙ୍ଗରେ ଶେଷ ଲଢ଼େଇ ଆଜି

### ୧୪୨ ଆସନ, ୧୪୪୮ ପ୍ରାର୍ଥୀ, ୩.୨ କୋଟି ଭୋଟର

■ କୋଲକାତା, ୨୮।୪ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତାକାଲି ହେବାକୁ ଯାଉଛି। ପ୍ରବଳ ଉତ୍ତେଜନା ମଧ୍ୟରେ ୧୪୧ଟି ଆସନରେ ହେବାକୁ ଥିବା ନିର୍ବାଚନରେ ୧୪୪୮ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ତାଙ୍କ କ୍ୟାବିନେଟର ଅଧିକାଂଶ ମନ୍ତ୍ରୀ ଏବଂ ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ତଥା ବିଜେପିର ଶୁଭେନ୍ଦୁ ଅଧିକାରୀ। ଭବାନୀପୁର ନିର୍ବାଚନମଣ୍ଡଳୀରେ ମମତାଙ୍କୁ ଟକ୍କର ଦେଉଛନ୍ତି ତାଙ୍କର ପୂର୍ବତନ ସହଯୋଗୀ ତଥା ବିଜେପି ପ୍ରାର୍ଥୀ ଅଧିକାରୀ। ବିବାଦୀୟ ଏସ୍‌ଆଇଆର ମଧ୍ୟରେ ହେଉଥିବା ଅନ୍ତିମ ପର୍ଯ୍ୟାୟ ମତଦାନରେ ୪୦ ହଜାର ବୁଥ୍‌ରେ ପ୍ରାୟ ୩ କୋଟି ୨୨ ଲକ୍ଷ ମତାଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ।

ରାଜ୍ୟରେ କ୍ରମାଗତ ଚତୁର୍ଥ ଥର ଲାଗି କ୍ଷମତା ବଜାୟ ରଖିବା ଲକ୍ଷରେ ମମତା ଥିବା ବେଳେ ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିଜେପି ସମସ୍ତ ଶକ୍ତି ଖଟାଇଛି। ତେବେ ଉତ୍ତର ପ୍ରଦେଶର ଜଣେ ଆଇପିଏସ୍ ଅଧିକାରୀଙ୍କୁ ନେଇ ପଶ୍ଚିମ ବଙ୍ଗରେ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। ଉତ୍ତର ପ୍ରଦେଶର ▶ପୃଷ୍ଠା-୭

**୪୦ ହଜାର ମତଦାନ କେନ୍ଦ୍ରରେ ଅଢ଼େଇ ଲକ୍ଷ କେନ୍ଦ୍ରୀୟ ଯବାନ**

**ୟୁପି ଆଇପିଏସ୍‌ଙ୍କୁ ନେଇ ହଙ୍ଗାମା**




### ଓଡ଼ିଶାରୁ ପଶ୍ଚିମବଙ୍ଗ ଯାଇଛି ୧୦୦ କୋଟି !

■ ଭୁବନେଶ୍ୱର, ୨୮।୪ (ସମିସ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଆସନ୍ତାକାଲି ସକାଳେ ଅନୁଷ୍ଠିତ ହେବ। ଏହି ସମୟରେ ଓଡ଼ିଶାର ବିଜେପି ନେତାଙ୍କ ଉପରେ ସାଂଘାତିକ ଅଭିଯୋଗ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ମୁଖ୍ୟ ମମତା ବାନାର୍ଜୀ। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଓଡ଼ିଶା ବିଜେପି ନେତାମାନେ ୧୦୦ କୋଟି ଟଙ୍କା ଆଣି ଭୋଟ କିଣିବାକୁ ଷଡ଼ଯନ୍ତ୍ର କରିଛନ୍ତି। ଗୋଟିଏ କଳା ରଙ୍ଗର ସ୍କର୍ପିଓରେ ଏହି ଟଙ୍କା ଆସିଛି ଏବଂ ଭବାନୀପୁର ଅଞ୍ଚଳରେ ଏହି ଟଙ୍କା ବଣ୍ଟା ଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଓଡ଼ିଶା ସୀମା ଦେଇ ଏହି ଟଙ୍କା ଆଣାଯାଇଛି। ଏହା ସହିତ ଉତ୍ତରପ୍ରଦେଶ ▶ପୃଷ୍ଠା-୭

**କଳା ସ୍କର୍ପିଓ ଗାଡ଼ିରେ ବୁହାଯାଇଛି ଟଙ୍କା**

**ମମତା ବାନାର୍ଜୀଙ୍କ ସାଂଘାତିକ ଅଭିଯୋଗ**

## ଉଚ୍ଚବାଲିରେ ୧୬୪୭ କୋଟିର ଗ୍ରୀଡ୍ ପ୍ରକଳ୍ପର ଶିଳାନ୍ୟାସ

■ କେନ୍ଦୁଝର/ଯୋଡ଼ା, ୨୮।୪ (ସମିସ): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆଜି ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲ ଅଞ୍ଚଳର ଉଚ୍ଚବାଲିଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ-ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ି ତୋଳିବାକୁ ଘୋଷଣା କରିଛନ୍ତି। ଏହାସହ କାର୍ଯ୍ୟକ୍ରମରେ ୫ଟି ନୂଆ ଟ୍ରାନ୍ସମିସନ୍ ଲାଇନ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ଲକ୍ଷ ଉପଭୋକ୍ତା ଉପକୃତ ହେବେ। ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା। ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଦର୍ଶାଇଛନ୍ତି ଯେ ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ୪୦୦ କେଭି ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ ରହିବ। ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତୀକରଣ ତଥା ପ୍ରାଥମିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏକ 'ହଟ୍‌ଲାଇନ ମେଣ୍ଟେନାନ୍ସ' ମାଧ୍ୟମରେ ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ।

ରାଜ୍ୟର ମଞ୍ଚେଶ୍ୱରଠାରେ ନିର୍ମିତ ନୂତନ ଏସ୍‌ଏଲ୍‌ଡିସି ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ। ଏହାସହ ଏସଏଏମ୍‌ଏସ ପ୍ରକଳ୍ପ ▶ପୃଷ୍ଠା-୭



**୭ ଲକ୍ଷରୁ ଅଧିକ ଉପଭୋକ୍ତା ପାଇବେ ନିରବଚ୍ଛିନ୍ନ ବିଦ୍ୟୁତ୍**

**୨୦୩୬ ସୁଦ୍ଧା ରାଜ୍ୟରେ ନିର୍ମିତ ହେବ ଆହୁରି ୩୪ଟି ନୂଆ ଗ୍ରୀଡ୍**

**ବିଦ୍ୟୁତ୍ କାଟ୍ ହେବନି; 'ହଟ୍‌ଲାଇନ ମେଣ୍ଟେନାନ୍ସ' ମାଧ୍ୟମରେ ମରାମତି**

## ଦୁଃଖରେ ୬ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର କର୍ମଚାରୀ

### ଦର ଧାର୍ଯ୍ୟ ହେଲାନି, ଘୋଷଣା ହେଲାନି ବୋନସ-ମଜୁରୀ

■ ଭୁବନେଶ୍ୱର, ୨୮।୪ (ସମିସ): ରାଜ୍ୟର କେନ୍ଦୁପତ୍ର ଉତ୍ପାଦିତ ୧୯ ଟି ଡିଭିଜନରେ ଏପ୍ରିଲ ୧୦ ତାରିଖରୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ସରକାର କେନ୍ଦୁପତ୍ର କେରି ଦର ଧାର୍ଯ୍ୟ କରି ପାରି ନାହାନ୍ତି। ଏହାସହିତ ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କୁ କେନ୍ଦୁପତ୍ର ସଂଗ୍ରହ ପୂର୍ବରୁ ଦିଆଯାଇଥିବା ବୋନସ ମଧ୍ୟ ଘୋଷଣା କରାଯାଇ ନାହିଁ। କର୍ମଚାରୀଙ୍କ ପାଇଁ ମାସିକ ମଜୁରୀ ମଧ୍ୟ ଧାର୍ଯ୍ୟ ହୋଇନାହିଁ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କେନ୍ଦୁପତ୍ର କର୍ମଚାରୀ। ଏହାର ପ୍ରତିବାଦରେ ୧ ତାରିଖରେ କର୍ମଚାରୀମାନେ କଳାବ୍ୟାଚ ପିନ୍ଧିବା ସହ ୨ ତାରିଖରେ ପଶ୍ଚିମ ଓଡ଼ିଶାର ୨ ହଜାର ପଞ୍ଚାୟତରେ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

ଏହି ପ୍ରସଙ୍ଗରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଗଭୀର ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସରକାର କେନ୍ଦୁପତ୍ର କେରି ପ୍ରତି ଦର ଓ ବୋନସ ଘୋଷଣା କରି ନ ଥିବା ଏକ ଐତିହାସିକ ରେକର୍ଡ। ସର୍ବନିମ୍ନ ମଜୁରୀ ୨୦୨୪ ମସିହା ଜୁଲାଇ ୧୮ ତାରିଖରୁ ସରକାର ଘୋଷଣା କରିଥିଲେ ମଧ୍ୟ ସେହି ଅନୁପାତରେ ପ୍ରାୟ ଦୁଇ ବର୍ଷ ହେବ ସେମାନଙ୍କ ମାସିକ ମଜୁରୀ ମଧ୍ୟ ନିର୍ଦ୍ଧାରିତ ହୋଇ ପାରିନାହିଁ। ବନ୍ଧେଇ ଶ୍ରମିକ ମାନଙ୍କ ମଧ୍ୟ ବଣ୍ଡଲ ପ୍ରତି ଦର ବୃଦ୍ଧି ହୋଇ ନାହିଁ। ମୃତ୍ୟୁ କାଳୀନ ଆର୍ଥିକ ସହାୟତାର ବୃଦ୍ଧି ହେଉନାହିଁ। ଏହି ସବୁ ଘୋଷଣା ସାଧାରଣତଃ ପୂର୍ବରୁ ଫେବୃଆରୀ କିମ୍ବା ମାର୍ଚ୍ଚ ମାସରେ ଘୋଷଣା ହୋଇଥାଏ। ଆର୍ଥିକ ସହାୟତା ମଧ୍ୟ ମିଳିଥାଏ। ଆହୁରି ମଧ୍ୟ ବର୍ତ୍ତମାନର ସରକାରୀ ଦଳ ଗତ ୨୦୨୪ ମସିହା ନିର୍ବାଚନରେ କେନ୍ଦୁପତ୍ର କେରି ପ୍ରତି ଦର ୨ ଟଙ୍କା ଏବଂ ବୋନସ ବୃଦ୍ଧିର ମଧ୍ୟ ଘୋଷଣା ▶ପୃଷ୍ଠା-୭

**ପ୍ରତିବାଦରେ ମେ' ୧ରେ କଳାବ୍ୟାଚ ପିନ୍ଧିବେ କର୍ମଚାରୀ**

**୨ରେ ପଞ୍ଚାୟତରେ ଗଣ ଧାରଣା ଦେବେ କେନ୍ଦୁପତ୍ର ତୋଳାଳି**



### ଥମିବା ପୂର୍ବରୁ ଜାଳିଲା ତାତି; ରାଜ୍ୟରେ ପାରା ଟପିଲା ୪୫

## ଝାରସୁଗୁଡ଼ା ବିଶ୍ୱର ତୃତୀୟ ଉତ୍ତପ୍ତ ସହର

■ ଭୁବନେଶ୍ୱର, ୨୮।୪ (ସମିସ): କାଳବୈଶାଖୀ ପୂର୍ବରୁ ରାଜ୍ୟରେ ତାତି ଭାଙ୍ଗିଛି ରେକର୍ଡ। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। ମଙ୍ଗଳବାର ୪୫.୩ ଡିଗ୍ରୀ ତାପମାତ୍ରା ସହ ଝାରସୁଗୁଡ଼ା ଦେଶର ଦ୍ୱିତୀୟ ଓ ବିଶ୍ୱର ତୃତୀୟ ଉତ୍ତପ୍ତ ସହରରେ ପରିଣତ ହୋଇଛି। ଗତ ସପ୍ତାହେ ହେବ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇ ଆସୁଛି। ବିଶେଷ କରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବା ବେଳେ ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ମଙ୍ଗଳବାର ରାଜ୍ୟର ମୋଟ୍ ୧୩ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ବୌଦ୍ଧରେ ତାପମାତ୍ରା ୪୩.୭, ସମ୍ବଲପୁରରେ ତାପମାତ୍ରା ୪୩.୫, ହୀରାକୁଦ ୪୩.୪, ବରଗଡ଼ରେ ତାପମାତ୍ରା ୪୨.୯ ଡିଗ୍ରୀ ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ରାଜ୍ୟରେ ଭୀଷଣ କାଳବୈଶାଖୀ ଆଶଙ୍କା କରିଛି ପାଣିପାଗ ବିଭାଗ। ରାଜ୍ୟକୁ ଏବେ ପ୍ରଚୁର ମାତ୍ରାରେ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଏହା ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ଯୋଗୁଁ ଭୀଷଣ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଓ ପବନ ପାଇଁ ପାଗ ଅନୁକୂଳ କରିଛି। ଏହି କ୍ରମରେ ଆସନ୍ତା ୩-୪ ଦିନ ▶ପୃଷ୍ଠା-୭

**କାଳବୈଶାଖୀ ଲାଗି ୧୪ ଜିଲ୍ଲାକୁ ଆଲର୍ଟ**

**ଭୀଷଣ ବଜ୍ରପାତ, ଅଶାନ୍ତ ରହିବ ସମୁଦ୍ର**

**ସମୁଦ୍ର ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ**



## ଜୁନ୍ ୧୨ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୪ (ସମିସ): ଓଡ଼ିଶାରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବ୍ ଶୀଘ୍ର ହେବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏ ସଂକ୍ରାନ୍ତରେ ସବୁଜ ସଙ୍କେତ ଦେଇଛନ୍ତି ଦଳର ଶୀର୍ଷ ନେତୃତ୍ୱ। ବିଭିନ୍ନ ବିଭାଗର କାର୍ଯ୍ୟ ଓ ମନ୍ତ୍ରୀମାନଙ୍କ ଦକ୍ଷତା ଆକଳନ କରି ଏକ ସାନି ରିପୋର୍ଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି। ତେବେ କେଉଁ ଆଧାରରେ ମନ୍ତ୍ରୀମାନଙ୍କ ଦକ୍ଷତା ଓ କାର୍ଯ୍ୟକୁ ଆକଳନ କରାଯିବ ସେ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ରିପୋର୍ଟ ମିଳିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କେବେ ହେବ ତାହା ସ୍ଥିର କରାଯିବ। ତେବେ ଜୁନ୍ ୧୨ ତାରିଖରେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତିର ଅବ୍ୟବହିତ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଆପାତତଃ ନିଷ୍ପତ୍ତି ହୋଇଛି।


ଦିଲ୍ଲୀରେ ଦଳର ଶୀର୍ଷ ନେତୃତ୍ୱସ୍ତରରେ ଚାଲିଥିବା ବିଚାରବିମର୍ଷ ଅନୁସାରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ମନ୍ତ୍ରିମଣ୍ଡଳ ପରିବର୍ତ୍ତନର ଲାଗି ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ କେତେକ ଦିଗକୁ ଦୃଷ୍ଟି ଦେବାକୁ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ପରାମର୍ଶ ଦେଇଛନ୍ତି। ଯେଉଁ ଜିଲ୍ଲାଗୁଡ଼ିକୁ ମନ୍ତ୍ରୀପଦ ମିଳିନାହିଁ, ସମ୍ପ୍ରସାରଣ ସମୟରେ ସେହି ଜିଲ୍ଲାଗୁଡ଼ିକୁ ପ୍ରଥମେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଅନୁରୂପ ଭାବରେ ଯେଉଁ ମନ୍ତ୍ରୀମାନଙ୍କର କାର୍ଯ୍ୟ ସନ୍ତୋଷଜନକ ହୋଇନାହିଁ ବା ସାଧାରଣ ଲୋକମାନଙ୍କ ସମସ୍ୟା ଦୂର କରିବାରେ ଯେଉଁ ବିଭାଗ ବିଫଳ ହୋଇଛି, ସେହି ବିଭାଗର ମନ୍ତ୍ରୀମାନଙ୍କୁ ପରିବର୍ତ୍ତନ କରିବା ବା ସେମାନଙ୍କୁ ବାଦ ଦେବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଅପରପକ୍ଷରେ ସାଧାରଣ ଲୋକ ସ୍ୱାର୍ଥସମ୍ବଳିତ ପ୍ରସଙ୍ଗ ଜଡ଼ିତ ଥିବା ବିଭାଗଗୁଡ଼ିକ ମଧ୍ୟରୁ କୌଣସି ମନ୍ତ୍ରୀଙ୍କ ନିକଟରେ ଯେପରି ଏକାଧିକ ବିଭାଗ ରହିବ ନାହିଁ; ସେଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଅତୀତରେ ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଆସାମ ଓ ଉତ୍ତରପ୍ରଦେଶରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରାୟ ଦୁଇ ବର୍ଷରେ କରାଯାଇଥିବା ଦେଖାଯାଇଛି। ମଝିରେ ମଝିରେ ଜରୁରୀ ସ୍ଥିତି ଓ ଆବଶ୍ୟକତାନୁସାରେ ଜଣେ ଦୁଇ ଜଣ ନୂଆ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲେ ହେଁ ପୂର୍ଣ୍ଣାଙ୍ଗ ସମ୍ପ୍ରସାରଣ ପ୍ରାୟ ଦୁଇ ବର୍ଷରେ କରାଯାଇଥିବା ଦୃଷ୍ଟାନ୍ତ ରହିଛି। ଛତିଶଗଡ଼, ଆସାମରେ ଏହି ଢାଞ୍ଚା ପ୍ରୟୋଗ କରାଯାଇଛି ଏବଂ ଉତ୍ତରପ୍ରଦେଶରେ ଯୋଗୀ ସରକାରଙ୍କ ଦ୍ୱିତୀୟ ପାଳିରେ ବି ▶ପୃଷ୍ଠା-୭

**ମନ୍ତ୍ରୀଙ୍କ ଦକ୍ଷତା ରିପୋର୍ଟ ଦେବେ ମୁଖ୍ୟମନ୍ତ୍ରୀ**

**ପରିବର୍ତ୍ତନ ହେବେ ଅଧ ଡ଼ଜନରୁ ଊର୍ଦ୍ଧ୍ୱ ମନ୍ତ୍ରୀ**

**ବଦଳିପାରେ ଅଧିକାଂଶ ମନ୍ତ୍ରୀଙ୍କ ବିଭାଗ**



ରଥଖଳାରୁ...

# ୪୨ଟି ଯାକ ତୁମ୍ବର ବିନ୍ଧ କାମ ଶେଷ



ପୁରୀ,୨୭।୪(ସମିସ): ଚଳିତବର୍ଷର ରଥଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଖଳାରେ ମଧ୍ୟ ତିନିରଥ ନିର୍ମାଣ କାମ ଆଗେଇ ଚାଲିଛି। ପ୍ରଥମେ ତୁମ୍ବ ତିଆରି କରାଯାଉଥିବା ବେଳେ ମଙ୍ଗଳବାର ତିନିରଥର ୪୨ଟି (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ଯାକ ତୁମ୍ବରେ ବିନ୍ଧ ସରିଛି। ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ତିନିରଥର ମୋଟ ୪୨ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ସରିବା ପରେ ଏହାର ମଠା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ତୁମ୍ବରେ ଅର ସଂଯୋଗ ପାଇଁ ହୋଇଥିବା ଅର ବିନ୍ଧ ନିକଟରେ କଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯାଇଛି। ତୁମ୍ବଗୁଡ଼ିକର ବଳକା ଅଂଶକୁ ବାଦ୍ ଦେବା ପାଇଁ ଘେର କଟା ଯିବା ପରେ ମହାରଣାମାନେ ମାପ ଅନୁଯାୟୀ ବିନ୍ଧଗୁଡ଼ିକୁ ନିହାଣ ଦ୍ୱାରା ସାଇଜ୍ କରିଛନ୍ତି। ମାପ ଚିହ୍ନ ଶେଷ ହୋଇଥିବା ତୁମ୍ବଗୁଡିକରେ ଅଖବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଅର କଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି। ଏଥିସହ ତିନିରଥର ଏକ ନମ୍ବର ନାହାକା ତୁମ୍ବ ପାଇଁ ଆବଶ୍ୟକ ୨୦ଟି ପଦାରି ବଳା ନିର୍ମାଣ ସରି ମଠା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ସେଲୁନ୍‌ରୁ ବିଜେପି ବିଧାୟକଙ୍କୁ ଘୋଷାଡ଼ି ନେଲେ ମହିଳା

■ ଖସି ପଳାଇଲେ ବିଧାୟକ, ମହିଳା ଭାଙ୍ଗିଲେ କାର୍ କାଚ
■ ଜୀବନ ପ୍ରତି ବିପଦ ଦର୍ଶାଇ ତିରିଂ ଥାନାରେ ମହିଳାଙ୍କ ଏତଲା

ରାଇରଙ୍ଗପୁର, ୨୮।୪(ସମିସ): ସେଲୁନ୍‌ରୁ ବିଧାୟକଙ୍କୁ ଘୋଷାଡ଼ି ଆଣି ଟଣାଓଟରା କଲେ ମହିଳା। ବିଧାୟକ ଖସି ପଳାଇବାରୁ ରାଗରେ ତାଙ୍କ କାର୍ ଭାଙ୍ଗିଦେଲେ। ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଆଜି ସର୍ବସମ୍ମୁଖରେ ଏପରି ହଟହଟା ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷେ, ମହିଳାଜଣଙ୍କ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତିରିଂ ଥାନାରେ ଏତଲା ଦେବା ସହ ନିଜର ସୁରକ୍ଷା ପାଇଁ ପୁଲିସକୁ ଗୁହାରି କରିଛନ୍ତି। କିନ୍ତୁ, ବିଧାୟକଙ୍କ ଚାପରେ ପୁଲିସ୍ ମାମଲା ରୁଜୁ କରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ମହିଳାଜଣଙ୍କ ହେଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କା। ୩୦ବର୍ଷରୁ ଊର୍ଦ୍ଧ୍ୱ ହେବ, ବିଧାୟକ ଜଲେନଙ୍କ ସହ ତାଙ୍କର ପରିଚୟ ରହିଛି। ବିଧାୟକ ଶ୍ରୀ ନାଏକ ପୂର୍ବରୁ ଜିଲ୍ଲା ପରିଷଦ ସଦସ୍ୟ ଥିବା ବେଳେ ଏବଂ ଗତ ସାଧାରଣ ନିର୍ବାଚନ ସମୟରେ ସେ ଜଲେନ୍‌ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆରତୀ ନିଜ ଦରମା ଟଙ୍କାରୁ ତାଙ୍କୁ ଗୋଟିଏ କାର୍ ମଧ୍ୟ କିଣାଇ ଦେଇଥିଲେ। ତେବେ ଗତ କିଛି ଦିନ ହେବ କୌଣସି କାରଣରୁ ଉଭୟଙ୍କ ସଂପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

ବିଧାୟକ ଶ୍ରୀ ନାଏକ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତିରିଂ ଥାନା ଅନ୍ତର୍ଗତ ରତନସାହି ବଜାରସ୍ଥିତ ଏକ ସେଲୁନରେ ବସିଥିଲେ। ଏହି ସମୟରେ ମହିଳାଜଣଙ୍କ ସେଠାରେ ପହଞ୍ଚିଥିଲେ। ପୂର୍ବକଥାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ମହିଳାଜଣଙ୍କ ତାଙ୍କୁ ସେଲୁନ୍‌ରୁ ଘୋଷାଡ଼ି ଆଣି ସର୍ବସମ୍ମୁଖରେ ଟଣାଓଟରା କରିଥିଲେ। ସଙ୍ଗେସଙ୍ଗେ ବିଧାୟକ ଉକ୍ତ ସ୍ଥାନରୁ ଖସି ପଳାଇ ଯାଇଥିଲେ। ଏଥିରେ ମହିଳାଜଣଙ୍କ ଉତ୍ତେଜିତ ହୋଇ ବିଧାୟକଙ୍କ କାର୍ କାଚକୁ ଏକ ପଥରରେ ଭାଙ୍ଗି ଦେଇଥିଲେ।

ତେବେ ଏହି ଘଟଣା ପରେ ବିଧାୟକ ଓ ତାଙ୍କ ସମର୍ଥକଧମକଦେଉଛନ୍ତିବୋଲିଆରତୀଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ତାଙ୍କୁ ଜୀବନ ମାରିଦେବାକୁ ଉଦ୍ୟମ ହୋଇଛି। ତେଣୁ, ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ପୁଲିସ ସୁରକ୍ଷା ଯୋଗାଇଦେବାକୁ ଆରତୀ ତିରିଂ ଥାନାରେ ଏତଲା ଦେଇଛନ୍ତି। କିନ୍ତୁ, ବିଧାୟକଙ୍କ ଚାପରେ ପୁଲିସ ମାମଲା ରୁଜୁ କରୁନାହିଁ ବୋଲି ସେ କହିଛନ୍ତି। ଆରତୀ କହିଛନ୍ତି ଯେ ଏ ସଂପର୍କରେ ସେ ତାଙ୍କ ଭାଇଙ୍କ ସହ ଆଲୋଚନା କରିବା ପରେ ଆଗାମୀ ପଦକ୍ଷେପ ଗ୍ରହଣ କରିବେ।

ଅପରପକ୍ଷେ, ଏହି ଘଟଣାରେ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ଼ କହିଛନ୍ତି ଯେ ଏହି ଘଟଣା ସତ। କିଛି କାରଣ ନଥିଲେ ଜଣେ ମହିଳା ସର୍ବସମ୍ମୁଖରେ ବିଧାୟକଙ୍କୁ ଆକ୍ରମଣ କରିବାକୁ ସାହସ କରିବ ନାହିଁ। ତେଣୁ, ଏହାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ବିଜେଡି ମୟୂରଭଞ୍ଜ-୨ କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ଏହି ଘଟଣାକୁ ନିନ୍ଦା କରିଛନ୍ତି। ମହିଳା ସୁରକ୍ଷା ନିମନ୍ତେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବିଜେପି ରାଜ୍ୟସାରା ଡିଣ୍ଡିମ ପିଟୁଥିବା ବେଳେ ବିଜେପି ବିଧାୟକଙ୍କ ଏହି କାର୍ଯ୍ୟକଳାପ ନିନ୍ଦନୀୟ। ତେବେ ଏହି ଘଟଣାରେ ବିଧାୟକ ଜଲେନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ନିବେଶ ନାଁରେ ୫କୋଟି ଟଙ୍କା ଠକେଇ

## ଦାର୍ଜିଲିଂରୁ ଧରା ହେଲେ ୨ ଧୂର୍ତ୍ତ

କଟକ, ୨୮।୪ (ସମିସ): ବଡ଼ଧରଣର ଏକ ସାଇବର୍ ଠକେଇ ଘଟଣାରେ ରାଜ୍ୟ କ୍ରାଇମବ୍ରାଞ୍ଚକୁ ସଫଳତା ମିଳିଛି। ଫେକ୍ ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମ ଜରିଆରେ ପ୍ରାୟ ୫.୧୪ କୋଟି ଟଙ୍କାରୁ ଅଧିକ ଠକେଇ ମାମଲାରେ ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାରୁ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଟିମ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, କିରଣ ଗୁରୁଙ୍ଗ (୫୫) ଓ ରଣଧୀର କୁମାର ରାୟ (୪୬)। ସେମାନଙ୍କ ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ, ପାନ କାର୍ଡ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଇନ୍ସପେକ୍ଟର୍ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ବ୍ୟାଙ୍କ କାରବାର ଏବଂ ଡିଜିଟାଲ ପ୍ରମାଣକୁ ଆଧାର କରି ଏହି ଠକେଇର ତଦନ୍ତ କରିଥିଲା। ଠକେଇର ସୁରାକ ପାଇ ପଶ୍ଚିମବଙ୍ଗର ଦାର୍ଜିଲିଂ ଅଞ୍ଚଳରେ ଏହି ଟିମ୍ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ ଏକ ଜାଲ୍ ଅନଲାଇନ ଟ୍ରେଡିଂ ପ୍ଲାଟଫର୍ମରେ ନିବେଶ କରିବାକୁ ସାଇବର୍ ଠକମାନେ ପ୍ରଲୋଭିତ କରିଥିଲେ। ଠକମାନଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ବ୍ୟକ୍ତିଜଣଙ୍କ ଗତ ୨୦୨୫ ମାର୍ଚ୍ଚ ୧୭ରୁ ମାତ୍ର ୨୦ ଦିନ ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମୋଟ ୫ କୋଟି ୧୪ ଲକ୍ଷ ଟଙ୍କା ନିବେଶ କରିଥିଲେ। କିନ୍ତୁ, ଯେତେବେଳେ ସେ ନିଜର ଟଙ୍କା ଉଠାଇବାକୁ ଚେଷ୍ଟା କଲେ, ଠକମାନେ ତାହା ମନା କରିଦେବା ସହ ଏଥିପାଇଁ ଅଧିକ ଟଙ୍କା ଜମା କରିବାକୁ ପଡ଼ିବ ବୋଲି କହିଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଅଭିଯୋଗକାରୀଜଣଙ୍କ ସାଇବର୍ ହେଲ୍ପ-ଲାଇନ୍ ନମ୍ବର ୧୯୩୦ରେ ଜଣାଇବା ସହ କ୍ରାଇମବ୍ରାଞ୍ଚରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାରେ ଗିରଫ ଉଭୟ ଅଭିଯୁକ୍ତଙ୍କୁ ସିଲିଗୁଡ଼ିର ଏସିଜେଏମ୍ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯିବ। ଦୁଇଜଣ ଅଭିଯୁକ୍ତ ଏକ ବଡ଼ ଅନ୍ତର୍ଜାତୀୟ ସାଇବର ରାକେଟର ସଦସ୍ୟ। ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

# ଓଡ଼ିଶାରୁ ପଶ୍ଚିମବଙ୍ଗ ଆସିଛି ୧୦୦ କୋଟି ଟଙ୍କା: ମମତା

କୋଲକାତା,୨୮।୪(ସମିସ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଆସନ୍ତାକାଲି ସକାଳେ ଅନୁଷ୍ଠିତ ହେବ। ଏହି ସମୟରେ ଓଡ଼ିଶାର ବିଜେପି ନେତାଙ୍କ ଉପରେ ସାଂଘାତିକ ଅଭିଯୋଗ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ମୁଖ୍ୟ ମମତା ବାନାର୍ଜୀ। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଓଡ଼ିଶା ବିଜେପି ନେତାମାନେ ୧୦୦ କୋଟି ଟଙ୍କା ଆଣି ଭୋଟ କିଣିବାକୁ ଷଡ଼ଯନ୍ତ୍ର କରିଛନ୍ତି। ଗୋଟିଏ କଳା ରଙ୍ଗର ସ୍କର୍ପିଓରେ ଏହି ଟଙ୍କା ଆସିଛି ଏବଂ ଭବାନୀପୁର ଅଞ୍ଚଳରେ ଏହି ଟଙ୍କା ବଣ୍ଟା ଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଓଡ଼ିଶା ସୀମା ଦେଇ ଏହି ଟଙ୍କା ଆଣାଯାଇଛି। ଏହା ସହିତ ଉତ୍ତରପ୍ରଦେଶ ଓ ବିହାରରୁ ପୁଲିସ୍ ବାହିନୀ ମଧ୍ୟ ଅଣାଯାଇ ପଶ୍ଚିମବଙ୍ଗ ନିର୍ବାଚନକୁ ପ୍ରଭାବିତ କରାଯାଉଥିବା ସେ କହିଛନ୍ତି।

### କଳା ସ୍କର୍ପିଓ ଗାଡ଼ିରେ ବୁହାଯାଇଛି ଟଙ୍କା

ଏପ୍ରିଲ୍ ୨୯ ତାରିଖରେ ଭାବନୀପୁର ବିଧାନସଭା ଆସନ ପାଇଁ ଭୋଟ୍ ପଡ଼ିବ। ଏହା ପୂର୍ବରୁ ମମତାଙ୍କ ଏହି ଅଭିଯୋଗ ରାଜନୈତିକ ଉଷ୍ମତାକୁ ଆହୁରି ବଢ଼ାଇଛି। ମମତା ନିଜେ ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସମସ୍ତଙ୍କ ନଜର ଏହି ଆସନ ଉପରେ ରହିଛି। ଅନ୍ୟପଟେ ଓଡ଼ିଶାର ଏକାଧିକ ବିଜେପି ବିଧାୟକ ଓ ମନ୍ତ୍ରୀ ପଶ୍ଚିମବଙ୍ଗରେ ଡେରା ପକାଇଥିବାରୁ ମମତାଙ୍କ ଅଭିଯୋଗକୁ ଆହୁରି ଖୋରାକ ଯୋଗାଉଛି। ପୂର୍ବରୁ ଓଡ଼ିଶାର ବିଭିନ୍ନ ନିର୍ବାଚନରେ ସୀମାନ୍ତବର୍ତ୍ତୀ ବିଜେପି ଶାସିତ ରାଜ୍ୟଗୁଡ଼ିକର ପ୍ରଭାବ ରହୁଥିବା ନେଇ ଅଭିଯୋଗ ହେବାର ନଜିର ରହିଛି। ଗତ ନୂଆପଡ଼ା ଉପନିର୍ବାଚନ ସମୟରେ ଛତିଶଗଡ଼ର ବିଜେପି ନେତାମାନେ ଅର୍ଥ ଓ ବାହୁବଳର ସହଯୋଗ ଯୋଗାଇଥିବା ଅଭିଯୋଗ ହୋଇଥିଲା। ଏବେ ପଶ୍ଚିମବଙ୍ଗ ନିର୍ବାଚନରେ ଓଡ଼ିଶା ବିଜେପି ଅନୁରୂପ ସହଯୋଗ ଯୋଗାଉଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମବଙ୍ଗରେ ବିଜେପି ପକ୍ଷରୁ ବିଭିନ୍ନ ନିର୍ବାଚନୀ ସଭାରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅନେକ ମନ୍ତ୍ରୀ ଓ ବିଜେପିର ଅନେକ ବିଧାୟକ ପଶ୍ଚିମବଙ୍ଗରେ ଡ଼େରା ପକାଇଛନ୍ତି। ଓଡ଼ିଆ ଭୋଟରଙ୍କୁ ଏମାନେ ପ୍ରଭାବିତ କିରବା ପାଇଁ ସଭା ସମିତି ଆୟୋଜନ କରୁଥିବା ବେଳେ ଦଳ ପାଇଁ ଜୋରଦାର ପରିଶ୍ରମ କରୁଛନ୍ତି। ମାତ୍ର ମମତାଙ୍କ ଅଭିଯୋଗ ସମ୍ପର୍କରେ ବିଜେପି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନାହିଁ। ତେବେ ରାଜ୍ୟର ଜଣେ ପ୍ରଭାବଶାଳୀ ବିଧାୟକ ନିକଟରେ ଏକ କଳାରଙ୍ଗର ସ୍କୋର୍ପିଓ କିଣିଥିବାରୁ ଓ ମମତା କଳା ରଙ୍ଗର ସ୍କୋର୍ପିଓ କଥା ଉଲ୍ଲେଖ କରିଥିବାରୁ ଓଡ଼ିଶାର ଅନେକ ଲୋକ ଏହି ଅଭିଯୋଗକୁ କାକତାଳୀୟ ବୋଲି ମନେ କରିପାରୁ ନାହାନ୍ତି।

# ନିର୍ବାଚନ କମିସନଙ୍କୁ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଆଇପିଏସ୍ ପରମାରଙ୍କ ସଂପର୍କରେ ୨୪ ଘଣ୍ଟା ଭିତରେ ନିଷ୍ପତ୍ତି ନିଅ

କୋଲକାତା, ୨୮।୪: ପଶ୍ଚିମ ବଙ୍ଗରେ ଆସନ୍ତାକାଲି ବିଧାନସଭା ପାଇଁ ଅନ୍ତିମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଥିବା ବେଳେ ବାହାର ରାଜ୍ୟର ପୁଲିସ ପର୍ଯ୍ୟବେକ୍ଷକଙ୍କ ଭୂମିକାକୁ ନେଇ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। ବିଶେଷ କରି ଓଡ଼ିଶା କ୍ୟାଡର ଆଇପିଏସ୍ ସ୍ମିତ ପରମାର ଏବଂ ୟୁପି କ୍ୟାଡର ଆଇପିଏସ୍ ଅଧିକାରୀ ଅଜୟ ପାଲ ଶର୍ମା ଏହି ବିବାଦର କେନ୍ଦ୍ରରେ ଅଛନ୍ତି। ସେମାନେ ବିଜେପି ପାଇଁ କାମ କରୁଛନ୍ତି ବୋଲି ମମତା ବାନାର୍ଜୀଙ୍କ ଟିଏମସି ଅଭିଯୋଗ କରିଛି। ଡାଏମଣ୍ଡ ହାର୍ବର ଲୋକସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଏହି ଦୁଇ ଅଧିକାରୀଙ୍କୁ ହଟାଇବା ଲାଗି ଟିଏମସି ଦାବି କରିଛି।

### ୟୁପି ଆଇପିଏସ୍‌ଙ୍କୁ ନେଇ କମିସନଙ୍କ ଦ୍ୱାରସ୍ଥ ହେଲା ଟିଏମ୍‌ସି

ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ପରମାରଙ୍କ ବିରୋଧରେ ଟିଏମସି ଯେଉଁ ଅଭିଯୋଗ କରିଛି ତାହା ଉପରେ ୨୪ ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେବାଲାଗି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କଲିକତା ହାଇକୋର୍ଟ। କମିସନରେ ପିଟିସନ ଦାଖଲ କରିଥିଲେ ମଧ୍ୟ କମିସନ କୌଣସି କାର୍ଯ୍ୟାନୁଷ୍ଠାନ କରୁନଥିବାରୁ ଟିଏମ୍‌ସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ବିଚାରପତି ଜଷ୍ଟିସ କ୍ରିଷ୍ଣା ରାଓ ମାମଲାର ଶୁଣାଣି କରି କହିଛନ୍ତି ଯେ ଅଭିଯୋଗଟି ତଥ୍ୟ ଆଧାରିତ ବିବାଦ ମଧ୍ୟରେ ରହିଛି ଏବଂ ଏହା ବର୍ତ୍ତମାନ କମିସନଙ୍କ ବିଚାରାଧୀନ। ତେଣୁ କୋର୍ଟ ଆସନ୍ତା ୨୪ ଘଣ୍ଟା ଭିତରେ ଏହି ମାମଲାର ସମାଧାନ ପାଇଁ କମିସନଙ୍କୁ କହିଛନ୍ତି।

ଟିଏମ୍‌ସିର ଅଭିଯୋଗ ଅନୁଯାୟୀ, ଦକ୍ଷିଣ ୨୪ ପ୍ରଗଣାର ପୋଲିସ ପର୍ଯ୍ୟବେକ୍ଷକ ପରମାର ସ୍ମିତ ପରଶୋତ୍ତମଦାସ ଗତ ୨୦ ତାରିଖ ।।ରେ ମଗରାହାଟ ପଶ୍ଚିମ ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀଙ୍କ ସହ ସାଗରିକା ଟୁରିଷ୍ଟ ଲଜରେ ଏକ 'ଅନଧିକୃତ ବ୍ୟକ୍ତିଗତ ବୈଠକ' କରିଥିଲେ। ଏଥିପାଇଁ ଏକ ପେନ୍-ଡ୍ରାଇଭକୁ ପ୍ରମାଣ ଭାବେ ଉପସ୍ଥାପନ କରାଯାଇଥିଲା। ବିବାଦରେ ଥିବା ଆଉ ଜଣେ ଆଇପିଏସ୍ ଅଧିକାରୀ ହେଉଛନ୍ତି ୟୁପି କ୍ୟାଡରର ଅଜୟ ପାଲ ଶର୍ମା। ଉତ୍ତର ପ୍ରଦେଶର ଏନକାଉଣ୍ଟର ସ୍ପେଶାଲିଷ୍ଟ ରୂପେ ପରିଚିତ ଅଜୟପାଲ ଶର୍ମା ଟିଏମସି ପ୍ରାର୍ଥୀ, ତାଙ୍କ ପରିବାର ଓ ସମର୍ଥକଙ୍କୁ ଧମକାଉଥିବାର ଭିଡିଓ ଭାଇରାଲ ହୋଇଛି। ଟିଏମସି ଅଭିଯୋଗ କରିଛି ଯେ ୟୁପି ପୁଲିସକୁ ଲଗାଇ ଏହାର ନେତା ଓ କର୍ମକର୍ତ୍ତାଙ୍କୁ ଧମକ ଦିଆଯାଉଛି। ଶର୍ମା ଜଣେ ପର୍ଯ୍ୟବେକ୍ଷକ ହୋଇଥିବା ବେଳେ କେଉଁ କ୍ଷମତା ବଳରେ ସେ ଟିଏମ୍‌ସି ପ୍ରାର୍ଥୀଙ୍କ ଘରକୁ ଯାଇ ଧମକ ଦେଉଛନ୍ତି ବୋଲି ପାର୍ଟି ପ୍ରଶ୍ନ କରିଛି। ଦଳ ଅଭିଯୋଗ କରିଛି ଯେ ଶାନ୍ତି ଶୃଙ୍ଖଳା ନାମରେ କେନ୍ଦ୍ରୀୟ ପୁଲିସ ଏବଂ ବାହାର ପୁଲିସ ଅଧିକାରୀ ବିଜେପି ପାଇଁ କାମ କରୁଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ଶର୍ମା ପୁଲିସ ଦଳ ସହିତ ଫାଲଟା ନିର୍ବାଚନମଣ୍ଡଳୀର ଟିଏମସି ପ୍ରାର୍ଥୀ ଜହାଙ୍ଗିର ଖାନଙ୍କ ଘରକୁ ଯାଇ ତାଙ୍କ ପରିବାର ଓ ସମର୍ଥକଙ୍କୁ ଧମକାଉଥିବା ଦେଖାଯାଉଛି।

ସୂଚନାଯୋଗ୍ୟ ଯେ ଡାଏମଣ୍ଡ ହାର୍ବର ଲୋକସଭା ନିର୍ବାଚନମଣ୍ଡଳୀରେ ବିଧାନସଭାର ୭ଟି ନିର୍ବାଚନମଣ୍ଡଳୀ ରହିଛି ଏବଂ ୭ଟି ଯାକ ଆସନରେ ଟିଏମ୍‌ସିର ଦବ୍‌ଦବା ରହିଛି।

## ମଙ୍ଗଳବାର ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୭.୦ | ୨୭.୪ |
| ଚାନ୍ଦବାଲି | ୩୭.୬ | ୨୮.୫ |
| କଟକ | ୩୪.୬ | ୨୫.୦ |
| ପାରାଦୀପ | ୩୨.୨ | ୨୭.୮ |
| ଭୁବନେଶ୍ୱର | ୩୪.୫ | ୨୭.୧ |
| ଗୋପାଳପୁର | ୩୧.୪ | ୨୬.୬ |
| ପୁରୀ | ୩୩.୨ | ୨୭.୮ |
| ଅନୁଗୁଳ | ୩୯.୭ | ୨୬.୦ |
| ବାରିପଦା | ୩୭.୮ | ୨୭.୦ |
| ଝାରସୁଗୁଡ଼ା | ୪୫.୩ | ୨୭.୨ |
| କେନ୍ଦୁଝରଗଡ଼ | ୩୯.୭ | ୨୪.୮ |
| ସମ୍ବଲପୁର | ୪୩.୫ | ୨୮.୫ |
| ସୁନ୍ଦରଗଡ଼ | ୪୩.୦ | ୨୮.୫ |
| ହୀରାକୁଦ | ୪୩.୩ | ୨୯.୨ |
| ତାଳଚେର | ୪୨.୨ | ୨୭.୫ |
| ଭବାନୀପାଟଣା | ୪୧.୮ | ୨୯.୦ |
| ବଲାଙ୍ଗୀର | ୪୨.୨ | ୨୭.୨ |
| କୋରାପୁଟ | ୩୮.୦ | - |
| ଫୁଲବାଣୀ | ୩୮.୫ | ୨୪.୦ |
| ଟିଟିଲାଗଡ଼ | ୪୨.୦ | - |
| ମାଲକାନଗିରି | ୩୯.୮ | ୨୬.୪ |
| ସୋନପୁର | ୪୧.୯ | ୨୯.୨ |
| ଦାରିଙ୍ଗବାଡ଼ି | ୩୬.୫ | ୨୩.୦ |
| ନୟାଗଡ଼ | ୩୭.୨ | ୨୮.୦ |
| ବୌଦ୍ଧ | ୪୩.୭ | ୨୩.୯ |
| ଛତ୍ରପୁର | ୩୨.୦ | ୨୬.୪ |
| ପାରାଳାଖେମୁଣ୍ଡି | ୩୮.୬ | ୨୪.୮ |
| ରାୟଗଡ଼ା | ୩୬.୬ | ୨୪.୦ |
| ଭଦ୍ରକ | ୩୮.୭ | ୨୬.୦ |
| ଯାଜପୁର | ୩୭.୮ | ୨୪.୬ |
| ଢେଙ୍କାନାଳ | ୩୮.୨ | ୨୪.୦ |
| ବରଗଡ଼ | ୪୨.୯ | ୨୪.୨ |
| ଦେଓଗଡ଼ | ୩୯.୦ | ୨୪.୦ |
| ନୂଆପଡ଼ା | ୪୨.୫ | ୨୭.୫ |
| ନବରଙ୍ଗପୁର | ୩୭.୦ | ୨୪.୫ |
| ଖୋର୍ଦ୍ଧା | ୩୬.୦ | ୨୫.୦ |
| ଜଗତସିଂହପୁର | ୩୫.୦ | ୨୨.୮ |
| କେନ୍ଦ୍ରାପଡ଼ା | ୩୬.୨ | ୨୨.୮ |
| ରାଉରକେଲା | ୪୦.୬ | ୨୫.୩ |

# ୫୦ ହଜାରରେ ମିଳୁଛି ବିହାରୀ ବନ୍ଧୁକ

ଝାରସୁଗୁଡ଼ା, ୨୮।୪ (ସମିସ): ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଝାରସୁଗୁଡ଼ା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେସନ୍ ନେତ୍ର' ଅଧୀନରେ ବ୍ରଜରାଜନଗର ପୁଲିସକୁ ବଡ଼ ସଫଳତା ମିଳିଛି। ବେଆଇନ ବନ୍ଧୁକ କାରବାର ଚାଲିଥିବା ବେଳେ ପୁଲିସ୍ ଚଢ଼ଉ କରି ଅଣ୍ଡା ଛକ ନିକଟରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୫ଟି ୭.୬୫ ଏମ୍ଏମ୍ ବନ୍ଧୁକ ଓ ୨୦ ରାଉଣ୍ଡ ଗୁଳି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ବ୍ରଜରାଜନଗର ଥାନା ଗଣେଶନଗରର ସନ୍ତୋଷ ଖେଡ଼କର (୩୬), ଓପିଏମ୍ କଲୋନିର ବିଶାଳ ବାଗ(୩୦), ହନୁମାନନଗରର ବଣ୍ଟି ପ୍ରସାଦ (୩୪)। ବ୍ରଜରାଜନଗର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି।



ସୂଚନାନୁଯାୟୀ, ବିହାରରୁ ବନ୍ଧୁକ ଆଣି ଝାରସୁଗୁଡ଼ାର ବିଭିନ୍ନ ଅଞ୍ଚଳରେ ୫୦ ହଜାର ଟଙ୍କାରେ ବିକ୍ରି ଚାଲିଥିବା ନେଇ ବ୍ରଜରାଜନଗର ପୁଲିସକୁ ସୂଚନା ମିଳିଥିଲା। ଅଭିଯୁକ୍ତମାନଙ୍କୁ ଧରିବାକୁ ବ୍ରଜରାଜନଗର ପୁଲିସ ପକ୍ଷରୁ ଏକ ଟିମ ଗଠନ କରାଯାଇଥିଲା। ଅଣ୍ଡା ଛକରେ ବନ୍ଧୁକ ଡିଲ୍ ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ୫ ବନ୍ଧୁକ, ୨୦ ରାଉଣ୍ଡ ଗୁଳି ଜବତ; ୩ ଗିରଫ

ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ରେଡ୍ଡୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବେଳେଶ୍ୱର ସାହୁଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ପିକ-ଅପ୍ ଓଲଟି ୩ ନାବାଳକ ମୃତ

■ ବିବାହ ଭୋଜି ପାଇଁ ପିଇବା ପାଣି ଆଣିବାକୁ ଯାଉଥିଲେ
■ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଲେଖାଏ ଘୋଷଣା

ଟିଟିଲାଗଡ଼, ୨୮।୪ (ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ଅଧୀନ ଲେସୁନବାହାଲି ଗାଁର ୩ ନାବାଳକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ, ତେତେଲପଡ଼ା ଗ୍ରାମର ଅଭି ଶିକାଙ୍କ ପୁଅ ରାଜା ଶିକା, ଲେସୁନବାହାଲି ଗ୍ରାମର ପରମାନନ୍ଦ ତାଣ୍ଡିଙ୍କ ପୁଅ ରାଜବୀର ତାଣ୍ଡି ଏବଂ ରବି ତାଣ୍ଡିଙ୍କ ପୁଅ ଆଲୋକ ତାଣ୍ଡି। ବାହାଘର ଭୋଜି ପାଇଁ ପାଣି ଆଣିବାକୁ ଏକ ପିକ୍-ଅପ୍‌ରେ ଯାଉଥିବା ବେଳେ ମାର୍ଲାଡ ଗ୍ରାମ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଅନ୍ୟ ୩ ନାବାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମୃତାହତ ନାବାଳକଙ୍କ ବୟସ ୧୦ରୁ ୧୫ ବର୍ଷ ମଧ୍ୟରେ ହେବ ବୋଲି ଜଣାଯାଇଛି। ଟିଟିଲାଗଡ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ, ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଗଭୀର ଶୋକ ପ୍ରକାଶ ପାଇଛି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଛି।

ସୂଚନାନୁଯାୟୀ, ଲେସୁନବାହାଲି ଗ୍ରାମର ଦାରା ସିଂ ତାଣ୍ଡିଙ୍କ ପୁଅର ଆଜି ଭୋଜିଘର ଥିଲା। ଭୋଜିରେ ପିଇବା ପାଣି କମ୍ ପଡ଼ିବାରୁ ସେ ନିଜ ସମ୍ପର୍କୀୟ ଜୟସିଂ ତାଣ୍ଡିଙ୍କୁ ଏକ ପିକ୍‌ଅପ୍‌ରେ ଟିଟିଲାଗଡ଼ ପଠାଇଥିଲେ। ଏହି ଗାଡ଼ିରେ ୬ ଜଣ ନାବାଳକ ମଧ୍ୟ ପାଣି ଆଣିବାକୁ ଯାଇଥିଲେ। ତେବେ ମାର୍ଲାଡ ଗ୍ରାମ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

# ଆର୍‌ଏସ୍‌ପି ସମ୍ପ୍ରସାରଣ ପାଇଁ ଉଚ୍ଛେଦ ବେଳେ ବସ୍ତିବାସିନ୍ଦା-ପୁଲିସ ମୁହାଁମୁହିଁ

● ୨ ମହିଳାଙ୍କ ସମେତ ୮ ଗିରଫ
● ଧନୁତୀର, ଲାଠି, କାତି ଜବତ
● ଘଟଣାସ୍ଥଳରେ ୨୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ
● କଡ଼ା ସୁରକ୍ଷା ମଧ୍ୟରେ ସୀମା ନିର୍ଦ୍ଧାରଣ ଓ ଖୁଣ୍ଟ ପୋତା ଆରମ୍ଭ

ରାଉରକେଲା, ୨୮।୪(ସମିସ): ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ବସ୍ତି ଉଚ୍ଛେଦକୁ ନେଇ ଦୁଇ ଦିନ ତଳେ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ବରକାନିରେ ପୁଲିସ ପ୍ରଶାସନ ସହ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଥିଲା। ଆଜି ପୁନର୍ବାର ଟାଙ୍ଗରପାଲି ଥାନା ବିଜୁବନ୍ଧରେ ଉଚ୍ଛେଦ ବେଳେ ପୁଲିସ-ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି। ଘଟଣାସ୍ଥଳରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ, ଏସ୍‌ପି ନିତେଶ ୱାଧୱାନୀଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଓ ୨୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ସରକାରୀ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ୧୮ରୁ ଊର୍ଦ୍ଧ୍ୱ ଜଣଙ୍କୁ ପୁଲିସ ଅଟକ ରଖିଥିବା ବେଳେ ସେଥିମଧ୍ୟରୁ ୨ ମହିଳାଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ଅନ୍ୟ ୧୦ରୁ ଊର୍ଦ୍ଧ୍ୱ ଅଟକ ବିକ୍ଷୋଭକାରୀଙ୍କୁ ତାଗିଦ କରି ଥାନାରୁ ଛାଡ଼ି ଦେଇଥିବା ଜଣାପଡିଛି। ଅଭିଯୁକ୍ତମାନଙ୍କ ନିକଟରୁ ପୁଲିସ ଧନୁତୀର, ଲାଠି, କାତି ପୁଲିସ ଜବତ କରିଛି। ପରେ କଡ଼ା ପୁଲିସ ସୁରକ୍ଷାବଳୟ ମଧ୍ୟରେ ଆଜି ଆରଏସ୍‌ପି ପକ୍ଷରୁ ଟାଙ୍ଗରପାଲ୍ଲୀ ଥାନା କାଟେ ବସ୍ତିରେ ଆରଏସପିର ସୀମା ନିର୍ଦ୍ଧାରଣ କରାଯାଇ ଖୁଣ୍ଟ ପୋତାଯିବା ସହ ଏକ ଡ୍ରେନ ନିର୍ମାଣ କରାଯାଇଥିଲା।

ସୂଚନାଯୋଗ୍ୟ, ସଂପ୍ରତି ରାଉରକେଲା ଇସ୍ପାତ କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ନିୟୁତ





ଟନ୍ ରହିଥିବା ବେଳେ ଏହାକୁ ସମ୍ପ୍ରସାରଣ କରି ଏହାର ଉତ୍ପାଦନ କ୍ଷମତା ୯.୫ ନିୟୁତ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ମୋଟ ୩୦ ହଜାର କୋଟି ଟଙ୍କା ନିବେଶ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଏଥିପାଇଁ ଆବଶ୍ୟକ ଜମି ଉପଲବ୍ଧ ହୋଇପାରୁନଥିବାରୁ ଉକ୍ତ ମେଗା ପ୍ରକଳ୍ପଟି ଆଗକୁ ବଢ଼ିପାରୁନାହିଁ। ଏହି ସମ୍ପ୍ରସାରଣ ପ୍ରକଳ୍ପଟି ଆର୍‌ଏସ୍‌ପିର ବରକାନି, ବିଜୁ ବନ୍ଧ ଅଞ୍ଚଳରେ ହେବାକୁ ଥିବା ବେଳେ ଉକ୍ତ ଅଞ୍ଚଳର ବାସୀନ୍ଦା ଜମି ଛାଡିବାକୁ ନାରାଜ। ଏହି ପ୍ରକଳ୍ପ ହେଲେ ବରକାନି, ବିଜୁବନ୍ଧ, କାଟେ ବସ୍ତି, ରେଙ୍ଗାଲି ବସ୍ତି, ଝାରମୁଣ୍ଡା, ଚିରୁବେଡା, ବାହାଗଡ଼, ଟୁଙ୍ଗୁରିଟୋଲା, ବାଗନ ବସ୍ତି, ବୁରୁଡିହି ଅଞ୍ଚଳର ୩୦୦ ପରିବାର ବାସଚ୍ୟୁତ ହେବେ। ଏଥିପାଇଁ ଏକ ସ୍ୱତନ୍ତ୍ର ପୁନର୍ବାସ ଏବଂ କ୍ଷତିପୂରଣ ପ୍ୟାକେଜ୍ ଘୋଷଣା କରିଛନ୍ତି। ହେଲେ ବିସ୍ଥାପିତମାନେ ଆରଏସପି ପକ୍ଷରୁ ଘୋଷଣା କରାଯାଇଥିବା ପ୍ୟାକେଜକୁ ଅଗ୍ରାହ୍ୟ କରିଦେଇଛନ୍ତି। ଆଜି ଆରଏସପି ପକ୍ଷରୁ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ବରକାନି, ବିଜୁବନ୍ଧ, କାଟେ ବସ୍ତି, ରେଙ୍ଗାଲି ବସ୍ତି, ଝାରମୁଣ୍ଡା, ଚିରୁବେଡା, ବାହାଗଡ଼, ଟୁଙ୍ଗୁରିଟୋଲା, ବାଗନ ବସ୍ତି, ବୁରୁଡିହିର ଶତାଧିକ ବାସିନ୍ଦା କାଟେ ବସ୍ତିରେ ଏକାଠି ହୋଇ ଏହି କାର୍ଯ୍ୟକୁ ବିରୋଧ କରିଥିଲେ। ଯେପର୍ଯ୍ୟନ୍ତ ଉପଯୁକ୍ତ କ୍ଷତିପୂରଣ ନ ମିଳିଛି, ଜମି ଛାଡିବୁ ନାହିଁ ବୋଲି ବସ୍ତିବାସୀ ଚେତାବନୀ ଦେଇଥିଲେ। ଏହାକୁ ନେଇ ପୁଲିସ ଓ ବିସ୍ଥାପିତମାନଙ୍କ ମଧ୍ୟରେ ତୁମୁଳ ପାଟିତୁଣ୍ଡ ହେବା ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ବାସିନ୍ଦା ଧନୁତୀର, ଲାଠି ଓ କାତି ଧରି ପୁଲିସକୁ ଆକ୍ରମଣ କରିବା ପାଇଁ ଉଦ୍ୟତ ହୋଇଥିଲା ବେଳେ ପୁଲିସ ୧୮ ଜଣଙ୍କୁ ଘଟଣାସ୍ଥଳରୁ ଉଠାଇ ନେବା ସହ ସେମାନଙ୍କ ଅସ୍ତ୍ରଶସ୍ତ୍ରକୁ ଜବତ କରିଥିଲା। ପରେ ପୁଲିସ ୧୦ ଜଣଙ୍କୁ ଛାଡି ଦେଇଥିବା ବେଳେ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ଜମା ଟଙ୍କା ପାଇଁ ବ୍ୟାଙ୍କରେ କଙ୍କାଳ

# ମିଳିଲା ଟଙ୍କା; ତଦନ୍ତ ଆରମ୍ଭ

ତୁରୁମୁଙ୍ଗା, ୨୮।୪ (ସମିସ): ଭଉଣୀ ମୃତ୍ୟୁର ପ୍ରମାଣ ଦେବା ପାଇଁ ମଶାଣିରୁ ଶବ ଖୋଳି କାନ୍ଧେଇ କାନ୍ଧେଇ ବ୍ୟାଙ୍କ ନେଇ ଯିବା ଘଟଣାକୁ ନେଇ ଦେଶବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଆଜି ଏହାର ତଦନ୍ତ ଆରମ୍ଭ ହୋଇଛି। କେଉଁ ପରିସ୍ଥିତିରେ ଏଭଳି ଅମାନବୀୟ ଘଟଣା ଘଟିଲା, ତାହାର ତଦନ୍ତ କରାଯାଇଛି। ବ୍ୟାଙ୍କ ପକ୍ଷରୁ ଏଲଡିଏମ୍ ହୀରାଲାଲ ମହାମଲ୍ଲିକ, ଏଚ୍‌ଆର୍ ମ୍ୟାନେଜର୍ ଅଭିମନ୍ୟୁ ବେହେରା, ମ୍ୟାନେଜର୍ ସୁଧାଂଶୁ ଶେଖର ସେଠୀ, ଆଞ୍ଚଳିକ ପ୍ରବନ୍ଧକ ସତ୍ୟବ୍ରତ ନନ୍ଦଙ୍କ ସମେତ ପାଟଣା ବିଡିଓ ମାନସ ଦଣ୍ଡପାଟ, ଅତିରିକ୍ତ ତହସିଲଦାର



ଶରଣ ଜେନା, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ଜିଲ୍ଲା ପରିଷଦ ସଦସ୍ୟ ରୁନୁ ମହାନ୍ତ ପ୍ରମୁଖ ତଦନ୍ତ କରିଥିଲେ। ଏହାସହ, ଜିତୁ ମୁଣ୍ଡାଙ୍କୁ ତାଙ୍କ ଭଉଣୀ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା ପ୍ରଦାନ କରାଯାଇଥିଲା। ଆଜି ସ୍ଥାନୀୟ ଆର୍‌ଆଇଙ୍କ ଦ୍ୱାରା ମୃତ କାଳାରା ମୁଣ୍ଡାଙ୍କ ଉତ୍ତରାଧିକାରୀ (ଲିଗାଲ ହେୟାର୍) ପ୍ରମାଣପତ୍ର ବାହାର କରାଯିବା ପରେ ତାହା ଆଧାରରେ ବ୍ୟାଙ୍କ କର୍ତ୍ତୃପକ୍ଷ କାଳାରାଙ୍କ ଆକାଉଣ୍ଟରେ ଜମା ସମସ୍ତ ରାଶି ସୁଧ ସହ ଜିତୁଙ୍କୁ ଫେରାଇଥିଲେ। ଅପରପକ୍ଷେ, ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସତ୍ୟବ୍ରତ ନନ୍ଦ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି କହିଥିଲେ। ଏହାବ୍ୟତୀତ ପ୍ରଶାସନ ପକ୍ଷରୁ ଜିତୁଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା।

ସୂଚନାନୁସାରେ, ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ତାଙ୍କ ମୃତ ବଡ଼ ଭଉଣୀ କାଳାରା ମୁଣ୍ଡାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟରେ ଥିବା ଜମାରାଶିକୁ ଉଠାଇବା ପାଇଁ ବାରମ୍ବାର ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ, ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ କଥା ଶୁଣିନଥିଲେ। ଭଉଣୀକୁ ସାଙ୍ଗରେ ନେଇ ବ୍ୟାଙ୍କକୁ ଆସିବା ପାଇଁ କହିଥିଲେ। ଜିତୁ ନିରାଶ ହେବା ପରେ ୩ ମାସ ତଳେ ମୃତ୍ୟୁ ହୋଇଥିବା ଭଉଣୀ କାଳାରା ମୁଣ୍ଡାଙ୍କ ଶବକୁ ମଶାଣିରୁ ଖୋଳି କାନ୍ଧରେ ବୋହି ନେଇ ବ୍ୟାଙ୍କରେ ପହଞ୍ଚିଥିଲେ।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ମାନସ

ଭୁବନେଶ୍ୱର, ୨୮।୪ (ସମିସ): କେନ୍ଦୁଝରର ଗରିବ ଆଦିବାସୀ ଜିତୁ ମୁଣ୍ଡାଙ୍କ ପ୍ରତି ବ୍ୟାଙ୍କ କର୍ମଚାରୀଙ୍କ ଅମାନବୀୟ ବ୍ୟବହାର ତଥା ଅଭାବନୀୟ ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଥିବା ବେଳେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାସନ ରଞ୍ଜନ ମଙ୍ଗରାଜ ଚିଠି ଲେଖି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏଭଳି ଘଟଣା ସରକାରୀ ନୀତି ଓ କ୍ଷେତ୍ରସ୍ତରୀୟ ବାସ୍ତବତା ମଧ୍ୟରେ ଥିବା ବିରାଟ ବ୍ୟବଧାନକୁ ପଦାରେ ପକାଇଛି। ଏହି ଘଟଣା ଗ୍ରାମୀଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଦୁର୍ଗମ ଅଞ୍ଚଳରେ ରହୁଥିବା ଅବହେଳିତ ବର୍ଗଙ୍କ ପାଇଁ ତୁରନ୍ତ ସଂସ୍କାର ଆଣିବାର ଆବଶ୍ୟକତାକୁ ଦର୍ଶାଉଛି। ତେଣୁ, ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ କ୍ଷୁଦ୍ର ଜମାକାରୀଙ୍କ ପାଇଁ କ୍ଲେମ୍ ପ୍ରକ୍ରିୟାକୁ ସରଳୀକରଣ କରିବାକୁ ନିଜ ଚିଠିରେ ଦାବି କରିଛନ୍ତି ଶ୍ରୀ ମଙ୍ଗରାଜ।

ଶ୍ରୀ ମଙ୍ଗରାଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦୁଝର ଜିଲ୍ଲାରୁ ଆସିଥିବା ଏକ ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା ସମ୍ପର୍କରେ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଜଣେ ଗରିବ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡାଙ୍କୁ ତାଙ୍କ ମୃତ ଭଉଣୀଙ୍କ ଆକାଉଣ୍ଟରେ ଥିବା ୧୯,୩୦୦ଟଙ୍କା ଉଠାଇବା ପାଇଁ ବ୍ୟାଙ୍କ ଯାଇଥିଲେ। ମାତ୍ର, ତାଙ୍କ ପାଖରେ ମୃତ୍ୟୁ ପ୍ରମାଣପତ୍ର ନଥିବାରୁ ମାଟି ତଳେ ପୋତା ଯାଇଥିବା ଭଉଣୀଙ୍କ କଙ୍କାଳ ବ୍ୟାଙ୍କକୁ ଆଣିବାକୁ ବାଧ କରାଯାଇଛି।

- କଠୋର ଓ ସମ୍ବେଦନହୀନ ବାସ୍ତବତାର ନିଚ୍ଛକ ପ୍ରତିଛବି
- ଏହା କେବଳ ବ୍ୟାଙ୍କିଙ୍ଗ ସମସ୍ୟା ନୁହେଁ, ଏକ ମାନବିକ ସମସ୍ୟା
- କ୍ଷୁଦ୍ର ଜମାକାରୀଙ୍କ ପାଇଁ କ୍ଲେମ୍ ପ୍ରକ୍ରିୟାକୁ ସରଳୀକରଣ ଦାବି

ଏହି ହୃଦୟବିଦାରକ ଘଟଣା କେବଳ ଏକ ବ୍ୟକ୍ତିଗତ ଦୁଃଖଦାୟକ କାହାଣୀ ନୁହେଁ, ବରଂ ଏହା ଗରିବ ଓ ଅବହେଳିତ ନାଗରିକମାନେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା କଠୋର୍ ଓ ସମ୍ବେଦନହୀନ ବାସ୍ତବତାର ଏକ ପ୍ରତିଛବି।

କେନ୍ଦ୍ର ସରକାରଙ୍କ ଜନଧନ ଯୋଜନା, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ପରି ବ୍ୟାଙ୍କିଙ୍ଗ ସଂସ୍କାରକୁ ଆମେ ସମ୍ପୂର୍ଣ୍ଣ ସମର୍ଥନ କରୁଛୁ। ମାତ୍ର, ଏଭଳି ଘଟଣା ସରକାରୀ ନୀତି ଓ କ୍ଷେତ୍ରସ୍ତରୀୟ ବାସ୍ତବତା ମଧ୍ୟରେ ଥିବା ବିରାଟ ବ୍ୟବଧାନକୁ ପଦାରେ ପକାଇଛି। ଜଣେ ନିରକ୍ଷର ଆଦିବାସୀ ଗ୍ରାମବାସୀଙ୍କ ପାଇଁ ଯାହାଙ୍କ ପାଖରେ ଆଇନଗତ ସଚେତନତା ବା ସମ୍ବଳ ନାହିଁ, ସେମାନଙ୍କ ପାଇଁ କୌଣସି ମାର୍ଗଦର୍ଶନ ବିନା ଜଟିଳ କାଗଜପତ୍ର ମାଗିବା ଏକ ଅସମ୍ଭବ ବାଧା ସୃଷ୍ଟି କରୁଛି। ସହାୟତା ପରିବର୍ତ୍ତେ ତାଙ୍କୁ ଯେଉଁ ଅସହାୟତା ଓ ଅପମାନ ସହିବାକୁ ପଡ଼ିଲା, ତାହା ତାଙ୍କୁ ଏଭଳି ଏକ ଚରମ ପଦକ୍ଷେପ ନେବାକୁ ବାଧ କଲା। ଏହି ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ଏହା କେବଳ ଏକ ବ୍ୟାଙ୍କିଙ୍ଗ ସମସ୍ୟା ନୁହେଁ, ବରଂ ଏକ ମାନବିକ ସମସ୍ୟା। ଏହା ଗ୍ରାମୀଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ, ବିଶେଷକରି ଆଦିବାସୀ, ବିଧବା, ବରିଷ୍ଠ ନାଗରିକ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଅବହେଳିତ ବର୍ଗଙ୍କ ପାଇଁ ତୁରନ୍ତ ସଂସ୍କାର ଆଣିବାର ଆବଶ୍ୟକତାକୁ ଦର୍ଶାଉଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରି ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ କ୍ଷୁଦ୍ର ଜମାକାରୀଙ୍କ ପାଇଁ ନିୟମ କୋହଳ କରାଯାଉ ଏବଂ କ୍ଷୁଦ୍ର ଜମାକାରୀଙ୍କ ପାଇଁ କ୍ଲେମ୍ ପ୍ରକ୍ରିୟାକୁ ସରଳୀକରଣ କରାଯାଉ। ସେହିପରି, ଏଭଳି ସମ୍ବେଦନଶୀଳ ମାମଲା ପରିଚାଳନା କରୁଥିବା ବ୍ୟାଙ୍କ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ନିଶ୍ଚିତ କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ଭାରତର କୌଣସି ନାଗରିକ ନିଜ ପରିବାରର କଷ୍ଟଅର୍ଜିତ ସଞ୍ଚୟ ପାଇବା ପାଇଁ ଏଭଳି ପରିସ୍ଥିତିର ଶିକାର ହେବା ଉଚିତ ନୁହେଁ ବୋଲି ଶ୍ରୀ ମଙ୍ଗରାଜ ଚିଠିରେ ଉଲ୍ଲେଖ କରିଛନ୍ତି। ଚିଠିର ଏକ ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

## ପ୍ରେମିକ ସହ ମିଶି ନିଆଁରେ ପୋଡ଼ି ସ୍ୱାମୀକୁ ହତ୍ୟା

ଭଦ୍ରକ, ୨୮।୪ (ସମିସ): ପ୍ରେମିକ ସହ ମିଶି ସ୍ୱାମୀକୁ ପୋଡ଼ି ମାରିଦେଲା। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଖେରଙ୍ଗ ପଞ୍ଚାୟତ ଅଞ୍ଚଳରୁ ଏଭଳି ଏକ ସାଂଘାତିକ ଅଭିଯୋଗ ଆସିଛି। ମୃତକ ହେଲେ, ସନ୍ତୋଷ ଦାସ। ସନ୍ତୋଷ ତାଙ୍କ ଶଶୁର ଘରକୁ ଯାଇଥିବା ବେଳେ ତାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ସନ୍ତୋଷଙ୍କ ପରିବାରଲୋକ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆ ଛକ ନିକଟରେ ରାସ୍ତାରୋକ କରିଛନ୍ତି। ଖବର ଲେଖା ହେବା ବେଳକୁ ଏହି ରାସ୍ତାରେ ଶହଶହ ଗାଡ଼ି ଅଟକି ରହିଛି। ସୂଚନାନୁଯାୟୀ, ଖେରଙ୍ଗ ପଞ୍ଚାୟତର ସନ୍ତୋଷ ଦାସ ନିକଟସ୍ଥ ଜଳେଶ୍ୱରପୁର ପଞ୍ଚାୟତର ବନ୍ଦନା ଦାସଙ୍କୁ ୧୦ ବର୍ଷ ତଳେ ପ୍ରେମ ବିବାହ କରିଥିଲେ।

**ଅଭିଯୁକ୍ତଙ୍କୁ ଗିରଫ ଦାବି, ଶବ ରଖି ପରିବାର ଲୋକଙ୍କ ରାସ୍ତାରୋକ**




ସେମାନଙ୍କର ୨ଟି ସନ୍ତାନ ମଧ୍ୟ ଅଛନ୍ତି। ସନ୍ତୋଷ ବାହାରରେ ରହି କାମ କରନ୍ତି। ତାଙ୍କ ଅନୁପସ୍ଥିତିରେ ବନ୍ଦନା ପଡ଼ୋଶୀ ମୃତ୍ୟୁଞ୍ଜୟ ନାମକ ଜଣେ ଯୁବକ ସହ ସମ୍ପର୍କ ରଖିଆସୁଥିଲେ। ସନ୍ତୋଷ ଏହା ଜାଣିବା ପରେ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ, କିଛି ଦିନ ତଳେ ହଠାତ୍ ବନ୍ଦନା କୁଆଡ଼େ ନିଖୋଜ ହୋଇଯାଇଥିଲେ। ଏ ସଂପର୍କରେ ସନ୍ତୋଷ ଚାନ୍ଦବାଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ ମୃତ୍ୟୁଞ୍ଜୟ ବନ୍ଦନାଙ୍କୁ ଅପହରଣ କରିଛି। ପୁଲିସ ବନ୍ଦନାଙ୍କୁ ଉଦ୍ଧାର କରି ତାଙ୍କ ବାପଘରକୁ ପଠାଇ ଦେଇଥିଲା। ସୋମବାର ସନ୍ତୋଷ ଶଶୁର ଘରକୁ ଯାଇଥିବା ବେଳେ ସେଠାରେ ବନ୍ଦନାଙ୍କ ସହ ବଚସା ହୋଇଥିଲା। ପରିବାରଲୋକଙ୍କ ଅଭିଯୋଗ ଅନୁଯାୟୀ, ସନ୍ତୋଷଙ୍କ ଶାଶୂ, ସ୍ତ୍ରୀ, ମୃତ୍ୟୁଞ୍ଜୟ ଓ ଆଉ ୨ଜଣ ପୁରୁଷ ମିଶି ସନ୍ତୋଷଙ୍କୁ ମାଡ଼ ମାରିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରିବାରଲୋକେ ଖବର ପାଇ ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ଉଦ୍ଧାର କରି ପ୍ରଥମେ ଭଦ୍ରକ ଓ ପରେ କଟକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତଦେହ ଘରେ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାରଲୋକେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆ ଛକ ନିକଟରେ ରାସ୍ତା ଉପରେ ବସି ରହିଛନ୍ତି। ସନ୍ତୋଷଙ୍କ ମୃତ୍ୟୁରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ଗିରଫ ନହେବା ପର୍ଯ୍ୟନ୍ତ ପରିବାର ଲୋକେ ଶବଦାହ କରିବେନି ବୋଲି ଅଡ଼ି ବସିଛନ୍ତି।

## ଆଜି ବିଶ୍ୱ ନୃତ୍ୟ ଦିବସ; ଫାଇଲ ଭିତରେ ଯୋଜନା

# ମୃତପ୍ରାୟ ଲୋକନୃତ୍ୟ; ଏକାଡେମୀକୁ ଗହନ ନିଦ

ଭୁବନେଶ୍ୱର,୨୮।୪(ସମିସ):ଲୋକନୃତ୍ୟ ହେଉଛି ଓଡ଼ିଶାର କଳା ଓ ସଂସ୍କୃତିର ପରିଚୟ। ଗାଁ ଗହଳିଠାରୁ ଆରମ୍ଭ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ କଥା କୁହେ ଲୋକନୃତ୍ୟ। ପୂର୍ବରୁ ପର୍ବପର୍ବାଣୀରେ ପାଲା, ଦାସକାଠିଆ,ଘୋଡ଼ା ନାଚ, ସଖୀ ନୃତ୍ୟ, ଦଣ୍ଡ ନାଚ, କରମା, ରସରକେଲି ଆଦି ପାରମ୍ପରିକ ଲୋକନୃତ୍ୟର ଚାହିଦା ରହିଥିବା ବେଳେ ଧୀରେଧୀରେ ଏହା ଅପସରି ଗଲାଣି। ହଜି ଯାଉଥିବା ଲୋକକଳା ଓ ଲୋକନୃତ୍ୟରୁ ପୁନରୁଦ୍ଧାର ନିମନ୍ତେ ଏକାଡେମୀ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଥିବା ବେଳେ ତାହା କେବଳ ଯୋଜନାରେ ଅଟକିଛି। ୩ ଜିଲ୍ଲାରେ ଲୋକକଳା ପ୍ରଶିକ୍ଷଣ କେନ୍ଦ୍ର, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଭଳି ସମ୍ବଲପୁରୀ ରିସର୍ଚ୍ଚ ସେଣ୍ଟର, ପ୍ରତି ଗାଁରେ ଓଡ଼ିଶୀ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମମାନ ଆୟୋଜନ ଯୋଜନା କେବଳ ଫାଇଲ ଭିତରେ ଅଟକିଯାଇଛି। ପୂର୍ବ ସରକାରଙ୍କ ସମୟରେ ଲୋକକଳାର ପୁନରୁଦ୍ଧାର ପାଇଁ ପଦକ୍ଷେପ ସ୍ୱରୂପ ଯୋଜନା ଗୁଡ଼ିକ ନୂତନ ସରକାରରେ ବାସ୍ତବ ରୂପ ନେଇପାରି ନ ଥିବା ଲୋକକଳାକାରମାନେ ଅଭିଯୋଗ କରିଛନ୍ତି ।

ବିଭିନ୍ନ ଲୋକନୃତ୍ୟ ମଧ୍ୟରେ ନାଗା ନାଚ, ଶୁଆ ନାଚ, ଡାଲଖାଇ, ମୁଣ୍ଡତୋପା, ଖରିଆ, ବାଉଁଶରାଣୀ ଆଦି ଲୋକନୃତ୍ୟ ଏବେ ପ୍ରାୟ ଲୁପ୍ତପ୍ରାୟ। ବିଦେଶରେ ଗଞ୍ଜାମର ଯୋଡ଼ିଶଙ୍ଖ, ଖୋର୍ଦ୍ଧାର ପାଇକ ଆଖଡ଼ା, କଳାହାଣ୍ଡିର ଘୁମୁରା, ମୟୂରଭଞ୍ଜର ଛଉ, ସମ୍ବଲପୁରର ସମ୍ବଲପୁରୀ, ଜଗତସିଂହପୁରର ଘଣ୍ଟ ପାଟୁଆ, ନୟାଗଡର ସିଂହ ବାଦ୍ୟ, କେନ୍ଦୁଝରର ଚାଙ୍ଗୁ ନୃତ୍ୟ, ଗଜପତିର ସଉରା ନାଚ, ବ୍ରହ୍ମପୁରର ଚଢ଼େୟା-ଚଢ଼େୟାଣୀ, ଦେଓଗଡ଼ର କରମାନାଚ, ନୂଆପଡ଼ାର ଗନାବାଜା, ଝାରସୁଗୁଡ଼ାର ଡାଲଖାଇ ନୃତ୍ୟ ବିଶେଷ ଲୋକପ୍ରିୟତା ହାସଲ କରିଥିଲେ ମଧ୍ୟ ତଥାପି କିଛି ଲୋକନୃତ୍ୟ ଏବେ ବି ବିଲୁପ୍ତପ୍ରାୟ। ୨୦୨୪-୨୫ରେ କୋରାପୁଟ, ସମ୍ବଲପୁର ଓ ଭଦ୍ରକ ଜିଲ୍ଲାରେ ଲୋକନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ସରକାର ଯୋଜନା କରିଥିଲେ। କୋରାପୁଟ ଜିଲ୍ଲାରେ ଢେମ୍‌ସା ନୃତ୍ୟକୁ ଅଧିକ ଲୋକଦୃତ କରିବା ସହ ସମ୍ବଲପୁରରେ ଡାଲଖାଇ ଏବଂ ଭଦ୍ରକ ଜିଲ୍ଲାରେ ମୋଗଲ ତାମସାକୁ ନେଇ ପ୍ରଶିକ୍ଷଣ କେନ୍ଦ୍ରରେ ୨ଜଣ ଗୁରୁ ପ୍ରଶିକ୍ଷଣ ପ୍ରଦାନ ଯୋଜନା ହୋଇଥିଲା। ଫଳରେ ସେହି ଜିଲ୍ଲାର କଳାକାରମାନେ ଆର୍ଥିକ ସହାୟତା ପାଇଥାଆନ୍ତେ। ସେହିପରି ୩୦ଟି ଜିଲ୍ଲାରେ ୩୦ଟି ଆର୍ଟ ଫର୍ମକୁ ନେଇ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବା ନିମନ୍ତେ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଯୋଜନା ହୋଇଥିଲା। ଲୋକକଳା କିଭଳି ଉକ୍ତ ଜିଲ୍ଲାର ପରିଚୟ ପାଲଟିବ ସେଥିପାଇଁ ଏକାଡେମୀ ପକ୍ଷରୁ ଉଦ୍ୟମ କରାଯାଇଥିଲା।



ଓଡ଼ିଶାରେ ମୋଟ୍ ୧୮୨ଟି ଲୋକକଳା ରହିଥିବା ବେଳେ ସେଥିମଧ୍ୟରୁ ଏହି ଫୋକ୍ କରିଡ଼ରରେ ୭୫ଗୋଟି ଲୋକକଳାକୁ ସାମିଲ କରାଯାଇଥିବା ବେଳେ ଆଗାମୀ ଦିନରେ ଓଡ଼ିଶାର ସମସ୍ତ ଲୋକକଳା ଓ ଲୋକନୃତ୍ୟକୁ ଏଥି କରିଡରରେ ସାମିଲ କରାଯିବାର ଯୋଜନା ବି ରହିଥିଲା। ହେଲେ ଏହି ଯୋଜନା ଗୁଡ଼ିକ କେବେ କାର୍ଯ୍ୟକାରୀ ହେବ ତାହା ଏବେ ପ୍ରଶ୍ନବାଚୀ। ଜଣେ ଲୋକକଳାକାର କହିଛନ୍ତି,କଳା ହେଉଛି ଓଡ଼ିଶାର ମୁଖବନ୍ଧ। କଳା ଓ ଉଭୟ ପରିପୂରକ। ତେଣୁ ଉଭୟଙ୍କୁ ବଞ୍ଚାଇବା ସରକାରଙ୍କ ପ୍ରାଥମିକତା। ବିଭିନ୍ନ ଲୋକକଳାର ପୁନଃଉଦ୍ଧାର ପାଇଁ ପୂର୍ବ ସରକାରଙ୍କ ବିଚରାଧିନ ରହିଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରାଗଲେ କଳାକାରମାନେ ଉପକୃତ ହେବା ସହ ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର ହେବ। ବିଶେଷ କରି କଳାକୁ ନେଇ ଯୁବପିଢ଼ୀମାନେ ଭିବଷ୍ୟତ ଗଢ଼ିବା ସ୍ୱପ୍ନ ମଧ୍ୟ ସାକାର ହେବ।

## ସିଆର୍‌ଏଫ୍‌ଏମ୍ ଯୋଜନା ବାଟବଣା

# ସାରା ରାଜ୍ୟରେ ଦୁର୍ନୀତିର ପାହାଡ଼

ଭୁବନେଶ୍ୱର,୨୮।୪(ସମିସ): ଯୋଜନା ହେଉଛି, ମାତ୍ର ସେହି ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ବାଟରେ ବିଭାଗୀୟ ଅଧିକାରୀମାନେ ତାହାକୁ ଚଲୁ କରି ଦେଉଛନ୍ତି। ସିଆର୍‌ଏଫ୍‌ଏମ୍ ଯୋଜନାରେ କରାଯାଉଥିବା ଡାଲି ଓ ତୈଳବୀଜ ଜାତୀୟ ଫସଲ ଚାଷୀଙ୍କୁ ସଠିକ୍ ଭାବେ ବିହନ ଓ ରୋକପୋକ ନିରାକରଣ ପାଇଁ ଔଷଧ ଓ ସାର ଦିଆଯାଉନାହିଁ। ସାରା ରାଜ୍ୟରେ ଏହି ଯୋଜନାରେ ଯାବତୀୟ ଅନିୟମିତା ଚାଲିଥିବା ଅଭିଯୋଗ ଆସିଛି। ଏହି ସମୟରେ ଅନଗୁଳ ଜିଲ୍ଲା କିଶୋରନଗର ବ୍ଲକ୍‌ରେ ଗୋଟିଏ ଘଟଣା ଭାତ ହାଣ୍ଡିରୁ ଗୋଟିଏ ପରି ପୁରା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି ।

ଅଭିଯୋଗ ଅନୁସାରେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍‌ର ଚାଷୀଙ୍କ ପାଇଁ ସରକାର ୨୦୨୪-୨୫ କୃଷିବର୍ଷ ପାଇଁ ମୁଗ, ବିରି ଓ ବୁଟ ପରି ଡାଲି ଜାତୀୟ ଫସଲ ପାଇଁ ବିଭିନ୍ନ ସାର ଓ ଔଷଧ ଯୋଗାଇଥିଲେ। ମାତ୍ର ଚାଷୀଙ୍କ ନିକଟରେ ଏହି ସାର ଓ ବିହନ ପହଞ୍ଚି ନାହିଁ। ଏପରିକି ଜଣେ ବି ଚାଷୀଙ୍କୁ ନାନୋ ଡିଏପି ସାର ବଣ୍ଟନ କରାଯାଇନି। ଏପରି ଅଭିଯୋଗ ହେବା ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଓ ତଦନ୍ତରୁ ଯାହା ସୂଚନା ମିଳିଲା ତାହା ଅତ୍ୟନ୍ତ ସାଂଘାତିକ । ତଦନ୍ତବେଳେ ଶତ ପ୍ରତିଶତ ନାନୋ ଡିଏପିକୁ କୃଷି ଅଧିକାରୀମାନେ ବାହାର ବେପାରୀଙ୍କୁ ବିକ୍ରି କରାଯାଇଥିବା ଦାୟିତ୍ୱରେ ଥିବା ଏନ୍‌ଜିଓର ବ୍ଲକ୍ ସଂଯୋଜକ ସ୍ୱୀକାର କରିଛନ୍ତି। ସେହିପରି ବୋରାକ୍ସ, ଟ୍ରାଇକୋଡରମା ଭିରିଡ଼ି, ପେଣ୍ଡିମିଥାଲିନ୍, ଜିଙ୍କ୍ ସଲଫେଟ୍, କାରବେନଡାଜିମ୍ ପରି ସାର ଓ ଔଷଧ ଚାଷୀଙ୍କୁ ଅଧା ବଣ୍ଟାଯାଇ ବାକି ଅଧକ ବାଟମାରଣା ହୋଇଥିବା ମଧ୍ୟ ସୂଚନା ମିଳିଛି । ତଦନ୍ତକାରୀ ଦଳ ପ୍ରଦାନ କରିଥିବା ରିପୋର୍ଟରେ ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଅନୁରୂପ ଭାବେ ମୁଗରୁ ପୋକ ନିରାକରଣ ପାଇଁ ଯୋଗାଇ ଦିଆଯାଇଥିବା ୟୋଲୋ ଷ୍ଟିକି ଟ୍ରାପ୍ ମଧ୍ୟ ଚାଷୀଙ୍କୁ ବଣ୍ଟନ କରାଯାଇନାହିଁ। ଅଧିକାରୀ ଓ ଏନ୍‌ଜିଓ ମିଳିମିଶି ସାର ଓ ଔଷଧ ବାଟମାରଣା କରି ବିକ୍ରି ଦେଇଥିବା ମଧ୍ୟ ତଦନ୍ତକାରୀ କମିଟି ଜାଣିବାକୁ ପାଇଛି। ମୋଟ୍ ଦେଢ଼ କୋଟିରୁ ଅଧିକ ଟଙ୍କାର ଇନପୁଟ୍ ହେରଫେର ହୋଇଥିବା ସୂଚନା ମିଳିବା ପରେ ତଦନ୍ତକାରୀ କମିଟିର ରିପୋର୍ଟ ଆଧାରରେ ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭାଗୀୟ ନିର୍ଦ୍ଦେଶକଙ୍କୁ ସୁପାରିସ କରିଛନ୍ତି।

ସିଆର୍‌ଏଫ୍‌ଏମ୍ ଯୋଜନାରେ ବ୍ୟାପକ ହରିଲୁଟ୍ ହେବା ଓ କେବଳ ଗୋଟିଏ ବ୍ଲକ୍‌ରେ ପ୍ରାୟ ଦେଢ଼କୋଟି ଟଙ୍କା ହେରଫେର ହେବା ପରେ ଏହି ଯୋଜନାରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ କହିବା କଥା ହେଉଛି ଯେ ଯୋଜନା କାର୍ଯ୍ୟକାରା କରିବାକୁ ଏନ୍‌ଜିଓକୁ ସମସ୍ତ ସାର ଓଷଧ ପ୍ରଦାନ କରାଯାଉଛି। କୃଷି ଅଧିକାରୀମାନେ କେବଳ ତାହାର ତଦାରଖ କରୁଛନ୍ତି। ଏଣୁ ବ୍ଲକ୍‌ସ୍ତରରେ ଅଧିକାରୀମାନେ ସେହି ଏନ୍‌ଜିଓ ସହ ମିଶି ଏହି ଯୋଜନାକୁ ବାଟବଣା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏଣୁ ଯୋଜନାର ସମୀକ୍ଷା କରିବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଲେ ପ୍ରକୃତ ଚାଷୀମାନେ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି।

## ଚୁକ୍ତିଭିତ୍ତିକ ଆୟୁର୍ବେଦିକ ଓ ହୋମିଓପାଥିକ ଅଧ୍ୟାପକଙ୍କ ଦରମା ବୃଦ୍ଧି

ଭୁବନେଶ୍ୱର,୨୮।୪(ସମିସ): ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଲେକ୍‌ଚରର, ରିଡର ଏବଂ ପ୍ରଫେସରମାନଙ୍କ ଦରମା ପୁନଃନିର୍ଦ୍ଧାରଣ ଓ ବୃଦ୍ଧି କରାଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁସାରେ, ଚୁକ୍ତିଭିତ୍ତିକ ଲେକ୍‌ଚରରମାନଙ୍କ ଦରମା ମାସିକ ୭୦ ହଜାର ଟଙ୍କା ନିର୍ଦ୍ଧାରଣ କରାଯାଇଛି। ସେହିପରି, ରିଡର ଓ ପ୍ରଫେସରମାନଙ୍କ ଦରମାରେ ମଧ୍ୟ ବୃଦ୍ଧି କରାଯାଇଛି। ରିଡରମାନଙ୍କ ଦରମା ୪୦ ହଜାର ଟଙ୍କାରୁ ବୃଦ୍ଧି ହୋଇ ୮୦ ହଜାର ଟଙ୍କା କରାଯାଇଥିବାବେଳେ, ପ୍ରଫେସରମାନଙ୍କ ଦରମା ୫୦ ହଜାର ଟଙ୍କାରୁ ବୃଦ୍ଧି କରାଯାଇ ୧ ଲକ୍ଷ ଟଙ୍କା କରାଯାଇଛି। ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମଧ୍ୟ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇବା ସହ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଆୟୁଷ ଶିକ୍ଷା ଆହୁରି ସୁଦୃଢ଼ ହେବ ଏବଂ ଅଧ୍ୟାପକମାନଙ୍କୁ ଉତ୍ସାହିତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

### ପୁଣି ବିବାଦରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

# କଲେଜରେ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ପ୍ରେମ ନିବେଦନ

ବାଲେଶ୍ୱର,୨୮।୪(ସମିସ): ଗତ କିଛି ଦିନ ତଳେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ଏକ ଚିଠି ଶିକ୍ଷା ବିଭାଗରେ ପହଞ୍ଚିବା ପରେ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସଦୃଶ ତାଙ୍କୁ ଏଚ୍‌ଓଡି ପଦରୁ ହଟାଯାଇଥିଲା। ଏହାର ତଦନ୍ତଭାର ଆଇସିସିକୁ ପ୍ରଦାନ କରାଯାଇଥିଲା। ଏବେ ସେଇ ପୂର୍ବତନ ଏଚଓଡିଙ୍କ ବିରୋଧରେ ସ୍ୱର ତେଜିଛି। ସେ ପାଠ ପଢ଼ାଇବା ବଦଳରେ ଛାତ୍ରୀଙ୍କୁ ପ୍ରେମ ନିବେଦନ କରୁଥିବାର ଅଭିଯୋଗ ହୋଇଛି। ଏକାଧିକ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍ କରିବା ସହ ପ୍ରେମ ନିବେଦନ କରୁଥିବା ନେଇ ଅଭିଯୋଗ ଆସିଛି।

**ଆଇସିସି ନିକଟରେ ୯ ଛାତ୍ରୀଙ୍କ ଅଭିଯୋଗ**

ଏହାଛଡ଼ା ସେ ନିଜ ଲେଖାବହି କିଣିବାକୁ ବାଧ କରିବା ସହ ପାଠ ବଦଳରେ ଶ୍ରେଣୀରେ ଖରାପ ଗପ କହିବା ଏବଂ ପ୍ରତିବାଦ କଲେ ପରୀକ୍ଷାରେ ବ୍ୟାକ୍ ଲଗାଇଦେବାର ଧମକ ମଧ୍ୟ ଦେଉଛନ୍ତି। ଏଭଳି ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ୯ଜଣ ଛାତ୍ରଛାତ୍ରୀ ଆଇସିସି କମିଟି ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ଏପରିକି, ଏହି ଘଟଣାରେ ତଦନ୍ତ ଚାଲୁ ରହିଥିବା ବେଳେ ପୂର୍ବତନ ଏଚଓଡି ଶ୍ରୀ ନାୟକ ଏକାଧିକ ଛାତ୍ରଛାତ୍ରୀମାନଙ୍କ ଫୋନରୁ ହ୍ୱାଟସ୍-ଆପ୍ ଚାଟ୍ ମଧ୍ୟ ଡିଲିଟ୍ କରୁଥିବା ଅଭିଯୋଗ ହୋଇଛି। ଏପରିକି, ସେମାନଙ୍କୁ ଧମକାଇ ଡିଲିଟ କରାଯାଉଥିବା ନେଇ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ, ଏହି ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷ ଚୁପ୍ ରହିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି।

### ବିଜୁ ଶ୍ରମିକ ବନ୍ଧୁ ସମ୍ମାନରୁ ହଟିଲା ବିଜୁଙ୍କ ନାମ

# ଲିଗାସୀ ପାଇଁ ଲଢ଼େଇ, ବିଜୁଙ୍କ ପାଇଁ ଫିଟିଲାନି ତୁଣ୍ଡ

ଭୁବନେଶ୍ୱର,୨୮।୪(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମକୁ ରାଜ୍ୟ ବିଜେପି ସରକାର ଆଉ ଏକ ଯୋଜନାରୁ କାଟି ଦେଲେ। ଏନେଇ ରାଜ୍ୟବ୍ୟାପୀ ପ୍ରତିବାଦର ସ୍ୱର ଉଠିଲାଣି। ବିରୋଧୀ ଦଳର ନେତାଙ୍କଠାରୁ ଆରମ୍ଭ କରି ସାଧାରଣରେ ରାଜ୍ୟ ସରକାରଙ୍କର ଏପରି ମାନସିକତାକୁ କଡ଼ା ସମାଲୋଚନା କରାଯାଉଛି। ମାତ୍ର ଅକସ୍ମାତ ମାସେ ହେଲା ରାଜ୍ୟରେ ବିଜୁ ଲିଗାସୀର କଥା ଚର୍ଚ୍ଚାରେ ରହିବାକୁ ଉଦ୍ୟମ କରିଥିବା ନେତାଙ୍କ ରହସ୍ୟମୟ ନିରବତା ଏବେ ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ରାଜ୍ୟସଭାରେ କ୍ରସ ଭୋଟିଂ ପରେ କିଛି ନେତା ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ପାପ ନଦୀ ପାର ହେବାକୁ ବିଜୁ ଲିଗାସୀକୁ ସାହାରା କରିଥିଲେ। ମାତ୍ର ରାଜ୍ୟ ସରକାର ଆଉ ଏକ କାର୍ଯ୍ୟକ୍ରମରୁ ବିଜୁବାବୁଙ୍କ ନାମ ଅପସାରଣ ସମୟରେ ଲିଗାସୀ ନେତାମାନେ ଚୁପ୍ ରହିବା ସେମାନଙ୍କ ମୁଖା ଖୋଲି ଦେଇଥିବା ଚର୍ଚ୍ଚା ହେଉଛି।

ଶ୍ରମିକ ସମାଜ ପ୍ରତି ବିଜୁ ବାବୁଙ୍କ ଅବଦାନକୁ ସମ୍ମାନ ଜଣାଇ ୨୦୧୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ଆରମ୍ଭ କରିଥିଲେ। ମାତ୍ର ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ ଘୋଷଣା କରି ହୀନମନ୍ୟତାର ପରିଚୟ ଦେଇଛନ୍ତି ରାଜ୍ୟ ବିଜେପି ସରକାର। ଯାହାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ସୃଷ୍ଟି କରିଛି। ମାତ୍ର ବିଜୁ ଲିଗାସୀର ଦ୍ୱାହି ଦେଇ ଗୋଟିଏ ଛତା ତଳେ ଏକା ହୋଇଥିବା କିଛି ନେତା ଏଯାଏଁ ଏନେଇ ମୁହଁ ନ ଖୋଲିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ରାଜ୍ୟସଭାରେ କ୍ରସ ଭୋଟିଂ କରିବାର କାରଣ ଦର୍ଶାଇବାକୁ ଯାଇ କିଛି ବିଧାୟକ, ସେମାନଙ୍କ ବାପା ଓ ପୃଷ୍ଠପୋଷକମାନେ ହଠାତ୍ ବିଜୁ ଲିଗାସୀର ପ୍ରହେଳିକା ସାମ୍ନାକୁ ଆଣିଥିଲେ। ଏପରିକି ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ତେଣୁ ବିଜୁ ବାବୁଙ୍କ ନାମ ଅପସାରଣ ଘଟଣାରେ ଏହି ନେତାମାନେ ଆଗକୁ ଆସି ବିରୋଧ କରିବେ ବୋଲି ସାଧାରଣ ଲୋକେ ମନେ କରୁଥିଲେ। ମାତ୍ର ପୁରସ୍କାରୁ ବିଜୁଙ୍କ ନାମ ଅପସାରଣ ପ୍ରସଙ୍ଗରେ ବିରୋଧୀ ଦଳ, ସାମାଜିକ ଅନୁଷ୍ଠାନ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ସାଧାରଣ ଲୋକେ ମଧ୍ୟ ସରକାରଙ୍କ କାର୍ଯ୍ୟକଳାପକୁ ନିନ୍ଦା କରୁଛନ୍ତି। ମାତ୍ର ବିଜୁ ଲିଗାସୀ ନେତା ଏନେଇ କୌଣସି ମତ, ମନ୍ତବ୍ୟ ପ୍ରକାଶ ନକରିବା ଅନେକଙ୍କୁ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ କିଛିଦିନ ତଳେ ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଜୁ ବାବୁଙ୍କୁ ଅସମ୍ମାନ ଘଟଣାରେ ମଧ୍ୟ ଏମାନଙ୍କ ମଧ୍ୟରୁ ଅନେକ ସିଧାସଳଖ ନିଶିକାନ୍ତଙ୍କୁ ସମାଲୋଚନା କରି ନ ଥିଲେ। ତେବେ ସାଧାରଣରେ ଏହାକୁ ନେଇ ପ୍ରଶ୍ନବାଣ ହେବା ପରେ ଅତ୍ୟନ୍ତ କୁଣ୍ଠିତ ଭାବରେ କିଛି ନେତା ସେମାନଙ୍କର ମତମନ୍ତବ୍ୟ ଦେଇଥିଲେ।

- କ୍ରସ ଭୋଟିଂ ପାପ ଲୁଚାଇବାକୁ ଲିଗାସୀ ଆବରଣ
- ବିଜୁଙ୍କ ନାମ ଅପସାରଣକୁ ବିଜେଡି ଓ କଂଗ୍ରେସର ନିନ୍ଦା
- ସମାଲୋଚନା କଲେ ପ୍ରସନ୍ନ, ନିରଞ୍ଜନ, ଶ୍ରୀକାନ୍ତ ଓ ତ୍ରିଲୋଚନ

ଅପରପକ୍ଷେ ରାଜ୍ୟ ବିଜେପି ସରକାରଙ୍କ ଏପରି କାର୍ଯ୍ୟକଳାପକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି ଯେ ପ୍ରଚଳିତ ସରକାରଙ୍କର ଏହା ବିକୃତ ମାନସିକତା ଏବଂ ଅସହିଷ୍ଣୁତାର ପରିଚୟ। ରାଜ୍ୟ ସରକାର ପୂଜ୍ୟପୂଜାରେ ବିଶ୍ୱସେ କରୁନାହାନ୍ତି। ଆଗରୁ ଅନେକ ଯୋଜନାରୁ ରାଜ୍ୟ ସରକାର ବିଜୁ ବାବୁଙ୍କର ନାମ କାଟି ଦେଇଛନ୍ତି ନେଚେଡ୍ ଯୋଜନା ବନ୍ଦ କରି ଦେଇଛନ୍ତି। ଏହିକ୍ରମରେ ବିଜୁ ଶ୍ରମିକ ବନ୍ଧୁ ସମ୍ମାନରୁ ରାଜ୍ୟ ସରକାର ବିଜୁ ବାବୁଙ୍କ ନାମ ବଦଳାଇ ଦେଇଛନ୍ତି। ବିଜୁ ପଟ୍ଟନାୟକ ଚିର ସ୍ମରଣୀୟ। ବିଜୁ ବାବୁ ଏ ଦେଶ, ଏ ଜାତି ପାଇଁ ଯାହା କରିଯାଇଛନ୍ତି, ତାହା ଅଲିଭା ଅକ୍ଷରରେ ଲେଖା ହୋଇରହିଛି। ଏହାକୁ କେହି ଲିଭାଇ ପାରିବେ ନାହିଁ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଏହା ସରକାରଙ୍କ ହୀନମନ୍ୟତାର ପରିଚୟ। ଯେଉଁମାନଙ୍କ ନାମରେ ଅତୀତରେ କିଛି ବିଷୟକୁ ନାମକରଣ କରାଯାଇଛି, ତାହାକୁ କାଟିବାର ଆବଶ୍ୟକତା କଣ ଅଛି। ଏପ୍ରକାରର ହୀନମନ୍ୟତା ଆମ ସମାଜରେ ଲୋକେ ଗ୍ରହଣ କରନ୍ତି ନାହିଁ। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଏହା ଏକ ମାନସିକ ଦୁର୍ବଳତା। ସେମାନେ ଯେଉଁ ଦଳର ହୋଇଥାନ୍ତୁ ପଛେ, ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଯେଉଁମାନଙ୍କର ଓଡ଼ିଶା, ଦେଶ ପ୍ରତି ଅବଦାନ ରହିଛି, ସେମାନେ ସମ୍ମାନ ପାଇବାକୁ ଯୋଗ୍ୟ। ସେଥିରେ କାର୍ପଣ୍ୟତା ପ୍ରକାଶ କରିବା, ସେମାନଙ୍କର ଦୁର୍ବଳ ମାନସିକତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି ଯେ ସାରା ରାଜ୍ୟରେ ପୂର୍ବରୁ ଯଦି ବିଦ୍ରୋହ ହୋଇନଥାନ୍ତା, ତାହେଲେ ଏବର ସରକାର ସବୁ ସ୍ଥାନରୁ ବିଜୁ ବାବୁଙ୍କର ନାମ ଲିଭାଇ ଦେଇଥାନ୍ତେ। ସ୍ୱାଧୀନତା ସଂଗ୍ରାମରେ ଯାହାର ନାମ ନ ଥିଲା, ସେମାନଙ୍କୁ ସାମନାକୁ ଆଣି ପରିଚୟ ପ୍ରଦାନ କରିବା ଏବର ସରକାରଙ୍କର କାର୍ଯ୍ୟ ବୋଲି ସେ କ୍ଷୋଭକ୍ତି ପ୍ରକାଶ କରିଛନ୍ତି।

# ମନରେଗା ଓ ସମଗ୍ର ଶିକ୍ଷାର ଜନଶୁଣାଣି



ନନ୍ଦାହାଣ୍ଡି,୨୮।୪(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ମହାଗା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଯୋଜନାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ମନରେଗା ଯୋଜନା ଅଧୀନରେ ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ଲକର ଏଗାର ଗୋଟି ପଞ୍ଚାୟତରେ ମୋଟ ୩୩୯୦୫୮ ଶ୍ରମ ଦିବସ ସୃଷ୍ଟି କରି କର୍ମନିଯୁକ୍ତି କରାଯାଇଥିଲା। ସର୍ବମୋଟ ୧୩୫୭୪ ଶ୍ରମିକ କାର୍ଡ ଧାରୀ ପରିବାର ଥିବା ବେଳେ ୭୪୭୨ ପରିବାର ଆବେଦନ କରି ୭୪୫୯ ପରିବାର କର୍ମ ନିଯୁକ୍ତି ପାଇ ୬୧୭ ପରିବାର ୧୦୦ ଦିନ କାର୍ଯ୍ୟ ଦିବସ ପୂରଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୮ ଜଣ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ କର୍ମ ନିଯୁକ୍ତି ହୋଇପାରିଥିଲେ। ସର୍ବମୋଟ ୧୦୯୫.୪୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ଯେଉଁଠି ଅଣକୁଶଳୀ ଶ୍ରମିକମାନଙ୍କୁ ୬୦୧.୫୯ ଲକ୍ଷ ଟଙ୍କା, ଅର୍ଦ୍ଧ କୁଶଳୀ ଓ ମ୍ୟାଟେରିଆଲ ବାବଦରେ ୧୨୬.୮୯ ଲକ୍ଷ ଏବଂ ଲାଇନ୍ ଡିପାର୍ଟମେଣ୍ଟର ୩୪୬.୯୮ ଲକ୍ଷ ଟଙ୍କା ପୈଠ କରାଯାଇଛି। ଏ ସମସ୍ତ ଶ୍ରମିକ ଅର୍ଥ ଡିବିଟି ମାଧ୍ୟମରେ ସଞ୍ଚୟ ଖାତାକୁ ହସ୍ତାନ୍ତର କରାଯାଇଛି। ୨୮୪୦ ଗୋଟି ପ୍ରକଳ୍ପ ଆରମ୍ଭ କରି ୧୫୮୭ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ସମଗ୍ର ଶିକ୍ଷା ମାଧ୍ୟମରେ ୨୪ ଗୋଟି ବିଦ୍ୟାଳୟରେ ସିଡବ୍ଲ୍ୟୁଏସଏନ ଶୌଚାଳୟ ଥିବା ବେଳେ ଧଣ୍ଡରା ପଞ୍ଚାୟତର ନାୟକଗୁଡା ଜେଇଏଲସି ବିଦ୍ୟାଳୟରେ ଶୌଚାଳୟ ନଥିବା କୁହାଯାଇଛି। ସିନ୍ଧିଗୁଡ଼ା ପଞ୍ଚାୟତ ଡେଙ୍ଗାଗୁଡ଼ା ବିଦ୍ୟାଳୟରେ ରୋଷେଇ ଗୃହ ନଥିବା ବେଳେ ମିର୍ଗାନଗୁଡା ବିଦ୍ୟାଳୟରେ ବହୁ ପୁରାତନ ଶ୍ରେଣୀ ଗୃହରେ ଶିକ୍ଷାଦାନ ଚାଲିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ମନରେଗା ପ୍ରକଳ୍ପ ଗୁଡିକର ଦସ୍ତାବିଜ୍ ଯାଞ୍ଚ ପାଇଁ ସାମାଜିକ ବିଭାଗକୁ ହସ୍ତାନ୍ତର କରି ନଥିବା ଯୋଗୁଁ କ୍ଷୋଭ ପ୍ରକାଶ କରିଥିଲେ। ସହକାରୀ ଯନ୍ତ୍ରୀ ଶଙ୍କର ବୁଦେକଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ନୋଡାଲ ଅଫିସର ଭାବେ ପଦ୍ମନାଭ ତ୍ରିପାଠୀ, ଗୋଷ୍ଠୀ ବିତ୍ତ ଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ସିଏସଓ ପ୍ରତିନିଧି ସନ୍ତୋଷ କୁମାର ଷଡ଼ଙ୍ଗୀ, ଗଣ ମାଧ୍ୟମ ପ୍ରତିନିଧି ଶିବଶଙ୍କର ପାଢ଼ୀ ଓ ବିଶିଷ୍ଟ ବ୍ୟକ୍ତି ରୂପେ ବୃନ୍ଦାବନ ତ୍ରିପାଠୀ ଯୋଗ ଦେଇଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପର୍ଶୁରାମ ମାଳୀ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଉତ୍ତମା ହରିଜନ ସମେତ ସମସ୍ତ ପଞ୍ଚାୟତର ପିଇଓ, ଏଡିଓ , ବ୍ଲକ କର୍ମଚାରୀ ଏବଂ ଶ୍ରମିକମାନେ ଉପସ୍ଥିତ ରହିଥିଲେ । ଅନୁପସ୍ଥିତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

## ମର୍ଣ୍ଣିଂୱାକ୍ ବେଳେ ଗାଡ଼ି ଧକ୍କାରେ ଜଣେ ମୃତ

# କ୍ଷତିପୂରଣ ପାଇଁ ଲୋକଙ୍କ ଏନ୍ଏଚ୍ ଅବରୋଧ



ଜୟପୁର, ୨୮।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଉମ୍ପୁରୀ ଗ୍ରାମ ଠାରେ ଆଜି ଭୋରରୁ ଗ୍ରାମର ଦୁଇଜଣ ବ୍ୟକ୍ତି ୨୬ ନମ୍ବର ଜାତୀୟ ରାଜପଥ ରାସ୍ତା ପାଶ୍ୱର୍ରେ ମର୍ଣ୍ଣିଂ ୱାକିଂ କରୁଥିବା ବେଳେ କୌଣସି ଅଜଣା ଗାଡି ଉଭୟଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ମୃତକ ଗ୍ରାମର ହଳଧର ନାୟକ (୫୭) ଏବଂ ଗୁରୁତର ଆହାତ ନରସିଂହ ବେହେରା (୬୦)। 'ସକାଳ' ହେବାରୁ ଗ୍ରାମର ଲୋକମାନେ ଉଭୟଙ୍କ ଦେଖିଥିଲେ। ଜଣେ ରାସ୍ତା ଉପରେ ମୃତ ଅବସ୍ଥାରେ ପଡିଥିବା ବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ପାଶ୍ୱର୍ରେ ବସି ରହିଥିଲେ। ଗୁରୁତରଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା । କିନ୍ତୁ ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ରହିଥିବା ଯୋଗୁଁ ବିଶାଖପାଟଣା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏହାପରେ ପରିବାର ଓ ଗ୍ରାମବସୀ ମୃତକଙ୍କ ଶରୀରକୁ ୨୬ ନମ୍ବର ଜାତୀୟ ରାଜପଥ ଉମ୍ପୁରୀ ଗ୍ରାମ ଠାରେ ରଖି ଟାୟର ଜାଳି ରାସ୍ତା ଅବରୋଧ ମଧ୍ୟାହ୍ନ ୧୨ଟା ଠାରୁ ଆରମ୍ଭ କରିଥିଲେ। ଖବରପାଇ ଘଟଣାସ୍ଥଳରେ ଏସଡିପିଓ ଅର୍ଚ୍ଚିତା ମିତ୍ତଲ, ଆଇ ପିଏସ ତଥା ସଦରଥାନା ଅଧିକାରୀ ରାମଶାଦ କେ.ବି ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ମାନଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଗ୍ରାମବାସୀ ମାନେ ତୁରନ୍ତ ଉକ୍ତ ଅଜଣା ଗାଡିକୁ ଜବତ କରିବା, ଜାତୀୟ ରାଜପଥରେ ସିସି କ୍ୟାମେରା ଲଗାଇବା ଏବଂ ରାସ୍ତାରେ ବେରିକେଟ ନିର୍ମାଣ କରିବାକୁ ଦାବି କରିଥିଲେ। ମୃତକ ହଳଧର ଜଣେ ରାଜମିସ୍ତ୍ରୀ ଭାବେ ଦିନ ମଜୁରିଆ ଭାବେ କାର୍ଯ୍ୟ କରିବା ସହିତ ନିଜର ଓ ପରିବାର ଭରଣପୋଷଣ କରୁଥିଲେ। ତେଣୁ କ୍ଷତିପୂରଣ ରାଶି ପ୍ରଦାନ ଦାବି କରିଥିଲେ। ହରଶ୍ଚନ୍ଦ୍ର ଯୋଜନାରୁ ୧୦ ହଜାର ଏବଂ ରେଡକ୍ରସ ପାଣ୍ଠିରୁ କିଛି ଟଙ୍କା ଦେବାକୁ ଏସଡିପିଓ କୁମାରୀ ମିତ୍ତଲ ପ୍ରତିଶ୍ରୁତି ଦେଇଥିଲେ ଏବଂ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ଥିଲେ ପ୍ରଦାନ କରାଯିବ ବୋଲି କହିଥିଲେ। ରାସ୍ତାରୋକ ଫଳରେ ରାସ୍ତାର ଉଭୟ ପଟେ ଶତାଧିକ ଗାଡି ଅଟକି ରହିବା ସହିତ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଶେଷରେ ଅପରାହ୍ନ ୨ଟା ସମୟରେ ରାସ୍ତାରୋକକୁ ବନ୍ଦ କରାଯାଇଥିଲା ଏବଂ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଉମରୀ ଗ୍ରାମ ଠାରେ ଜାତୀୟ ରାଜପଥରେ ଏହିପରି ବାରମ୍ବାର ଦୁର୍ଘଟଣା ଘଟିବା ଯୋଗୁଁ ଧନଜୀବନ ନଷ୍ଟ ହେଉଛି। ଅନ୍ୟପକ୍ଷରେ ଗ୍ରାମବାସୀ ଏହିପରି ବେଆଇନ ଭାବେ ଜାତୀୟ ରାଜପଥକୁ ଅବରୋଧ କରିବା ଓ ଟାୟାର ଜାଳି ପରିବେଷ ପ୍ରଦୂଷଣ ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏଥିନେଇ ପ୍ରଶାସନ ଏବଂ ପୁଲିସ ପକ୍ଷରୁ କଡା ବ୍ୟବସ୍ଥା କରିବା ସହିତ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ଦୁଇ ବାଇକ୍ ମୁହାଁମୁହିଁ ,୨ ଗୁରୁତର

ବନ୍ଧୁଗାଁ,୨୮।୪(ସମିସ): ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ପଞ୍ଚାୟତ ସାନସରପଲ୍ଲୀ ଛକ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ହେବାରୁ ବାଇକ୍ ଚାଳକ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ କୁମ୍ଭାରିପୁଟ ପଞ୍ଚାୟତ ବଡ ପାର୍ଡିଙ୍ଗୀ ଗ୍ରାମର କିଛି ଲୋକ କେ,ଜାଗୁଗୁଡା ଗ୍ରାମର ଅଣ୍ଡାମଡା ଗ୍ରାମରେ ହେଉଥିବା ବିବାହ ଭୋଜି ଖାଇବାକୁ ଯାଇଥିଲେ। ବଡ ପାର୍ଡିଙ୍ଗି ଗ୍ରାମର ରାମେୟା ହୁଇକା (୨୭) ବାଇକ୍‌ରେ ବନ୍ଧୁଗାଁ ଆସୁଥିବା ବେଳେ ସାନସରୁପଲି ଛକ ନିକଟରେ ନାରାୟଣପାଟଣା ବ୍ଲକ ପାଟିଂ ଗ୍ରାମର ଶ୍ୟାମ ନାଗବଂଶ (୨୫ ) କୋରିୟର ଡେଲିଭରୀ ବୟଙ୍କ ସହିତ ଧକ୍କା ହୋଇଥିଲା। ଉଭୟଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇ ଥିଲା। ଶ୍ୟାମ ନାଗବଂଶ ଗୁରୁତର ଥିବାରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମଧୁବାବୁ ଜୟନ୍ତୀ ଓ ସାରସ୍ୱତ ସମାରୋହ

ଉମରକୋଟ, ୨୮।୪ (ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡିଶା ସାହିତ୍ୟ ଏକାଡେମୀ ଓ ଦାସିଆ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ମଧୁବାବୁ ଜୟନ୍ତୀ ଓ ସାରସ୍ୱତ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପ



ସଭାପତି ରମେଶ ଚନ୍ଦ୍ର ସାହୁ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମକୃଷ୍ଣ ନାୟକ," ବିଶିଷ୍ଟ ଗାଳ୍ପିକ ସୁରେନ୍ଦ୍ରନାଥ ଦାଶ, ମୁଖ୍ୟ ବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ, ସମ୍ମାନିତ ଅତିଥି ଭାବେ ଝାଡେଶ୍ୱର ମହାନ୍ତି, ପ୍ରଫୁଲ୍ଲ କୁମାର ରାଉତ, ପଲ୍ଲବୀ ପଣ୍ଡା, ସଭାପତି ଟୁଟୁବାବୁ ପଟ୍ଟନାୟକ, ସମ୍ପାଦକ ଏମ. ହିମାଂଶୁ ଆଚାରୀ ମଞ୍ଚାସୀନ ଥିଲେ । ଏମ. ହିମାଂଶୁ ଆଚାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ନିଜ ବକ୍ତବ୍ୟରେ ମଧୁବାବୁଙ୍କ ଅଗାଧ ପାଣ୍ଡିତ୍ୟ ଓ ସ୍ୱାଭିମାନୀ ଗୁଣ ବିଷୟରେ ଆଲୋକପାତ କରିଥିଲେ। ସାହିତ୍ୟ, ଓକିଲାତି,ସମାଜସେବା, ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ନିମନ୍ତେ ପରିଷଦ ତରଫରୁ ସୁରେନ୍ଦ୍ରନାଥ ଦାଶ, ପୂର୍ଣ୍ଣଚନ୍ଦ୍ର ସେଠୀ, ଦେବନାରାୟଣ ବାରିକ, ଝାଡେଶ୍ୱର ମହାନ୍ତି, ଅକ୍ଷୟ କୁମାର ସାହୁ, ଡା. ଆୟୁଶୀ ମଣ୍ଡଳ, . ଡା. ସବ୍ୟସାଚୀ ଦାଶଙ୍କୁ ପରିଷଦ ତରଫରୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ତତ୍ପରେ ପରିଷଦ ସହ ଯୋଡି ହୋଇଥିବା ନୂଆ ସଭ୍ୟ / ସଭ୍ୟାଙ୍କୁ ସଦସ୍ୟତା ପ୍ରମାଣ ପତ୍ର ଓ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଶିକ୍ଷାର୍ଥୀଙ୍କୁ ସିଲଡ଼ ଓ ପ୍ରମାଣ ପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଏହାକୁ ପରିଚାଳନା କରିଥିଲେ ସମୀର କୁମାର ପ୍ରଧାନ ଓ ସାଗର କୁମାର ପରିଡା। ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇଥିବା କବି, କବୟିତ୍ରୀଙ୍କୁ ନେଇ କବିତାଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଅଧ୍ୟାପକ ଗୋପାଳ ମହାରଣା, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗବେଷକ ସାଇମନ ବିଡ଼ିକା, ଗବେଷକ କେଦାରେଶ୍ୱର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶାନ୍ତିଲତା ମହାନ୍ତି, ପ୍ରଭାତୀ ଦେବନାଥ, ନମିତା ବିଶ୍ୱାସ ଓ ସଂଯୋଜିକା ଭାବେ ସ୍ୱାଗତିକା ସାହୁ ଓ ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କବି / କବୟିତ୍ରୀ ଯୋଗ ଦେଇଥିଲେ। ଏଥିରେ ଯେଉଁମାନେ ସକ୍ରିୟ ଯୋଗଦାନ କରିଥିଲେ, ସେମାନେ ହେଲେ କେଦାରେଶ୍ୱର ପଟ୍ଟନାୟକ, ରାଜକିଶୋର ନାୟକ, ନିରୁପମା ସ୍ୱାଇଁ, ସତ୍ୟବ୍ରତ ପ୍ରଧାନ, ଗଣେଶ ପ୍ରସାଦ ରଣା, ବିଷ୍ଣୁ ପ୍ରସାଦ ସାହୁ, ବିମଳ କୁମାର ବାରୋଇ, ସୁରେଶ ଚନ୍ଦ୍ର ପଣ୍ଡା, ତ୍ରିପତି ପଟ୍ଟନାୟକ, ନିଳକଣ୍ଠ ଚମ୍ପତି,ଗଣେଶ ପ୍ରସାଦ ରଣା, ସୁନୀଲ କୁମାର ନାୟକ, ନରେଶ ଚନ୍ଦ୍ର ପଟ୍ଟନାୟକ, ରଞ୍ଜନ ଗୌଡ଼, ସଂଗ୍ରାମ କିଶୋର ପରିଡା, ଗୁରୁଦାସୀ ମଣ୍ଡଳ, ସାଇରମେଶ ରାଓ, ମିନତୀ ନାୟକ, ସନ୍ତୋଷ କୁମାର ଖମାରୀ, ଆଦିତ୍ୟା ଶର୍ମା, ନିଳକଣ୍ଠ ଚମ୍ପତି, ଜଗବନ୍ଧୁ ବଡସେଟ, ସନ୍ତୋଷ କୁମାର ଜେନା, ମନିଷ କୁମାର ବାରିକ,ଷ୍ଟାଲିନ କୁମାର ସାମନ୍ତରାୟ, ବିଶ୍ୱଜିତ ପଟ୍ଟନାୟକ, ବିରଞ୍ଚି ସୁନାନୀ, ସତ୍ୟେନ୍ଦ୍ର ରାଉତ, ରାଜେଶ ଜୀ, ଶେଖ ନାସିରୁଦ୍ଦିନ, ସାଗର କୁମାର ପରିଡା, ସନ୍ତୋଷ କୁମାର ସାହୁ, ରମେଶ ଚନ୍ଦ୍ର ନାହକ ଓ ଅନୀତା କୁମାରୀ ବେହେରା।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ



ଜୟପୁର, ୨୮ ।୪(ସମିସ) : ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜୟପୁର ଠାରେ ଆଜି ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଏବଂ ପୂଜ୍ୟପୂଜା ସଂସଦ ପକ୍ଷରୁ ରଥପଡିଆ ଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ସହିତ ସ୍ମୃତି ଚାରଣ କରାଯାଇଥିଲା। ଜିଲ୍ଲା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ଓକିଲ ସଂଘ ସଭାପତି ବିଜୟ କୁମାର ରାୟ ଜେନା ଦେଓ, ରାଜ୍ୟ ବାରର ସଦସ୍ୟ ପି.ରମେଶ ପାତ୍ର, ଉପସଭାପତି ଶରତ ମାଝି, କୋଷାଧ୍ୟକ୍ଷ ରାମାନୁଜ ପ୍ରସାଦ, ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକ, ଦାସରଥି ପଟ୍ଟନାୟକ, ବିରେଶ ପଟ୍ଟନାୟକ, ତ୍ରିରନାଥ ସିଂଲାଲ୍,ତେଜେଶ୍ୱର ପଣ୍ଡା, ବାଲା ରାୟ, ଭୋଳାନାଥ ପଟ୍ଟନାୟକ, ରାଜେନ୍ଦ୍ର ଗୌଡ଼, ସୁରେଶ ଚେଟ୍ଟି, କେ.ଅରୁଣ କୁମାର, ପୁଷ୍ପାଞ୍ଜଳି ସାହୁ, ଅଞ୍ଜନା ସିଂ, ନିବେଦିତା ରଥ, ବିଜୟ କୁମାର ଗଣ୍ଡ, ରାଜେନ୍ଦ୍ର ମାଦଲା, ବିଭୁତି ମହାପାତ୍ର, ଦିବାକର ଗୌଡ଼, ସୁଧିର ତ୍ରିପାଠୀ, ପି.ସନ୍ୟାସୀ ରାଓ ପୁଷ୍ପମାଲ୍ୟ ପ୍ରଦାନ କରିଥିବା ବେଳେ ରାଜାନଗର ଠାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବିନୋଦ ମହାପାତ୍ର, ପରମେଶ୍ୱର ପାତ୍ର, ହରିହର କରସୁଧା ପଟ୍ଟନାୟକ, ନବୀନ ମାଦଳା, ଚନ୍ଦ୍ରକାନ୍ତ ସୂତାର, ବାଲା ରାୟ, ଦେବେନ୍ଦ୍ର ବାହିନୀପତି ଏବଂ ପୂଜ୍ୟପୂଜା ସଂସଦ ପକ୍ଷରୁ ଉଦୟ ଶଙ୍କର ଜାନୀ, ତପନ କିରଣ ତ୍ରିପାଠୀ, ବୈରାଗୀ ଚରଣ ସାହୁ, ପ୍ରମୋଦ ରାଉଳ, ନରସିଂହ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ■ ରାସ୍ତା ଖରାପ ପାଇଁ ୪ ଦିନରେ ୬ ଦୁର୍ଘଟଣା

# ଜାତୀୟ ରାଜପଥ ମରାମତି କଲେ ଗାଁ ଲୋକେ



ବୈପାରୀଗୁଡ଼ା,୨୮।୪(ସମିସ): କେନ୍ଦ୍ର ସରକାର ଜାତୀୟ ରାଜପଥ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ରାସ୍ତା ଖରାପ ହେବା ସତ୍ତ୍ୱେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଖରାପ ରାସ୍ତା ଯୋଗୁଁ ଦୈନନ୍ଦିନ ଦୁର୍ଘଟଣା ଘଟୁଛି । ଏନେଇ ଗାଁ ଲୋକେ ବାରମ୍ବାର ଅଭିଯୋଗ କଲେ ବି କେହି ଗୁରୁତ୍ୱ ଦେଉନାହାନ୍ତି । ଏଣୁ ବାଧ୍ୟ ହୋଇ ଗାଁ ଲୋକେ ଚାନ୍ଦା କରି ରାସ୍ତା ମରାମତି କରିଛନ୍ତି। ଆଜି ବୈପାରୀଗୁଡା ବ୍ଲକ ମହୁଲି ପଞ୍ଚାୟତ ସଦର ମହକୁମା ସ୍ଥିତ ରାଞ୍ଚି ବିଜୟୱାର୍ଡ ୩୨୬ ନମ୍ବର ଜାତୀୟ ରାଜପଥରେ ଖରାପ ରାସ୍ତା ମରାମତି କରିଛନ୍ତି ଗାଁ ଲୋକେ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ଖରାପ ଯୋଗୁଁ ଯାତାୟାତ ସମସ୍ୟା ହେଉଛି । ଚାରି ଦିନ ମଧ୍ୟରେ ଛୋଟବଡ଼ ୬ଟି ଦୁର୍ଘଟଣା ଘଟିଥିବା ବେଳେ ଆଠ ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏନେଇ ସ୍ଥାନୀୟ ସମିତି ସଭ୍ୟ ଭକ୍ତରମ ହରିଜନ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନଥିବା କହିଛନ୍ତି । ଏଣୁ ବାଧ୍ୟ ହୋଇ ଗାଁ ଲୋକେ ଚାନ୍ଦା କରି ରାସ୍ତା ମରାମତି କରିଛନ୍ତି । ଏହି ରାସ୍ତା ମରାମତିରେ ଗାଁ ର ସମିତି ସଭ୍ୟ ଭକ୍ତରମ ହରିଜନ, ନୀଳକଣ୍ଠ ଗଦବା, ରାମଚନ୍ଦ୍ର ଗଦବା, ପରାମନନ୍ଦ ପୂଜାରୀ, ଧନ ଯାନୀ, ପଦ୍ମାନଗୌଡ ଓ ମହେନ୍ଦ୍ର କ୍ରିଷ୍ଟାନି ପ୍ରମୁଖ ସହଯୋଗ କରିଛନ୍ତି।

## ■ ପ୍ରେମ ବିବାହକୁ ଯୁବତୀଙ୍କ ପରିବାର ଲୋକଙ୍କ ବିରୋଧ

# ସ୍ୱାମୀଙ୍କ ସମ୍ମୁଖରେ ସ୍ତ୍ରୀଙ୍କୁ ଉଠାଇନେଲେ

ଜୟପୁର, ୨୮ ।୪(ସମିସ): ଜୟପୁର ସଦରଥାନା ୨୬ ନମ୍ବର ଜାତୀୟ ରାଜପଥ ଗେଟଗୁଡା ଠାରେ ବାଇକରେ ଯାଉଥିବା ସ୍ୱାମୀ ଓ ସ୍ତ୍ରୀଙ୍କୁ ରାସ୍ତାରେ ଅଟକାଇ ଦୁଇଟି ୪ ଚକିଆ ଏବଂ ବାଇକ୍ ଯୋଗେ ଶାଶୁଘର ଲୋକ ଆସି ପତ୍ନୀଙ୍କୁ ଜୋରଜବରଦସ୍ତ ଉଠାଇ ନେଇଥିବା ସ୍ୱାମୀ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗକାରୀ ସ୍ୱାମୀ ସ୍ଥାନୀୟ ସଦରଥାନା ବାରିଣିପୁଟ ଗ୍ରାମପଞ୍ଚାୟତର ଚଟ୍ଟେଇଗୁଡା ଗ୍ରାମର ଗୋପାଳ ଖରା (୨୦)ଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ଗତ ରବିବାର ତାଙ୍କ ପତ୍ନୀ ଏଲିଜା ବାଘ (୧୮) ଅପରାହ୍ନ ୩ ଟା ସମୟରେ ନିଜ ଗ୍ରାମକୁ ଫେରୁଥିବା ବେଳେ ସ୍ଥାନୀୟ ଗେଟଗୁଡା ନିକଟରେ ଏକ ସ୍କୋପିଓ ଓଡି ୦୨ସିଟି-୩୨୭୩ , କାର ଓଡି୦୨ସିଟି-୩୧୨୭ ଏବଂ ବାଇକ ଓଡି ୧୦ ୱାଇ-୧୬୭୦ ଯୋଗେ ପତ୍ନୀଙ୍କ ଭାଇ ସାଇମନ ବାଘ, ଭାଉଜ ଅମ୍ରିତା ହିଆଲ, ମାଆ ସୂର୍ଯ୍ୟମଣି ବାଘ ଏବଂ ଅନ୍ୟାନ୍ୟ ଯୁବକ ମାନେ ଆସି ତାଙ୍କର ବାଇକ୍ ଅଟକାଇଥିଲେ। ଏହାପରେ ପତ୍ନୀ ଏଲିଜାଙ୍କୁ ଟଣା ଓଟରା କରିବା ସହିତ କାର ଯୋଗେ ଅପହରଣ କରି ନେଇଥିଲେ। ସ୍ୱାମୀ ଗୋପାଳ ପ୍ରତିବାଦ କରିଥିଲେ ସୁଦ୍ଧା ଯୁବକ ଓ ଶାଶୁଘରର ଲୋକମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇ ପତ୍ନୀଙ୍କୁ ଉଠାଇ ନେଇଥିଲେ। ଏହିପରି ଗତ କିଛିଦିନ ପୂର୍ବରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ପ୍ରେମ ବିବାହ କରିଥିବା ଯୋଗୁଁ ପତ୍ନୀଙ୍କ ବାପଘର ଲୋକ ଏହାକୁ ବିରୋଧ କରୁଥିଲେ ବୋଲି ସଦରଥାନା ପୁଲିସ ପକ୍ଷରୁ ପ୍ରକାଶ କରାଯାଇଛି।

# ସିଜିମାଳି ଘଟଣାକୁ ନେଇ ଜିଲ୍ଲା ଆଦିବାସୀ ମହାସଂଘର ଦାବିପତ୍ର ପ୍ରଦାନ



କୋରାପୁଟ,୨୮।୪(ସମିସ): ସିଜିମାଳିରେ ଆଦିବାସୀଙ୍କ ଉପରେ ପୁଲିସର ନିର୍ମମ ଆକ୍ରମଣ ଘଟଣା ନେଇ କୋରାପୁଟ ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ୨୨ ତାରିଖରେ ସିଜିମାଳି ଖଣି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୭ ତାରିଖରେ ପୁଲିସ ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ସେଥିରେ ସ୍ଥାନୀୟ ଅଧିବାସୀଙ୍କ ସମେତ କେତେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାକୁ ଦୃଷ୍ଟିରେ ରଖି ଆଦିବାସୀ ମହାସଂଘର ଏକ ପ୍ରତିନିଧି ଦଳ ସିଜିମାଳି ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ। ଗତ ୭ ତାରିଖ ମଧ୍ୟରାତ୍ରିରେ କଣ୍ଟାମାଲ ଗାଁରେ ଆଦିବାସୀ ସମ୍ପ୍ରଦାୟ ଉପରେ ହୋଇଥିବା କଥିତ ବର୍ବର ଓ ଅବୈଧ ପୁଲିସ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ଜିଲ୍ଲା ଆଦିବାସୀ ମହାସଂଘ ଦୃଢ଼ ନିନ୍ଦା କରିବା ସହ ଏହି ମାମଲାରେ ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ବୋଲି ଆଦିବାସୀ ନେତା ପଦ୍ମନାଭ ଜାନୀ ଦାବି କରିଛନ୍ତି। ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଉପସ୍ଥିତିରେ ଗ୍ରାମସଭା କରି ପ୍ରଭାବିତ ଅଞ୍ଚଳବାସୀଙ୍କ ମତାମତ ନିଆଯାଉ ବୋଲି ସେ କହିଛନ୍ତି। ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଗ୍ରହଣ କରି ଥିବା ବେଳେ ପଦ୍ମନାଭ ଜାନୀଙ୍କ ସହ ସଭାପତି ପୀତବାସ ପକୁଲ, ବାଳକୃଷ୍ଣ ମାଝୀ, ଦାମୋଦର ଜାନୀ, ସଦା ଜାନୀ, ତ୍ରିପତୀ ଗାଦବା, ପର୍ଶୁରାମ ସମରଥ,ହଳଧର ପାଙ୍ଗୀ, ଲବ ମୁଦୁଲି, ରବି ପରଜା, ଚୈତନ୍ୟ ଜାନୀ ଏବଂ ଦୈତାରୀ କାନ୍ଦୁଲଫୁଲ ପ୍ରମୁଖ ଉପସ୍ଥିତ ଥିଲେ।

# କାଶିପୁର ଓକିଲ ସଂଘର ମଧୁବାବୁଙ୍କ ଜୟନ୍ତୀ



ଟିକିରି,୨୮।୪(ସମିସ): ରାୟଗଡ଼ ଜିଲ୍ଲା କାଶିପୁର ବ୍ଲକ କାଶିପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ କାଶିପୁର ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କାଶିପୁର ବ୍ଲକର ଓକିଲ ସଂଘର ସଭାପତି ପ୍ରେମାନନ୍ଦ ନାଏକଙ୍କ ଅଧ୍ୟକ୍ଷତାରେ ସମସ୍ତ ଓକିଲ ଉପସ୍ଥିତ ରହି ମଧୁବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ କାଶିପୁର ଓକିଲ ସଂଘର ସମ୍ପାଦକ ରଞ୍ଜିତ କୁମାର ବୈଦ୍ୟଙ୍କ ସହ ବରିଷ୍ଠ ଆଇନଜୀବୀ ରାସିମାଝୀ, ରାମମୋହନ ମହାନ୍ତି ,ଭଗବାନ ପାତ୍ର, ଉପେନ୍ଦ୍ର ମାଝୀ, ଘନଶ୍ୟାମ ନାଏକ, ପ୍ରସାନ୍ତ ପୁଜାରୀ, ଅଜିତ ନାଏକ, ଅମିତ ନାଏକ କହ୍ନେଇଲାଲ ଜୈନ ଓ ରାମମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ



କୋରାପୁଟ,୨୮।୪(ସମିସ): କୋରାପୁଟ ସଦରମହକୁମାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ଓ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# କେନାଲରେ ନାହିଁ ପାଣି, ନଷ୍ଟ ହେବ ୮୦୦ ଏକର ଧାନ ଫସଲ!



କୁନ୍ଦୁରା, ୨୮।୪(ସମିସ): କେନାଲରେ ପାଣି ନାହିଁ । ୮୦୦ ଏକର ଧାନ ଫସଲ ନଷ୍ଟ ହେବାକୁ ଯାଉଛି । ଏନେଇ ଚିନ୍ତାରେ ଚାଷୀ କୁଳ। କୁନ୍ଦୁରା ବ୍ଲକ ଅନ୍ତର୍ଗତ ଦିଗାପୁର ଅଞ୍ଚଳରେ ଏଭଳି ସମସ୍ୟା ସାମ୍ନାକୁ ଆସିଛି । ଚଳିତ ରବି ଧାନ ଚାଷ କର ୨୦୦ରୁ ଅଧିକ ଚାଷୀ ଜଳସେଚନର ସୁବିଧା ନ ପାଇ ହନ୍ତସନ୍ତ ହେଉଛନ୍ତି। ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରବି ଚାଷରେ କୋଲାବ ନଦୀରେ ଲାଗିଥିବା ଉଠାଜଳ ସେଚନ ପ୍ରକଳ୍ପ ଦ୍ୱାରା ଚାଷ ହୋଇଯିବ ଭାବି ୨୦ଟି ଉଠା ଜଳସେଚନ ପ୍ରକଳ୍ପର ପ୍ରାୟ ୨୦୦ ଚାଷୀ ୮୦୦ ଏକର ଧାନ ଫସଲ କରିଛନ୍ତି । କିନ୍ତୁ ଚଳିତ ବର୍ଷ କୋଲାବ ଜଳ ଭଣ୍ଡାରରୁ କୋଲାବ ନଦୀରେ ପାଣି ଆଦୌ ଛଡ଼ା ଯାଇନାହିଁ । ଫଳରେ ଏବେ ପାଣିକୁ ନେଇ ଚିନ୍ତାରେ ଦିଗାପୁର, ଖିଲପୁଟ, ପ୍ରଧାନୀପୁଟ, ନୂଆଗୁଡା, କାଦମଗୁଡା, ଘସର୍ଡା, ନୂଆ ଘସର୍ଡା , ପୁଜାରୀପୁଟ, ଚେର୍କାପୁଟ ଆଦି ଗାଁ ଚାଷୀ । କୋଲାବ ନଦୀରେ କୋଲାବ ଜଳ ଭଣ୍ଡାରରୁ ପାଣି ଛାଡିଲେ ପ୍ରାୟ ୨୦୦ ଚାଷୀ ଉପକୃତ ହେବେ । ଏଣୁ ଏହି ସମସ୍ୟା ନେଇ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗାଁର ଚାଷୀ ସତ୍ୟ ନାରାୟଣ ଚୌଧୁରୀ, ଅଜିତ ପାଣିଗ୍ରାହୀ, ଦିଲ୍ଲୀପ ସାହୁ, ନରସିଂହ ସାହୁ ଓ ହରିଶ୍ଚନ୍ଦ୍ର ପାଢ଼ୀ।

# ୟୁଜିଏମ୍ଆଇଟିରେ ମଧୁବାବୁଙ୍କ ଜୟନ୍ତୀ



ରାୟଗଡ,୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜନ୍ମ ବାର୍ଷିକୀ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ରାୟଗଡରେ ଅବସ୍ଥିତ ତାଙ୍କର ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ ପଟେଲ, ଜିଲ୍ଲା ଶିଳ୍ପ କେନ୍ଦ୍ର ରାୟଗଡର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଏବଂ ପୁରାତନ ଛାତ୍ର ସବ୍ୟସାଚୀ ସାହୁ, ପୁରାତନ ଛାତ୍ର ସଂସଦର କୋଷାଧ୍ୟକ୍ଷ ଧିରେନ କୁମାର ପଟ୍ଟନାୟକଙ୍କ ସହ ଅନୁଷ୍ଠାନର ଅଧ୍ୟାପକ-ଅଧ୍ୟାପିକାମାନେ ଏବଂ ସମସ୍ତ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରୀ କୁମାରୀ ନନ୍ଦିନୀ ପାଟିକା ପ୍ରାରମ୍ଭିକ ସଙ୍ଗୀତ ଭାବେ ଉତ୍କଳ ଗୌରବଙ୍କ ସ୍ୱରଚିତ ଦେଶାତେବାଧକ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ପଟେଲ, ପୁରାତନ ଛାତ୍ର ସଂସଦର ସଚିବ ଶ୍ରୀ ସାହୁ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ପ୍ରତିଭା ପାତ୍ର, ଶୁଭେନ କୁମାର ବେହେରା, ବିଧୁଭୂଷଣ ଶବର, ଶ୍ରୀକାନ୍ତ ଠାକୁର, କେ. ସୁମନ ରାଓ, ରୀତାଞ୍ଜଳୀ ପଣ୍ଡା, ଦୀପକ କୁମାର ନାୟକ, ଶିବ ଶଙ୍କର ସାହୁ ଓ ଅନ୍ୟ ଅଧ୍ୟାପକ-ଅଧ୍ୟାପିକାମାନେ ମଧୁସୂଦନ ଦାସଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ତାଙ୍କର ମହାନ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସମସ୍ତ ବକ୍ତା ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମଧୁବାବୁଙ୍କ ଅନୁପମ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମଟି ଯୁବପିଢ଼ିମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତି, ଭାଷାପ୍ରେମ ଓ ସାମାଜିକ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିଥିଲା। ଜ୍ୟୋତି ପ୍ରକାଶ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାର ସମାପନ ଘୋଷଣା କରିଥିଲେ।

# ବିଦ୍ୟାଳୟ ନାହିଁ, ଶିକ୍ଷାରୁ ବଞ୍ଚିତ ୧୩ ଖଣ୍ଡ ଗାଁର ପିଲା

ବୈପାରୀଗୁଡା, ୨୮।୪(ସମିସ): ଅନ୍ଧାରରେ ଶୈଶବ। ଗାଁରେ ବିଦ୍ୟାଳୟ ନାହିଁ, ଶିକ୍ଷାରୁ ବଞ୍ଚିତ ୧୩ ଖଣ୍ଡ ଗାଁର ପିଲା। ନୂତନ ସ୍କୁଲ ଖୋଲିବା ପାଇଁ ବାରମ୍ବାର ଦାବବି ହୋଇଥିଲେ ବି କେହି ଶୁଣୁନାହାନ୍ତି। ଛୋଟ ପିଲାମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏଭଳି ଅଭିଯୋଗ ଆଣିଲେ ବୈପାରୀଗୁଡା

## ● ନୂତନ ସ୍କୁଲ ପାଇଁ ଜିଲ୍ଲାପାଳଙ୍କୁ ଦାବି



ବ୍ଲକ ମାଠପୋଡା ପଞ୍ଚାୟତର ୧୩ ଖଣ୍ଡ ଗ୍ରାମବାସୀ। ଗାଁରେ ନୂତନ ବିଦ୍ୟାଳୟ ଖଲିବା ପାଇଁ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ମାଠପୋଡା ପଞ୍ଚାୟତ ଅଧିନରେ ଥିବା ଗୋଇପଦର, ହାଣ୍ଡିଖାଲ, ଅଣ୍ଡରୀ, କୋଲନିଗୁଡା, ବଡ଼ ଅଣ୍ଡରୀ, ଖେମାବବଡିଆ ଗୁଡା, ବଡ଼ଅଟ୍ଟାଳ, ଡେଙ୍ଗା ପାକନାଗୁଡା, କେନ୍ଦୁମାଳ, ମୁଲୁଗୁଡା, ଖଟଲାପଦର, ଭେଜାଗୁଡା, ଓ ଦୁଧଯୋଡି ପରି ଗ୍ରାମର ୩ ଶହରୁ ଅଧିକ ପରିବାର ବସବାସ କରନ୍ତି। ଏହି ସମସ୍ତ ପରିବାରର ୧୫୦ରୁ ଅଧିକ ପୁଅଝିଅ ଅଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ କଣ ଦେଖି ନାହାନ୍ତି। ସେମାନେ ସମସ୍ତେ ଶିକ୍ଷାରୁ ବଞ୍ଚିତ ରହିଥିବା ବେଳେ ଘରେ ରହି କେତେବେଳେ ଏଣେତେଣେ ବୁଲୁଛନ୍ତି ତ ଆଉ କେତେବେଳେ ଗାଈ ଚରାଉଛନ୍ତି। ଏହି ସବୁ ଗାଁ ଠାରୁ ନିକଟତମ ବିଦ୍ୟାଳୟର ଦୂରତା ୬ କିଲୋମିଟରରୁ ଅଧିକ। ଏଣୁ ପିଲାମାନେ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ସମସ୍ୟା ସମାଧାନ ନ ହେଲେ ଅଗାମୀ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଧାରଣା ଦେବେ ୧୩ ଖଣ୍ଡ ଗାଁ ଲୋକେ ବୋଲି ଧମକ ଦେଇଛନ୍ତି।

# ମହାପ୍ରଭୁଙ୍କ ପତାକା ଲାଗି ନୀତି



ନବରଙ୍ଗପୁର,୨୮।୪ (ସମିସ): ବୈଶାଖ ଶୁକ୍ଳ ବଡ ଏକାଦଶୀ ନୀତି ପାଳନ ଅବସରରେ ନବରଙ୍ଗପୁର ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ପକ୍ଷରୁ ନବରଙ୍ଗପୁର ଶ୍ରୀଜୀଉଙ୍କ ବଡ ଏକାଦଶୀ ନୀତି, ଶ୍ରୀ ସତ୍ୟନାରାୟଣ ପୂଜା ହୋମ ନୀତି ସହିତ ମହାପ୍ରଭୁଙ୍କ ପତିତପାବନ ପତାକା ଲାଗି ନୀତି ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ବଡି ଭୋରରୁ ଶ୍ରୀଜୀଉଙ୍କ ଦ୍ୱାର ଫିଟା ନୀତି ସମ୍ପନ୍ନ ହେବାପରେ ସୂର୍ଯ୍ୟପୂଜା ଆଦି ନୀତି ସମ୍ପୂର୍ଣ୍ଣ ହେବାପରେ ଆରମ୍ଭ ହୋଇଥିଲା ଶ୍ରୀଜୀଉଙ୍କ ବଡ଼ ଏକାଦଶୀ ପୂଜା ହୋମ୍ ଓ ନିତିକାନ୍ତି। ଏହି ଅବସରରେ ଆଜି ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ଓ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ସତ୍ୟନାରାୟଣଙ୍କ ବ୍ରତ ଓ ପୂଜାହୋମ ନୀତି ସହିତ ଶ୍ରୀ ସତ୍ୟନାରାୟଣଙ୍କ ପୂଜା ଏବଂ ବ୍ରତ କଥା ଆଦି ନୀତି ସରିବା ପରେ ହୋମ ଯଜ୍ଞ ଆଦି ନୀତି ଆରମ୍ଭ ହୋଇଥିଲା।। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଆରତି ସମ୍ପୂର୍ଣ୍ଣ ହେବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମନ୍ଦିର ପରିସରରେ ଏକାଦଶୀ ବେଢ଼ା ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଏକାଦଶୀ ବେଢ଼ା ନୀତି ସମ୍ପୂର୍ଣ୍ଣ ହେବ ପରେ ଶ୍ରୀମନ୍ଦିର ଶିଖର ଦେଶରେ ପତିତପାବନ ପତାକା ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ଶ୍ରୀ ସତ୍ୟନାରାୟଣଙ୍କ ପୂର୍ଣ୍ଣାହୁତି ଏବଂ ଏହାପରେ ଆରତୀ ଏବଂ ପୁଷ୍ପାଞ୍ଜଳି ନୀତି ସମ୍ପନ୍ନ ହୋଇଥିଲା। "ଆଜିର ଏହି ବଡ ଏକାଦଶୀ ନୀତି ମନ୍ଦିର ପରିସରରେ ବହୁ ପରିମାଣରେ ଜଗନ୍ନାଥ ପ୍ରେମୀ ମହିଳା ପୁରୁଷ ଯୁବକ ଯୁବତୀ ଉପସ୍ଥିତ ରହି ପତାକା ଲାଗି ନୀତି ମହା ଆନନ୍ଦର ସହିତ ଦର୍ଶନ କରିଥିଲେ। ଆଜିର ଏହି ସମସ୍ତ ପୂଜା ନୀତି କାନ୍ତିରେ ରାଜ ପୁରୋହିତ ତଥା ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ସମେତ ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଭାବରେ ଜଗନ୍ନାଥ ବ୍ରହ୍ମା, ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର କୁମାର ଶତପଥୀ, ସୁଧୀର କୁମାର ଶତପଥୀ, ସୁମିତ କୁମାର ପାଳ, ପପୁ ତ୍ରିପାଠୀ, ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଉପ ସଭାପତି ଦୁର୍ଗା ତ୍ରିପାଠୀ, ନିଯୋଗ ସମ୍ପାଦକ କୁନା ପାତ୍ର, ନିଯୋଗ ସଦସ୍ୟ ତ୍ରୟାନଥ ତ୍ରିପାଠୀ, ସି ଏଚ ଚିଟିବାବୁ, ଦାମୋଦର ଚୌଧୁରୀ, ବଦ୍ରି ନାରାୟଣ ତ୍ରିପାଠୀ ଜଗନ୍ନାଥ ଦାସ, ନରସିଂହ ନାୟକ, ମୀନ ନାୟକ, ଚୈତନ୍ୟ ନାୟକଙ୍କ ସମେତ ବହୁ କୀର୍ତ୍ତନ ମଣ୍ଡଳୀ ସଦସ୍ୟ ଏବଂ ନିଯୋଗର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ଓ ବହୁ ପରିମାଣରେ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହି ମହାପ୍ରଭୁଙ୍କ ପତାକା ଲାଗି ନୀତି ଦର୍ଶନ କରିଥିଲେ।

# ମାଳିପୁଟରେ ୩୦ ଜଣଙ୍କ ଚକ୍ଷୁ ପରୀକ୍ଷା



ପଟ୍ଟାଙ୍ଗି,୨୮।୪(ସମିସ): କୋରାପୁଟ ଜିଲ୍ଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ପଟ୍ଟାଙ୍ଗି ବ୍ଲକ ମାଳିପୁଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଙ୍ଗଳବାର ଏକ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ହୋଇଥିବା ଏହି ଶିବିରରେ ମାଳିପୁଟ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶିବିରରେ ଯୋଗ ଦେଇଥିଲେ। ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି। ପଟ୍ଟାଙ୍ଗି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶାନ୍ତନୁ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏଠାରେ ୩୦ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୨ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ ସହିତ ଦୃଷ୍ଟିଦୋଷ ଥିବା ୪ଜଣ ବ୍ୟକ୍ତିଙ୍କ ଚଷମା ପରୀକ୍ଷା ହୋଇଥିଲା। ଅନ୍ୟ ୨ଜଣଙ୍କୁ ପଟ୍ଟାଙ୍ଗି ରେଫର କରାଯାଇଥିଲା। ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ ସହିତ ରକ୍ତ ଶର୍କରା ଓ ରକ୍ତଚାପ ପରୀକ୍ଷା ମଧ ହୋଇଥିଲା। ବିପିଏମ ମଧୁଲିକା ପାଢ଼ୀ ଓ ପିଏଚଇଓ ଆରତୀ ଗୁଡ଼ିଆଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ସିଏଚଓ ରାଜନନ୍ଦିନୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ପ୍ରତିମା ଗିରେମ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଆଶାକର୍ମୀ ରଶ୍ମିତା ମାଳି, ଗୁଣମତି ଖରା, ଲଳିତା ଖରା, ଲକ୍ଷ୍ମୀ ପ୍ରଧାନ, ସୀମାଦ୍ରି କନ୍ୟା, କୌଶଲ୍ୟା ଖିଲ, ମିତୁଲା ଡମାଲ, ଲଛମଣୀ ଗୁଣ୍ଟା, ପ୍ରମିଳା ଚେଟ୍ଟି ଓ କମଳି ଗୁଣ୍ଟା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆଇନଜୀବୀ ଦିବସ ପାଳିତ



ସେମିଳିଗୁଡା, ୨୮।୪ (ସମିସ): ସେମିଳିଗୁଡା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଦିନ ସଂଘ କାର୍ଯ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଏବଂ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ପକ୍ଷରୁ ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତ ପୁଷ୍ପମାଲ୍ୟ ଅର୍ପଣ ପରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ସନ୍ତୋଷ କୁମାର ଦାସ ସଭାପତିତ୍ୱ କରିଥିଲେ। ଏହି ଅବସରରେ 'ଆଧୁନିକ ଯୁଗରେ ମଧୁ ବାବୁ: ଦୃଷ୍ଟି, ବିକାଶ ଏବଂ ଯୁବ ପ୍ରେରଣା' ଉପରେ ବିଶେଷ ଭାଷଣ କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲା ଏବଂ ସେସନ୍ସ ଜଜ୍, କୋରାପୁଟ, ଜୟପୁର ବିଚାରପତି ପ୍ରଦୀପ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ସିଭିଲ ଜଜ ଜୁନିୟର ଡିଭିଜନ ଓ ସେମିଳିଗୁଡା ଜେଏମ୍ଏଫ୍‌ସି ବିଚାରପତି ଆକାଶ ମହାପାତ୍ର, ସେମିଳିଗୁଡ଼ା ନ୍ୟାଧିକାରୀ ଶ୍ରୁତକୀର୍ତି ଆଚାର୍ଯ୍ୟ, ରାଜ୍ୟ ବାର୍ ପରିଷଦ, ଓଡ଼ିଶା ସଦସ୍ୟ ପି. ରମେଶ କୁମାର ପାତ୍ର ଏବଂ ମୁଖ୍ୟ ବକ୍ତା ଭାବେ ସେମିଳିଗୁଡା ତହସିଲଦାର ଦେବବ୍ରତ କରାତି ଯୋଗ ଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ ଏବଂ ଦଳିତ ନିଷ୍ପେସିତ ଓଡିଆଙ୍କୁ ସେବା ଯୋଗାଇ ଦେବାରେ ମଧୁବାବୁଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ଜଣେ ଆଇନଜ୍ଞ ଭାବରେ ମଧୁବାବୁଙ୍କ ଦକ୍ଷତା ସମଗ୍ର ଆଇନଜୀବୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଓକିଲ ସଂଘର ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ଉପସଭାପତି ଜେ.ପ୍ରସାଦଙ୍କ ସମେତ ବରିଷ୍ଠ ଆଇନଜୀବୀ ପୀତାମ୍ବର ସାହୁ, କୃତିବାସ ରାଉତ,ସୂର୍ଯ୍ୟ ନାରାୟଣ ପଣ୍ଡା, ସରୋଜ ପଣ୍ଡା, ଯୁଧିଷ୍ଠିର ଉପାଧ୍ୟାୟ, ରମେଶ, ଦାମ, ରାଜେଶ, ସୁବମ, ଅଶ୍ୱିନୀ, ଦିଲୀପ ମହାପାତ୍ର, ଦିଲୀପ ମିଶ୍ର, ରଜନୀ ବେହେରା, ସୁରେନ୍ଦ୍ର ଖରା, ସୌଭଗିନି ପରିଜା, ସବିତା କୁଣ୍ଟିଆ, ଲକ୍ଷ୍ମୀ ନାୟକ, ସତ୍ୟ ପାଢ଼ୀ, ରଞ୍ଜନ ଜେନା, ସୀତାରାମ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

# ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦର ସମାବେଶ



ନବରଙ୍ଗପୁର,୨୮।୪(ସମିସ):

ନବରଙ୍ଗପୁର ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଶ୍ରୀଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ ନବରଙ୍ଗପୁର ଶାଖା ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ଶାଖା ସମ୍ପାଦକ ବାବୁ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହାସମାବେଶରେ ମୁଖ୍ୟ ଅତିଥି ଭାବରେ ବୃନ୍ଦାବନରୁ ଆସିଥିବା ଅଭିଷେକ ପାଠକ ମହାରାଜ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ଆଜି ସହର ସାରା ଯେଉଁ ପ୍ରକାର ଆଧ୍ୟାତ୍ମିକ ପରିବେଶ ରହିଥିଲା, ଲାଗୁଥିଲା ଯେପରି ଆଜି ସ୍ୱୟଂ ରାମ, କୃଷ୍ଣ ମହାପ୍ରଭୁ ନବରଙ୍ଗପୁର ଧରାପୃଷ୍ଠକୁ ଓହ୍ଲାଇ ଆସିଛନ୍ତି। କୀର୍ତ୍ତନ ମଣ୍ଡଳୀଙ୍କ ଏହି ଜନସମୁଦ୍ର ଦେଖି ଏକ ପ୍ରକାର ଭାବବିହ୍ୱଳ ହୋଇ ପଡ଼ିଥିଲେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ମାଝୀ। ଏହି ଅବସରରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ, ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ ଏ ନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ପଣ୍ଡିତ ଗୁପ୍ତେଶ୍ୱର ଷଡ଼ଙ୍ଗୀ, ସର୍ବେଶ୍ୱର ପାତ୍ର, ନବରଙ୍ଗପୁର ଜିଲ୍ଲା ଶାଖା ସଭାପତି ଅର୍ଜୁନ ଭତରା ପ୍ରମୁଖଙ୍କ ସମେତ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସିଥିବା ମହନ୍ତ ମହାରାଜ ବହୁ ପ୍ରବଚକ ଏବଂ ଜିଲ୍ଲାରୁ ଆସିଥିବା ବହୁ ସଂକୀର୍ତ୍ତନ ମଣ୍ଡଳୀର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶ କାର୍ଯ୍ୟକ୍ରମ ଶେଷରେ କୋଷାଧ୍ୟକ୍ଷ ରାମ ମୋହନ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ସମାବେଶ ପ୍ରାରମ୍ଭରେ ପ୍ରଥମେ ନବରଙ୍ଗପୁର ଚାମୂରିଆ ଗୁଡା ମନ୍ଦିର ଠାରୁ ଜିଲ୍ଲାର ୧୦ ଗୋଟି ବ୍ଲକ୍‌ରୁ ଆସିଥିବା ବହୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ନବରଙ୍ଗପୁର ଆର୍‌ସିଡି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ପହଞ୍ଚିବା ପରେ ସେଠାରେ ଏକ ଜିଲ୍ଲା ସ୍ତରୀୟ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୦ ଗୋଟି ବ୍ଲକ୍‌ରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀର ଶତାଧିକ କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।




# ଆଡଭୋକେଟ୍ ସୁରକ୍ଷା ଆଇନ ପାଇଁ ଗର୍ଜିଲେ ଆଇନଜୀବୀ

ଉମରକୋଟ,୨୮।୪(ସମିସ): ଉମରକୋଟ ବାର ଆସୋସିଏସନ୍‌ରେ ଆଇନଜୀବୀ ଦିବସ ପାଳନ ଅବସରରେ ଏକତା, ମର୍ଯ୍ୟାଦା ଓ ସୁରକ୍ଷା ନେଇ ଜୋରଦାର ସ୍ୱର ଉଠିଲା। ବରିଷ୍ଠ ଆଇନଜୀବୀ ଅର୍ଜୁନ ନାୟକ, ଝାଡେଶ୍ୱର ମହାନ୍ତି ଓ ଗବିନ୍ଦ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ବାର ସଚିବ କୃଷ୍ଣ ନନ୍ଦ ମଧୁସୂଦନ ଦାସଙ୍କ ଆଦର୍ଶକୁ ସ୍ମରଣ କରି ଯୁବ ଆଇନଜୀବୀଙ୍କୁ ସତ୍ୟନିଷ୍ଠା ଓ ସମାଜସେବାର ପଥରେ ଅଗ୍ରସର ହେବାକୁ ଆହ୍ୱାନ କରିଥିଲେ। ବରିଷ୍ଠ ଆଇନଜୀବୀ ସରୋଜ ଅଗସ୍ତି କହିଲେ, ଆଇନଜୀବୀମାନଙ୍କ ସମ୍ମାନ ରକ୍ଷା ହେଉଛି ନ୍ୟାୟ ବ୍ୟବସ୍ଥାର ମୂଳ ଆଧାର। କୌଣସି ଅନ୍ୟାୟ ଆଚରଣକୁ ଏକତାବଦ୍ଧ ଭାବେ ପ୍ରତିହତ କରିବା ଆବଶ୍ୟକ। ବଢୁଥିବା ହରାସମେଣ୍ଟ ଓ ସୁରକ୍ଷା ସମସ୍ୟା ପ୍ରତି ଗଭୀର ଚିନ୍ତାବ୍ୟକ୍ତ କରିବା ସହିତ ଆଡଭୋକେଟ ସୁରକ୍ଷା ଆଇନ ଶୀଘ୍ର ଲାଗୁ କରିବାକୁ ସରକାରଙ୍କୁ ଦୃଢ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ଅରୁଣ ପଟ୍ଟନାୟକ, ଉପସଭାପତି ଶଙ୍କର ଦେୟ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ଆଇନଜୀବୀ ଏକତାବଦ୍ଧ ରହି ପେଶାର ଗୌରବ ଓ ନୀତିମାନ ମୂଲ୍ୟବୋଧ ରକ୍ଷା ପାଇଁ ସଙ୍କଳ୍ପ ଗ୍ରହଣ କରିଛନ୍ତି।

# କୋରାପୁଟ ଜିଲ୍ଲାପାଳଙ୍କ ସେମିଳିଗୁଡା ଗସ୍ତ



ସେମିଳିଗୁଡା, ୨୮।୪ (ସମିସ):

କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମଙ୍ଗଳବାର ଦିନ ସୁନାବେଡା ପୌରାଞ୍ଚଳ ଗସ୍ତ କରି ସୁନାବେଡ଼ା ଓ ସେମିଳିଗୁଡା ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୱାର୍ଡ-୨ ର ଗୋଟିଏ ପାର୍କ, ୱାଇ ଜୋନ ପାର୍କରେ ମ୍ୟୁଜିକଲ୍ ୱାଟର ପାର୍କ ନିର୍ମାଣ, ଉନ୍ନତିକରଣ, କିଛି ଦୋକାନଗୁଡିକ ନିର୍ମାଣ କରିବା ପାଇଁ, ଭେଣ୍ଡିଙ୍ଗ ଜୋନ ନିକଟରେ ବିଶାଳ ଜାତୀୟ ପତାକା ଅବସ୍ଥାପନା, ସେମିଳିଗୁଡା ବସଷ୍ଟାଣ୍ଡରେ ଅନ୍ୟ ଏକ ରାସ୍ତାର ନିର୍ମାଣ, କୋଡ଼ିଙ୍ଗାରେ ଏକ ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ଉକ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଆଦେଶ ଦେଇଥିଲେ। ସୁନାବେଡାର ବିଭିନ୍ନ ୱାର୍ଡରେ ଚାଲୁଥିବା ଉନ୍ନୟନ କାମ ତଦାରଖ କରିଥିଲେ। ନିର୍ଦ୍ଧାରିତ ସମୟରେ କାମ ଶେଷ କରିବା ପାଇଁ ପୌର ପରିଷଦର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେମିଳିଗୁଡାର ଭେଣ୍ଡିଂ ଜୋନ, ନୂଆ ବସ୍‌ଷ୍ଟାଣ୍ଡ କୋଡ଼ିଗାଁ ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟି ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

# ପାଞ୍ଚ ବର୍ଷ ବିତିଲା, ସରୁନି ଏକଲବ୍ୟ ବିଦ୍ୟାଳୟ କାମ



➤ ଜୁଲାଇ ସୁଦ୍ଧା ଆରମ୍ଭ ନ ହେଲେ ଆନ୍ଦୋଳନ

➤ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ତଦନ୍ତ କଲେ ଜିଲ୍ଲାପାଳ

ବୈପାରୀଗୁଡ଼ା,୨୮।୪(ସମିସ): ଉପାନ୍ତ ଅଞ୍ଚଳର ଆଦିବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ ସରକାର। କହିଥିଲେ ଆବାସିକ ବିଦ୍ୟାଳୟ ସ୍ଥାପନ ହେବ। ଆଦିବାସୀ ଛାତ୍ରଛାତ୍ରୀ ଉନ୍ନତମାନର ଶିକ୍ଷା ଲାଭ କଲେ ଅଞ୍ଚଳର ବିକାଶ ହେବ, କିନ୍ତୁ ସ୍ୱପ୍ନ ସାକାର ହେବାରେ ବାଧକ ସାଜିଛି ବିଦ୍ୟାଳୟ କୋଠା ନିର୍ମାଣ କାମ। ପାଞ୍ଚ ବର୍ଷ ବିତିଲା, ତଥାପି ସରିଲା ନାହିଁ ନିର୍ମାଣ କାମ। କଚ୍ଛପ ଗତିରେ ନିର୍ମାଣ କାମକୁ ନେଇ ହନ୍ତସନ୍ତ ହେଉଛନ୍ତି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ୍‌ବାସୀ। ଏହି ସମସ୍ୟା ନେଇ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟିଛନ୍ତି ଏବଂ ସମସ୍ୟା ସମାଧାନ ନ ହେଲେ ଅଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ବୈପାରୀଗୁଡା ବ୍ଲକ କୋଲାର ପଞ୍ଚାୟତର ଟାଙ୍ଗିଣୀଗୁଡା ଠାରେ ଗତ ୨୦୨୧ ମସିହାରେ କେନ୍ଦ୍ର ସରକାର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ତତ୍କାଳୀନ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶିଳାନ୍ୟାସ ଫଳକ ସ୍ଥାପନ କରିଥିଲେ। ସ୍କୁଲ ପାଇଁ ୧୫ ଏକରରୁ ଅଧିକ ଜମି ଅଧିଗ୍ରହଣ ମଧ ହୋଇଥିଲା। ଏଥିପାଇଁ ୨୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବିଦ୍ୟାଳୟ ନିର୍ମାଣ କାମ ଆରମ୍ଭ ହେଲା। କିନ୍ତୁ ପାଞ୍ଚ ବର୍ଷ ବିତିଲା, ତିଥାପି ଆଦର୍ଶ ଆବାସିକ ବିଦ୍ୟାଳୟର ନିର୍ମାଣ କାମ ସରୁନି। ସେପଟେ ମଙ୍ଗଳ ବିଭାଗର ଅଜବ ନୀତି। ଯାହାକି ବୈପାରୀଗୁଡ଼ା ଏକଲବ୍ୟ ବିଦ୍ୟାଳରେ ପିଲାଙ୍କ ନାଁ ଲେଖାଯାଉଛି। କିନ୍ତୁ ପିଲାମାନେ ପାଠ ପଢୁଛନ୍ତି ସତୁରି କିଲୋମିଟର ଦୂରରେ ଥିବା କୋଟପାଡ଼ ଏକଲବ୍ୟ ବିଦ୍ୟାଳୟରେ। ବ୍ଲକର ୧୨୦ ଆଦିବାସୀ ପିଲା କୋଟପାଡ଼ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ପଢୁଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଭିଭାବକ। ଏଥିଲାଗି ଗତକାଲି ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଲ୍ଲାପାଳ ଟାଙ୍ଗିଣୀଗୁଡା ଏକଲବ୍ୟ ବିଦ୍ୟାଳୟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯଥାସମ୍ଭବ ଅତି ଶୀଘ୍ର ଆରମ୍ଭ ହେବ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତୁ ଦେଇଛନ୍ତି। ସେପଟେ ଅଭିଭାବକ ମାନେ ଜୁଲାଇ ଚାରି ତାରିଖ ସୁଦ୍ଧା ବିଦ୍ୟାଳୟ ଆରମ୍ଭ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

THE SAKALA

# ସମ୍ପାଦକୀୟ



ବିଜ୍ଞାନ ହିଁ ମାନବ ସଭ୍ୟତାକୁ କ୍ଷୁଧା ଓ ବ୍ୟାଧିରୁ ମୁକ୍ତି ଦେବ। ଫଳରେ ବିଶ୍ୱରୁ ଅଶାନ୍ତି ଆପେ ଆପେ ଦୂର ହୋଇଯିବ।
-ଷ୍ଟିଫେନ୍ ହକିଂ

## ଏ ସନ କୃଷିସଙ୍କଟ ସ୍ପଷ୍ଟ

ଚଳିତ ବର୍ଷ 'ଏଲ୍ ନିନୋ'ର ବର୍ଷ ହେଉଥିବାରୁ ମୌସୁମୀ ଅସ୍ୱାଭାବିକ ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଯଦି ଏହି ପୂର୍ବାନୁମାନ ସତ ହୁଏ ତେବେ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ ଆମ ଦେଶର ଅଧିକାଂଶ କୃଷିକ୍ଷେତ୍ର ଚଳିତ ବର୍ଷ ପ୍ରଭାବିତ ହେବା ନିଶ୍ଚିତ। କିନ୍ତୁ ଏତିକିରେ ଯଦି କୃଷି ପାଇଁ ଆସନ୍ନ ସଙ୍କଟ ସୀମିତ ଥା'ନ୍ତା ତେବେ ସେତେ ଅଧିକ ଚିନ୍ତାଜନକ ହୁଅନ୍ତା ନାହିଁ। କାରଣ ଭାରତର କୃଷି ଓ କୃଷକ ଅସ୍ୱାଭାବିକ ମୌସୁମୀ, ବନ୍ୟା ଓ ମରୁଡ଼ି ସହିତ ପିଢ଼ି ପରେ ପିଢ଼ି ମୁକାବିଲା କରି ଆସୁଛନ୍ତି। କିନ୍ତୁ ଏଥର ଏହି ପାରମ୍ପରିକ ସଙ୍କଟ ସହିତ ଯୋଡ଼ି ହୋଇଯାଇଥିବା ଇନ୍ଧନ ଓ ସାର ସଙ୍କଟ କୃଷକ ଓ ନୀତି ନିର୍ଦ୍ଧାରକଙ୍କ ପାଇଁ ଅଧିକ ଜଟିଳ ଆହ୍ୱାନ ସୃଷ୍ଟି କରିଛି।

ଭାରତ ଭଳି କୃଷିପ୍ରଧାନ ଦେଶ ଏ ପର୍ଯ୍ୟନ୍ତ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିନାହିଁ। ଅପରପକ୍ଷରେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ ଉପରେ ନିର୍ଭରଶୀଳ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତର ଡିଏପି ଓ ୟୁରିଆ ଆମଦାନୀ ପ୍ରାୟ ୨୫% ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଚୀନ୍ ମଧ୍ୟ ଭାରତକୁ ସାର ରପ୍ତାନୀ କାଣ୍ଟଛାଣ୍ଟ କରିଛି। ଏହିସବୁ କାରଣ ସହିତ ଭାରତର ଅସ୍ଥିମଜ୍ଜାଗତ ପରମ୍ପରା କଳାବଜାରୀ ମିଶିଗଲେ ଆଗକୁ ସାର ସଙ୍କଟ ନିୟନ୍ତ୍ରଣ ବାହାରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖିଛନ୍ତି ତାହା କେବଳ ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ ସାର ସଙ୍କଟର ପ୍ରତ୍ୟକ୍ଷ ପ୍ରଭାବ ଦେଶର ଖାଦ୍ୟ ଉତ୍ପାଦନ ଓ ମୁଦ୍ରାସ୍ଫୀତି ଉପରେ ପଡ଼ିବା ଅନିବାର୍ଯ୍ୟ।

ଅସ୍ୱାଭାବିକ ଜଳବାୟୁ ଓ ଅନିଶ୍ଚିତ ସାର ଯୋଗାଣ ଜନିତ ସମସ୍ୟାକୁ ବାଦ୍ ଦେଲେ ଭାରତୀୟ କୃଷି ଆଗରେ ଇନ୍ଧନ ସଙ୍କଟ ଚଳିତ ରବି ଋତୁରେ ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିବାକୁ ଯାଉଛି। କାଁ ଭାଁ କେଉଁଠି କେମିତି ହାତଗଣତି ଅଞ୍ଚଳକୁ ଛାଡ଼ିଦେଲେ ପାରମ୍ପରିକ ବଳଦ ଓ ମାନବ ଶକ୍ତି ଚାଳିତ ହଳଲଙ୍ଗଳ ଚାଷ ଭାରତରେ ଆଉ ଦେଖିବାକୁ ମିଳୁନାହିଁ। ବଳଦ ଓ ହଳଲଙ୍ଗଳର ସ୍ଥାନ ନେଇଛି କଳଲଙ୍ଗଳ ଓ ଟ୍ରାକ୍ଟର। ଭାରତ ସ୍ୱାଧୀନତା ପାଇବା ସମୟରେ ସମଗ୍ର ଦେଶରେ ମାତ୍ର ୫ ହଜାର ଟ୍ରାକ୍ଟର ଥିବା ବେଳେ ସମ୍ପ୍ରତି ବାର୍ଷିକ ୧୦.୯୨ ପ୍ରତିଶତ ବା ୯.୭୯ ଲକ୍ଷ ହାରରେ ବୃଦ୍ଧି ପାଇ ଆନୁମାନିକ ୯୦ ଲକ୍ଷରେ ପହଞ୍ଚିଛି।। ଟ୍ରାକ୍ଟର ବ୍ୟବହାରରେ ଭାରତ ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ସେହିପରି ସ୍ୱାଧୀନତା ସମୟରେ ଭାରତରେ ସାମଗ୍ରିକ ଭାବେ ବ୍ୟବହୃତ ରସାୟନିକ ସାର ପରିମାଣ ୬୯, ୮୦୦ ଟନ୍ ଥିବା ବେଳେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ବାର୍ଷିକ ୩ କୋଟି ୨୯ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି।

ଏହାଛଡ଼ା ବିଭିନ୍ନ ଯାନ୍ତ୍ରିକ କୃଷି ଉପକରଣ, ଜଳସେଚନ ପାଇଁ ମୋଟର, କୃଷିଜାତ ଦ୍ରବ୍ୟର ପରିବହନ ପାଇଁ ଆଧୁନିକ ଯନ୍ତ୍ରାଂଶ, ମୋଟରଗାଡ଼ି ଉପରେ ନିର୍ଭରଶୀଳତା ବଢ଼ିବା ସହିତ ଜୀବାଶ୍ମ ଇନ୍ଧନର ବ୍ୟବହାର ଓ ଚାହିଦା ବଢ଼ିଛି। 'ଆଇସିଏଆର'ର ଏକ ଆକଳନ ଅନୁଯାୟୀ ଗତ କୃଷି ବର୍ଷରେ କୃଷି କ୍ଷେତ୍ରରେ ବ୍ୟବହୃତ ମୋଟ ଶକ୍ତି ଚାହିଦାର ୧୨.୮ ନିୟୁତ(୨.୩ ପ୍ରତିଶତ) କିଲୋୱାଟ୍ ମଣିଷ ଓ ପଶୁଚାଳିତ ଉପକରଣ ଉତ୍ସରୁ ପୂରଣ ହୋଇଥିବା ବେଳେ ୫୫୦.୮ ନିୟୁତ କିଲୋୱାଟ୍ ଯାନ୍ତ୍ରିକ ଓ ବିଦ୍ୟୁତ ଚାଳିତ ଉପକରଣ ଦ୍ୱାରା ଭରଣା ହୋଇଥିଲା। ଗୋଟିଏ ୫୦ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଘଣ୍ଟାପ୍ରତି ହାରାହାରି ୬/୭ ଲିଟର ଡିଜେଲ୍ ଆବଶ୍ୟକ କରେ। ଏହି ଆଧାରରେ ୯୦ ଲକ୍ଷ ଟ୍ରାକ୍ଟର ପାଇଁ କେତେ ଜୀବାଶ୍ମ ଇନ୍ଧନ ଆବଶ୍ୟକ ଅନୁମେୟ। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇନ୍ଧନ ପରିବହନର ଜୀବନରେଖା ଭାବେ ପରିଚିତ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଅବରୋଧ ହୋଇଥିବାରୁ ସାରା ବିଶ୍ୱରେ ଶକ୍ତିସଙ୍କଟ ସୃଷ୍ଟି ହୋଇଛି ଏବଂ ମୋଟ ଚାହିଦାର ୮୦% ଆମଦାନୀ ଉପରେ ନିର୍ଭରଶୀଳ ଭାରତ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଆନ୍ତର୍ଜାତିକ ବଜାରରେ ବ୍ୟାରେଲ୍ ପିଛା ୧ ଡଲାର ବୃଦ୍ଧି ହେଲେ ଭାରତ ଉପରେ ପ୍ରାୟ ୨୦୦ କୋଟି ଟଙ୍କାର ଆର୍ଥିକ ବୋଝ ସୃଷ୍ଟି ହେଉଛି। ସାର ଉତ୍ପାଦନ ପାଇଁ ଏଲ୍‌ପିଜି ଓ ଅନ୍ୟ ଜୀବାଶ୍ମ ଇନ୍ଧନର ୫୦% ଆମଦାନୀ ଉପରେ ନିର୍ଭରଶୀଳ। ତେଣୁ ଉତ୍ପାଦନ ହେଉ ଅବା ଆମଦାନୀ ଆଗାମୀ ଦିନରେ ସାର ଯୋଗାଣ ସଙ୍କଟ ସହିତ ବଜାର ମୂଲ୍ୟ ଉତ୍କଟ ହେବା ନିଶ୍ଚିତ।

ବର୍ତ୍ତମାନ ଆଉ ପଶୁଚାଳିତ କୃଷିକୁ ଫେରିବାର ବିକଳ୍ପ କିମ୍ବା ସୁଯୋଗ ନାହିଁ। ଇତିମଧ୍ୟରେ ଜନସଂଖ୍ୟା ଓ କୃଷି ଉତ୍ପାଦନ ପରିମାଣ ବୃଦ୍ଧି ପାଉଥିବା ବେଳେ ବଳଦ ଓ ପୋଢ଼ୁଅଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି। ୧୯୭୨ରେ କୃଷି କ୍ଷେତ୍ରରେ ନିୟୋଜିତ ପଶୁ ସମ୍ବଳ ବା ସଂଖ୍ୟା ୮୦.୮ ନିୟୁତରୁ ୨୦୧୯ ସୁଦ୍ଧା ୩୪.୮ ନିୟୁତକୁ ହ୍ରାସ ପାଇଛି। ତେଣୁ ଆଗାମୀ ଦିନରେ କୃଷି ସହିତ ପ୍ରତ୍ୟକ୍ଷ(ଯାନ୍ତ୍ରିକ କୃଷି) ଏବଂ ପରୋକ୍ଷ(ସାର) ଭାବେ ଜଡ଼ିତ ଇନ୍ଧନ ମହଙ୍ଗା ହେବା ସହିତ କୃଷି ଉତ୍ପାଦନ ଖର୍ଚ୍ଚ ନିୟନ୍ତ୍ରଣହୀନ ହୋଇଯିବ। ଏହା ମୁଦ୍ରାସ୍ଫୀତି ବୃଦ୍ଧି କରି ନିବେଶ ଓ ଅଭିବୃଦ୍ଧିକୁ ନିମ୍ନମୁଖୀ କରିବ। କୃଷି ସଙ୍କଟକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ମଧ୍ୟ ଆଉ ଅଧିକ ରିହାତି ଦେବା ସ୍ଥିତିରେ ନାହାନ୍ତି। ଭୋଟ ରାଜନୀତିରେ ଫ୍ରିବିଜ୍ ବା ମାଗଣା ଯୋଜନାକୁ ଚାଲୁ ରଖିବା ପାଇଁ ଋଣ ଉପରେ ନିର୍ଭରଶୀଳ ରାଜ୍ୟ ସରକାରମାନଙ୍କର ମୋଟ ଋଣ ପରିମାଣ ୨୮ ଲକ୍ଷ କୋଟି ଟଙ୍କା ଟପିଲାଣି। ତେଣୁ ସେମାନେ କେତେଦୂର ଇନ୍ଧନ ସଙ୍କଟ ଜନିତ ବର୍ଦ୍ଧିତ କୃଷି ଖର୍ଚ୍ଚକୁ ଭରଣା କରିପାରିବେ ତାହା ସନ୍ଦେହରେ। ସର୍ବଶେଷରେ କୃଷି ସଙ୍କଟରେ ସର୍ବାଧିକ ପୀଡ଼ିତ ହେବେ ଦେଶର ବିଶାଳ ଖାଉଟି ବର୍ଗ।

# ଅସ୍ତିତ୍ୱର ଆକାଶ ଓ ଅଧିକାରର ପୃଥିବୀ

**ବିଶ୍ୱନାଥ ପାଢ଼ୀ**

ସୃଷ୍ଟିର କାନଭାସରେ ଥିବା ଅସଂଖ୍ୟ ବର୍ଣ୍ଣର ସମାହାରରେ ଏହି ଜଗତ ସୁନ୍ଦର। ସେହିପରି ପ୍ରକୃତିର କିଛି ସନ୍ତାନ କେବଳ ପୁରୁଷ ବା ନାରୀର ସୀମିତ ପରିଭାଷା ମଧ୍ୟରେ ଆବଦ୍ଧ ନୁହନ୍ତି; ସେମାନେ ଇନ୍ଦ୍ରଧନୁର ସେହି ଅଦୃଶ୍ୟ ରଙ୍ଗ, ଯାହାକୁ ସମାଜ ବହୁ ବର୍ଷ ଧରି ଗ୍ରହଣ କରିବାକୁ କୁଣ୍ଠାବୋଧ କରିଆସିଛି। ତେବେ ସମୟ ବଦଳିଛି। ସେମାନଙ୍କ ଅସ୍ତିତ୍ୱର ଅନ୍ଧକାରକୁ ଚିରି ଏବେ ଆଇନର ଆଲୋକ ପ୍ରବେଶ କରିଛି।

ତୃତୀୟ ଲିଙ୍ଗୀ ସଂପ୍ରଦାୟ ପାଇଁ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ହେଉଛି ସଂସଦର ଉଭୟ ସଦନରେ ପାରିତ ହୋଇଥିବା 'ତୃତୀୟଲିଙ୍ଗୀ ବ୍ୟକ୍ତି (ଅଧିକାର ସୁରକ୍ଷା) ସଂଶୋଧନ ବିଲ୍- ୨୦୨୬'। ଏହି ବିଲ୍ ୨୦୧୯ ଅଧିନିୟମରେ କେତେକ ପରିବର୍ତ୍ତନ ଆଣିଛି, ଯାହାକୁ ନେଇ ସାରା ଦେଶରେ ବିବାଦ ଦେଖାଦେଇଛି। ତୃତୀୟ ଲିଙ୍ଗୀ ସଂପ୍ରଦାୟମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଏହି ବିଲ୍‌ର ସବୁଠାରୁ ବିବାଦୀୟ ଦିଗ ହେଉଛି ଚିକିତ୍ସା ଆଧାରିତ ପରିଚୟ ନିଶ୍ଚିତକରଣ(ମେଡିକାଲାଇଜେସନ୍ ଅଫ୍ ଆଇଡେଣ୍ଟିଟି)। ୨୦୧୯ ଅଧିନିୟମ ଅନୁସାରେ ଜଣେ ବ୍ୟକ୍ତି ନିଜକୁ କେଉଁ ଲିଙ୍ଗର ବୋଲି ମନେ କରୁଛନ୍ତି, ତାହା ସେ ସ୍ୱ-ଘୋଷଣା କରିବାର ଅଧିକାର ଥିଲା। କିନ୍ତୁ ୨୦୨୬ ସଂଶୋଧିତ ଅଧିନିୟମରେ ଏହାକୁ ହଟାଇ ଦିଆଯାଇଛି। ବର୍ତ୍ତମାନ କୌଣସି ବ୍ୟକ୍ତିଙ୍କୁ ତୃତୀୟ ଲିଙ୍ଗୀ ବା କିନ୍ନର ଭାବେ ପରିଚୟପତ୍ର ପାଇବାକୁ ହେଲେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଆବେଦନ କରିବାକୁ ହେବ ଏବଂ ଏକ ଡାକ୍ତରୀ ବୋର୍ଡର ଯାଞ୍ଚ ପରେ ହିଁ ଜିଲ୍ଲା ମାଜିଷ୍ଟ୍ରେଟ୍ ପରିଚୟପତ୍ର ପ୍ରଦାନ କରିବେ। ଏହି ସଂଶୋଧିତ ଅଧିନିୟମରେ କିନ୍ନରମାନଙ୍କୁ କେବଳ 'ଜୈବିକ କାରଣ' ଆଧାରରେ ଚିହ୍ନଟ କରାଯିବ। ଏହାକୁ ନେଇ କିନ୍ନର ସଂପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହା ବ୍ୟକ୍ତିଗତ ଗୋପନୀୟତା ଓ ସମ୍ମାନର ଉଲ୍ଲଂଘନ ବୋଲି ଅଭିଯୋଗ ହେଉଛି।

ସବୁଠାରୁ ଉଦବେଗଜନକ ବିଷୟ ହେଉଛି, ୨୦୧୯ ଅଧିନିୟମର ବ୍ୟାପକ ସ୍ୱ-ପରିଚୟ ଭିତ୍ତିକ ସଂଜ୍ଞାକୁ ହଟାଇ ୨୦୨୬ ସଂଶୋଧିତ ଅଧିନିୟମ ଏକ ସଂକୀର୍ଣ୍ଣ ତଥା ତାଲିକାଭୁକ୍ତ ବର୍ଗୀକରଣକୁ ଆପଣାଇଛି। ଏଥିରେ କିନ୍ନର, ହିଞ୍ଜଡ଼ା, ଆରାଭାନି, ଇଣ୍ଟରସେକ୍ସ ଭଳି ସାମାଜିକ-ସାଂସ୍କୃତିକ ପରିଚୟକୁ ଗୁରୁତ୍ୱ ଦିଆଯାଇଥିଲେ ହେଁ ପୂର୍ବରୁ ଥିବା ଟ୍ରାନ୍ସ-ମ୍ୟାନ୍, ଟ୍ରାନ୍ସ-ଓମ୍ୟାନ୍ ଓ ଜେଣ୍ଡରକ୍ୱିଅର୍ ବର୍ଗକୁ ବାଦ୍ ଦିଆଯାଇଛି, ଯାହା ସମୁଦାୟର ଏକ ବଡ଼ ଅଂଶକୁ ଆଇନଗତ ସୁରକ୍ଷାରୁ ବଞ୍ଚିତ କରିବାର ଆଶଙ୍କା ସୃଷ୍ଟି କରିଛି। ତେବେ ଏହି ବିଲ୍‌ରେ କିଛି କଠୋର ଦଣ୍ଡବିଧାନ ମଧ୍ୟ ରହିଛି। ଶିଶୁ ବା ବୟସ୍କଙ୍କୁ ଜବରଦସ୍ତି ଭିକ୍ଷାବୃତ୍ତି, ଦାସତ୍ୱ ବା ଟ୍ରାନ୍ସଜେଣ୍ଡର ପରିଚୟ ଗ୍ରହଣ କରିବାକୁ ବାଧ୍ୟ କଲେ ଆଜୀବନ କାରାଦଣ୍ଡ ଓ ଲକ୍ଷାଧିକ ଟଙ୍କାର ଜୋରିମାନାର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ମତରେ ଏହା ଜାଲିଆତି ରୋକିବା ଓ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ।

ସୂଚନାଯୋଗ୍ୟ ଯେ, ଭାରତରେ ଟ୍ରାନ୍ସଜେଣ୍ଡର ଅଧିକାରର ମୂଳଦୁଆ ପଡ଼ିଥିଲା ୨୦୧୪ ମସିହାର 'ନ୍ୟାସନାଲ ଲିଗାଲ ସର୍ଭିସେସ ଅଥରିଟି(ଏନ୍‌ଏଲ୍‌ଏସ୍‌ଏ) ବନାମ ଭାରତ ସରକାର' ମାମଲାରେ। ସର୍ବୋଚ୍ଚ ନ୍ୟାୟାଳୟ ପ୍ରଥମ କରି ସେମାନଙ୍କୁ 'ତୃତୀୟ ଲିଙ୍ଗ' ଭାବେ ସ୍ୱୀକୃତି ଦେଲେ। ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ କେ.ଏସ୍. ରାଧାକୃଷ୍ଣନ ଏବଂ ଜଷ୍ଟିସ୍ ଏ.କେ. ସିକ୍ରିଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ ଟ୍ରାନ୍ସଜେଣ୍ଡର ବ୍ୟକ୍ତିମାନେ ପୁରୁଷ ବା ନାରୀ ନୁହନ୍ତି, ବରଂ ସେମାନେ 'ତୃତୀୟ ଲିଙ୍ଗ' ଭାବେ ପରିଚିତ ହେବେ। ଜଣେ ବ୍ୟକ୍ତି ନିଜକୁ କେଉଁ ଲିଙ୍ଗର ବୋଲି ମନେ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ରୂପେ ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଏଥିପାଇଁ କୌଣସି ଡାକ୍ତରୀ ପରୀକ୍ଷା ବା ଅସ୍ତ୍ରୋପଚାର ବା ଶଲ୍ୟଚିକିତ୍ସାର ଆବଶ୍ୟକତା ନାହିଁ। ସମ୍ବିଧାନର ଧାରା ୧୪ (ସମାନତା), ଧାରା ୧୫ (ଭେଦଭାବ ନିଷେଧ), ଧାରା ୧୯ (ଅଭିବ୍ୟକ୍ତିର ସ୍ୱାଧୀନତା) ଏବଂ ଧାରା ୨୧ (ଜୀବନ ଧାରଣର ଅଧିକାର) କେବଳ ପୁରୁଷ ବା ମହିଳାଙ୍କ ପାଇଁ ନୁହେଁ, ବରଂ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ମଧ୍ୟ ସମାନ ଭାବେ ଲାଗୁ ହେବ।

ଏହି ଆଇନଗତ ଗତିଶୀଳତା ୨୦୧୯ ରେ ନବତେଜ ସିଂ ଜୋହର ବନାମ ଭାରତ ସରକାର ମାମଲାରେ ଧାରା ୩୭୭କୁ ରଦ୍ଦ କରି ଆହୁରି ସଶକ୍ତ ହୋଇଥିଲା। ଯଦିଓ ଏହା ସମକାମୀତାକୁ ଅପରାଧମୁକ୍ତ କରିବା ପାଇଁ ଜଣାଶୁଣା, କିନ୍ତୁ ଏହାର ପ୍ରକୃତ ସଫଳତା ଥିଲା ସାମାଜିକ କୁସଂସ୍କାର ଅପେକ୍ଷା 'ସାମ୍ବିଧାନିକ ନୈତିକତା'କୁ ପ୍ରାଧାନ୍ୟ ଦେବା। ଏହି ମାମଲା ପ୍ରମାଣିତ କଲା ଯେ ପ୍ରତ୍ୟେକ ବ୍ୟକ୍ତିର ପରିଚୟ ଏବଂ ସ୍ୱାଧୀନତାକୁ ସୁରକ୍ଷା ଦେବା ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ। ଏହି ରାୟଗୁଡ଼ିକ କିନ୍ନର ସମୁଦାୟକୁ ଭୋଟର କାର୍ଡ, ପାସପୋର୍ଟ ଓ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା।

ଏହି ବିଲ୍ ପାରିତ ହେବାର ଅନେକ ବର୍ଷ ପରେ ୨୦୨୫ ମସିହାରେ 'ଜେନ୍ କୌଶିକ ବନାମ ଭାରତ ସରକାର' ମାମଲାରେ ଲିଙ୍ଗଗତ ସମାନତା ଓ ସାମ୍ବିଧାନିକ ଅଧିକାରରେ ଏକ ନୂତନ ଅଧ୍ୟାୟ ସଂଯୁକ୍ତ ହେଲା। ଉଲ୍ଲେଖଯୋଗ୍ୟ ଯେ, ଜେନ୍ କୌଶିକ ଥିଲେ ଜଣେ ଅତ୍ୟନ୍ତ ଯୋଗ୍ୟ ଶିକ୍ଷୟିତ୍ରୀ। ମାତ୍ର ତାଙ୍କର ସଂଘର୍ଷ ସେତେବେଳେ ଆରମ୍ଭ ହୋଇଥିଲା, ଯେତେବେଳେ ସେ ନିଜର ପ୍ରକୃତ ପରିଚୟ (ଟ୍ରାନ୍ସଜେଣ୍ଡର) ସର୍ବସାଧାରଣରେ ପ୍ରକାଶ କରିଥିଲେ। ଏହି କାରଣରୁ ତାଙ୍କୁ ପୂର୍ବରୁ କାର୍ଯ୍ୟ କରୁଥିବା ଏକ ବିଦ୍ୟାଳୟରୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା ଏବଂ ଅନ୍ୟ ଏକ ଶିକ୍ଷାନୁଷ୍ଠାନ ତାଙ୍କୁ ଯୋଗ୍ୟତାଭିତ୍ତିରେ ଚୟନ କରି ମଧ୍ୟ ପରିଚୟ ଜାଣିବା ପରେ ନିଯୁକ୍ତିପତ୍ରକୁ ପ୍ରତ୍ୟାହାର କରି ନେଇଥିଲା। ଏହି ବୈଷମ୍ୟ ବିରୁଦ୍ଧରେ ଜେନ୍ କୌଶିକ ନ୍ୟାୟପାଳିକାର ଦ୍ୱାରସ୍ଥ ହୋଇଥିଲେ, ଯାହା ଶେଷରେ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଥିଲେ ଯେ, କୌଣସି ବ୍ୟକ୍ତିଙ୍କ ଲିଙ୍ଗଗତ ପରିଚୟ ତାଙ୍କର ବୃତ୍ତିଗତ ଦକ୍ଷତା ଉପରେ ପ୍ରଭାବ ପକାଏ ନାହିଁ।

ଯଦିଓ ଭାରତ ଆଇନଗତ ଭାବେ ଅନେକ ଦେଶଠାରୁ ଆଗରେ, କିନ୍ତୁ 'କାର୍ଯ୍ୟକାରିତା' କ୍ଷେତ୍ରରେ ଏବେ ବି ବହୁତ ପଛରେ ଅଛି। ଆମେରିକାରେ ରାଜ୍ୟ ଅନୁସାରେ ଅଧିକାର ବଦଳୁଥିବା ବେଳେ ଭାରତରେ ମୁଖ୍ୟ ବାଧା ହେଉଛି ଗଭୀର ସାମାଜିକ କୁସଂସ୍କାର। ଆର୍ଜେଣ୍ଟିନା ଓ ଡେନମାର୍କ ପରି କିଛି ଦେଶରେ 'ସ୍ୱ-ପରିଚୟ' ମଡେଲ୍ ରହିଛି। କୌଣସି ଅସ୍ତ୍ରୋପଚାର କିମ୍ବା ଡାକ୍ତରୀ ପରୀକ୍ଷା ବିନା ଜଣେ ନିଜର ଲିଙ୍ଗଗତ ପରିଚୟ ବଦଳାଇପାରିବେ। ଥାଇଲାଣ୍ଡରେ ସାମାଜିକ ଗ୍ରହଣୀୟତା ଅଧିକ ଥିଲେ ମଧ୍ୟ ସମ୍ପୂର୍ଣ୍ଣ ଆଇନଗତ ଅଧିକାର ପାଇଁ ଏବେ ବି ସଂଘର୍ଷ ଚାଲିଛି। ଅପରପକ୍ଷରେ ଅନେକ ଦେଶରେ ଏବେ ବି ଏହା ଏକ ଅପରାଧ।

ଭାରତର ସର୍ବୋଚ୍ଚ ନ୍ୟାୟାଳୟ 'ସ୍ୱ-ପରିଚୟ'କୁ ପ୍ରାଧାନ୍ୟ ଦେଇଥିବା ବେଳେ ସରକାର 'ଡାକ୍ତରୀ ଯାଞ୍ଚ' କୁ ବାଧ୍ୟତାମୂଳକ କରିଛନ୍ତି। ଅନେକ ସାମାଜିକ କର୍ମୀ ଏହାକୁ କିନ୍ନରମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସମ୍ମାନର ଉଲ୍ଲଂଘନ ବୋଲି କହୁଛନ୍ତି। ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଓ ଗଜଲ ଧାଲିୱାଲଙ୍କ ଭଳି ବିଶିଷ୍ଟ କର୍ମକର୍ତ୍ତାମାନେ ଏହି ନୂତନ ସଂଶୋଧନକୁ ବିରୋଧ କରିଛନ୍ତି। ସେମାନଙ୍କ ମତରେ, 'ଶରୀରର ପରୀକ୍ଷା କରି ମନର ପରିଚୟ ଖୋଜିବା ଅମାନବୀୟ।' ସେମାନଙ୍କର ମୁଖ୍ୟ ଦାବି ହେଉଛି ଡାକ୍ତରୀ ବୋର୍ଡ ଯାଞ୍ଚ ବନ୍ଦ କରି 'ସ୍ୱ-ପରିଚୟ' ଲାଗୁ ହେଉ। ଶେଷରେ ଏତିକି କୁହାଯାଇପାରେ ଯେ ସମାନତା ଆଡ଼କୁ ଯାତ୍ରା ଏକ ସରଳ ପଥ ନୁହେଁ। ଆଇନ ହୁଏତ ଏକ ମୂଳଦୁଆ ପକାଇପାରେ; କିନ୍ତୁ କେବଳ ସମ୍ବେଦନଶୀଳତା ଏବଂ ସମ୍ମାନ ହିଁ ଏକ ଅନ୍ତର୍ଭୁକ୍ତୀକରଣ ସମାଜ ଗଢ଼ିପାରିବ।

ପୁରୀ, ମୋ: ୯୨୩୮୮୩୧୬୫୮

# ଚାଷୀ ହୃଦୟର କୋହ

**ଅରିଜିତ ମିଶ୍ର**

କଥାରେ ଅଛି 'ଚାଷ କାମ ଯାହାର କି ଆନନ୍ଦ ତାହାର'। ଯିଏ ଚାଷ କରେ ବା ସର୍ବଦା କୃଷି କର୍ମ ଉପରେ ନିର୍ଭର କରେ ସିଏ ସବୁବେଳେ ଆନନ୍ଦ ବା ସୁଖରେ ଜୀବନ ଅତିବାହିତ କରେ। ଭାରତ ଏକ କୃଷିସମୃଦ୍ଧ ଦେଶ। ତନ୍ମଧ୍ୟରୁ ଆମ ଓଡ଼ିଶା ମଧ୍ୟ କୃଷି କର୍ମରେ ଅନ୍ୟତମ ସମୃଦ୍ଧ ରାଜ୍ୟ। ଚାଷୀଭାଇମାନେ ଖରା, ବର୍ଷା, ଶୀତ, କାକର ଆଦିକୁ ଭ୍ରୂକ୍ଷେପ ନକରି ଝାଳ ବୁହାଇ ଆମ ପେଟକୁ ଅନ୍ନ ମୁଠାଏ ଦେବା ପାଇଁ ସର୍ବଦା ବ୍ୟଗ୍ର। ତେଣୁ କୃଷିର ଉନ୍ନତି ଦିଗରେ ସରକାର ମଧ୍ୟ ଗୁରୁତ୍ୱାରୋପ କରୁଛନ୍ତି ଅନେକ ପ୍ରକାରର ଯୋଜନା ମାଧ୍ୟମରେ। ଖାଲି ଯେ ଚଷା ଭାଇ ନିଜେ ଚାଷ ଜମିରେ ଖଟୁଚି ତା' ନୁହେଁ, ତା' ପରିବାର ମଧ୍ୟ ତା'କୁ ସହଯୋଗ କରୁଥିବାରୁ ଚାଷକାର୍ଯ୍ୟରେ ଭଲଫସଲ ଉତ୍ପନ୍ନ ହେଉଛି। ଭାରତରେ କୃଷକମାନଙ୍କ ସଂଖ୍ୟା ବର୍ତ୍ତମାନ ୧୫ କୋଟି ଥିବା ବେଳେ ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ।

ପ୍ରକୃତରେ ବର୍ତ୍ତମାନ ସମୟରେ ଚାଷ କାମରେ କେତେ ଆନନ୍ଦ ମିଳେ, ସେଇଟା କେବଳ ଚାଷୀ ପରିବାର ହିଁ ଜାଣିଛି। କେତେକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବା ଦ୍ୱାରା ଚାଷୀ ଆତ୍ମହତ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଚାଷୀ ପରିବାର ଅତ୍ୟନ୍ତ ଦୁଃଖର ସହିତ କାଳାତିପାତ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟରେ କୃଷିଜାତ ଦ୍ରବ୍ୟଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ୧୯୯୯ ମହାବାତ୍ୟା, ଫାଇଲିନ, ହୁଦହୁଦ, ଫନି ଆଦି ବାତ୍ୟାରେ ଆମେ ଏହା ଅଙ୍ଗେ ନିଭାଇଛେ। ସେହିପରି ପ୍ରାୟ ନଦୀମାନଙ୍କରେ ବର୍ଷାଦିନେ ବନ୍ୟା ଆସିଥାଏ, ଯାହା ଦ୍ୱାରା ଫସଲରେ ଅନେକ ମାତ୍ରାରେ କ୍ଷତିଗ୍ରସ୍ତ ହୁଏ। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ମରୁଡ଼ି, ଭୂସ୍ଖଳନ ଆଦି ପାଇଁ ଚାଷୀ ପ୍ରଭାବିତ ହୋଇଥାଏ।



ପ୍ରାକୃତିକ ଦୁର୍ବିପାକ ତ କିଛି କିଛି ବର୍ଷ ଆସେ। କିନ୍ତୁ ବର୍ତ୍ତମାନ ଆଉ କିଛି ଅସୁବିଧା ଚାଷୀକୁ ବହୁତ କ୍ଷତି ପହଁଚାଉଛି। ପ୍ରାୟତଃ ଉପକୂଳ ଓଡ଼ିଶା ଓ ଗଡ଼ଜାତ ଅଞ୍ଚଳମାନଙ୍କରେ ଜଙ୍ଗଲୀ ବାରହାମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ସେମାନଙ୍କ ଉପଦ୍ରବ ଦ୍ୱାରା ନଡ଼ିଆ, ଆଳୁ, କଖାରୁ ଆଦି ପନିପରିବା ଫସଲ ନଷ୍ଟ ହେଉଛି। ହାତୀମାନେ ମଧ୍ୟ ଖାଦ୍ୟ ଅଭାବ ଯୋଗୁଁ ଜଙ୍ଗଲ ଛାଡ଼ି ଜନବସତିମାନଙ୍କରେ ଥିବା ଚାଷ ଜମିର ଫସଲକୁ ନଷ୍ଟ କରୁଛନ୍ତି। ସେହିପରି ମାଙ୍କଡ଼ମାନଙ୍କର ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ଆମ୍ବ, କଦଳୀ, ନଡ଼ିଆ, କାକୁଡ଼ି, ଅମୃତଭଣ୍ଡା, କଖାରୁ ଆଦି ଫଳ ଓ ପନିପରିବା ସହିତ ମଣ୍ଡାଫୁଲ ଚାଷ କ୍ଷତିଗ୍ରସ୍ତ ହେଉଛି।

ଏହାଛଡ଼ା ସରକାରୀ ସ୍ତରରେ କେତେକ ସମସ୍ୟା ଚାଷୀଭାଇମାନଙ୍କ ପାଇଁ ଦୁଃଖ ଆଣୁଛି। ସରକାର ଯେଉଁ ବିହନ ରିହାତି ଦରରେ ଯୋଗାଉଛନ୍ତି ସେଥିରୁ ଗଜା ବାହାରୁ ନଥିବା ଅଭିଯୋଗ ହେଉଛି। ଚାଷୀମାନେ ବ୍ୟାଙ୍କରୁ ଋଣ କରିବା ବ୍ୟତୀତ ମହାଜନମାନଙ୍କଠାରୁ ମଧ୍ୟ ହାତ ସୁଧ କରିଥା'ନ୍ତି। କେତେକାଂଶରେ ଫସଲ ପର୍ଯ୍ୟାପ୍ତ ହେଉନଥିବାରୁ ଚାଷୀ ଋଣ ଶୁଝି ପାରେ ନାହିଁ। ଫଳରେ ଋଣଭାର ସହି ନ ପାରି ଆତ୍ମହତ୍ୟା କରେ।

ଏଥିସହିତ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବର୍ଷାର ପରିମାଣରେ ଅନେକ ପରିବର୍ତ୍ତନ ହୋଇଛି। ଫଳରେ ଚାଷ ପାଇଁ ଜଳସେଚନରେ ବ୍ୟାଘାତ ସୃଷ୍ଟି ହେଉଛି। ଅନେକ ଅଞ୍ଚଳରେ ଅତିରିକ୍ତ ବର୍ଷା ହେବା ଫଳରେ ମଧ୍ୟ ଚାଷ ନଷ୍ଟ ହେଉଛି। କେତେବେଳେ ବିଜୁଳି ଘଡ଼ଘଡ଼ି ଦ୍ୱାରା ପୁଣି ଆଉ କେତେବେଳେ ସର୍ପଦଂଶନ ଦ୍ୱାରା ଚାଷୀ ମରଣମୁହଁରେ ପଡ଼ୁଛି। ଏଭଳି ବହୁବିଧ ଅସୁବିଧା ଓ ପ୍ରତିବନ୍ଧକ ଯୋଗୁଁ ଚାଷୀ ଆଜି ହତାଶ ପ୍ରାୟ।

ଭାରତରେ ପ୍ରତିବର୍ଷ ହାରାହାରି ୪୦୦୦ ରୁ ୫୦୦୦ ଚାଷୀ ଆତ୍ମହତ୍ୟା କରୁଛନ୍ତି। ୨୦୨୩ ମସିହା ତଥ୍ୟ ଅନୁସାରେ ଭାରତରେ ୪, ୬୯୦ ଜଣ ଚାଷୀ ଓ ୬୦୯୬ ଜଣ କୃଷି ଶ୍ରମିକ ଆତ୍ମହତ୍ୟା କରିଥିଲେ। ସରକାରୀ ସ୍ତରରେ ପ୍ରଣୟନ ହୋଇଥିବା ଯୋଜନାଗୁଡ଼ିକ ଯଦି ତୃଣମୂଳସ୍ତରରେ ଠିକ୍ ଭାବେ ରୂପାୟନ ହୋଇପାରିବ ତେବେ ଚାଷୀଭାଇମାନେ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, କିଷାନ କ୍ରେଡିଟ କାର୍ଡ, କାଳିଆ ଯୋଜନା ଇତ୍ୟାଦିର ମୂଳ ଓ ମହତ୍ ଲକ୍ଷ୍ୟ ମଧ୍ୟ ସାଧିତ ହୋଇପାରିବ। ମଣିଷର ମାନସିକତାରେ ମଧ୍ୟ ପରିବର୍ତ୍ତନ ଦରକାର। ସର୍ବଦା ସରକାରୀ ସହାୟତାକୁ ଅପେକ୍ଷା ନକରି ନିଜର ବୁଦ୍ଧି ବଳରେ ଚାଷ କାମକୁ ଆଗେଇବା ଦରକାର। ସରକାରୀସ୍ତରରେ ନିଷ୍ଠାର ସହିତ ଚାଷୀଙ୍କୁ ସହାୟତା ଇତ୍ୟାଦି ସଠିକ୍ ରୂପେ ପରିଚାଳନା ହେବା ଆବଶ୍ୟକ। ଭାରତରେ କେନାଲ ଜଳସେଚନ ଦ୍ୱାରା ୨ ରୁ ୩ କୋଟି ଚାଷୀ ଉପକୃତ ହେଉଥିବା ବେଳେ ଓଡ଼ିଶାରେ ପ୍ରାୟ ୧୦ ରୁ ୧୨ ଲକ୍ଷ ଚାଷୀ ଉପକୃତ ହୁଅନ୍ତି। ତେଣୁ କେନାଲ ଜଳସେଚନର ସୁବିଧା ବୃଦ୍ଧି କଲେ ଅନ୍ୟ ଚାଷୀମାନଙ୍କର ମଧ୍ୟ ଚାଷକାର୍ଯ୍ୟରେ ଉନ୍ନତି ଆସିବ।

ଚାଷୀ ମଧ୍ୟ ଧୈର୍ଯ୍ୟଶୀଳ ହେବା ଜରୁରୀ। ଅଯଥା ଆତ୍ମହତ୍ୟା କଲେ ନିଜର ଏବଂ ନିଜ ପରିବାର ସହିତ ଦେଶର ମଧ୍ୟ ଅନେକ କ୍ଷତି ହୋଇଥାଏ। ସୁଖ ପରେ ଦୁଃଖ ଏବଂ ଦୁଃଖ ପରେ ସୁଖ ଚକ୍ରାକାର ଭାବରେ ମଣିଷ ଜୀବନରେ ଆସେ ଓ ଯାଏ। ତେଣୁ ଚାଷୀ ଧୈର୍ଯ୍ୟ ଧରି ନିଷ୍ଠାର ସହିତ ଚାଷ କାର୍ଯ୍ୟରେ ମନୋନିବେଶ କରିବା ଆବଶ୍ୟକ। ସରକାର ମଧ୍ୟ ଏଥିନିମିତ୍ତ ଯଥେଷ୍ଟ ଦୃଷ୍ଟି ଦେବା ବିଧେୟ।

ବୀରନରସିଂହପୁର(ପୁରୀ),
ମୋ: ୯୦୪୦୩୫୦୦୮୯

# ହରଚଣ୍ଡୀ ସାହିର ମାଆ ହରଚଣ୍ଡୀ

**ସ୍ୱପ୍ନେଶ୍ୱର**

ଲୋକକଥାରେ ଲୋକଦେବତା

ଯମେଶ୍ୱରପୁର ସାହିରେ ରାମଚନ୍ଦ୍ର ପ୍ରତିହାରୀ ନାମକ ମହାପ୍ରଭୁଙ୍କର ଜଣେ ସମର୍ପିତ ସେବାୟତ ଓ ଅନନ୍ୟ ଭକ୍ତ ବାସ କରୁଥିଲେ। ସେ ମାଆ ହରଚଣ୍ଡୀଙ୍କୁ ନିଜର ଇଷ୍ଟ ମାନ୍ୟ କରୁଥିଲେ। ଶ୍ରୀକ୍ଷେତ୍ରଠାରୁ ବାଇଶି କିଲୋମିଟର ଦୂର ବ୍ରହ୍ମଗିରି ନିକଟରେ ସମୁଦ୍ରକୂଳରେ ମାଆ ବାଲିହରଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ। ହରଚଣ୍ଡୀ ମଧ୍ୟ ମହାପ୍ରଭୁଙ୍କର ଜଣେ ଭକ୍ତ। ସେ ଦୈନିକ ସକାଳେ ଆମିଷ ନୈବେଦ୍ୟ ଗ୍ରହଣ କରୁଥିବା ବେଳେ ସନ୍ଧ୍ୟାବେଳେ ମହାପ୍ରସାଦ ସେବନ କରନ୍ତି। ସେ ସମୟରେ ବାଲିହରଚଣ୍ଡୀ ପୀଠକୁ ଗମନାଗମନର ସୁବିଧା ନ ଥିଲା। ଭକ୍ତ ରାମଚନ୍ଦ୍ର ପ୍ରତିଦିନ ବାଇଶି କିଲୋମିଟର ପାଦରେ ଚାଲି ଯା'ଆସ କରି ମାଆ ହରଚଣ୍ଡୀଙ୍କୁ ଦର୍ଶନ କରୁଥିଲେ ଏବଂ ମାଆଙ୍କୁ ମହାପ୍ରଭୁଙ୍କ ମହାପ୍ରସାଦ ଓ ଉଲାଗି ପୁଷ୍ପାଳଙ୍କାର ସମର୍ପଣ କରି ତୃପ୍ତ କରୁଥିଲେ। ବର୍ଷା ଋତୁ ଓ ଝଡ଼ ତୋଫାନ ବେଳେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଥିବାରୁ ଗମନାଗମନ କଷ୍ଟସାଧ୍ୟ ହେଉଥିଲା। ଏହାସତ୍ତ୍ୱେ ସେ କୌଣସି ଦିନ ମାଆଙ୍କୁ ଦର୍ଶନ ଓ ମାଳମହାର୍ଦ୍ଦ ସମର୍ପଣରେ କେବେ ଅବହେଳା କରୁ ନ ଥିଲେ। ଏପରିକି ଦେହଦୁଃଖରେ ଥିଲେ ମଧ୍ୟ ମାଆଙ୍କ ଦର୍ଶନରୁ ସେ କେବେହେଲେ ବିରତ ହେଉ ନ ଥିଲେ।

ରାମଚନ୍ଦ୍ରଙ୍କ ବୟସ ବଢ଼ିବା ସହିତ ଏତେ ଦୂରବାଟ ଯିବାଆସିବା କଷ୍ଟକର ହେଲା। ତଥାପି ସେ ବାଟରେ ବସି ଉଠି ରାସ୍ତାକଡ଼ ଗଛମୂଳେ ବିଶ୍ରାମ ନେଇ ପୀଠକୁ ଯିବାଆସିବା କରୁଥିଲେ ଏବଂ ମାଆଙ୍କୁ ମାଳମାହାର୍ଦ୍ଦ ସମର୍ପଣ କରୁଥିଲେ। ଦିନେ ସେ ଭାବିଲେ ଯେ ମାଆଙ୍କୁ ଶ୍ରୀକ୍ଷେତ୍ର ଯାଇ ଅବସ୍ଥାନ କରିବା ପାଇଁ ପ୍ରାର୍ଥନା କଲେ, ମାଆ ହୁଏ ତ ରାଜି ହୋଇପାରନ୍ତି। ଜୀବନର ଶେଷସମୟ ପର୍ଯ୍ୟନ୍ତ ମାଆଙ୍କ ଦର୍ଶନ ଲାଭ କରିବା ସହଜ ହୁଅନ୍ତା। ସେଦିନ ସକାଳୁ ସକାଳୁ ରାମଚନ୍ଦ୍ର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ମନରେ ଥିବା ଅଭିଳାଷ ପୂରଣ କରିବା ପାଇଁ ପ୍ରାର୍ଥନା କଲେ। ତା'ପରେ ମାଳ ମାହାର୍ଦ୍ଦ ଧରି ବାଲିହରଚଣ୍ଡୀଙ୍କ ପୀଠକୁ ଯାତ୍ରା ଆରମ୍ଭ କଲେ। ସେଦିନ ପୀଠରେ ପହଞ୍ଚିବା ପାଇଁ ଅନ୍ୟ ଦିନଠାରୁ କମ ସମୟ ଲାଗିଲା। ତାଙ୍କୁ ହାଲିଆ ଲାଗୁ ନ ଥିଲା। ସେ ମାଆଙ୍କୁ ମାଳ ମାହାର୍ଦ୍ଦ ସମର୍ପଣ କରି ପ୍ରାର୍ଥନା କଲେ, 'ମାଆ! ମୋର ହେତୁ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ମୁଁ ତୋର ଦର୍ଶନ ଦୈନିକ କରି ଆସୁଛି। ତୋର ଅପାର କରୁଣାରୁ ଦିନେ ହେଲେ ତୁ ମୋତେ ତୋ ଦର୍ଶନରୁ ବଞ୍ଚିତ କରିନାହୁଁ। କିନ୍ତୁ ମୁଁ ଏବେ ବାର୍ଦ୍ଧକ୍ୟରେ ପହଞ୍ଚିସାରିଛି। ଆଉ ଏଣିକି ବାଇଶି କିଲୋମିଟର ଯିବାଆସିବା ସମ୍ଭବ ହୋଇପାରିବ ନାହିଁ। ଏ ଅକିଞ୍ଚନକୁ ଦର୍ଶନ ଦେବା ପାଇଁ ଶ୍ରୀକ୍ଷେତ୍ରରେ ବିଜେ କରିବା ପାଇଁ ପ୍ରାର୍ଥନା କରୁଛି।'

ମାଆ ପ୍ରତିହାରୀଙ୍କ ପ୍ରାର୍ଥନା ଶୁଣିଲେ ଓ ଶୂନ୍ୟବାଣୀ ମାଧ୍ୟମରେ କହିଲେ, 'ରାମଚନ୍ଦ୍ର! ତୋର ପ୍ରାର୍ଥନା ସ୍ୱୀକାର କରି କ୍ଷେତ୍ରରେ ବିରାଜମାନ କରିବା ପାଇଁ ମୁଁ ଆଗ୍ରହୀ। ତୋତେ ଦର୍ଶନ ଦେବା ସହିତ ମୁଁ ମହାପ୍ରଭୁଙ୍କର ସାନିଧ୍ୟ ଲାଭ କରିବି। ତୁ ବର୍ତ୍ତମାନ ଏକମୁହାଁ ହୋଇ ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିବା ଆରମ୍ଭ କର। ମୁଁ ତୋ ପଛେ ପଛେ ଚାଲିବି। କ୍ଷେତ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ତୁ ପଛକୁ ଚାହିଁବୁ ନାହିଁ। ଯଦି ଚାହିଁ ଦେବୁ, ମୁଁ ସେହିଠାରେ ପଥର ପାଲଟିଯିବି।' 'ହେଲେ ମାଆ! ତୁ ମୋ ପଛେ ପଛେ ଆସୁଛୁ ବୋଲି ମୁଁ ଜାଣିବି କିପରି?' ରାମଚନ୍ଦ୍ରଙ୍କ ଏହି ପ୍ରଶ୍ନରେ ମାଆ ଉତ୍ତର ଦେଲେ, 'ମୁଁ ଚାଲୁଥିବା ବେଳେ ମୋର ପାଉଁଝିର ରୁଣୁଝୁଣୁ ଶବ୍ଦ ମୋ ଯାତ୍ରା ବିଷୟରେ ତୋତେ ସୂଚିତ କରାଇବ।'

ମାଆଙ୍କ ନିର୍ଦ୍ଦେଶ ଅନୁସାରେ ରାମଚନ୍ଦ୍ର ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିବାକୁ ଆରମ୍ଭ କଲେ। ମାଆ ତାଙ୍କ ପଛେ ପଛେ ଚାଲିଲେ। ଶ୍ରୀକ୍ଷେତ୍ରର ସହରତଳି ଅଞ୍ଚଳରେ ପହଞ୍ଚିବା ପରେ ହଠାତ୍ ମାଆଙ୍କର ପାଉଁଝି ଶବ୍ଦ ପ୍ରତିହାରୀ ଶୁଣିପାରିଲେ ନାହିଁ। ସେ ପଛକୁ ଚାହିଁ ଦେଖିଲେ ଯେ ମାଆଙ୍କର ଦୁଇପାଦ ବାଲିରେ ବୁଡ଼ିଯାଇଛି। ତେଣୁ ପାଉଁଝିର ଶବ୍ଦ ଶୁଣା ଯାଉ ନ ଥିଲା। କିନ୍ତୁ ମାଆ ସେହି ଯାଗାରେ ପଥରମୂର୍ତ୍ତି ହୋଇ ବିରାଜମାନ କଲେ। ହଜାର ହଜାର ଲୋକ ମାଆଙ୍କ ଦର୍ଶନ ପାଇଁ ରୁଣ୍ଡ ହେଲେ। ରାଜା ମଧ୍ୟ ଖବର ପାଇ ମାଆଙ୍କ ବିଜେସ୍ଥଳୀରେ ପହଞ୍ଚିଲେ। ଏକ ଭବ୍ୟ ମନ୍ଦିର ନିର୍ମାଣ କରି ମାଆଙ୍କୁ ପ୍ରତିଷ୍ଠା କଲେ। ମାଆଙ୍କ ସେବାପୂଜା ପାଇଁ ପ୍ରତିହାରୀଙ୍କୁ ନିଯୁକ୍ତି ଦେଲେ। କାଳକ୍ରମେ ସେଠାରେ ଏକ ଜନବସତି ଗଢ଼ିଉଠିଲା ଏବଂ ମାଆଙ୍କ ନାମାନୁସାରେ ସେ ସାହିର ନାମ 'ହରଚଣ୍ଡୀ ସାହି' ରହିଲା। ପ୍ରତିହାରୀଙ୍କ ଉତ୍ତରପୁରୁଷମାନେ ଆଜି ପର୍ଯ୍ୟନ୍ତ ମାଆଙ୍କର ପୂଜାର୍ଚ୍ଚନା କରି ଆସୁଛନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୂର୍ବ ଶତ୍ରୁତାରୁ ବେକ କାଟି ହତ୍ୟା

ଜୟପୁର, ୨୮ ।୪ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନାର ଫାମ୍ପୁଣି ପଞ୍ଚାୟତ କୁମୁଲିପୁଟ ଗ୍ରାମର ଜଣେ ବୃଦ୍ଧଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, କୁମୁଲିପୁଟ ଗ୍ରାମର ରଘୁନାଥ ଗୌଡ଼ (୬୨) । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ୪ରୁ ୫ଜଣ ବାସିନ୍ଦା ଗତକାଲି ସଂଧ୍ୟାରେ ତାଙ୍କ ବେକ କାଟି ହତ୍ୟା କରିଛନ୍ତି। ମୃତକଙ୍କ ପୁଅ ଭଗବାନ ଗୌଡ଼ଙ୍କ ଏତଲା ଆଧାରରେ ସଦର ଥାନା ପୁଲିସ ୪ ସଂଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି । ଆଜି ପୂର୍ବାହ୍ନରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହାସହ କୋରାପୁଟ ପୁଲିସ ମୁଖ୍ୟାଳୟର ସାଇଣ୍ଟିଫିକ ଦଳ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ପୁଲିସ ସୂଚନା ଅନୁଯାୟୀ, ସବୁଦିନ ଭଳି ଗତକାଲି ଅପରାହ୍ନ ପ୍ରାୟ ୪ଟାରେ ରଘୁନାଥ ତାଙ୍କ ନିଜ ଗ୍ରାମ କୁମୁଲିପୁଟଠାରୁ ସାଇକେଲ ଯୋଗେ ନିକଟସ୍ଥ ଫାମ୍ପୁଣି ଗ୍ରାମର ଏକ ହୋଟେଲକୁ ଚା' ପିଇବାକୁ ଯାଇଥିଲେ। କିନ୍ତୁ ରାତି ୮ଟା ସୁଦ୍ଧା ଘରକୁ ଫେରିନଥିଲେ। ପରିବାରଲୋକ ଖୋଜାଖୋଜି କରିବା ପରେ ଗ୍ରାମ ନିକଟସ୍ଥ ଏକ ନାଳରେ ତାଙ୍କ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

ଜୟପୁର, ୨୮ ।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଜଣେ ଯୁବକ ପାନପୁଡ଼ିଆ ଦେବାକୁ କହି ନିକଟସ୍ଥ ଡଙ୍ଗରକୁ ନେଇ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତ ଯୁବକ ହରି ହରିଜନ ବୋଲି ପୀଡିତାଙ୍କ ପିତା ଲିଖିତ ଭାବେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ଗତ ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ଘଟିଥିଲା। କିନ୍ତୁ ପୀଡ଼ିତା ନିଜ ମାତା ଓ ପିତାଙ୍କୁ ଗତକାଲି ଜଣାଇବା ପରେ ସଦର ଥାନାରେ ଏକ ଦୁଷ୍କର୍ମ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୁଲିସ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ପୀଡ଼ିତଙ୍କ ସ୍ୱାସ୍ଥ୍ୟପରୀକ୍ଷା ଡାକ୍ତରଙ୍କ ଦ୍ୱାରା କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ପଙ୍କଜିନୀ ଶବର ସୂଚନା ଦେଇଛନ୍ତି।

## ଟ୍ରକ୍-ବସ୍ ମୁହାଁମୁହିଁ ଧକ୍କା; ୪ ମୃତ, ୧୦ରୁ ଊର୍ଦ୍ଧ୍ୱ ଆହତ

ରାଉରକେଲା/ଲହୁଣୀପଡା,୨୮।୪(ସମିସ): ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୁଷାବିରା ଠାରେ ୧୪୩ ନମ୍ବର ଜାତୀୟ ରାଜପଥରେ ରାଉରକେଲାରୁ ଯାଜପୁର ଜିଲ୍ଲାର ମଙ୍ଗଳପୁରକୁ ଯାଉଥିବା ପ୍ରମିଳା ନାମକ ଏକ ଘରୋଇ ବସ୍ ସହ ଟ୍ରକ୍‌ର ମୁହାମୁହିଁ ଧକ୍କା ହୋଇଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୨



ଚାଳକଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଦୁଇ ଚାଳକଙ୍କ ମଧ୍ୟରେ ଜଣେ ଟ୍ରକ୍ ଚାଳକ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ରାଉରକେଲାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ପ୍ରମିଳା ନାମକ ଘରୋଇ ବସ୍ (ଓଡି ୩୫ ଏ ୨୧୬୯) ଚାନ୍ଦିପୋଷ ଥାନା ମୁସାବିରା ନିକଟରେ ଭାରସାମ୍ୟ ହରାଇ ଡିଭାଇଡରର ଆର ପାଶ୍ୱର୍କୁ ମାଡି ଯାଇ ସମ୍ମୁଖରୁ ଆସୁଥିବା ଟ୍ରକ୍(ଓଡି ୧୪ ଏ ବି ୮୨୨୬)କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଚାନ୍ଦିପୋଷ ଥାନାଅଧିକାରୀ ଶ୍ରୀକାନ୍ତ କୁମାର ଖମାରୀ ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ ଖବର ଲେଖାହେବା ସୁଦ୍ଧା ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଜନଗଣନା କରିବାକୁ ରାଜି ହେଲେ ଉପରସେମ୍ବ୍ରୀ ଗ୍ରାମବାସୀ

ପଟ୍ଟାଙ୍ଗି, ୨୮।୪(ସମିସ): ଜନଗଣନା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ବିବାଦୀୟ କୋଟିଆ ପଞ୍ଚାୟତର ଉପରସେମ୍ବ୍ରୀ ଗ୍ରାମବାସୀ ଗାଁରେ ଜନଗଣନା କରାଇବାକୁ ରାଜି ହୋଇଛନ୍ତି। କିନ୍ତୁ, ଏହି ଘଟଣାରେ

### ଅଭିଯୁକ୍ତଙ୍କ ଜାମିନ କରାଇଲା ଆନ୍ଧ୍ର ପ୍ରଶାସନ

ବିବାଦ ବଢ଼ାଇବା ପାଇଁ ପୁଣି ପଡ଼ୋଶୀ ଆନ୍ଧ୍ର ନୂଆ ଚାଲ୍ କରିଛି। କୋଟିଆବାସୀଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଆଇନଜୀବୀ ପଠାଇ ଗିରଫ ଅଭିଯୁକ୍ତଙ୍କ ଜାମିନ୍ କରାଇଛି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଓଡିଶା ସରକାରଙ୍କ ପକ୍ଷରୁ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ଅଭିଯୋଗରେ ତିନି ବ୍ୟକ୍ତି ପ୍ରୟାସ କରୁଥିଲେ। ଏଥିନେଇ କୋଟିଆ ଥାନାରେ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ପ୍ରଥମେ ପିଲୁକୁ ଓ ଚିରଞ୍ଜୀବଙ୍କୁ ୨୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୬ ତାରିଖରେ ସନାମା ତାଡିଙ୍ଗିଙ୍କୁ କୋର୍ଟ




ଚାଲାଣ ହୋଇଥିଲେ। ଏହାପରେ ଆନ୍ଧ୍ର ଓଡ଼ିଶା ବିରୋଧରେ ଏକ ଷଡ଼ଯନ୍ତ୍ର ଆରମ୍ଭ କରି ନିଜ ଓକିଲ କୋରାପୁଟ ପଠାଇଛି। ସୋମବାର ଆନ୍ଧ୍ର ରାଜ୍ୟର ଟିଡିପି ଦଳର କର୍ମୀ ଏବଂ ଆଇନଜୀବୀ କେ. ଲକ୍ଷ୍ମଣ ରାଓ କୋରାପୁଟ କୋର୍ଟରେ ପହଞ୍ଚି ବେଲ୍ ଆବେଦନ କରିଥିଲେ। ତିନି ଅଭିଯୁକ୍ତ କୋର୍ଟରୁ ବାହାରିଥିବା ଜଣାପଡ଼ିଛି।

ଅପରପକ୍ଷରେ, ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ବିଡ଼ିଓ ରାମକୃଷ୍ଣ ନାୟକ ନିଜ ଟିମ ସହ ଉପରସେମ୍ବ୍ରି ଓ ମାଡକାର ଗ୍ରାମ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଅଧିକାରୀଗଣ କୋଟିଆରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଲୋକେ ଜନଗଣନା କରିବା ନିମନ୍ତେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି କହିଥିବା ତହସିଲଦାର ଦେବେନ୍ଦ୍ର ଧାରୁଆ ସୂଚନା ଦେଇଛନ୍ତି। ଏହି ସମୟରେ ଜନଗଣନା ଅଧିକାରୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି।


**NOTICE**

By this of an affidavit sworn before Executive Magistrate, Pipili, dated 27.04.2026, I Pokho Raj of Vill- Kudiary, Rajabazar, Po/Ps-Jatani, Dist-Khordha, Pin-752050 declare that I have changed the name from Shyamal Kumar Patra to Pokho Raj. Henceforth, I shall be known as **Pokho Raj** for all purposes.

Pokho Raj

**AFFIDAVIT**

I, **Pitambar Mohanty,** S/o-Subas Chandra Mohanty, At-Kushi(Korakora),Po-Lalbag,Ps/Dist-Jajpur, Odisha, Pin-755007, declare by this affidavit No-7100 Date-28.04.2026 that now onwards I Shall be known as **Pitambar Mohanty S/O Subash Chandra Mohanty** For all future purposes.

Pitambar Mohanty

**AFFIDAVIT**

I **DIPTY PRAKASH SUBUDHI** S/O BISWANATH SUBUDHI RESIDENT AT LB- 8, AT/PO-BADAGADA BRIT COLONY, PS- BADAGADA, BHUBANESWAR- 751018 , ODISHA DECLARE BY THIS AFFIDAVIT NO- 16916, DATE- 28.04.2026, THAT NOW ONWORDS I SHALL BE KNOWN AS **DIPTI PRAKASH SUBUDHI** FOR ALL FUTURE PURPOSES

**AFFIDAVIT**

By virtue of an Affidavit before Notary Public, Malkangiri, **I Muke Madi**, aged about 55 years, W/o: Bhima Madi, resident of village: Karastaguda, PO.: Tumusapalli, P.S.: Korukonda, Dist.: Malkangiri, Odisha, declare by this Affidavit No.: 1189, Dated: 28/04/2026 that I have changed my name from Mude Madi to Muke Madi. Henceforth I shall be known as **Muke Madi** for all future purposes.

**AFFIDAVIT**

I SAROJ KUMAR MAHARANA S/O HARIHAR MAHARANA RESIDENT AT/PO-HARIHARPUR, PS- SARANKUL, DIST-NAYAGARH- 752080 , ODISHA DECLARE BY THIS AFFIDAVIT NO- 16915, DATE- 28.04.2026, THAT NOW ONWORDS I SHALL BE KNOWN AS **SAROJ MAHARANA** FOR ALL FUTURE PURPOSES


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପି ମନ୍ତ୍ରୀ ନୀତେଶ...

ହାତକୁ ନେବା କିମ୍ବା ସରକାରୀ କର୍ମଚାରୀଙ୍କୁ ସର୍ବସାଧାରଣରେ ଅପମାନିତ କରିବା ଗ୍ରହଣୀୟ ନୁହେଁ। ଏହା 'କ୍ଷମତାର ଅପବ୍ୟବହାର' ଏବଂ ଏପରି ପ୍ରବୃତ୍ତି ଉପରେ ରୋକ୍ ଲଗାଇବା ଜରୁରୀ। ଏହି ମାମଲାରେ ସମୁଦାୟ ୩୦ ଜଣ ଅଭିଯୁକ୍ତ ଥିଲେ। କୋର୍ଟ ପ୍ରମାଣ ଅଭାବରୁ ଅନ୍ୟ ୨୯ ଜଣଙ୍କୁ ଖଲାସ କରିଛନ୍ତି। ନୀତେଶ ରାଣେଙ୍କୁ ବିଏନ୍‌ଏସ୍ ଧାରା ୫୦୪ (ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ ଅପମାନିତ କରିବା) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି। ନୀତେଶ ରାଣେ ବର୍ତ୍ତମାନ ମହାରାଷ୍ଟ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ଏବଂ ବନ୍ଦର ବିଭାଗର ମନ୍ତ୍ରୀ ଅଛନ୍ତି।

### ସିବିଆଇ ନିର୍ଦ୍ଦେଶକଙ୍କୁ...

କରିବା ସମୟରେ ତାଙ୍କ ଉପରେ ଆକ୍ରମଣ କରିବା ସହ ନିୟମ ଉଲ୍ଲଙ୍ଘନ କରିଥିଲେ। ଜୁଡିସିଆଲ ମାଜିଷ୍ଟ୍ରେଟ୍ ଶଶାଙ୍କ ନନ୍ଦନ ଭଟ୍ଟ ଉଭୟଙ୍କୁ ୩ ମାସ ଜେଲ୍ ଦଣ୍ଡ ସହ ୫୦-୫୦ ହଜାର ଟଙ୍କାର ଜରିମାନା ମଧ୍ୟ ଲଗାଇଛନ୍ତି।

### ପଶ୍ଚିମ ବଙ୍ଗରେ...

ଏନକାଉଣ୍ଟର ସ୍ପେଶାଲିଷ୍ଟ ରୂପେ ପରିଚିତ ଅଜୟପାଲ ଶର୍ମା ଟିଏମସି ପ୍ରାର୍ଥୀ, ତାଙ୍କ ପରିବାର ଓ ସମର୍ଥକଙ୍କୁ ଧମକାଉଥିବାର ଭିଡିଓ ଭାଇରାଲ ହୋଇଛି। ଟିଏମସି ଅଭିଯୋଗ କରିଛି ଯେ ୟୁପି ପୁଲିସକୁ ଲଗାଇ ଏହାର ନେତା ଓ କର୍ମକର୍ତ୍ତାଙ୍କୁ ଧମକ ଦିଆଯାଉଛି। ଶର୍ମା ଜଣେ ପର୍ଯ୍ୟବେକ୍ଷକ ହୋଇଥିବା ବେଳେ କେଉଁ କ୍ଷମତା ବଳରେ ସେ ଟିଏମ୍‌ସି ପ୍ରାର୍ଥୀଙ୍କ ଘରକୁ ଯାଇ ଧମକ ଦେଉଛନ୍ତି? ଟିଏମ୍‌ସି କର୍ମକର୍ତ୍ତାମାନେ ଆଜି ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ଅଫିସ ଆଗରେ ବି।କ୍ଷୋଭ ପ୍ରତିବାଦ କରିବା ସହିତ ଶର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଶାନ୍ତି ଶୃଙ୍ଖଳା ନାମରେ କେନ୍ଦ୍ରୀୟ ପୁଲିସ ଏବଂ ବାହାର ପୁଲିସ ଅଧିକାରୀ ବିଜେପି ପାଇଁ କାମ କରୁଛନ୍ତି। ସେମାନେ ଟିଏମସି ନେତା ଓ କର୍ମୀଙ୍କୁ ଧମକଚମକ ଦେଉଛନ୍ତି। ନିର୍ବାଚନ କମିସନ ନିକଟରେ ଟିଏମସି ଅଭିଯୋଗ କରିବା ପରେ କମିସନ ଉକ୍ତ ଅଞ୍ଚଳର ସହକାରୀ ନିର୍ବାଚନ ଅଧିକାରୀଙ୍କୁ ସସପେଣ୍ଡ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୩ ତାରିଖରେ ୧୫୨ଟି ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିଲା ଏବଂ ୧୪୭୮ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୯୩ ପ୍ରତିଶତ ମତଦାନ ହୋଇଥିଲା, ଯାହାକି ସ୍ୱାଧୀନ ଭାରତରେ ପଶ୍ଚିମ ବଙ୍ଗ ନିର୍ବାଚନ ଇତିହାସରେ ପ୍ରଥମ ଘଟଣା। କେବଳ ଏତିକି ନୁହେଁ, ଏହି ପର୍ଯ୍ୟାୟରେ କୌଣସି ଭୋଟ ଗ୍ରହଣ କେନ୍ଦ୍ରରେ ସାନି ମତଦାନ ପାଇଁ ନିର୍ଦ୍ଦେଶ ଦିଆଯାଇ ନାହିଁ। ରାଜ୍ୟ ଇତିହାସରେ ଏହା ମଧ୍ୟ ପ୍ରଥମ ଘଟଣା। ଆସନ୍ତା ମଇ ୪ ତାରିଖରେ ପଶ୍ଚିମ ବଙ୍ଗ ସମେତ ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନର ଫଳାଫଳ ଘୋଷିତ ହେବ।

### ଭୋଟ ଦେଇପାରିବେନି ୧୨ ଲକ୍ଷରୁ ଅଧିକ ଭୋଟର

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମତଦାନ ଆସନ୍ତାକାଲି ହେଉଥିବା ବେଳେ ଲକ୍ଷ ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ପ୍ରାୟ ୧୨.୯ ଲକ୍ଷ ଆବେଦନ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏପର୍ଯ୍ୟନ୍ତ ମାତ୍ର ୧,୪୬୮ ଜଣ ଭୋଟରଙ୍କୁ ଅନୁମତି ମିଳିଥିବା ବେଳେ ୬ଟି ଆବେଦନକୁ ଖାରଜ କରାଯାଇଛି। ଦକ୍ଷିଣ କୋଲକାତାର ଜୋକାସ୍ଥିତ ଆପେଲେଟ୍ ଟ୍ରିବ୍ୟୁନାଲଗୁଡିକରେ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଏପର୍ଯ୍ୟନ୍ତ ସମୁଦାୟ ୧୪ ଲକ୍ଷ ଆବେଦନ ମଧ୍ୟରୁ ମାତ୍ର ୧୩୯ ଟିର ସମ୍ପୂର୍ଣ୍ଣ ସମାଧାନ ହୋଇଛି, ଯାହା ଫଳରେ ଅଧିକାଂଶ ଲୋକ ଚଳିତ ନିର୍ବାଚନରେ ଭୋଟ୍ ଦେବାରୁ ବଞ୍ଚିତ ହେବେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ କେବଳ ଆବେଦନ ପେଣ୍ଡିଂ ଥିବା ଆଧାରରେ କେହି ଭୋଟ୍ ଦେଇପାରିବେ ନାହିଁ। କୋଲକାତାର ପ୍ରଚଣ୍ଡ ଖରାରେ ହଜାର ହଜାର ଭୋଟର ଟ୍ରିବ୍ୟୁନାଲ ବାହାରେ ଧାଡ଼ି ବାନ୍ଧି ନିଜର ମତାଧିକାର ଫେରିପାଇବାକୁ ଅପେକ୍ଷା କରି ରହିଛନ୍ତି।

### ଓଡ଼ିଶାରୁ ପଶ୍ଚିମବଙ୍ଗ...

ଓ ବିହାରରୁ ପୁଲିସ୍ ବାହିନୀ ମଧ୍ୟ ଅଣାଯାଇ ପଶ୍ଚିମବଙ୍ଗ ନିର୍ବାଚନକୁ ପ୍ରଭାବିତ କରାଯାଉଥିବା ସେ କହିଛନ୍ତି।

ଏପ୍ରିଲ୍ ୨୯ ତାରିଖରେ ଭାବନୀପୁର ବିଧାନସଭା ଆସନ ପାଇଁ ଭୋଟ୍ ପଡ଼ିବ। ଏହା ପୂର୍ବରୁ ମମତାଙ୍କ ଏହି ଅଭିଯୋଗ ରାଜନୈତିକ ଉଷ୍ମତାକୁ ଆହୁରି ବଢ଼ାଇଛି। ମମତା ନିଜେ ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସମସ୍ତଙ୍କ ନଜର ଏହି ଆସନ ଉପରେ ରହିଛି। ଅନ୍ୟପଟେ ଓଡ଼ିଶାର ଏକାଧିକ ବିଜେପି ବିଧାୟକ ଓ ମନ୍ତ୍ରୀ ପଶ୍ଚିମବଙ୍ଗରେ ଡେରା ପକାଇଥିବାରୁ ମମତାଙ୍କ ଅଭିଯୋଗକୁ ଆହୁରି ଖୋରାକ ଯୋଗାଉଛି। ପୂର୍ବରୁ ଓଡ଼ିଶାର ବିଭିନ୍ନ ନିର୍ବାଚନରେ ସୀମାନ୍ତବର୍ତ୍ତୀ ବିଜେପି ଶାସିତ ରାଜ୍ୟଗୁଡ଼ିକର ପ୍ରଭାବ ରହୁଥିବା ନେଇ ଅଭିଯୋଗ ହେବାର ନଜିର ରହିଛି। ଗତ ନୂଆପଡ଼ା ଉପନିର୍ବାଚନ ସମୟରେ ଛତିଶଗଡ଼ର ବିଜେପି ନେତାମାନେ ଅର୍ଥ ଓ ବାହୁବଳର ସହଯୋଗ ଯୋଗାଇଥିବା ଅଭିଯୋଗ ହୋଇଥିଲା। ଏବେ ପଶ୍ଚିମବଙ୍ଗ ନିର୍ବାଚନରେ ଓଡ଼ିଶା ବିଜେପି ଅନୁରୂପ ସହଯୋଗ ଯୋଗାଉଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମବଙ୍ଗରେ ବିଜେପି ପକ୍ଷରୁ ବିଭିନ୍ନ ନିର୍ବାଚନୀ ସଭାରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅନେକ ମନ୍ତ୍ରୀ ଓ ବିଜେପିର ଅନେକ ବିଧାୟକ ପଶ୍ଚିମବଙ୍ଗରେ ଡ଼େରା ପକାଇଛନ୍ତି । ଓଡ଼ିଆ ଭୋଟର୍‌ଙ୍କୁ ଏମାନେ ପ୍ରଭାବିତ କିରବା ପାଇଁ ସଭା ସମିତି ଆୟୋଜନ କରୁଥିବା ବେଳେ ଦଳ ପାଇଁ ଜୋରଦାର ପରିଶ୍ରମ କରୁଛନ୍ତି। ମାତ୍ର ମମତାଙ୍କ ଅଭିଯୋଗ ସମ୍ପର୍କରେ ବିଜେପି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନାହିଁ। ତେବେ ରାଜ୍ୟର ଜଣେ ପ୍ରଭାବଶାଳୀ ବିଧାୟକ ନିକଟରେ ଏକ କଳାରଙ୍ଗର ସ୍କୋର୍ପିଓ କିଣିଥିବାରୁ ଓ ମମତା କଳା ରଙ୍ଗର ସ୍କୋର୍ପିଓ କଥା ଉଲ୍ଲେଖ କରିଥିବାରୁ ଓଡ଼ିଶାର ଅନେକ ଲୋକ ଏହି ଅଭିଯୋଗକୁ କାକତାଳୀୟ ବୋଲି ମନେ କରିପାରୁ ନାହାନ୍ତି ।

### ଉଛବାଲିରେ ୧୬୪୭ କୋଟିର...

ଜରିଆରେ ୭୦ଟି ଗ୍ରୀଡ୍‌କୁ ରିମୋଟ୍ ମାଧ୍ୟମରେ ପରିଚାଳନା କରାଯାଇ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରାଯିବ। ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ କେନ୍ଦୁଝର ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୦୦ ମସିହାରେ ରାଜ୍ୟରେ ୧୬ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିବା ବେଳେ ଆଜି ତାହା ୧ କୋଟିରେ ପହଞ୍ଚିଛି। ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ୨୦୩୬ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସବଷ୍ଟେସନ୍ କରାଯିବ। ବିଶେଷକରି, ଭୁବନେଶ୍ୱର, ଯାଜପୁର, ଝାରସୁଗୁଡ଼ା ଓ ଗଜପତିରେ ପ୍ରଥମଥର ପାଇଁ ୭୬୫ କେଭି ଗ୍ରୀଡ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି।

ଖଣି ଖାଦାନଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। କେନ୍ଦୁଝର ଏତେଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତା'ର ହକ୍ ଫେରାଇବାର। ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଏବଂ ଆଗାମୀ ମେଗା ଷ୍ଟିଲ୍ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍‌କୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି।

'କେନ୍ଦୁଝରର ବିକାଶ ଦାୟିତ୍ୱ ମୋର,'ଏହି ଶବ୍ଦ ସହ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଆଗାମୀ ଦିନରେ କେନ୍ଦୁଝର ଅଞ୍ଚଳରେ ଥିବା ସମସ୍ତ ଉପାନ୍ତ ଅଞ୍ଚଳକୁ ବିଦ୍ୟୁତ୍ ପହଞ୍ଚାଇବା ଲକ୍ଷ୍ୟ ରଖିଛୁ। ୨୦୨୮ ସୁଦ୍ଧା ସମଗ୍ର ଓଡ଼ିଶା ବିଦ୍ୟୁତ୍ ସଙ୍କଟରୁ ବାହାରିବ। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକିର ମୋହନ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସମେତ ଓପିଟିସିଏଲ୍ ସିଏମ୍‌ଡି ଭାସ୍କରଜ୍ୟୋତି ଶର୍ମା, ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଃଖରେ ୬ ଲକ୍ଷରୁ...

କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ଚଳିତ ବର୍ଷ ସରକାର ଏପର୍ଯ୍ୟନ୍ତ ଏହା ପ୍ରଦାନ କରିନାହାନ୍ତି। ଫଳରେ ରାଜ୍ୟର ଲକ୍ଷ ଲକ୍ଷ ତୋଳାଳି, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକ ମାନେ ଘୋର ହତାଶ, ନୈରାଶ୍ୟ ଏବଂ ଆର୍ଥିକ କ୍ଷତି ମଧ୍ୟରେ ଥାଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି ବୋଲି ସେ କହିଛନ୍ତି। ଏପରିକି ଗତ ଦୁଇ ମାସ ତଳେ କେନ୍ଦୁପତ୍ର ଗୋଛା କଟାଳି ଶ୍ରମିକ ମାନଙ୍କର ମଧ୍ୟ ମଜୁରୀ ମିଳିନାହିଁ।

ଏହି ସବୁ ସମସ୍ୟା ସମ୍ପର୍କୀୟ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ବିଭାଗୀୟ ଉଚ୍ଚ ଅଧିକାରୀ ମାନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ବାରମ୍ବାର ଆଲୋଚନା ଓ ଆନ୍ଦୋଳନ ସହ ବିକ୍ଷୋଭ ସମାବେଶ ଜରିଆରେ ହଜାର ହଜାର ଦସ୍ତଖତ ସମ୍ବଳିତ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି। ଗତ ଫେବୃଆରୀ ୨୦ ଓ ୨୧ ତାରିଖରେ ପ୍ରାୟ ୧୦୦ ଟି ରେଞ୍ଜ ରେ ଗଣ ଧାରଣା ଦିଆଯାଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ସତ୍ତ୍ୱେ ଦାବି ପୂରଣ ହେଉ ନ ଥିବାରୁ ଆସନ୍ତା ମେ' ୧ ତାରିଖ ଆନ୍ତର୍ଜାତିକ ଶ୍ରମିକ ଦିବସରେ ଲକ୍ଷ ଲକ୍ଷ ତୋଳାଳି, ଶ୍ରମିକ, ସିଜିନାଲ କର୍ମଚାରୀ ମାନେ ସରକାରଙ୍କ ଉଦାସୀନତା ଓ ଅବହେଳାର ପ୍ରତିବାଦରେ କଳା ବ୍ୟାଚ ପରିଧାନ କରିବାକୁ ସ୍ଥିର କରିଛନ୍ତି। ସେହିପରି ମେ' ୨ରେ ରାଜ୍ୟର ପ୍ରାୟ ୨୦୦୦ ଗ୍ରାମ ପଞ୍ଚାୟତରେ ଗଣଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଲକ୍ଷ୍ୟ ଲକ୍ଷ୍ୟ ଦସ୍ତଖତ ସମ୍ବଳିତ ଚରମ ସ୍ମରଣ ପତ୍ର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ପଠାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଝାରସୁଗୁଡ଼ା ବିଶ୍ୱର...

ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ରହିବ ଏବଂ ବୁଧବାର ଓ ଗୁରୁବାର ଏହାର ପ୍ରଭାବ ଅଧିକ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନର ବେଗ ୫୦-୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଏହା ବ୍ୟତୀତ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ପବନର ବେଗ ୪୦-୫୦ କିମି ରହିବା ସହ ଏଠାରେ ବର୍ଷା ଓ ବଜ୍ରପାତ ଆଶଙ୍କାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

କାଳବୈଶାଖୀ ପ୍ରଭାବ ଯୋଗୁଁ ବଙ୍ଗୋପସାଗର ଉପକୂଳ ମଧ୍ୟ ଅଶାନ୍ତ ରହିବ। ଓଡ଼ିଶା ଉପକୂଳ ସମୁଦ୍ର ୨୮ ରୁ ୩୦ ମଧ୍ୟରେ ୫୦-୬୦ କିମି ବେଗରେ ପବନ ବହିବା ସହିତ ଝଟକା ପବନ ୭୦ କିମି ଛୁଇଁବାର ଆଶଙ୍କା ରହିଛି। ଏହାସହିତ ୧ ତାରିଖ ଓ ୨ ତାରିଖରେ ପବନର ବେଗ ୪୫-୪୫ ଓ ଝଟକା ପବନ ୬୫ କିମି ଛୁଇଁବାକୁ ଥିବାରୁ ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ତେବେ କାଳବୈଶାଖୀ ସମୟରେ ଭୀଷଣ ବଜ୍ରପାତ ଆଶଙ୍କା ରହୁଥିବାରୁ ଏହି ସମୟରେ ସୁରକ୍ଷିତ ସ୍ଥାନରେ ରହିବା ପାଇଁ ପରାମର୍ଶ ଦିଆଯାଇଥିବା ବେଳେ କୁଆପଥରରୁ ସୁରକ୍ଷିତ ରହିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

### ଜୁନ୍ ୧୨ ପରେ...

ଦୁଇବର୍ଷ ପରେ ମନ୍ତ୍ରିମଣ୍ଡଳରେ ବଡ଼ ପରିବର୍ତ୍ତନ କରାଯାଇଥିବା ଦେଖାଯାଇଛି। ଅନୁରୂପ ଭାବରେ ଓଡ଼ିଶାରେ ମଧ୍ୟ ବିଜେପି ସେହି ଢ଼ାଞ୍ଚା ପ୍ରୟୋଗ କରିବ ବୋଲି ସୂଚନା ମିଳିଛି ।

୨୦୨୪ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କ ମଙ୍ଗ ମୋହନ ମାଝୀ ଧରିବା ପରେ ଗତ ୨୦ ମାସ ହେଲା ୬ଟି ମନ୍ତ୍ରୀ ପଦ ପୂରଣ ହୋଇ ନାହିଁ । ରାଜ୍ୟ ସରକାରଙ୍କ ଅଧୀନସ୍ଥ ୩୫ଟି ବିଭାଗ ୧୬ ଜଣ ମନ୍ତ୍ରୀଙ୍କ ଉପରେ ନ୍ୟସ୍ତ ରହିଛି ଏବଂ ଜଣେ ଜଣେ ମନ୍ତ୍ରୀ ଦୁଇ ତିନିଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି । ଯାହା ଫଳରେ ପ୍ରଶାସନିକ ସମସ୍ୟା ସୃଷ୍ଟି ହେଉଛି ଏବଂ ଏହାଦ୍ୱାରା ସେମାନଙ୍କର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ମଧ୍ୟ ପ୍ରଶ୍ନ ଉଠୁଛି । ଅନେକ ମନ୍ତ୍ରୀ ନିଜ ବିଭାଗ ସମ୍ଭାଳିବାରେ ଅକ୍ଷମ ହେଉଛନ୍ତି, ମାତ୍ର ଅନ୍ୟ ବିଭାଗର କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବା ଦେଖାଯାଉଛି । ନୂଆ ମନ୍ତ୍ରିମଣ୍ଡଳରେ ଯେପରି ଏହି ସମସ୍ୟା ଦେଖାଯିବ ନାହିଁ, ତାହାକୁ ଦୃଷ୍ଟି ଦିଆଯିବ ବୋଲି ସୂଚନା ମିଳିଛି ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ୧୬ଜଣ ମନ୍ତ୍ରୀଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ମନ୍ତ୍ରୀଙ୍କ କାର୍ଯ୍ୟକୁ ନେଇ ନକରାତ୍ମକ ରିପୋର୍ଟ ଜାତୀୟ ନେତୃତ୍ୱଙ୍କ ନିକଟରେ ପହଞ୍ଚିଛି। ଏହି ମନ୍ତ୍ରୀମାନେ ବିଭିନ୍ନ ସମୟରେ ବିବାଦୀୟ ଟିପ୍ପଣୀ ଓ କାର୍ଯ୍ୟ ସରକାରଙ୍କ ଛବିକୁ ମଳିନ କରିଛି । ତେଣୁ ସେମାନଙ୍କୁ ମନ୍ତ୍ରୀ ପରିଷଦରୁ ବାଦ ଦିଆଯାଇପାରେ ବା ସେମାନଙ୍କର ବିଭାଗ ପରିବର୍ତ୍ତନ କରାଯାଇପାରେ ବୋଲି କୁହାଯାଉଛି ।

### ଅଣବୈଷୟିକ ଡିପ୍ଲୋମା ନାମଲେଖା ପ୍ରସଙ୍ଗ

## ସରକାରୀ ପୋର୍ଟାଲରେ ତାଲା

କଟକ, ୨୮।୪(ସମିସ): ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନାମଲେଖା ବିଜ୍ଞାପନ ପ୍ରକାଶ ପାଇଥିଲେ ହେଁ ଅଣବୈଷୟିକ ପାଠ୍ୟକ୍ରମରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏବେ ସରକାରୀ ଦ୍ୱାର ବନ୍ଦ ହୋଇଯାଇଛି। ସରକାରୀ ପଲିଟେକନିକ୍ ଅନୁଷ୍ଠାନଗୁଡ଼ିକରେ ଉପଲବ୍ଧ ଫାର୍ମାସି, ବିୟୁଟି କଲଚର୍, ଟୁରିଜିମ୍ ଏବଂ ଅଫିସ ମ୍ୟାନେଜମେଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ପାଠ୍ୟକ୍ରମ ପାଇଁ ସାମ୍‌ସ ପୋର୍ଟାଲ ଖୋଲୁ ନ ଥିବାରୁ ହଜାର ହଜାର ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ସରକାରଙ୍କ ଏଭଳି ପକ୍ଷପାତ ନୀତି ବିରୋଧରେ ଏବେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନ ସମେତ ରାଜ୍ୟର ଅନ୍ୟ ସରକାରୀ ଅନୁଷ୍ଠାନରେ ଅଳ୍ପ ଖର୍ଚ୍ଚରେ ଫାର୍ମାସି ଓ ଅନ୍ୟାନ୍ୟ ଅଣବୈଷୟିକ ପାଠ ପଢ଼ିବାର ସୁଯୋଗ ରହିଥାଏ। ମାତ୍ର ଚଳିତବର୍ଷ ଆବେଦନ ପ୍ରକ୍ରିୟାରୁ ଏହି ସବୁ ପାଠ୍ୟକ୍ରମକୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, ଘରୋଇ ଅନୁଷ୍ଠାନଗୁଡ଼ିକ ଏହି ସୁଯୋଗରେ ଛାତ୍ରଛାତ୍ରୀଙ୍କଠାରୁ ମନଇଚ୍ଛା ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ସରକାରଙ୍କ ଏହି ଦୂରଦୃଷ୍ଟିବିହୀନ ନିଷ୍ପତ୍ତି ପରୋକ୍ଷରେ ଘରୋଇ ଶିକ୍ଷା ମାଫିଆଙ୍କୁ ପ୍ରୋତ୍ସାହନ ଦେଉଥିବା ପରି ମନେ ହେଉଛି। ସାଧାରଣତଃ ଆର୍ଥିକ ଅନଗ୍ରସର ଓ ମେଧାବୀ ଛାତ୍ରଛାତ୍ରୀମାନେ ସରକାରୀ ପଲିଟେକନିକ୍‌ରେ ଶସ୍ତାରେ ପାଠ ପଢ଼ି ବିଭିନ୍ନ ହସ୍ପିଟାଲ ଓ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଇଥା'ନ୍ତି। ମାତ୍ର ଏଥର ପୋର୍ଟାଲରେ ନାମଲେଖା ସୁବିଧା ଉପଲବ୍ଧ ନ ଥିବାରୁ ସେମାନେ ନିଜ ପସନ୍ଦର ବିଷୟରେ ଶିକ୍ଷା ଗ୍ରହଣ କରିବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ଏହି ନୀତି ଗରିବ ପିଲାଙ୍କ ମେଧା ପ୍ରତି ଏକ ଉପହାସ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। ସାମ୍‌ସ ପୋର୍ଟାଲରେ ତୁରନ୍ତ ଫାର୍ମାସି ସମେତ ସମସ୍ତ ଅଣବୈଷୟିକ ପାଠ୍ୟକ୍ରମ ପାଇଁ ଆବେଦନ ଲିଙ୍କ୍ ଖୋଲିବାକୁ ଅଭିଭାବକ ସଂଘ ଓ ଛାତ୍ର ସଂଗଠନ ପକ୍ଷରୁ ଦାବି ହୋଇଛି। ପୂର୍ବବର୍ଷମାନଙ୍କ ପରି ମେଧାବୀ ପିଲାଙ୍କୁ ସରକାରୀ ସୁବିଧା ଯୋଗାଇ ନଦେଲେ, ଆଗାମୀ ଦିନରେ ଏହା ଏକ ବଡ଼ ଜନଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି।


**AFFIDAVIT**

By virtue of an affidavit **no.3972** before the **Executive Magistrate, Khordha, dtd. 17.12.2025,** I, Abdul Rajak, S/o Sukur Khan, resident of Vill: Haripur, PO: Anda, PS: Khordha Sadar, Dist: Khordha, Odisha, do hereby declare that my name is wrongly recorded as Rajak Khan in my Aadhaar Card. My correct name is Abdul Rajak as per my educational records. Henceforth, I shall be known as **Abdul Rajak** for all purposes in the Govt. / Non Govt. Levels.

Abdul Rajak

**ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଟ୍ଟାଙ୍ଗି, କୋରାପୁଟ**

ପତ୍ର ସଂଖ୍ୟା : GHSS/85/2026 ତା.୨୭.୦୪.୨୦୨୬

**ନିଯୁକ୍ତି ବିଜ୍ଞାପନ**

ଏତତ୍‌ଦ୍ୱାରା ସମସ୍ତ ଯୋଗ୍ୟ ଓ ଇଚ୍ଛୁକ ପ୍ରାର୍ଥୀ ମାନଙ୍କୁ ଜଣାଇ ଦିଆଯାଉଅଛି କି ଯେ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଟ୍ଟାଙ୍ଗି "ମାଳି-ସହ-ରାତ୍ର ଜଗୁଆଳି" ଗୋଟିଏ ଚୁକ୍ତିଭିତ୍ତିକ ପଦ ନିମନ୍ତେ ଆବେଦନ ପତ୍ର ଗ୍ରହଣ କରାଯାଉଛି । ଉପରୋକ୍ତ ପଦ ସକାଶେ ପ୍ରାର୍ଥୀଙ୍କ ଯୋଗ୍ୟତା, ଆବେଦନର ସମୟ ଓ ବୟସ ସୀମା ନିମ୍ନରେ ପ୍ରଦତ୍ତ ହେଲା:-

୦୧. ପଦ: ମାଳି-ସହ-ରାତ୍ର ଜଗୁଆଳି
୦୨. ଯୋଗ୍ୟତା : ୧୦ମ ପାସ୍
୦୩. ଆବେଦନ ସମୟ: ୨୯.୦୪.୨୦୨୬ରୁ ୧୩.୦୫.୨୦୨୬
୦୪. ବୟସ ସୀମା: ୨୧ରୁ ୩୨ ବର୍ଷ ମଧ୍ୟରେ

ଆବେଦନ ପତ୍ର ରେଜିଷ୍ଟ୍ରି ଡାକ ମାଧ୍ୟମରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ସମୟସୀମା ପରେ ଆବେଦନ ପତ୍ର ଗ୍ରହଣ ହେବ ନାହିଁ । ବିନା କାରଣ ଦର୍ଶାଇ ଅଧିକାରୀ ଆବେଦନ ପତ୍ର ରଦ୍ଦ କରିପାରିବେ । ମାସିକ ବେତନ ଅନୁଷ୍ଠାନର ନିୟମ ଅନୁସାରେ ପରିବର୍ତ୍ତନଶୀଳ ।

ଅଧକ୍ଷ
ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ପଟ୍ଟାଙ୍ଗି, କୋରାପୁଟ - ୭୬୪୦୩୯

**OFFICE OF THE PANCHAYAT SAMITI, BIJATALA, MAYURBHANJ**

At/P.O.-Bijatala, Dist.-Mayurbhanj, Odisha, Pin-757048
E-Mail: ori-bijatola@od.gov.in
TCN NO-01/2026-27 Date: 29.04.2026

19001/35/2627

Advt.No: 01 Date: 29.04.2026

The Block Development Officer, BIJATALA BLOCK invites sealed percentage rate bid on behalf of Government of Odisha from registered and eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D. conformity with the DTCN are invited from the "B", "C", & "D" Class contractors or equivalent for execution of works under Panchayat Samiti, BIJATALA BLOCK as detailed in Annexure-1. The tender document (DTCN & BOQ) can be obtained from district NIC website (www.mayurbhanj.nic.in) from Dt. 29.04.2026 to 11.05.2026 till 5.00 P.M.The tender document (BOQ) duly signed by the Contractors should be accompanied with the self-attested photo copy of valid GST certificate, PAN card, Registration Certificate and requisite EMD in shape of NSC / Time Deposit duly pledged in favour of BDO, BIJATALA BLOCK payable at "BIJATALA BLOCK", from any Nationalized Bank. The tender document (BOQ) should accompany with requisite tender paper cost in shape of Demand Draft drawn in favour of BDO, BIJATALA BLOCK, payable at "BIJATALA BLOCK" from any Nationalized Bank.The tenders will be received up to Dt. 11.05.2026 till 05.00 p.m. and addressed to O/O Block Development Officer, BIJATALA BLOCK, Mayurbhanj, 757048 through speed post only at Block Office. The tender to be opened on Dt. 13.05.2026 at 11.00 A.M. at Block Conference Hall, O/O the Block Development Officer, BIJATALA BLOCK Mayurbhanj, 757048 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials and go through the IFB & DTCN for required documents and other details. The detail terms and conditions can be seen at NIC Website (www.mayurbhanj.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof. Again the authority will not be held responsible for delivering of the documents or non-receipt of the same.

OIPR-19001/19103/1/26-27/0001

Block Development Officer,
Bijatala Block, Mayurbhanj

**AFFIDAVIT**

I, Surendra Pr Mohanty, aged about 61 years, S/o- Narayan Mohanty, resident of At- Kulhi, Po-Goladia, Ps- Chandbali, Dist- Bhadrak, PIN-756133, Odisha declared by this affidavit No. 811, dtd- 23/04/2026 that now onwards I shall be known as **SURENDRA MOHANTY** for all future purposes.

**AFFIDAVIT**

I, Asma parveen, aged about 34 years, W/o- Mohammed Ashif, resident of At-Kumbharpara, Po/Ps-Raighar, Dist-Nabarangapur, PIN-764074, Odisha declared by this affidavit No. 831, dtd- 26/04/2026 that now onwards I shall be known as **ASMA PARBEEN** for all future purposes.

**AFFIDAVIT**

By virtue of an affidavit sworn before the Notary public, jagatsinghpur dated 08.04.2026, I, Himanshu Bhusan Nanda, aged about 56 yrs, son of Pramod Chandra Nanda village-Uttarsasan Mahajan Sahi, Madhyasasan PS-Biridi, Dist-Jagatsinghpur do hereby solemnly affirm and state as follows : That I am the permanent resident of above noted address having two other brothers. That due to too old age of my father, being 86 years of old, he is forgetting his consciousness and unable to do his work. That , in this situation of my father , if any other try to mislead the stable and unstable land in the name of my father, I and my other two brothers will not be responsible for the same. That, I swear this affidavit to be produced before the concerned authority as and where it will be required. That, the facts stated above are all true to the best of my knowledge and belief.

### ବିଷମ କଟକରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ସଫା ହେଉନି ଡ୍ରେନ୍; ଡେଙ୍ଗୁ, ମେଲେରିଆକୁ ଡାକରା



### ରାଜନୈତିକ ଚାପରୁ କାର୍ଯ୍ୟ ବନ୍ଦ ରହୁଛି : କାର୍ଯ୍ୟନିର୍ବାହୀ ଅଧିକାରୀ

ବିଷମକଟକ, ୨୮।୪(ସମିସ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗ୍ରାମପଞ୍ଚାୟତର ଉନ୍ନତି ପାଇଁ ନିୟମିତ ଭାବେ ଅର୍ଥ ମଞ୍ଜୁର ହେଉଛି। ହେଲେ ଏହି ସବୁ ଅର୍ଥ ଆବଶ୍ୟକ ସ୍ଥଳରେ ଖର୍ଚ୍ଚ ହେଉନାହିଁ । ଅନ୍ୟ କେତେକସ୍ଥାନରେ ଏହାର ଅପବ୍ୟବହାର ମଧ୍ୟ କରାଯାଉଛି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ସଦର ଗ୍ରାମପଞ୍ଚାୟତରେ। ପ୍ରତ୍ୟେକ ବର୍ଷ ଏହି ପଞ୍ଚାୟତର ଉନ୍ନତି ଏବଂ ଗାଁ ବାସିନ୍ଦାଙ୍କୁ ସେବା ଯୋଗାଇବା ନିମନ୍ତେ ଅନୁଦାନ ପାଉଛନ୍ତି ସତ, କିନ୍ତୁ ବିଷମ କଟକ ସହରବାସୀ ଏହି ସବୁ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ବିଷମ କଟକ ସଦରରେ ୩୦ରୁ ଅଧିକ ସାହି ରହିଛି। ଏହି ସାହି ଗୁଡିକର ଉଭୟ ପାର୍ଶ୍ୱର ଡ୍ରେନ୍ ଗ୍ରାମପଞ୍ଚାୟତ ତରଫରୁ ନିୟମିତ ବ୍ୟବଧାନରେ ସଫା କରାଯାଉନାହିଁ । ଫଳରେ ସମସ୍ତ ଡ୍ରେନ୍ କାଦୁଅ ଏବଂ ଅଳିଆ ଆବର୍ଜନା ଭରି ହୋଇରହିଛି । ଅସରାଏ ବର୍ଷା ହେଲେ ଡ୍ରେନ୍‌ର ସମସ୍ତ ଓଳିଆ ଆବର୍ଜନା ବିଷମକଟକ ମୁଖ୍ୟ ସଡ଼କ ଉପରେ ଆସି ଜମା ହୋଇଯାଉଛି ତ ଆଉ କାହା ଘର ଭିତରେ ଡ୍ରେନ୍ ପାଣି ପସିଯାଉଛି। ଗ୍ରାମ ପଞ୍ଚାୟତର ନିଜସ୍ୱ ଟ୍ରାକ୍ଟର ଏବଂ ସଫେଇ କର୍ମଚାରୀ ରହିଥିବା ସତ୍ତ୍ୱେ ସଫେଇ କାର୍ଯ୍ୟପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଡ୍ରେନ୍ ସଫେଇକୁ ନେଇ ନିୟମିତ ଭାବେ ବିଭିନ୍ନ ସାମାଜିକ ଗଣମାଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ଜାରିରହିଛି। ତଥାପି ପଞ୍ଚାୟତ ଅଧିକାରୀଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଡ୍ରେନ୍ ସଫେଇ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଅଡଙ୍ଗାକାଙ୍କୁ ଯୋଗାଯୋଗ କରାଯିବାରେ ଡ୍ରେନ୍ ସଫେଇ ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେବା ସମୟରେ ତାଙ୍କ ଉପରେ ରାଜନୈତିକ ଚାପ ସୃଷ୍ଟି କରାଯାଉଛି। ଯାହାଫଳରେ କୌଣସି କାର୍ଯ୍ୟ କରିହେଉନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟତଃ ଡ୍ରେନ୍ ସଫେଇ ନିମନ୍ତେ ଗ୍ରାମପଞ୍ଚାୟତରେ ଅର୍ଥର କୌଣସି ଅଭାବ ନଥିବା ବେଳେ କାର୍ଯ୍ୟକରିବା ନିମନ୍ତେ ସ୍ୱାଧୀନତା ନାହିଁ ବୋଲି ମଧ୍ୟ କହିଛନ୍ତି। ଉନ୍ନୟନ ମୂଳକ କାର୍ଯ୍ୟ କରିବା ଦିଗରେ ଯେ କୌଣସି ରାଜନୈତିକ ଚାପ ସୃଷ୍ଟି କରିବା ଦୁର୍ଭାଗ୍ୟଜନକ। ଆଗକୁ ବର୍ଷା ଋତୁ ଆରମ୍ଭ ହେବାକୁ ଥିବା ବେଳେ ବର୍ତ୍ତମାନ ସାହି ଡ୍ରେନ୍ ଏବଂ ବିଷମ କଟକ ଡୁକୁମ୍ ରୋଡର ମୁଖ୍ୟ ଡ୍ରେନ୍ ସଫା କରିବା ନିହାତି ଜରୁରୀ ହୋଇପଡିଛି। ବର୍ଷା ଋତୁ ପୂର୍ବରୁ ଡ୍ରେନ ଗୁଡ଼ିକ ସଫା ସୁତୁରା ନ ହେଲେ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ମାରାତ୍ମକ ରୋଗର ଶିକାର ହେବା ଆଶଙ୍କା ଦେଖାଦେଇଛି। ଏଭଳି କ୍ଷେତ୍ରରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଘଟଣାକୁ ଗୁରୁତର ସହ ନେଇ ଏହାର ସମାଧାନ କରିବା, ଡ୍ରେନ୍ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେବା ଆବଶ୍ୟକତା ରହିଛି।

## ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ



ରାୟଗଡ,୨୮।୪(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡ ଠାରେ ସାମୁହିକ ଆଚାର୍ଯ୍ୟ କାର୍ଯ୍ୟଶାଳା-୨୦୨୬ର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ ସଙ୍କୁଳର ୭ଟି ଶିଶୁ ମନ୍ଦିରର ମୋଟ ୮୦ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଶିକ୍ଷା ବିକାଶ ସମିତିର ଦକ୍ଷିଣ ସମ୍ଭାଗର ସମ୍ଭାଗ ସଂଯୋଜକ ସୁକାନ୍ତ ବେହେରା ମୁଖ୍ୟ ଅତିଥି ଓ ରାୟଗଡ ସଙ୍କୁଳର ସଙ୍କୁଳ ପ୍ରମୁଖ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥି ସହିତ ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, କୋଷାଧ୍ୟକ୍ଷ ମନୋଜ କୁମାର ଚୌଧୁରୀ, ସଦସ୍ୟା ଶ୍ରୀମତୀ ସସ୍ମିତା ପାଢ଼ୀ ତଥା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଥନ କରିଥିଲେ। ମୁଖ୍ୟ ବକ୍ତା ପଞ୍ଚ ପଦୀ ଆଧାରରେ ଶିକ୍ଷାଦାନ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଶେଷରେ ସମ୍ପାଦକ ନିଜର ବକ୍ତବ୍ୟ ପ୍ରଦାନ ପରେ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟଶାଳାଟି ସଫଳ ହୋଇ ପାରିଥିଲା।

**● ଗୋମାତା ସମ୍ମାନ ଆହ୍ୱାନ ଅଭିଯାନ**

# ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ




ଚନ୍ଦ୍ରପୁର,୨୮।୪(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକରେ ଗୋମାତା ସମ୍ମାନ ଆହ୍ୱାନ ଅଭିଯାନ ସଂଗଠନର ମୁଖ୍ୟ କରୁଣାକର ପାତ୍ରଙ୍କ ନେତୃତ୍ୱରେ ଗୋ-ସେବକ ପ୍ରତିନିଧି ମଣ୍ଡଳ ଚନ୍ଦ୍ରପୁର ଝାଲିଆ ଦେବୀ ମନ୍ଦିରରୁ ଶୋଭାଯାତ୍ରାରେ ବହାରି ତହସିଲ ଅଫିସ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ତହସିଲଦାର ସୁନୀଲ କୁମାର ପ୍ରଧାନଙ୍କୁ ସାକ୍ଷାତ କରି ଗୋ-ସୁରକ୍ଷା, ଗୋମାତା ସମ୍ମାନ ଅଭିଯାନ ଉପରେ ବିସ୍ତୃତ ଭାବରେ ଆଲୋକପାତ କରି ଏହାର ସୁରକ୍ଷା ନିମନ୍ତେ ହସ୍ତାକ୍ଷର ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ଏକକିତା ନକଲର ଦାବିପତ୍ର ପ୍ରଧାନମନ୍ତ୍ରୀ, ମହାମହିମ ରାଜ୍ୟପାଳ, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଥିଲା। ପ୍ରତିକ୍ରିୟାରେ ବାବା ଜନକା ନନ୍ଦ ଗିରି କହିଲେ ଯେ, ଗୋମାତା ସମ୍ମାନ ହେଉଛି ଭାରତ ମହାଦେଶର ପ୍ରମୁଖ ଈଶ୍ୱର । ଆଧାତ୍ମିକ ଦୃଷ୍ଟିକୋଣରୁ ହେଉବା ବୈଜ୍ଞାନିକ ଦୃଷ୍ଟିକୋଣରୁ ଗୋମାତା ଆମ ସମାଜର ପ୍ରମୁଖ ଅଙ୍ଗ। ଏବେ ସଂସ୍କୃତି ଅବକ୍ଷୟ ଫଳରେ ଓଡ଼ିଶାରେ ଗୋ-ସଂପଦ ପୁରା ନଷ୍ଟ ହେବାକୁ ବସିଲାଣି। ସମସ୍ତ ରାଜ୍ୟରେ ଗୋଶାଳା ପାଇଁ ଅନୁଦାନ ଦିଆଯାଉ, ସଂରକ୍ଷିତ ଗୋଚର ଜମିକୁ ଜବରଦଖଲ ମୁକ୍ତ କରାଯାଉ, ଗୋଶାଳା ପରିଚାଳନା ପାଇଁ ସଂରକ୍ଷିତ ରଖାଯାଉ। ସରକାର ତୁରନ୍ତ ଏ ଦିଗରେ ଧ୍ୟାନ ନ ଦେଲେ ଓଡ଼ିଶାରେ ଗୋ-ସଂପଦ ପ୍ରତି ବିପଦ ଘନେଇବ। ଏହାର ସୁରକ୍ଷା, ସଚେତନା ପାଇଁ ସରକାର ପଦକ୍ଷେପ ନେବା ପାଇଁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୀନାଝୋଲାର ବାବା ସ୍ୱାମୀ ଜନକାନନ୍ଦ ଗିରି, ଗୀତା ଗୁରୁ କରୁଣାକର ପାତ୍ର, ସୁନୀଲ ବଳିଆର ସିଂହ, ଅନିଲ ଘଡେଇ, କୁନା ବଡେଇ, ଦୃଣା ଶବର, ଦେବରାଜ ଶବର, ଟନେଶ୍ୱର ରଣା, ଆଗମନ ରଣା ଓ ବୁଟା ରଣା ସହ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ।

# ସରକାରଙ୍କ ନିୟମକୁ ମାନୁନାହାନ୍ତି ବେସରକାରୀ ବିଦ୍ୟାଳୟ

ସୁନାବେଡ଼ା,୨୮।୪(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ୨୭ ରୁ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଗୁଡିକୁ ସରକାର ଛୁଟି ଘୋଷଣା କରିଛନ୍ତି । ଏପ୍ରିଲ ୨୭ରୁ ଜୁନ ୧୭ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା ନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରାଜ୍ୟର ସମସ୍ତ ଅଙ୍ଗନବାଡି ଠାରୁ ଆରମ୍ଭ କରି ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ କଲେଜ ବନ୍ଦ ରହିବା ନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ । ଯଦି ଏ ସମୟରେ କୌଣସି ଶିକ୍ଷାନୁଷ୍ଠାନ ଖୋଲା ରଖନ୍ତି, ତେବେ ସେ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ। ଶିକ୍ଷାନୁଷ୍ଠାନରେ କେବଳ ଶିକ୍ଷକ ବା ବିଦ୍ୟାଳୟର କର୍ମଚାରୀ ମାନେ ସକାଳେ ୬.୩୦ ଯାଇ ଦିନ ୧୦.୩୦ ସମୟରେ ଘରକୁ ଫେରିବା କଥା। କିନ୍ତୁ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି। ସୁନାବେଡ଼ା ପୌରପରିଷଦ ଅର୍ନ୍ତଗତ ସେମିଳିଗୁଡା ଓ ସୁନାବେଡ଼ାର କିଛି ବେସରକାରୀ ବିଦ୍ୟାଳୟରେ ସକାଳ ୯ଟା ଠାରୁ ୪ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟ କର୍ମଚାରୀଙ୍କୁ ରଖାଯାଇଛି।

# 'ପୋଷଣ ଭି ପଢାଇ ଭି'ତାଲିମ ଶିବିର

ନାରାୟଣପଟଣା,୨୮।୪(ସମିସ): ଆଜି ନାରାୟଣପାଟଣା ଶିଶୁ ମହିଳା ବିକାଶ ସିଡିପିଓ ଆନନ୍ଦିନୀ ମହାନ୍ତି ତତ୍ତ୍ୱାବଧାନରେ ବ୍ଲକ ସଭାଗୃହ ଠାରେ ଦ୍ୱିତୀୟ ପର୍ଯ୍ୟାୟ "ପୋଷଣ ଭି ପଢାଇ ଭି'ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ଡ.ବିମଳ କୁମାର ବାଘ ସମେତ ସମସ୍ତ ସୁପରଭାଇଜର, ବୋରିଗି, ବାଲିପେଟା, ପୋଡାପଦରର କ୍ଲଷ୍ଟରର ସମସ୍ତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। 'ପୋଷଣ ଭି ପଢାଇ ଭି' ଏହି କାର୍ଯ୍ୟକ୍ରମ ମୁଖ୍ୟ ପ୍ରସଙ୍ଗ ମା' ଓ ଶିଶୁର ପୋଷଣ, ମସ୍ତିଷ୍କ ବିକାଶ ପାଇଁ ପ୍ରାରମ୍ଭିକ ଉତ୍ତେଜନା, ପ୍ରାରମ୍ଭିକ ବର୍ଷରେ ଖେଳ ଆଧାରିତ ଶିକ୍ଷା, ସ୍କ୍ରିନ୍ ସମୟ କମେଇବାରେ ଅଭିଭାବକ ଓ ସମୁଦାୟର ଭୂମିକା ଏବଂ ଶକ୍ତିଶାଳୀ ଅଙ୍ଗନବାଡି ସମୁଦାୟ ସମର୍ଥନ ଶିଶୁମାନଙ୍କ ମସ୍ତିଷ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସିଡିପିଓ ଆଲୋକପାତ କରିଥିଲେ। ଏକ ସୁପୋଷିତ ଶିଶୁ ଏକ ଶକ୍ତିଶାଳୀ ଦେଶର ଭିତ୍ତିଭୂମି ଅଟେ ବୋଲି ମୁଖ୍ୟ ଅତିଥି ଗୋଲାଦି ତ୍ରିନାଥ କହିଥିଲେ। ଦିବ୍ୟାଙ୍ଗ ପିଲାଙ୍କ ସହ ସମସ୍ତ ୦ ରୁ ୩ ବର୍ଷର ଶିଶୁଙ୍କ ନିମନ୍ତେ ଶୈଶବକାଳୀନ ଉଦ୍ଦୀପନା ଓ ୩ ରୁ ୬ ବର୍ଷର ଶିଶୁମାନଙ୍କ ପାଇଁ ଆଦ୍ୟ ଶସ୍ୟକାଳୀନ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମକୁ ତ୍ୱରାନିତ କରାଇବା ସହ ଜାତୀୟ ଶିକ୍ଷାନୀତି ଅନୁସାରେ ଶିଶୁମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ, ସାମାଜିକଓ ଏବଂ ଆବେଗିକ ବିକାଶ କରାଇବା ସହ ମୌଳିକ ସଂଖ୍ୟା ଧାରଣା ଓ ଅକ୍ଷର ଶିକ୍ଷା ପ୍ରଦାନ କରି ଶିଶୁମାନଙ୍କୁ ବିକାଶ ଦିଗରେ ଆଗେଇ ନେବା ପାଇଁ ଡ. ବିମଳ କୁମାର ବାଘ ପରାମର୍ଶ ଦେଇଥିଲେ।

# ଓକିଲ ଦିବସ ଓ ମଧୁ ବାବୁ ଜୟନ୍ତୀ

ଗୁଣୁପୁର, ୨୮।୪(ସମିସ):

ଗୁଣୁପୁର ଓକିଲ ସଂଘ ପକ୍ଷରୁ ଓକିଲ ଦିବସ ତଥା ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟ ପରିସରରେ ଗୁଣପୁର ଓକିଲ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକର ବିଚାରପତି



ରାଧାକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରାୟଗଡ଼ା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥ ସମ୍ମାନିତ ଅତିଥ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତପନ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଓକିଲ ସଂଘ ପକ୍ଷରୁ କୋର୍ଟ ଛକରୁ ଆଦିବାସୀ ନୃତ୍ୟ ଗୀତ ସହ ବାଦ୍ୟ ବଜାଇ ପାଛୋଟି ସ୍ୱାଗତ କରି ନିଆଯାଇଥିଲା। ଓକିଲ ସଂଘର ସମସ୍ତ ସଦସ୍ୟ ଓ କୋର୍ଟର ସମସ୍ତ ବିଚାରପତିଙ୍କ ଉପସ୍ଥିତିରେ ଅତିଥିମାନଙ୍କ ଦ୍ୱାରା ସ୍ଥାନୀୟ ଅଦାଲତ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ଓଡ଼ିଶା ପ୍ରତି ତ୍ୟାଗପୁତ ଅବଦାନ କୁ ସ୍ମରଣ କରାଯାଇଥିଲା। କୋର୍ଟ ପରିସରରେ ଅନୁଷ୍ଠିତ ସଭା କାର୍ଯ୍ୟ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସ୍ମୃତିଚାରଣ ସଭାରେ ସଭାପତି ରମେଶ ଚନ୍ଦ୍ର ଲିମା ଅଧକ୍ଷତା କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ବରିଷ୍ଠ ଓକିଲ ତଥା ପୂର୍ବତନ ସଭାପତି ଉମା ଚରଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଘର ଅଭାବ



ଅସୁବିଧାକୁ ନେଇ ସମ୍ପାଦକ ସୂରଜ ପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଓକିଲ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ନିଃସହାୟ ଗରିବ ଶ୍ରେଣୀର ଲୋକ ଯେମିତି ନ୍ୟାୟପାଇବେ ସେ ଦିଗରେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଓକିଲ ରାଜେନ୍ଦ୍ର ପାଢ଼ୀ, ଉମା ଚରଣ ପଟ୍ଟନାୟକ, ବ୍ରହ୍ମା ନନ୍ଦ ପଟ୍ଟନାୟକ, ଗଦାଧର ପଣ୍ଡା , ଇନ୍ଦିରା ପାଢ଼ୀ, ଦୁର୍ଗା ପ୍ରସାଦ ମଣିପାତ୍ର, ଫଣି ଭୂଷଣ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଗୁଣପୁର କୋର୍ଟ ଏଡିଜେ ଦେବଦତ୍ତ ପଟ୍ଟନାୟକ, ସବ୍‌ଜଜ୍ ସୁମିତ୍ରା ସାହୁ , ଏସ୍‌ଡିଜେଏମ୍ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାପାତ୍ର ଯୋଗ ଦେଇଥିଲେ। ସରକାରୀ ଓକିଲ ପ୍ରଦୀପ ଦାସ , ଦେବୀ ଆଚାର୍ଯ୍ୟ କୃଷ୍ଣ ସେନାପତି ଅକ୍ଷୟ ଶତପଥୀ, ପୂର୍ବତନ ସଭାପତି ଗୌରୀ ଦାସ, ବିଷ୍ଣୁ ପାଢ଼ୀ, ବିଶ୍ୱନାଥ ସାହୁ, ଗଣେଶ ପଣ୍ଡା, ଅଶୋକ ଧୁଳି, ପ୍ରମୋଦ ସାହୁଙ୍କ ସହ ଅନ୍ୟାନ୍ୟ ଓକିଲ, ବୁଦ୍ଧିଜୀବୀ ଓ ସମାଜସେବୀ ଉପସ୍ଥିତ ଥିଲେ। ମଞ୍ଚକୁ ଓକିଲ ସଂଘର ଯୁବ ଓକିଲ ପ୍ରଶାନ୍ତ ପଟ୍ଟନାୟକ, ସସ୍ମିତା ପାତ୍ର, ମିହିର ପଟ୍ଟନାୟକ, ଲୀଳାବତୀ ପ୍ରଧାନୀ, ଜ୍ୟୋତିର୍ମୟୀ ଶବର, ଚିନାରି ବସୁଧା ରାଣୀ, ଗୁଡଲା ମାଧବୀ ପରିଚାଳନା କରିଥିଲେ। ଏହି ଅବସରରେ ଲକ୍ଷ୍ମଣ ଶବରଙ୍କ ଅଲମ୍ ଗୁଡ଼ାର ଆଦିବାସୀ ନୃତ୍ୟ ଦଳକୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

# ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଆତ୍ମରକ୍ଷା ତାଲିମ ଶିବିର



ପଟ୍ଟାଙ୍ଗି,୨୮।୪(ସମିସ): କୋରାପୁଟ ଜିଲ୍ଲା ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ, ପଟ୍ଟାଙ୍ଗିଠାରେ ଆତ୍ମରକ୍ଷା ତାଲିମ ଶିବିରର ଉଦ୍‌ଯାପନୀ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଜମ୍ମେଶ୍ୱର ସାହୁ ଅଧକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରାୟୋଜିତ ଏହି ଆତ୍ମରକ୍ଷା ତାଲିମ ଶିବିରଟି ସର୍ବମୋଟ ୮ ଦିନ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିସରରେ ଚାଲିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠତା ଶ୍ରୀଯୁକ୍ତ ରାମ ପ୍ରସାଦ ଚୌଧୁରୀ ଉପସ୍ଥିତ ରହିଥିଲେ। ଅଧକ୍ଷ ଡ. ସାହୁ ନିଜର ଅଭିଭାଷଣ ରଖି ଆତ୍ମରକ୍ଷା ଗୁରୁତ୍ୱ ବିଷୟରେ ଛାତ୍ରୀ ମାନଙ୍କୁ ବୁଝାଇଥିଲେ। ପରବର୍ତ୍ତୀ ସମୟରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଚୌଧୁରୀ ନିଜର ବକ୍ତବ୍ୟ ରଖିବା ସହ ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ନିଜ କର କରକମଣ୍ଡଳରେ ମାନପତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଗାଙ୍ଗେଶ୍ୱରୀ ସ୍ନାତକ ମହାବିଦ୍ୟାଳୟର ଅଧାପକ ଅଶୋକ କୁମାର ପରିଡା, ଅମିୟ କୁମାର ସ୍ୱାଇଁ, ଅଧାପିକା ଅବନୀ ମହାରଣା, ଅଧାପିକା ମାନସି ପଲେଇ, ଜେମେସଫ୍ରାଙ୍କଲିନ ଖରା, ଶିକ୍ଷା ବିଭାଗର ଡେମୋନେଷ୍ଟ୍ରେଟର ଗୀତାଞ୍ଜଳୀ ବିଶୋଇ, ପ୍ରଶାନ୍ତ କୁମାର ଦାସ, ଆଶିଷ କୁମାର ମହାରଣା, ଅକ୍ଷୟ କୁମାର ବେହେରା, ମୌସୁମୀ ଭତ୍ରା, ଝିଲି ରାଣି ସାମନ୍ତରାୟ,ସରିତା ସାହୁ, ଆଶୋକ କୁମାର ମିଶ୍ର ଓ ଦାଶରଥି ନାୟକ ପ୍ରମୁଖ ସହଯୋଗ କରିଥିଲେ।

**● ବ୍ଲକ୍‌ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ତେନ୍ତୁଳିପଦର ହରାଇ ବେଜୁଗୁଡା ଚାମ୍ପିଅନ



ନାରାୟଣପାଟଣା,୨୮।୪(ସମିସ): ନାରାୟଣପଟଣା ବ୍ଲକ ଅନ୍ତର୍ଗତ ବାଲିପେଟା ପଞ୍ଚାୟତର ଖେଳପଡିଆ ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବେଜୁଗୁଡା କ୍ରିକେଟ ଟିମ୍ ଫାଇନାଲ ମ୍ୟାଚରେ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ବେଜୁଗୁଡା ଦଳ ନିର୍ଦ୍ଧାରିତ ଓଭରରେ ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ତେନ୍ତୁଳିପଦାର ଦଳ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇ ପରାଜୟ ବରଣ କରିଥିଲା। ଏହି ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ କୁମାର ହିଆଲ ଏବଂ ଲମ୍ବୁ ଧର ସୁବୁଦ୍ଧି, ପରିଚାଳନା କରିଥିଲେ। ସେହିପରି ଅମିତ କୁଲଦୀପିଆ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ଝିନ୍ନ ହିକକା, ନାରାୟଣପଟଣା ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ପ୍ରହଲ୍ଲାଦ ଖୋସଲା, ଯୁବ ସଭାପତି ରାମ ସେଠି, ସରପଞ୍ଚ ବାବୁଲା କୁଲେସିକା ଯୁବ ପତ୍ରକାର ତଥା ସମାଜସେବୀ ଏନ ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ରହି ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିବା ସହ ଅଧକ୍ଷ ଗୋଲାଦି ତ୍ରିନାଥ ତାଙ୍କ ଅଭିଭାଷଣରେ କହିଥିଲେ। ଭଲ ଭାବରେ ଖେଳି ଜିଲ୍ଲା ତଥା ଏହି ଅଞ୍ଚଳର ନାମ ଅର୍ଜନ କରିବାକୁ ଦିଗଦର୍ଶନ ଦେଇଥିଲେ। ଆୟୋଜକ ମା'ବୁଢ଼ୀ ଠାକୁରାଣୀ କ୍ରିକେଟ ଟିମର ସମସ୍ତ ସଦସ୍ୟ ଏହି ପ୍ରତିଯୋଗିତା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।


# ୧୦ ଗ୍ୟାସ୍ ସିଲିଣ୍ଡର ଜବତ



ସେମିଳିଗୁଡା, ୨୮।୪ (ସମିସ): କୋରାପୁଟ ଜିଲା ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଟିମ ସୁନାବେଡା ଓ ସେମିଳିଗୁଡ଼ା ସହରର ବିଭିନ୍ନ ହୋଟେଲରେ ଚଢ଼ଉ କରି ୧୦ ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ଟିମ ସୁନାବେଡା ଟ୍ରାଫିକ ଛକ ନିକଟ ଏକ ହୋଟେଲରେ ବେଆଇନ ଭାବେ ଗଚ୍ଛିତ ୫ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ସେହିପରି ସେମିଳିଗୁଡ଼ା ଟ୍ରାଫିକ ଛକ ନିକଟ ଏକ ହୋଟେଲରୁ ଆଉ ୫ ସିଲିଣ୍ଡର ଜବତ କରିଥିବା ଜଣାପଡିଛି। ଏ ନେଇ ଚଢ଼ଉ ଜାରି ରହିଥିବା ଜିଲ୍ଲା ଯୋଗାଣ ବିଭାଗର ଏସିଏସ୍‌ଓ ଖଗେଶ୍ୱର ପଣ୍ଡା କହିଛନ୍ତି। ହୋଟେଲ ନାମରେ କଳାବଜାରୀ କରି ବେଆଇନ ଘରୋଇ ସିଲିଣ୍ଡର ଗଚ୍ଛିତ ଉପରେ ବିଭାଗ ନଜର ରଖିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଚଢ଼ଉ ସମୟରେ ଜିଲ୍ଲା ଯୋଗାଣ ବିଭାଗ ଏସିଏସଓ ସୌଭାଗ୍ୟ ରଞ୍ଜନ ନାୟକ, କୋରାପୁଟ ସୁନାବେଡା ଦାୟିତ୍ୱରେ ଥିବା ବିଭଗୀୟ ଇନ୍‌ସ୍ପେକ୍ଟର ଆଦିତ୍ୟ ବିଶ୍ୱପ୍ରକାଶ ନାୟକ, ସୁନାବେଡା ଯୋଗାଣ ନିରୀକ୍ଷକ ସନ୍ତୋଷିନୀ ଗଦବା, ସେମିଳିଗୁଡ଼ା ଥାନା ଏଏସଆଇ ବିରଞ୍ଚି ବାଣ୍ଡୁଆ ଯୋଗ ଦେଇଥିଲେ।

# ନାଳପାଣି ଭରସାରେ ଡୁମୁରିଗୁଡ଼ା ଗ୍ରାମବାସୀ

ନନ୍ଦପୁର,୨୮।୪ (ସମିସ): ବିକାଶର ବଡ଼ ବଡ଼ ଦାବି ମଧ୍ୟରେ ଆଜିଯାଏଁ ମୌଳିକ ସୁବିଧା ପାଇଁ ହାହାକାର ନନ୍ଦପୁର ଅଞ୍ଚଳର ଏକ ଛୋଟ ଗ୍ରାମ ଡୁମୁରିଗୁଡ଼ା। ନନ୍ଦପୁର ବ୍ଲକ ଅଧୀନ ଗଲୁର୍ ପଞ୍ଚାୟତର ଏହି ଗ୍ରାମରେ ଗତ କିଛି ବର୍ଷ ଧରି ପାନୀୟଜଳ ସମସ୍ୟା ଲୋକମାନଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ଗ୍ରାମର ସମସ୍ତ ପରିବାର ପାନୀୟ ଜଳ ଲାଗି ନିତ୍ୟପ୍ରତ୍ୟହ ସଂଘର୍ଷର୍ କରୁଛନ୍ତି। ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କହିଲେ, ମାତ୍ର ଦୁଇଟି ନଳକୂପ ଓ ଗୋଟିଏ ସୋଲାର ଜଳ ପ୍ରକଳ୍ପ। କିନ୍ତୁ ଦୁଃଖର କଥା, ସୋଲାର ଜଳ ପ୍ରକଳ୍ପଟି ଗତ ତିନି ବର୍ଷ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ପୂରାପୁରି ବନ୍ଦ ହୋଇ ଯାଇଥିବା ବେଳେ ଅନ୍ୟଟି ପୁରୁଣା କୂଅ ଉପରେ ଯନ୍ତ୍ରାଂଶ ଲଗାଇ ଚାଲିଛି। ଗ୍ରାମରେ ୮୦ ପରିବାର ବସବାସ କରୁଥିବା ବେଳେ ଏତେ ଲୋକଙ୍କ ପାଇଁ ଏହା "ସମୁଦ୍ରକୁ ଶଙ୍ଖେ ପାଣି' ସଦୃଶ। ଏପରି ସ୍ଥିତିରେ ଗ୍ରାମବାସୀମାନେ ବାଧ୍ୟ ହୋଇ ନାଳ ପାଣି ଉପରେ ନିର୍ଭର ହେଉଛନ୍ତି। ଦୈନିକ ଗୃହକାର୍ଯ୍ୟ, ପାନୀୟ ଜଳ ଓ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ସେହି ନାଳ ହିଁ ଏକମାତ୍ର ଆଶା। ବିଶେଷକରି ଗ୍ରୀଷ୍ମ ଋତୁରେ ସ୍ଥିତି ଆହୁରି ଦୟନୀୟ ହୋଇଯାଏ। ତୀବ୍ର ଖରା ଓ ଝାଞ୍ଜିରେ ମହିଳାମାନେ ଦୂର ନାଳକୁ ଯାଇ ମୁଣ୍ଡରେ ପାଣି ବୋହି ଘର ଅଗଣାକୁ ଆଣିବାକୁ ବାଧ୍ୟ ହେଉଛନ୍ତି। ଗ୍ରୀଷ୍ମ ଆମ ପାଇଁ ଯେମିତି ଅଭିଶାପ ସ୍ୱରୂପ ବୋଲି କହିଛନ୍ତି ଗ୍ରାମବାସୀ। ସେମାନଙ୍କ କଥାରୁ ଅସହାୟତାର



ଯନ୍ତ୍ରଣା ସ୍ପଷ୍ଟ ଭାବେ ପ୍ରକାଶ ପାଉଥାଏ। ସ୍ଥାନୀୟ ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜନଶୁଣାଣି ପର୍ଯ୍ୟନ୍ତ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଲୋକମାନଙ୍କ ଆଶା ଏବେ ମନ୍ଦ ହେବାରେ ଲାଗିଛି। ଗ୍ରାମବାସୀ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ଯେ, ଶୀଘ୍ର ଏହି ଜଳ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ। ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା ସୃଷ୍ଟି କରି ଏହି ଦୁର୍ଦ୍ଦଶାରୁ ମୁକ୍ତି ଦିଆଯାଉ। ଡୁମୁରିଗୁଡ଼ାର ଏହି

**● ଗ୍ରୀଷ୍ମରେ ଅଭିଶପ୍ତ ଜୀବନ**

ଦୟନୀୟ ଚିତ୍ର କେବଳ ଯେ ଏହି ଏକ ଗ୍ରାମର କଥା ନୁହେଁ। ବରଂ ଗ୍ରାମୀଣ ଓଡ଼ିଶାର ଅନେକ ଅଞ୍ଚଳର ନିରାଟ ସତ୍ୟ। ବିକାଶର ଆଲୋକ ଯେତେବେଳେ ସହରକୁ ଆଲୋକିତ କରୁଛି, ସେତେବେଳେ ଡୁମୁରିଗୁଡ଼ା ପରି ଗ୍ରାମ ଗୁଡ଼ିକ ଅନ୍ଧକାରରେ ଜଳକଷ୍ଟ ସହିବାକୁ ବାଧ୍ୟ ହୋଇପଡ଼ିଛି।

# ୧୦୫୦ ସରକାରୀ ବିଦ୍ୟାଳୟ ପାଇବେ ନିଜସ୍ୱ ଜମି ପଟ୍ଟା

ମାଲକାନଗିରି, ୨୮ ।୪(ସମିସ):



ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଶିକ୍ଷାର ବିକାଶ ପାଇଁ ଏକ ଯୁଗାନ୍ତକାରୀ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସୁଚିନ୍ତିତ ନିର୍ଦ୍ଦେଶ କ୍ରମେ ଆଜି ଏଫଏଲସି ହଲ ପରିସରରେ ଏକ ବିଶାଳ ବିଦ୍ୟାଳୟ ଜମିପଟ୍ଟା ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ବେଦବର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ସହକାରୀ ବନ ଅଧିକାରୀ ମନସୁନ୍ ଖେମୁଣ୍ଡୁ ଉପସ୍ଥିତ ଥିଲେ। ଏହି ଶିବିରରେ ଜିଲ୍ଲାର ୧୦୫୦ଟି ସରକାରୀ ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ କରିବା ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାରେ ଥିବା ମୋଟ ୧୨୪୨ଟି ସରକାରୀ ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୮୫ ପ୍ରତିଶତ ଅନୁଷ୍ଠାନର ନିଜସ୍ୱ ପଟ୍ଟା ନଥିବାରୁ ଅତିରିକ୍ତ ଶ୍ରେଣୀଗୃହ, ଶୌଚାଳୟ, ଏବଂ ପାଚେରୀ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବର୍ଷ ବର୍ଷ ଧରି ଅଧାପନ୍ତରିଆ ହୋଇ ରହିଥିଲା। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ଫୋରମ ଗଠନ କରି ରାଜସ୍ୱ, ତହସିଲ, ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନେ ଗୋଟିଏ ସ୍ଥାନରେ ଏକାଠି ହୋଇ କାଗଜପତ୍ର ଯାଞ୍ଚ କଲେ। ତହସିଲକୁ ୬୪୭ ବିଦ୍ୟାଳୟ ଏବଂ ବନ ବିଭାଗକୁ ୩୦୪ ବିଦ୍ୟାଳୟ ପଟ୍ଟା ପାଇଁ ଯାହା ଆବେଦନ କରିଥିଲେ ତାହାର ସମୟସୀମା ମଧ୍ୟରେ ଅବଶିଷ୍ଟ ବିଦ୍ୟାଳୟଗୁଡ଼ିକର ଜମି ଚିହ୍ନଟ, ମାପଚୁପ ଓ ପଟ୍ଟା ପ୍ରଦାନ ପ୍ରକ୍ରିୟା ଅତିଶୀଘ୍ର ଶେଷ କରିବାକୁ ଉପ ଜିଲ୍ଲାପାଳ ସମସ୍ତ ତହସିଲଦାର ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଲେ। ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପାଇଁ ଯଥାଶୀଘ୍ର ଜମି ପଟ୍ଟା ଦେବାକୁ ଗୁରୁତ୍ୱ ଦିଆଗଲା।ସେହିପରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଥିବା ୨୫ଟି ଆଶ୍ରମ ବିଦ୍ୟାଳୟ ପାଇଁ ମଧ ଆବେଦନ ପ୍ରକ୍ରିୟା ଜାରି ରହିଛି। ଅନ୍ୟପଟେ, ଜଙ୍ଗଲ ଜମିରେ ଅବସ୍ଥିତ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଶିକ୍ଷା ବିଭାଗର ୩୦୪ଟି ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୧୩ଟି ଆଶ୍ରମ ବିଦ୍ୟାଳୟ ପାଇଁ ସମ୍ପୃକ୍ତ ବନ ଅଧିକାରୀଙ୍କ ନିକଟରେ ଆବେଦନ କରାଯାଇଛି। ବିଭିନ୍ନ ତହସିଲ ଏବଂ ବନ ବିଭାଗ କାର୍ଯ୍ୟାଳୟରେ ଏହି ପଟ୍ଟା ପ୍ରଦାନ ପ୍ରକ୍ରିୟା କେଉଁ କାରଣରୁ ବାକି ରହିଛି, ସେ ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା କରାଯାଇଛି। ଏଥିରେ ଆବଶ୍ୟକୀୟ ଫର୍ମ, ଦଲିଲ ସଂଗ୍ରହ ଏବଂ ଗ୍ରାମସଭା ନିର୍ଦ୍ଧାରଣ ଭଳି ପ୍ରକ୍ରିୟାଗୁଡ଼ିକୁ ଆପୋଷ ଆଲୋଚନା ମାଧ୍ୟମରେ ଚୂଡ଼ାନ୍ତ ରୂପ ଦେବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଏହି ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ପୃକ୍ତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ କୌଣସି ବିଦ୍ୟାଳୟ କେବଳ ଜମି ପଟ୍ଟା ଅଭାବରୁ ବିକାଶରୁ ବଞ୍ଚିତ ହେବ ନାହିଁ। ପ୍ରଶାସନ ଓ ଶିକ୍ଷା ବିଭାଗ ମିଶି ମିଶନ ମୋଡରେ କାମ କରିବ। ଜିଲ୍ଲା ପ୍ରଶାସନର ଏହି ଉଦ୍ୟମ ମାଲକାନଗିରି ପରି ଏକ ଦୁର୍ଗମ ଅଞ୍ଚଳରେ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ। ବିଦ୍ୟାଳୟ ଗୁଡ଼ିକର ନିଜସ୍ୱ ଜମି ପଟ୍ଟା ରହିଲେ ସରକାରୀ ଅନୁଦାନର ସଠିକ୍ ବିନିଯୋଗ ହୋଇପାରିବ, ଯାହା ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଏକ ସୁରକ୍ଷିତ ଓ ଆଧୁନିକ ପାଠପଢ଼ା ପରିବେଶ ପ୍ରଦାନ କରିବ। ଜିଲ୍ଲାପାଳଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ପାଇଁ ଆଜି ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଜିଲ୍ଲା ପ୍ରଶାସନକୁ ଉଚ୍ଚ ପ୍ରଶଂସା କରାଯାଉଛି। ପ୍ରଶାସନର ଏହି ମିଶନ ମୋଡ୍ କାର୍ଯ୍ୟଶୈଳୀ ଶିକ୍ଷା କ୍ଷେତ୍ରରେ ଥିବା ପ୍ରଶାସନିକ ବାଧାବିଘ୍ନକୁ ଦୂର କରିବାରେ ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ତହସିଲଦାର ଏବଂ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କ୍ରସର ଭାରୀଯାନ ପାଇଁ ରାସ୍ତା ନଷ୍ଟ



କଲ୍ୟାଣସିଂହପୁର, ୨୮।୪(ସମିସ): ରାୟଗଡ଼ ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକରେ ପ୍ରବଳ ଭାରୀଯାନ ଯାତାୟତ ଯୋଗୁଁ ରାସ୍ତା ଗୁଡାକ ଖାଲ ଖମା ହୋଇ ନଷ୍ଟ ହୋଇ ଯାଉଛି। ଏହି ବ୍ଲକର ଧାମୁଣୀପଙ୍ଗା ପଞ୍ଚାୟତ ଅନ୍ତର୍ଗତ ହାତୀମୁଣ୍ଡା ଗ୍ରାମନିକଟରେ ଥିବା ହୀରାନୀଳା କ୍ରସର ଯୋଗୁଁ ରାସ୍ତା ଖରାପ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପଥର ଖଣିଠାରୁ ସମାନ ପରିମାଣ ଠାରୁ ଅଧିକ ପରିମାଣର ବଡ଼ ବଡ଼ ହାଇୱା ଗାଡ଼ିରେ ମେଟାଲ ଚିପ୍ସ ବୁହା ଯାଉଥିବାରୁ ରାସ୍ତା ଶୀଘ୍ର ନଷ୍ଟ ହୋଇ ଯାଉଛି। ପୂର୍ବରୁ ହାତୀମୁଣ୍ଡା କତାଗୁଡା ଦେଇ ହାଇବା ଗୁଡାକ ଦିନରାତି ଅଧିକ ପରିମାଣ ସାମଗ୍ରୀ ଚାଲାଣ ହେଉଥିବାରୁ ରାସ୍ତା ଖରାପ ହେବା ଯୋଗୁଁ ଉକ୍ତ ରାସ୍ତା ବନ୍ଦ କରିଦେଇଥିଲେ ଚାରିଖଣ୍ଡ ଗ୍ରାମବାସୀ। ପରେ କ୍ରସର ମାଲିକ ସୁରୁମୁଳି ଦେଇ ଧାମୁଣୀପଙ୍ଗା ରାସ୍ତାରେ ଯାତାୟତ କରୁଥିବାରୁ ବର୍ତମାନ ଉକ୍ତ ରାସ୍ତା ମଧ ବଡ଼ବଡ଼ ଖଲ ହୋଇ ରାସ୍ତା ନଷ୍ଟ ହୋଇ ଯାଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କଲେଣି। ଗତ ଦୁଇ ମାସ ପୂର୍ବେ ମରାମତି ହୋଇଥିବା ଆରଡ଼ି କ୍ରସର ହାଇବା ଗାଡି ଗୁଡାକ ବେଆଇନ ଭାବରେ ଅଧିକ ପରିମାଣରେ ମାଳ ପରିବହନ କରୁଥିବାରୁ ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଏଣୁ ଖଣି, ପୋଲିସ ଓ ରାଜସ୍ୱ ବିଭାଗ ଯାଞ୍ଚ କରି କାଯ୍ୟନୁଷ୍ଠାନ ନେବାପାଇଁ ଧାମୁଣିପଙ୍ଗା ପଞ୍ଚାୟତବାସୀ ଦାବି କରିଛନ୍ତି।

## ଓକିଲ ଦିବସ ଓ ମଧୁବାବୁଙ୍କ ଜୟନ୍ତୀ ପାଳିତ

ରାୟଗଡ,୨୮।୪(ସମିସ): ରାୟଗଡ ଓକିଲ ସଙ୍ଘ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ତଥା ଓକିଲ ଦିବସ ମଙ୍ଗଳବାର ରାୟଗଡ ବିଚାର ବିଭାଗୀୟଅଦାଲତ ପରିସରରେ ପାଳିତ ହୋଇଯାଇଛି । ରାୟଗଡ ଓକିଲ ସଙ୍ଘ ସଭାପତି ବ୍ରଜସୁନ୍ଦର ନାୟକଙ୍କ ସଭାପତିତ୍ୱ ଓ ମଞ୍ଚ ପରିଚାଳନାରେ ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭା କାର୍ଯ୍ୟକ୍ରମରେ ଓଡିଶା ଉଚ୍ଚ ନ୍ୟାୟାଳୟ, କଟକର ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଦୌରାଜଜ ଦାମୋଦର ରଥ,ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଶୁତୋଷ କୁଲକର୍ଣ୍ଣି ଯୋଗ ଦେଇଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ପି. ରମେଶ ପାତ୍ର, ଜିଲ୍ଲା ଓକିଲ ସଂଘ ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ଉପ ସଭାପତି ସୁଶାନ୍ତ ଖୋସଲା, କୋଷାଧକ୍ଷ ବିସ୍ମୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନଜୀବୀ ଶୁଭ୍ରା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓକିଲ ବୃନ୍ଦଙ୍କ ପକ୍ଷରୁ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ସମ୍ପାଦକ ଶ୍ରୀ ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଭାପତି ଶ୍ରୀ ନାୟକ ସଭାପତି ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଜିଲ୍ଲା ଦୌରାଜଜ ଶ୍ରୀ ରଥ ଓକିଲ ଦିବସ ଓ ମଧୁ ବାବୁ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ବିଚାରପତି ଶ୍ରୀ ପଟ୍ଟନାୟକ ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହ ଆଇନସେବା କ୍ଷେତ୍ରରେ ନୂତନ ଭାବେ ଓକିଲ ହୋଇ ଆସୁଥିବା ଯୁବ ଓକିଲ ମାନେ ସେବା ପ୍ରଦାନ ବେଳେ ଅତ୍ୟଧିକ ଯୋଜନା ନ କରି ଚିତ୍ତ ମନରେ ନିଜ ଦାୟିତ୍ୱ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ମାନଙ୍କ ସେବା ଓ ସହଯୋଗ ବେଳେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲା କୋର୍ଟରେ ଦୀର୍ଘ ୨୫ ବର୍ଷ ଧରି କାର୍ଯ୍ୟରତ ଥିବା ଆଇନଜୀବୀ ରମେଶ କୁମାର ପାଢ଼ୀ, ଅରୁଣ କୁମାର ପାସପୁରେ‡ୀ, ଜି. ଗୋପାଳକ୍ରିଷ୍ଣା, ଅରୁଣ କୁମାର ଲେଙ୍କା, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଏଦୁ ଶ୍ରୀନିବାସ, ବିଶ୍ୱନାଥ ଗନ୍ତାୟତ, ବି. ଶିବ ପ୍ରସାଦଙ୍କ ସମେତ ୧୪ ଜଣ ଆଇନଜୀବୀ ଏବଂ ୫୦ ବର୍ଷରୁ ଉର୍ଦ୍ଧ ସମୟ ଧରି କାର୍ଯ୍ୟରତ ଥିବା ବରିଷ୍ଠ ଓକିଲ କୋନ୍ଦୁରୁ ନାରାୟଣ ମୂର୍ତ୍ତି ଜଣଙ୍କୁ ଓକିଲ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ଓକିଲ ସଂଘ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଟେଲିଫୋନ ଡିରେକ୍ଟୋରୀର ଶୁଭ ଉନ୍ମୋଚନ ମୁଖ୍ୟ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋର୍ଟର ବିଭିନ୍ନ ବିଚାର ବିଭାଗୀୟ ଅଦାଲତ ବିଚାରପତିଙ୍କ ସମେତ ଓକିଲ ସଂଘର ବହୁ ଓକିଲମାନେ ଉପସ୍ଥିତ ରହିଥିବା ବେଳେ ସଭା ଶେଷରେ ସମ୍ପାଦକ ଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ପାଳନ ଅବସରରେ ରବିବାର ସକାଳେ ଅଦାଲତ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



● ୧୫ ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା

■ ମାଲକାନଗିରି ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ

## +୨ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରୀଷ୍ମକାଳୀନ କୋଚିଂ ଆରମ୍ଭ




ମାଲକାନଗିରି,୨୮ ।୪(ସମିସ): ମାଲକାନଗିରି ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ମାର୍ଗଦର୍ଶନରେ +୨ ବିଜ୍ଞାନ ଆଶାୟୀଙ୍କ ପାଇଁ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ,ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ,ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରା, ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଲକାନଗିରି ଯୁକ୍ତ ଦୁଇ ବିଜ୍ଞାନ କଲେଜର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକଙ୍କୁ ନେଇ ଏକ ଟିମ୍ ଦ୍ୱାରା ଏହା ପରିଚାଳିତ ହେଉଛି। ଏହି ପାଠ୍ୟକ୍ରମ ୫ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇଛି। ଏଚଏସଇ ପରୀକ୍ଷା ଦେଇଥିବା ବିଭିନ୍ନ ହାଇସ୍କୁଲର +୨ ବିଜ୍ଞାନ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ଏଥିପାଇଁ ନିମନ୍ତ୍ରଣ କରାଯାଇଥିଲା। ଆଗାମୀ ନିଟ୍ ଏବଂ ଜେଇଇ ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବାକୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି ସମନ୍ୱିତ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମରେ କୋଚିଂ ନେଉଛନ୍ତି। ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଆଗୁଆ +୨ ବିଜ୍ଞାନ ପାଠ୍ୟକ୍ରମ ପଢାଯିବା ସହ ନିଟ୍ ଏବଂ ଜେଇଇ ସମ୍ବନ୍ଧୀୟ ସମସ୍ୟା ଓ ପ୍ରଶ୍ନର ସମାଧାନ କରାଯାଉଛି। ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାକାର ଅଧିକାଂଶ ଅଭିଭାବକ ଚାଷୀ ଏବଂ ସେମାନଙ୍କ ପିଲାମାନେ ପ୍ରତିଭାବାନ ହୋଇଥିଲେ ମଧ ବ୍ୟୟବହୁଳ ଘରୋଇ କଲେଜରେ ପଢିବାରୁ ବଞ୍ଚିତ ହୁଅନ୍ତି। ସେହିପରି ବ୍ରହ୍ମପୁର, କଟକ, ଭୁବନେଶ୍ୱର, ରାଉରକେଲା ଭଳି ବଡ଼ ସହରରେ ପିଲାମାନଙ୍କୁ ପଢାଇବା ସେମାନଙ୍କ ପାଇଁ କଷ୍ଟକର ହୋଇଥାଏ। ଫଳରେ ସେମାନଙ୍କ ପିଲାଙ୍କ ଡାକ୍ତର, ଇଞ୍ଜିନିୟର କିମ୍ବା ବିଜ୍ଞାନ କ୍ଷେତ୍ରରେ କ୍ୟାରିୟର କରିବା, ବୈଜ୍ଞାନିକ ହେବାର ସ୍ୱପ୍ନ ଅଧୁରା ରହିଯାଏ। ଏପର୍ଯ୍ୟନ୍ତ ବହୁତ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ନିଟ୍ ଓ ଜେଇଇ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ପାଇଁ ଏହି ପଦକ୍ଷେପ ନେଇଛି। ପୋଷ୍ଟ ମାଟ୍ରିକ ସ୍କଲାରସିପ୍ ଅଧୀନରେ ଥିବା ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ବିଷୟରେ ମଧ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛି। ଯେଉଁଠାରେ ସେମାନେ ନିଜ ପିତାମାତାଙ୍କ ଉପରେ ଆର୍ଥିକ ବୋଝ ନଦେଇ ସରକାରୀ ସହାୟତାରେ ଚିକିତ୍ସା ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଉଚ୍ଚ ବିଜ୍ଞାନ କ୍ଷେତ୍ରରେ ଉଚ୍ଚଶିକ୍ଷା ଗ୍ରହଣ କରିପାରିବେ। ଅଭିଜ୍ଞ ଶିକ୍ଷକ ଓ ଅଧ୍ୟାପକମାନେ କୌଣସି ପାରିଶ୍ରମିକ ବିନା ଏହି ଶିକ୍ଷାଦାନ କରୁଛନ୍ତି। ଶ୍ରୀ ପଦ୍ମନାଭ , ଅଶୋକ କୁମାର ସ୍ୱର୍ଣ୍ଣକାର, ନଳିନୀ ପାତ୍ର, ସରୋଜିନୀ ସାହୁ ଏବଂ ସେମାନଙ୍କ ଟିମ୍ ଭଳି ଅଧ୍ୟକ୍ଷମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ କୃତଜ୍ଞ। ଅଭିଭାବକମାନେ ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରୁଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିଭିନ୍ନ ସରକାରୀ ବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି।

## ଶାନ୍ତିପୂର୍ଣ୍ଣ ବିବାଦ ସମାଧାନର ସରଳ ଉପାୟ ହେଉଛି 'ମଧ୍ୟସ୍ଥତା'

ମାଲକାନଗିରି, ୨୮ ।୪(ସମିସ): ମାଲକାନଗିରି ଥିବା କୋର୍ଟ ପରିସରରେ 'ବିବାଦ ସମାଧାନରେ ମଧ୍ୟସ୍ଥତାର ଭୂମିକା ଓ ତା'ର ମହତ୍ତ୍ୱ' ଶୀର୍ଷକରେ ଜାତୀୟ ସ୍ତରୀୟ କର୍ମଶାଳା ୨.୦ ଜାନୁୟାରୀ ୭ ତାରିଖରୁ ଆୟୋଜିତ ହେଉଛି। ମାଲକାନଗିରି ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୁଶ୍ରୀ ସଂଗୀତା ପାତ୍ର, ସଚିବ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ଉଦ୍ୟମରେ ଅନୁଷ୍ଠିତ ହେଉଥିବା ଏହି କର୍ମଶାଳାରେ ଅଞ୍ଚଳର ଓକିଲ, ସମାଜସେବୀ ତଥା ବୁଦ୍ଧିଜୀବୀମାନେ ଯୋଗଦେଇ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଆଲୋଚନା କରିବେ। ଶାନ୍ତିପୂର୍ଣ୍ଣ ବିବାଦ ସମାଧାନର ଏକ ସରଳ ଉପାୟ ହେଉଛି ମଧ୍ୟସ୍ଥତା। ଏହି ବ୍ୟବସ୍ଥା ଦ୍ୱାରା ଗୋଟିଏ ବିବାଦକୁ କୋର୍ଟ ବାହାରେ, ଅଳ୍ପ ଖର୍ଚ୍ଚ, ସ୍ୱଳ୍ପ ସମୟରେ ସମାଧାନ କରାଯାଇପାରେ। ଉଭୟ ପକ୍ଷଙ୍କ ପାଇଁ ଗ୍ରହଣୀୟ ଏକ ନିଷ୍ପତ୍ତି ମଧ୍ୟସ୍ଥଙ୍କ ଦ୍ୱାରା କରାଯାଇଥାଏ। ବର୍ତ୍ତମାନ ସମୟରେ ଅଦାଲତରେ କେସ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ମଧ୍ୟସ୍ଥତା ପଦ୍ଧତି ଅତ୍ୟନ୍ତ ଲାଭଦାୟକ। ଏହି କର୍ମଶାଳାରେ ମଧ୍ୟସ୍ଥତାର ପ୍ରକ୍ରିୟା, ଆଇନଗତ ଦିଗ ଏବଂ ଏହାର ବ୍ୟାବହାରିକ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ। ସାଧାରଣ ଲୋକଙ୍କୁ ଏହି ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ବିଷୟରେ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।

## ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ

ନବରଙ୍ଗପୁର,୨୮।୪(ସମିସ):



ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ପକ୍ଷରୁ ୧୭୮ ତମ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ଜିଲ୍ଲା ଦୌରା ଜଜ୍ କୋର୍ଟ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓ ଦୌରା ଜଜ ସଂଗ୍ରାମୀ କେଶରୀ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର, ପୋକ୍ସ ଅଦାଲତ ବିଚାରପତି ବାସୁଦେବ ଆଚାର୍ଯ୍ୟ ଏବଂ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ପାଳ ଯୋଗ ଦେଇଥିଲେ। ସଂଘର ସଭାପତି ସିରଜ୍ ଉଦ୍ଦିନ ଅହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଦାଲତ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ। ସଂଘର ସମ୍ପାଦକ ତପନ କୁମାର ସିଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜି ପି ଝାଡେଶ୍ୱର ଖାଡ଼ଙ୍ଗାଙ୍କ ଅନୁପସ୍ଥିତିରେ ଆଇନଜୀବୀ ଦେବୀ ପ୍ରସାଦ ସିଂ ତାଙ୍କର ବାର୍ତ୍ତା ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଜି ପି ମାନସ ତ୍ରିପାଠୀ, ପୂର୍ବତନ ଆଇନଜୀବୀ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ, ଆଇନଜୀବୀ ସନ୍ତୋଷ ମିଶ୍ର, ସରୋଜ ବେହେରା, କିଶୋରୀ ପଟ୍ଟନାୟକ ନିଜ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ମଧୁ ବାବୁଙ୍କ ସ୍ମୃତି ଚାରଣ କରିବା ସହ ଆଇନଜୀବୀ ମାନଙ୍କୁ ନିଜ ପେଷାରେ ଅଧ୍ୟବସାୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂଘର ବରିଷ୍ଠ ଆଇନଜୀବୀ ଉମା ଶଙ୍କର ତ୍ରିପାଠୀ ଓ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ପ୍ରଦାନ ପୂର୍ବକ ମାନପତ୍ର ପ୍ରଦାନ କରିଥିଲେ। ସେହିଭଳି ସମାଜସେବା କ୍ଷେତ୍ରରେ ଅବଦାନ ପାଇଁ ଡକ୍ଟରେଟ୍ ଉପାଧି ପାଇଥିବା ଆଇନଜୀବୀ ସିରାଜ୍ ଉଦ୍ଦିନ ଅହମ୍ମଦ ଓ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଜିଲ୍ଲା ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ମାନପତ୍ର ଗୁଡିକୁ ଆଇନଜୀବୀ ଗୋପାଳ ପାଣିଗ୍ରାହୀ ଓ ଆଇନଜୀବୀ ଶତାବ୍ଦୀ ପାଳ ପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଆଇନଜୀବୀ ଗଜେନ୍ଦ୍ର ଦାଶ ପରିଚାଳନା କରିଥିବା ବେଳେ ଉପ ସଭାପତି ସଦାଶିବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଦାଲତର ବିଚାରପତିଙ୍କ ସମେତ କୋଷାଧକ୍ଷ ବାବା ଆଲିସା, ଶ୍ୟାମ ପ୍ରସାଦ ଗନ୍ତାୟତ, ପ୍ରଶନ୍ନ ପଟ୍ଟନାୟକ, ବୀରେନ୍ଦ୍ର ନାୟକ, ରାମ ବାବୁ ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ଶର୍ମିଷ୍ଠା ରଥ, ରାକ୍ଷୀ ଜେନ୍, ପ୍ରଦୀପ ସାହୁ, ଶ୍ରୀନିବାସ ପାତ୍ର, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଆଇନଜିବୀ ମାନେ ଉପସ୍ଥିତ ରହିଥିଲେ।

## କୋଇଲା ବୋଝେଇ ଟ୍ରଲରକୁ ଧକ୍କାଦେଲା ଘରୋଇ ବସ୍

ରାମନାଗୁଡ଼ା,୨୮।୪ (ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ପାରିକ୍ଷିତି ଦ୍ୱିତୀୟ ଘାଟିରେ ମଙ୍ଗଳବାର ଦିନ ସନ୍ଧ୍ୟା ସାଢେ ୬ଟାରୁ ୭ଟା ମଧ୍ୟରେ ସିଜି ୧୩ ବିସି ୮୧୦୦ ନମ୍ବର ବିଶିଷ୍ଟ କୋଇଲା ବୋଝେଇ ଟ୍ରଲରଟି ବିଶାଖାପାଟଣା ଠାରୁ ରାୟପୁର ଯାଉଥିବା ସମୟରେ ଘାଟି ଉଠି ନପାରି ଛିଡା ହୋଇଥିଲା। ପାରଳାଖେମୁଣ୍ଡି ଠାରୁ ରାୟଗଡା ଯାଉଥିବା ଓଡି ୧୦ ଏ ୬୯୫୭ ନମ୍ବର ନିଉ ହନୁମାନ ନାମକ ଘରୋଇ ବସଟି ଭାରସାମ୍ୟ ହରାଇ ଟ୍ରଲରର ପଛପଟୁ ଧକ୍କା ଦେବା ଫଳରେ ବସ୍‌ର ସମ୍ମୁଖ କାଚ ଭାଙ୍ଗି ଯାଇଛି। ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀ ମାନଙ୍କର କୌଣସି ଅଘଟଣ ଘଟି ନଥିବା ଖବର ମିଳିଛି। ତେବେ ବସ୍‌ଟି ଦୀର୍ଘ ଦେଢ଼ ଘଣ୍ଟା ବିଳମ୍ବରେ ଯାତ୍ରୀ ମାନଙ୍କୁ ନେଇ ରାୟଗଡା ଯାତ୍ରା କରିଥିବା ଜଣାପଡିଛି।

## କଂଗ୍ରେସ ନେତା ଏ. ନାଗଭୂଷଣଙ୍କ ପରଲୋକ



ଗୁଣପୁର, ୨୮।୪(ସମିସ): ଗୁଣପୁର ସହରର ଜଣାଶୁଣା ସମାଜସେବୀ ତଥା ବରିଷ୍ଠ କଂଗ୍ରେସ ନେତା ଏ.ନାଗଭୂଷଣ ରାଓଙ୍କ ଆଜି ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀର ଗୁଣପୁରରେ ରାତିରେ ପହଞ୍ଚିବ ଏବଂ ଗୁଣପୁର ଠାରେ ଆସନ୍ତା କାଲି ଅନ୍ତେଷ୍ଟି କ୍ରିୟା କରାଯିବ ବୋଲି ଜଣାପଡ଼ିଛି। ସେ ୧୯୭୦ ଦଶକରୁ କଂଗ୍ରେସରେ ଥିଲେ। ସେ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗିରଥୀ ଗମାଙ୍ଗ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ଦୃଢ଼ ସମର୍ଥକ ଥିଲେ। ସେ ଲଗାତାର ୩ ଥର ଗୁଣୁପୁର ଏନ୍ଏସି କାଉନସିଲର ହେବାର ସୌଭାଗ୍ୟ ପାଇଥିଲେ। ଗୁଣପୁରର ଶ୍ରଦ୍ଧାଳୁ ମାନଙ୍କୁ ବସ ଯୋଗେ ତୀର୍ଥକ୍ଷେତ୍ରକୁ ବୁଲାଇବା ପରମ୍ପରା ସେ ଆରମ୍ଭ କରିଥିଲେ। ତାଙ୍କ ବିୟୋଗରେ ଗୁଣପୁର ସହର ରେ ଶୋକ ର ଛାୟା ଖେଳିଯାଇଛି। ତାଙ୍କର ବିୟୋଗ ର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ପ୍ରକାଶ ପଣ୍ଡା, ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ଗୁଣୁପୁର ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ ଏବଂ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୋଡ଼, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ, ପ୍ରେସ କ୍ଲବ ସଭାପତି ଦେବୀ ଚୌଧୁରୀ ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ,ମିଡିଆ କ୍ଲବ ସଭାପତି ଅନୀଲ ସାହୁକାର, ବରିଷ୍ଠ ସାମ୍ବାଦିକ ତ୍ରିନାଥ ଖାଡ଼ଙ୍ଗା କଳିଙ୍ଗ ବୈଷ୍ୟ ସଂଘର ସଭାପତି ଏସ ବାବା ପ୍ରସାଦ, ବରିଷ୍ଠ ଓକିଲ ଉମା ପଟ୍ଟନାୟକ , ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, ଓକିଲ ସଂଘର ସଭାପତି ରମେଶ ଚନ୍ଦ୍ର ଲିମା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲାପାଳଙ୍କ ସମୀକ୍ଷା

# ରୋଗୀଙ୍କ ସୁବିଧା ପାଇଁ ସାମାଜିକ ସହଭାଗିତା ଉପରେ ଗୁରୁତ୍ୱ

ମାଲକାନଗିରି,୨୮ ।୪(ସମିସ):

ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି କାଳିମେଳା ବ୍ଲକ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସେଠାରେ ରୋଗୀଙ୍କୁ ମିଳୁଥିବା ଚିକିତ୍ସା ଓ ସୁବିଧା ସୁଯୋଗର ତଦାରଖ କରିଥିଲେ। ଜିଲ୍ଲାପାଳ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିଟି ୱାର୍ଡ ବୁଲି ଦେଖିବା ସହ ଚିକିତ୍ସାଧୀନ ରୋଗୀଙ୍କ ସହ ସିଧାସଳଖ ଆଲୋଚନା କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ସ୍ୱାସ୍ଥ୍ୟ ସେବାକୁ ଅଧିକ ରୋଗୀ-ଅନୁକୂଳ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପ୍ରଶାସନର ପ୍ରାଥମିକତା ବୋଲି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପ୍ରକାଶ କରିଛନ୍ତି। ଖରା ଦିନେ ରୋଗୀମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମିରେ ସାମାଜିକ ସହଯୋଗର ଏକ ଉଦାହରଣ ଦେଖିବାକୁ ମିଳିଥିଲା। ସ୍ଥାନୀୟ ରୋଗୀଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ସାମାଜିକ ଦାୟିତ୍ୱବୋଧର ସହ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫ଟି କୁଲର ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏହାକୁ ଗ୍ରହଣ କରିଛନ୍ତି ଏବଂ ଜିଲ୍ଲାପାଳ ଏହି ଅବସରରେ କହିଛନ୍ତି ଯେ, ସରକାରୀ ବ୍ୟବସ୍ଥା ସହ ଯେତେବେଳେ ସମାଜର ବିଭିନ୍ନ ବର୍ଗ ସ୍ୱତଃପ୍ରବୃତ୍ତ ଭାବେ ଜନସେବାରେ ସାମିଲ ହୁଅନ୍ତି, ସେତେବେଳେ ସେବା ଅଧିକ ପ୍ରଭାବଶାଳୀ ହୋଇଥାଏ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦ ଏବଂ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଆଲୋଚନା କରିଥିଲେ। ସମ୍ବାଦ ପରିବେଷଣ ସହିତ ମାନବିକ ସେବା କ୍ଷେତ୍ରରେ ସାମ୍ବାଦିକମାନଙ୍କ ଏହି ସହଯୋଗ ଅନ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ପଦକ୍ଷେପ ବୋଲି ପ୍ରଶାସନ ପକ୍ଷରୁ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅଶୋକ ମିଶ୍ର, ଟି. ସତ୍ୟ ନାରାୟଣ ସୁବ୍ରୁଦ୍ଧି, ସୌରଭ ମଣ୍ଡଳ, ଜୀବନ କୃଷ୍ଣ ଦାସ, ବିଦ୍ୟୁତ୍ ବୈରାଗୀ, ଆଶିଷ ବାଇନ୍, ଚିରଞ୍ଜିତ ସରକାର, ଉତ୍ତମ ରାୟ, ଜଗନ୍ନାଥ ପଡିଆମୀଙ୍କ ସମେତ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ।

### ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରୋଗୀଙ୍କ ପାଇଁ ଦିଆଗଲା କୁଲର








# ଆଫଗାନିସ୍ତାନରେ ପାକିସ୍ତାନର କ୍ଷେପଣାସ୍ତ୍ର ମାଡ଼

କାବୁଲ/ଇସଲାମାବାଦ,୨୮ ।୪(ଏଜେନ୍ସି): ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ମଧ୍ୟସ୍ଥତା କରୁଥିବା ପାକିସ୍ତାନର ଅସଲ ମୁଖା ଖୋଲିଯାଇଛି । ଶାନ୍ତି କଥା କହୁଥିବା ପାକିସ୍ତାନ ଏହାର ପଡ଼ୋଶୀ ଆଫଗାନିସ୍ତାନ ଉପରେ ଆକ୍ରମଣ ଜାରି ରଖିଛି । ଗତ ସୋମବାର ପୂର୍ବ ଆଫଗାନିସ୍ତାନର କୁନାର ପ୍ରଦେଶରେ ପାକିସ୍ତାନ ପକ୍ଷରୁ କରାଯାଇଥିବା କ୍ଷେପଣାସ୍ତ୍ର ମାଡ଼ରେ ଅତିକମ୍‌ରେ ୭ ଜଣ ପ୍ରାଣ ହରାଇଥିବା ବେଳେ ୭୫ରୁ ଅଧିକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ପାକିସ୍ତାନର ୬ ସୈନିକଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଦୁଇ ଦେଶ ମଧ୍ୟରେ ଯୁଦ୍ଧକାଳୀନ ପରିସ୍ଥିତି



ଜମାଲୁଦ୍ଦିନ ଆଫଗାନି ବିଶ୍ୱବିଦ୍ୟାଳୟ ତାଲିବାନ ସରକାରଙ୍କ ମୁଖପାତ୍ର ହମଦୁଲ୍ଲା ସେନା ପକ୍ଷରୁ ଅତର୍କିତ ଭାବେ ରକେଟ୍ ଶିଶୁ ଶିକାର ହୋଇଥିବା ଜଣାପଡ଼ିଛି । କିନ୍ତୁ, ଯାଇ ଏହି ଆକ୍ରମଣ କରାଯାଇଥିବା କୁହାଯାଉଥିବା ବେଳେ, ଏହାକୁ ନେଇ ସୃଷ୍ଟି ହୋଇଛି । କୁନାର ପ୍ରଦେଶର ରାଜଧାନୀ ଅସଦାବାଦ ସ୍ଥିତ ସୟଦ ଏବଂ ନିକଟସ୍ଥ ଜନବସତିକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା । ଫିତ୍ରତଙ୍କ ଅଭିଯୋଗ ମୁତାବକ, ଅପରାହ୍ନ ପ୍ରାୟ ୨ଟା ସମୟରେ ପାକିସ୍ତାନୀ ମାଡ଼ କରାଯାଇଥିଲା । ଏହି ହିଂସାକାଣ୍ଡରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ପାକିସ୍ତାନ ସୂଚନା ମନ୍ତ୍ରଣାଳୟ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରି ଏହାକୁ ଭିତ୍ତିହୀନ ବୋଲି ଦର୍ଶାଇଛି । ଏହି ରକ୍ତାକ୍ତ ସଂଘର୍ଷର ସୂତ୍ରପାତ ରବିବାର ରାତିରେ କାନ୍ଦାହାରର ସ୍ପିନ୍ ବୋଲଡାକ୍ ଅଞ୍ଚଳରୁ ହୋଇଥିଲା । ସୀମାନ୍ତରେ ଗୁଳି ବିନିମୟ ଯୋଗୁଁ ଜଣେ ଆଫଗାନ ଶିଶୁର ମୃତ୍ୟୁ ଘଟିବା ପରେ ତାଲିବାନ ଯୋଦ୍ଧାମାନେ ପାଲଟା ଆକ୍ରମଣ କରିଥିଲେ । ଏଥିରେ ପାକିସ୍ତାନର ୬ ଜଣ ସୈନିକ ନିହତ ହେବା ସହ ଜଣକୁ ବନ୍ଦୀ କରାଯାଇଥିବା ଖବର ମିଳିଛି । ପୂର୍ବରୁ ମାର୍ଚ୍ଚ ମାସରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ବିଫଳ ହେବାକୁ ବସିଛି ।

# ମାର୍ଚ୍ଚରେ ୩୩ ହଜାର ରୁଷୀୟ ଡ୍ରୋନ୍ ଖସାଇଲା ୟୁକ୍ରେନ୍

କିଭ୍,୨୮ ।୪(ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧରେ ଡ୍ରୋନ୍ ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି । ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରଣାଳୟର ଏ ନେଇ ଚକିତ କଲା ଭଳି ସୂଚନା ଦେଇଛ । ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ୟୁକ୍ରେନର ଏୟାର ଡିଫେନ୍ସ ସିଷ୍ଟମ ପ୍ରାୟ ୩୩,୦୦୦ ରୁଷୀୟ ଡ୍ରୋନକୁ ନଷ୍ଟ କରିଦେଇଛି । ଗୋଟିଏ ମାସରେ ସର୍ବାଧିକ ସଂଖ୍ୟକ ଡ୍ରୋନ୍ ଖସାଇ ୟୁକ୍ରେନ ଏକ ରେକର୍ଡ କରିଛି କହିଲେ ଭୁଲ ହେବ ନାହିଁ । ୟୁକ୍ରେନ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ 'ଇଣ୍ଟରସେପ୍ଟର ଡ୍ରୋନ' ବ୍ୟବହାର କରି ରୁଷର ଆକ୍ରମଣକୁ ପ୍ରତିହତ କରୁଛି । ଏହି ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି । ୟୁକ୍ରେନର ତୁଆପସେ ତୈଳ ବିଶୋଧନାଗାର ଉପରେ ଏହି ସେଠାରୁ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପ୍ରାୟ ଦୁଇଗୁଣ ବୃଦ୍ଧି କରିଛି । ପୂର୍ବରୁ ୟୁକ୍ରେନ ୬୩୦ ୧,୭୫୦ କିଲୋମିଟର ଦୂରରେ ଥିବା ରୁଷର ପକ୍ଷରୁ ହୋଇଥିବା ଡ୍ରୋନ ଆକ୍ରମଣରେ ୟୁକ୍ରେନର



ଟେକ୍ନୋଲୋଜି ପାଇଁ ଏବେ ମଧ୍ୟ-ପ୍ରାଚ୍ୟ ଏବଂ ଗଲ୍ଫ ଦେଶଗୁଡ଼ିକ ଲଙ୍ଗ-ରେଞ୍ଜ ଡ୍ରୋନ୍‌ଗୁଡ଼ିକ କୃଷ୍ଣ ସାଗର କୂଳରେ ଥିବା ରୁଷର ମାସରେ ତୃତୀୟ ଥର ପାଇଁ ଆକ୍ରମଣ କରିଛନ୍ତି । ଏହା ଫଳରେ ସ୍ଥାନାନ୍ତର କରାଯାଇଛି । ୟୁକ୍ରେନ ନିଜର ଆକ୍ରମଣ କ୍ଷମତାକୁ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ବେଳେ ଏବେ ସାମରିକ ଘାଟିକୁ ଟାର୍ଗେଟ୍ କରୁଛି । ମଙ୍ଗଳବାର ଦିନ ରୁଷ ୩ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ସେହିପରି ୟୁକ୍ରେନର ଆକ୍ରମଣରେ ବେଲଗୋରୋଡ୍ ଅଞ୍ଚଳରେ ୩ ଜଣ ରୁଷୀୟ ନାଗରିକ ପ୍ରାଣ ହରାଇଛନ୍ତି । ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରୀ ମାଇଖାଇଲୋ ଫେଡୋରୋଭ୍ କହିଛନ୍ତି ଯେ, ଦେଶର ବାୟୁସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏକ ନୂତନ କମାଣ୍ଡ ଗଠନ କରାଯାଇଛି, ଯାହା ରୁଷର ଆକାଶମାର୍ଗ ଆକ୍ରମଣକୁ ସଫଳତାର ସହ ରୋକିପାରିବ ।

# ହର୍ମୁଜରେ ଆମେରିକା ସେନାକୁ ଚକ୍‌ମା

## କଟକଣା ସତ୍ତ୍ୱେ ମୁମ୍ବାଇ ପହଞ୍ଚୁଛି ତେଲ ଓ ଗ୍ୟାସ୍ ଟ୍ୟାଙ୍କର

ନୂଆଦିଲ୍ଲୀ,୨୮ ।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀ ଏବେ ବିଶ୍ୱର ସବୁଠାରୁ ଅଶାନ୍ତ ସାମୁଦ୍ରିକ ପଥରେ ପରିଣତ ହୋଇଛି । ଆମେରିକା ପକ୍ଷରୁ ଏହି ପଥରେ କଡ଼ା ଅବରୋଧ କରାଯାଇଥିଲେ ହେଁ, ଭାରତୀୟ ପୋତ ଏବଂ ଅନ୍ୟାନ୍ୟ ତୈଳ ଟ୍ୟାଙ୍କରଗୁଡ଼ିକ ସଫଳତାର ସହ ମୁମ୍ବାଇ ବନ୍ଦରରେ ପହଞ୍ଚୁଥିବା ଜଣାପଡ଼ିଛି । ଆମେରିକୀୟ ନୌସେନାର ଚକ୍ଷୁରେ ଧୂଳି ଦେଇ ଏହି ଜାହାଜଗୁଡ଼ିକ କେଉଁ ଗୁପ୍ତ ପଥ ବ୍ୟବହାର କରୁଛନ୍ତି, ତାହାକୁ ନେଇ ଏବେ ବିଶେଷଜ୍ଞଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ରିପୋର୍ଟ ଅନୁଯାୟୀ, ଗତ ଏପ୍ରିଲ ୧୩ରୁ ଆମେରିକା ଏହି ଅବରୋଧ ଜାରି କରିଥିଲେ ହେଁ, ୩୪ରୁ ଅଧିକ ତୈଳ ଟ୍ୟାଙ୍କର ଏହାକୁ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି । ନିକଟରେ ଭାରତୀୟ ଜାହାଜ 'ଦେଶ ଗରିମା' କାତାରରୁ ୯୭,୦୦୦ ମେଟ୍ରିକ ଟନ ଅଶୋଧିତ ତୈଳ ଧରି ସୁରକ୍ଷିତ ଭାବେ ମୁମ୍ବାଇରେ ପହଞ୍ଚିଛି । ଅନ୍ୟପକ୍ଷରେ, 'ଜଗ ଅର୍ଣ୍ଣବ' ଏବଂ 'ସାନମାର ହେରାଲ୍ଡ' ପରି ଜାହାଜଗୁଡ଼ିକ ଇରାନ ସେନାର ଆକ୍ରମଣର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ଅଧିକାଂଶ



ପୋତ ନିରାପଦରେ ଯାତ୍ରା କରୁଛନ୍ତି । ବିଶେଷଜ୍ଞମାନେ ଦୁଇଟି ମୁଖ୍ୟ ପଥ ବିଷୟରେ ସୂଚନା ଦେଇଛନ୍ତି, ଯାହା ଆମେରିକୀୟ ନୌସେନାର କ୍ଷମତା ପରିସର ବାହାରେ । ଜାହାଜଗୁଡ଼ିକ ଅନ୍ତର୍ଜାତୀୟ ଜଳରାଶିକୁ ନଯାଇ ଇରାନର ସାମୁଦ୍ରିକ ସୀମା ଦେଇ ଗତି କରୁଛନ୍ତି । ସେଠାରୁ ସେମାନେ ସିଧାସଳଖ ପାକିସ୍ତାନର ମକରାନ ଉପକୂଳ ଦେଇ ଆରବ ସାଗରରେ ପ୍ରବେଶ କରୁଛନ୍ତି । ଯେହେତୁ ଏହି ସୀମା ଭିତରେ ଆମେରିକାର କୌଣସି ଅଧିକାର ନାହିଁ, ତେଣୁ ସେମାନେ ସେଠାରେ ଜାହାଜ ଅଟକାଇ ପାରୁନାହାନ୍ତି । ଦ୍ୱିତୀୟଟି ହେଲା ଅନ୍ୟ ଏକ ପଥ ହେଉଛି ଇରାନର ଚାବାହାର ବନ୍ଦର ପର୍ଯ୍ୟନ୍ତ ନିଜ ସୀମା ଭିତରେ ରହି ସେଠାରୁ ଦକ୍ଷିଣ ଦିଗକୁ ବୁଲି ସିଧାସଳଖ ଭାରତୀୟ ବନ୍ଦର ଅଭିମୁଖେ ଯାତ୍ରା କରିବା । ଏହି ସ୍ଥାନରେ ଭାରତୀୟ ନୌସେନା ଜାହାଜଗୁଡ଼ିକୁ ସୁରକ୍ଷା ପ୍ରଦାନ କରୁଥିବା ସୂଚନା ମିଳିଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁତାବକ, ବର୍ତ୍ତମାନ ହର୍ମୁଜ ପ୍ରଣାଳୀ ଅଞ୍ଚଳରେ ୧୪ଟି ଭାରତୀୟ ଜାହାଜ ରହିଛି । ଭାରତୀୟ ନୌସେନା ଏହି ଅଞ୍ଚଳରେ ଅତ୍ୟନ୍ତ ସତର୍କତାର ସହ କାର୍ଯ୍ୟ କରୁଛି । ସାମୁଦ୍ରିକ ନିୟମ ଅନୁଯାୟୀ, କୌଣସି ବିଦେଶୀ ବାଣିଜ୍ୟିକ ଜାହାଜ ଶାନ୍ତିପୂର୍ଣ୍ଣ ଭାବେ ଅନ୍ୟ ଦେଶର ଜଳସୀମା ଦେଇ ଗତି କରିପାରିବେ, ଯାହାକୁ ପାକିସ୍ତାନ କିମ୍ବା ଆମେରିକା ସହଜରେ ଅଟକାଇ ପାରିବେ ନାହିଁ । ଆମେରିକାର ଏହି ଅବରୋଧ ଇରାନର ଅର୍ଥନୀତିକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ହୋଇଥିଲେ ହେଁ, ଭାରତ ଭଳି ଦେଶଗୁଡ଼ିକ ନିଜର ଶକ୍ତି ସୁରକ୍ଷା ବଜାୟ ରଖିବାକୁ ବିକଳ୍ପ ପନ୍ଥା ଆପଣାଉଛନ୍ତି । ଏହି ପରିସ୍ଥିତି କେବଳ ଭୂ-ରାଜନୈତିକ ନୁହେଁ, ବରଂ ବୈଶ୍ୱିକ ଅର୍ଥନୀତି ପାଇଁ ମଧ୍ୟ ଏକ ବଡ଼ ପରୀକ୍ଷା ।

# ଶେଷରେ ସ୍ୱୀକାର କଲା ପେଣ୍ଟାଗନ୍

ୱାସିଂଟନ,୨୮ ।୪(ଏଜେନ୍ସି): ରୁଷ ଏବଂ ଚୀନ୍ ଭଳି ପ୍ରତିଦ୍ୱନ୍ଦ୍ୱୀ ଦେଶମାନଙ୍କ ପାଖରେ ଥିବା ହାଇପରସୋନିକ୍ ଅସ୍ତ୍ର କିମ୍ବା ଆଧୁନିକ କ୍ରୁଜ୍ ମିସାଇଲ୍ ବିରୋଧରେ ଆମେରିକା ସେନା ପାଖରେ ବର୍ତ୍ତମାନ କୌଣସି ପ୍ରତିରକ୍ଷା ବ୍ୟବସ୍ଥା ନାହିଁ । ଜଣେ ବରିଷ୍ଠ ପେଣ୍ଟାଗନ ଅଧିକାରୀ କଂଗ୍ରେସର ଶୁଣାଣି ସମୟରେ ଏହି ଚକିତ କଲାଭଳି ତଥ୍ୟ ସ୍ୱୀକାର କରିଛନ୍ତି । ମାର୍କ ବର୍କୱିଜ୍, ଯିଏ କି ମହାକାଶ ନୀତି ପାଇଁ ଯୁଦ୍ଧ ବିଭାଗର ସହକାରୀ ସଚିବ ଅଛନ୍ତି, ସେ ଆମେରିକା ସିନେଟ୍‌କୁ ସୂଚନା ଦେଇଛନ୍ତି ଯେ ଶତ୍ରୁ ପକ୍ଷ ଏବେ 'ନନ୍-ବାଲିଷ୍ଟିକ୍ ବିପଦ' ସୃଷ୍ଟି କରୁଛନ୍ତି, ଯାହା ଆମେରିକାର ସୁରକ୍ଷାକୁ ବିପଦରେ

## ଆଧୁନିକ ମିସାଇଲ ଆଗରେ ଆମେରିକା ଅସହାୟ

ପକାଉଛି । ଦେଶର ବର୍ତ୍ତମାନର ମିସାଇଲ୍ ପ୍ରତିରକ୍ଷା କ୍ଷମତା ବିଷୟରେ ପଚରାଯିବା ପରେ ସେ କହିଛନ୍ତି, 'ଆଜି ଆମ ପାଖରେ ଏକ ଅତି ସୀମିତ ଗ୍ରାଉଣ୍ଡ-ବେସଡ୍ ସିଙ୍ଗଲ୍-ଲେୟାର୍ ପ୍ରତିରକ୍ଷା ବ୍ୟବସ୍ଥା ଅଛି, ଯାହାକୁ କେବଳ ଉତ୍ତର କୋରିଆ ଭଳି ଦେଶରୁ ଆସୁଥିବା ଛୋଟ ଧରଣର ଆକ୍ରମଣକୁ ରୋକିବା ପାଇଁ ଡିଜାଇନ୍ କରାଯାଇଥିଲା ।"ସେ ଆହୁରି ମଧ୍ୟ କହିଛନ୍ତି ଯେ ଅତ୍ୟାଧୁନିକ କ୍ରୁଜ୍ ମିସାଇଲ୍ କିମ୍ବା ହାଇପରସୋନିକ୍ ଅସ୍ତ୍ର ବିରୋଧରେ ଆମେରିକା ଏବେ ସମ୍ପୂର୍ଣ୍ଣ ଅସହାୟ । ଟ୍ରମ୍ପ ପ୍ରଶାସନ ଏହି ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ଏକ ବ୍ୟାପକ ମିସାଇଲ୍ ସିଲ୍ଡ ଯୋଜନା କରୁଛନ୍ତି, ଯାହାର ନାମ ଦିଆଯାଇଛି 'ଗୋଲ୍ଡେନ୍ ଡୋମ୍' । ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୭୫ ରୁ ୧୮୫ ବିଲିୟନ ଡଲାର ଖର୍ଚ୍ଚ ହେବାର ଅନୁମାନ କରାଯାଉଛି । ଏଥିରେ ଏଆଇ-ଚାଳିତ କମାଣ୍ଡ ସିଷ୍ଟମ ଏବଂ ସ୍ଥଳ, ଜଳ, ଆକାଶ ତଥା ମହାକାଶରେ ସ୍ଥାପିତ ହେବାକୁ ଥିବା ସେନସରଗୁଡ଼ିକର ସମାହାର ରହିବ । ଏହା ପାରମ୍ପରିକ ବାଲିଷ୍ଟିକ୍ ମିସାଇଲ୍ ସହିତ ନୂଆ ଯୁଗର ଡ୍ରୋନ୍ ଏବଂ କ୍ରୁଜ୍ ମିସାଇଲ୍‌କୁ ମଧ୍ୟ ରୋକିବାରେ ସକ୍ଷମ ହେବ । ସ୍ପେସ୍ ଫୋର୍ସ ଜେନେରାଲ ମାଇକେଲ ଗୁଏଟଲିନଙ୍କ ଅନୁଯାୟୀ, ୨୦୨୮ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଶୁଣାଣିରେ ଆମେରିକାର ପ୍ରତିରକ୍ଷା ଭିତ୍ତିଭୂମିର ଦୁର୍ବଳତା ମଧ୍ୟ ସାମ୍ନାକୁ ଆସିଛି । ବର୍ଷ ବର୍ଷ ଧରି କମ୍ ପୁଞ୍ଜିନିବେଶ ଯୋଗୁଁ ଆମେରିକା 'କ୍ଷମତା ଋଣ' ମଧ୍ୟରେ ଅଛି । ଅର୍ଥାତ୍ ଆବଶ୍ୟକ ମୁତାବକ ମିସାଇଲ୍ ଇଣ୍ଟରସେପ୍ଟର ତିଆରି କରିବା ପାଇଁ ଆମେରିକା ପାଖରେ ପର୍ଯ୍ୟାପ୍ତ ସମ୍ବଳ ନାହିଁ । ୟୁକ୍ରେନ୍ ଏବଂ ମଧ୍ୟ-ପ୍ରାଚ୍ୟ ଯୁଦ୍ଧରୁ ଶିକ୍ଷା ପାଇ ଆମେରିକା ଏବେ ନିଜର ପ୍ରତିରକ୍ଷା କ୍ଷମତା ବଢ଼ାଇବାକୁ ଚେଷ୍ଟା କରୁଛି । ଅନେକ ସାଂସଦ ଏହି ପ୍ରକଳ୍ପର ବିଶାଳ ଖର୍ଚ୍ଚକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ତେବେ ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ବର୍ତ୍ତମାନର ଜଟିଳ ରଣନୈତିକ ପରିବେଶରେ କେବଳ ପରମାଣୁ ପ୍ରତିରୋଧକ ଯଥେଷ୍ଟ ନୁହେଁ । ଏହି ମିସାଇଲ୍ ପ୍ରତିରକ୍ଷା ବ୍ୟବସ୍ଥା ଆମେରିକା ପାଇଁ 'ଉଭୟ ଖଣ୍ଡା ଏବଂ ଢାଲ' ଭଳି କାମ କରିବ ।

# ହନିମୁନ୍ ହତ୍ୟା ମାମଲା: ପତି ହତ୍ୟା ଅଭିଯୁକ୍ତ ପତ୍ନୀକୁ ମିଳିଲା ଜାମିନ

ଇନ୍ଦୋର/ଶିଲଂ,୨୮ ।୪(ଏଜେନ୍ସି): ବହୁ ଚର୍ଚ୍ଚିତ ହନିମୁନ ହତ୍ୟାକାଣ୍ଡ ମାମଲାରେ ଏକ ନୂଆ ମୋଡ଼ ଆସିଛି । ଇନ୍ଦୋରରେ ପରିବହନ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ତାଙ୍କ ପତ୍ନୀ ସୋନମ ରଘୁବଂଶୀଙ୍କୁ ଶିଲଂ କୋର୍ଟ ଜାମିନ ପ୍ରଦାନ କରିଛନ୍ତି । ମେଘାଳୟର ଶିଲଂ ଜେଲରେ ବନ୍ଦୀ ଥିବା ସୋନମଙ୍କୁ ଚତୁର୍ଥ ଶୁଣାଣି ପରେ ଏହି ଆଶ୍ୱସ୍ତି ମିଳିଛି । ସୋନମଙ୍କ



ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଯେତେବେଳେ ଉତ୍ତର ପ୍ରଦେଶର ଗାଜିପୁରରୁ ତାଙ୍କୁ ଗିରଫ କରାଯାଇଥିଲା, ପୁଲିସ୍ ତାଙ୍କୁ ଗିରଫଦାରୀର ସଠିକ୍ କାରଣ ଦର୍ଶାଇନଥିଲେ । ଏହି ବୈଷୟିକ ତ୍ରୁଟିକୁ ଆଧାର କରି କୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି । ଶିଲଂ ଏସପି ବିବେକ ସ୍ୟାମ କହିଛନ୍ତି ଯେ, କୋର୍ଟ ନିଜର କ୍ଷମତା ବ୍ୟବହାର କରି ଏହି ଜାମିନ ପ୍ରଦାନ କରିଛନ୍ତି । ସୋନମ ଆଜି ଜେଲରୁ ମୁକ୍ତ ହୋଇପାରନ୍ତି । ବିବାହ ପରେ ମେଘାଳୟର ଶିଲଂକୁ ହନିମୁନ ପାଇଁ ଯାଇଥିବା ବେଳେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ବୁଲାଇବା ବାହାନାରେ ଏକ ନିଛାଟିଆ ସ୍ଥାନକୁ ନେଇ ସୋନମ ଏବଂ ତାଙ୍କ ପ୍ରେମିକ ରାଜ କୁଶୱାହା ଅନ୍ୟ ତିନିଜଣ ସହଯୋଗୀଙ୍କ ସହ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ୧୦ ଦିନପରେ ପୁଲିସ୍ ରାଜାଙ୍କ କ୍ଷତବିକ୍ଷତ ମୃତଦେହକୁ ଏକ ୩୦ ଫୁଟ୍ ଗଭୀର ଖାଇରୁ ଉଦ୍ଧାର କରିଥିଲା । ଅନ୍ୟତମ ଅଭିଯୁକ୍ତ ରାଜ କୁଶୱାହାଙ୍କ ଜାମିନ ପାଇଁ ମଧ୍ୟ ଆବେଦନ କରାଯାଇଛି । ରାଜାଙ୍କ ପରିବାର ଏହି ଜାମିନ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ସୋନମ ହତ୍ୟା ପରେ ଫେରାର ହୋଇ ୟୁପିରେ ଆତ୍ମସମର୍ପଣ କରିଥିଲେ । ବର୍ତ୍ତମାନ ଏହି ମାମଲାରେ ତଦନ୍ତ ଜାରି ରହିଛି ।

# ତେଲେଙ୍ଗାନାରେ କ୍ରେନ୍ ପଡ଼ି ୫ ଶ୍ରମିକ ମୃତ, ୧୧ ଗୁରୁତର



ହାଇଦରାବାଦ/ରଙ୍ଗାରେଡ୍ଡୀ,୨୮ ।୪(ଏଜେନ୍ସି): ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ଗତ ସୋମବାର ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଛି । ଏକ ସିମେଣ୍ଟ ଇଟା ତିଆରି କାରଖାନାରେ କାମ ଚାଲିଥିବା ସମୟରେ ହଠାତ୍ ଏକ ବିଶାଳ କ୍ରେନ୍ ଭୁଶୁଡ଼ି ପଡ଼ିବାରୁ ୫ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସୂଚନା ଅନୁଯାୟୀ, ରଙ୍ଗାରେଡ୍ଡୀ ଜିଲ୍ଲାର ଶଙ୍କରପଲ୍ଲୀ ପୁଲିସ୍ ଷ୍ଟେସନ ସୀମାନ୍ତରେ ଥିବା ଏକ ସିମେଣ୍ଟ ଇଟା କମ୍ପାନୀରେ ଏହି ଅଘଟଣ ଘଟିଛି । ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ଯାନ୍ତ୍ରିକ ତ୍ରୁଟି କାରଣରୁ କ୍ରେନ୍‌ଟି ସେମାନଙ୍କ ଉପରେ ପଡ଼ିଯାଇଥିଲା । ଦୁର୍ଘଟଣା ପରେ ସେଠାରେ ଚିତ୍କାର ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଲୋକ ଓ ପୁଲିସ୍ ସହାୟତାରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇ ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଶଙ୍କରପଲ୍ଲୀ ପୁଲିସ୍ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । କାରଖାନାରେ ସୁରକ୍ଷା ବ୍ୟବସ୍ଥାରେ କୌଣସି ଅବହେଳା ଥିଲା କି ନାହିଁ ଏବଂ କେଉଁ ପରିସ୍ଥିତିରେ ଏହି କ୍ରେନ୍‌ଟି ଭୁଶୁଡ଼ିଲା, ସେ ନେଇ ପୁଲିସ୍ ବିସ୍ତୃତ ତଦନ୍ତ କରୁଛି । ତେବେ ମୃତ ଓ ଆହତ ଶ୍ରମିକମାନଙ୍କର ସମ୍ପୂର୍ଣ୍ଣ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ ।

# ନିଆଁରେ ଜଳି ଆମେରିକାରେ ଭାରତୀୟ ଯୁବକଙ୍କ ମୃତ୍ୟୁ

କର୍ଣ୍ଣାଲ,୨୮ ।୪(ଏଜେନ୍ସି): ଅମେରିକାର ଟେକ୍ସାସ୍ ସହରର ଏକ ଫୁଡ୍ ଷ୍ଟୋରରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ହରିୟାଣାର ଜଣେ ଯୁବକ ଏବଂ ପଞ୍ଜାବର ଷ୍ଟୋର ମାଲିକଙ୍କର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଉଛନ୍ତି ହରିୟାଣା କର୍ଣ୍ଣାଲ ଜିଲ୍ଲାର ସୁଖବିନ୍ଦର ସିଂ (୨୨) । ଅନ୍ୟ ମୃତକ ଜଣକ ହେଉଛନ୍ତି ପଞ୍ଜାବ ମୋହାଲିର ବାସିନ୍ଦା ତଥା ଷ୍ଟୋର ମାଲିକ ବିକ୍ରାନ୍ତ । ସୁଖବିନ୍ଦର ଏବଂ ବିକ୍ରାନ୍ତ ଷ୍ଟୋର ଭିତରେ ଶୋଇଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା ।

**୫୦ ଲକ୍ଷ ଖର୍ଚ୍ଚ କରି 'ଡଙ୍କି ରୁଟ୍'ରେ ଯାଇଥିଲେ**

ନିଆଁ ଏତେ ଶୀଘ୍ର ବ୍ୟାପିଥିଲା ଯେ ସେମାନଙ୍କୁ ବାହାରକୁ ଆସିବାକୁ ସୁଯୋଗ ମିଳିନଥିଲା । ଫଳରେ ଉଭୟେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ସୁଖବିନ୍ଦର ପରିବାରର ଏକମାତ୍ର ପୁଅ ଥିଲେ । ପରିବାର ଲୋକେ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ତାଙ୍କୁ ବେଆଇନ 'ଡଙ୍କି ରୁଟ୍' ମାଧ୍ୟମରେ ଅମେରିକା ପଠାଇଥିଲେ । ଟେକ୍ସାସ୍ ପୁଲିସ୍ ମୁତାବକ, ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । ସମ୍ପୂର୍ଣ୍ଣ ଷ୍ଟୋରଟି ପୋଡ଼ି ପାଉଁଶ ହୋଇଯାଇଛି । ଏହି ଘଟଣା ପରେ ସୁଖବିନ୍ଦରଙ୍କ ଗାଁ ଗଙ୍ଗାଟେହଡ଼ିରେ ଶୋକର ଛାୟା ଖେଳିଯାଇଛି ।

# ଗୁଜରାଟ ପୌର ନିର୍ବାଚନରେ ବିଜେପିର କ୍ଲିନ୍ ସୁଇପ୍

ଅହମ୍ମଦାବାଦ,୨୮ ।୪(ଏଜେନ୍ସି): ଗୁଜରାଟ ସ୍ଥାନୀୟ ପୌର ନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ଏକ ବିଶାଳ ବିଜୟ ହାସଲ କରିଛି । ରାଜ୍ୟର ସମସ୍ତ ୧୫ଟି ଯାକ ମ୍ୟୁନିସିପାଲ୍ କର୍ପୋରେସନ୍‌ରେ ବିଜେପି ନିଜର କବ୍ଜା ଜମାଇଛି । ଗତ ନିର୍ବାଚନରେ ସୁରଟରେ ୨୭ଟି ଆସନ ଜିତି ସମସ୍ତଙ୍କୁ ଚକିତ କରିଥିବା ଆମ୍ ଆଦମୀ ପାର୍ଟି (ଆପ୍) ଚଳିତ ଥର ମାତ୍ର



**ସମସ୍ତ ୧୫ଟି ନିଗମରେ ବିଜୟ, ସୁରଟରେ ଆପ୍‌ର ପରାଜୟ**

୪ଟି ଆସନରେ ସୀମିତ ରହିଛି । ବିଜେପି ଏଠାରେ ୧୧୫ଟି ଆସନ ଜିତି ଏକପାଖିଆ ବିଜୟ ହାସଲ କରିଛି । ଅହମ୍ମଦାବାଦର ୧୯୨ଟି ଆସନ ମଧ୍ୟରୁ ବିଜେପି ୧୪୬ଟିରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ମାତ୍ର ୧୮ଟି ଆସନ ପାଇଛି । ରାଜକୋଟ ଏବଂ ଭଦୋଦରା ପୌର ନିଗମରେ ମଧ୍ୟ ବିଜେପି ପ୍ରତ୍ୟେକରେ ୬୫ଟି ଲେଖାଏଁ ଆସନ ଜିତି ବିରୋଧୀଙ୍କୁ ବହୁ ପଛରେ ପକାଇ ଦେଇଛି । ତାଲୁକା ଏବଂ ଜିଲ୍ଲା ପଞ୍ଚାୟତରେ ବିଜେପି ବଡ଼ ସଫଳତା ପାଇଥିଲେ ମଧ୍ୟ କଂଗ୍ରେସ ଏବଂ ଆପ୍ ଗ୍ରାମାଞ୍ଚଳର କିଛି ପକେଟ୍‌ରେ ନିଜର ସମର୍ଥନ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଏହି ବହୁ ପ୍ରତୀକ୍ଷିତ ବିଜୟ ପାଇଁ ଆଜି ରାତିରେ ଅହମ୍ମଦାବାଦରେ ଏକ ଭବ୍ୟ ବିଜୟୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଉପ-ମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭୀ ଏବଂ ରାଜ୍ୟ ବିଜେପି ସଭାପତି ଜଗଦୀଶ ବିଶ୍ୱକର୍ମା ସାମିଲ ହେବେ । ବିଜେପି ଏହି ସଫଳତାକୁ ଡବଲ୍ ଇଞ୍ଜିନ୍ ସରକାର ପ୍ରତି ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ବୋଲି ଦର୍ଶାଇଛି ।

# ୩ଟି ବିକଳ୍ପ, ୨ ଡେଡ୍‌ଲାଇନ୍, ଗୋଟିଏ ଯୁଦ୍ଧ

ୱାସିଂଟନ,୨୮ ।୪(ଏଜେନ୍ସି): ଇରାନ ସହିତ ଚାଲିଥିବା ସାମରିକ ସଂଘର୍ଷ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି । ଆମେରିକାର ସାମ୍ବିଧାନିକ ନିୟମ 'ୱାର ପାୱାର୍ସ ଆକ୍ଟ' ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଖରେ ମାତ୍ର ୪୮ ଘଣ୍ଟା ସମୟ ବାକି ଅଛି । ମେ ୧ ତାରିଖ ସୁଦ୍ଧା ଯଦି କଂଗ୍ରେସ ପକ୍ଷରୁ ଯୁଦ୍ଧ ପାଇଁ ଅନୁମତି ନମିଳେ, ତେବେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ବେଆଇନ ଘୋଷିତ ହେବାର ଆଶଙ୍କା ରହିଛି । ଆମେରିକା ନିୟମ ଅନୁଯାୟୀ, କଂଗ୍ରେସର ବିଧିବଦ୍ଧ ଅନୁମତି ବିନା ରାଷ୍ଟ୍ରପତି ମାତ୍ର ୬୦ ଦିନ ପର୍ଯ୍ୟନ୍ତ ସେନା ମୁତୟନ କରିପାରିବେ । ଟ୍ରମ୍ପଙ୍କ ପାଇଁ ଏହି ସମୟସୀମା ମେ ୧ରେ ଶେଷ ହେଉଛି । ଏହା ପରେ ହର୍ମୁଜ ପ୍ରଣାଳୀରେ କରାଯାଇଥିବା ସାମୁଦ୍ରିକ ଅବରୋଧ ଜାରି ରଖିବା ଆଇନଗତ ଭାବେ କଷ୍ଟକର ହୋଇପଡ଼ିବ । ଯୁଦ୍ଧ ଶେଷ ହେବାର ତିନୋଟି ସମ୍ଭାବ୍ୟ ପରିସ୍ଥିତି ।

## ଟ୍ରମ୍ପଙ୍କ ପାଇଁ 'କର ବା ମର' ସ୍ଥିତି

୧. ଶାନ୍ତି ଚୁକ୍ତି: ଯଦି ଆମେରିକା ଓ ଇରାନ ମଧ୍ୟରେ ଏକ ଦୀର୍ଘକାଳୀନ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୁଏ, ତେବେ ଟ୍ରମ୍ପ ନିଜକୁ ଏକ 'ବିଜୟୀ' ଭାବେ ଉପସ୍ଥାପନ କରି ସେନା ପ୍ରତ୍ୟାହାର କରିପାରିବେ । ଇରାନ ଏଥିପାଇଁ ୩ଟି ସର୍ତ୍ତ ରଖିଛି - ଆକାଶମାର୍ଗରୁ ଆକ୍ରମଣ ବନ୍ଦ, ସାମୁଦ୍ରିକ ଅବରୋଧ ହଟାଇବା ଏବଂ ହର୍ମୁଜ ପ୍ରଣାଳୀକୁ ପୁଣି ଥରେ ବାଣିଜ୍ୟ ପାଇଁ ଉନ୍ମୁକ୍ତ କରିବା । ତେବେ ଟ୍ରମ୍ପ ଏହି ସର୍ତ୍ତକୁ ସହଜରେ ଗ୍ରହଣ କରିବା ପରି ମନେହେଉ ନାହିଁ ।

୨. ସଂଘର୍ଷ ଜାରି ରଖିବା : କଂଗ୍ରେସ ଯଦି ଏୟୁଏମ୍ଏଫ୍ (ଅଥରାଇଜେସନ ଫର ୟୁଜ୍ ଅଫ୍ ମିଲିଟାରୀ ଫୋର୍ସ) ଜରିଆରେ ଟ୍ରମ୍ପଙ୍କୁ ସାମରିକ ଶକ୍ତି ବ୍ୟବହାର ପାଇଁ ଅନୁମତି ଦିଏ, ତେବେ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେଇପାରେ । ରିପବ୍ଲିକାନ ସଦସ୍ୟମାନେ ଏହାକୁ ସମର୍ଥନ କରୁଥିବା ବେଳେ ଡେମୋକ୍ରାଟ୍‌ମାନେ ଏହାର ତୀବ୍ର ବିରୋଧ କରୁଛନ୍ତି ।

୩. ଅନିଶ୍ଚିତତା ବା ସ୍ଥାଣୁତା: ଯଦି ଟ୍ରମ୍ପ ମେ ୧ ସମୟସୀମାକୁ ଅଣଦେଖା କରି ଯୁଦ୍ଧ ଜାରି ରଖନ୍ତି, ତେବେ ଦେଶରେ ଏକ ଆଇନଗତ ଯୁଦ୍ଧ ଆରମ୍ଭ ହୋଇଯିବ । ଏହା ଆଗାମୀ ନଭେମ୍ବର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରିପବ୍ଲିକାନ ପାର୍ଟି ପାଇଁ ଅଡୁଆ ସୃଷ୍ଟି କରିପାରେ ।

ହର୍ମୁଜ ପ୍ରଣାଳୀ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ଗ୍ୟାସ୍ ଯୋଗାଣକୁ ନିୟନ୍ତ୍ରଣ କରେ । ଭାରତ ନିଜର ୪୦ ପ୍ରତିଶତ ଅଶୋଧିତ ତୈଳ ଏହି ଅଞ୍ଚଳରୁ ଆମଦାନୀ କରୁଥିବାରୁ, ଏହି ଯୁଦ୍ଧର ସମାଧାନ ଭାରତୀୟ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଷ୍ଟ୍ରପତି ଟ୍ରମ୍ପ ଏବେ ଏକ 'କର ବା ମର' ପରିସ୍ଥିତିରେ ଅଛନ୍ତି । ସେ କେବଳ ଏକ ସମ୍ମାନଜନକ ବିଜୟ ଚାହୁଁଛନ୍ତି, ଯାହାକୁ ସେ ଭୋଟରଙ୍କ ସାମ୍ନାରେ ଉପସ୍ଥାପନ କରିପାରିବେ । ଆଗାମୀ ୪୮ ଘଣ୍ଟା ମଧ୍ୟରେ ଟ୍ରମ୍ପଙ୍କ ନିଷ୍ପତ୍ତି କେବଳ ପଶ୍ଚିମ ଏସିଆ ନୁହେଁ, ସମଗ୍ର ବିଶ୍ୱର ଭବିଷ୍ୟତ ନିର୍ଦ୍ଧାରଣ କରିବ ।

# ବିହାରରେ ସରକାରୀ କର୍ମଚାରୀଙ୍କୁ ମିଳୁନି ଦରମା

ପାଟନା,୨୮ ।୪(ଏଜେନ୍ସି): ବିହାରରେ ନୂତନ ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ମାସରେ ରାଜ୍ୟର ପ୍ରାୟ ୧୦ ପ୍ରତିଶତ ସରକାରୀ କର୍ମଚାରୀ ସେମାନଙ୍କର ମାର୍ଚ୍ଚ ମାସର ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହା ସହିତ ରାଜ୍ୟର ୧.୧୫ କୋଟିରୁ ଅଧିକ ସାମାଜିକ ସୁରକ୍ଷା ପେନସନଭୋଗୀ ମଧ୍ୟ ସେମାନଙ୍କ ପେନସନ ରାଶି ଅପେକ୍ଷାରେ ରହିଛନ୍ତି । ଅର୍ଥ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟର ୮୦ ପ୍ରତିଶତ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇଛି । କିନ୍ତୁ ବିଭିନ୍ନ ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟ ଏବଂ ଶିକ୍ଷାନୁଷ୍ଠାନର କର୍ମଚାରୀମାନେ ବଜେଟ୍ ଆବଣ୍ଟନ ପରେ ମଧ୍ୟ ପ୍ରକ୍ରିୟାଗତ ଜଟିଳତା ଏବଂ ଅଧିକାରୀଙ୍କ ସ୍ତରରେ ବିଳମ୍ବ ଯୋଗୁଁ ନିଜର ପାରିଶ୍ରମିକ ପାଇନାହାଁନ୍ତି । ସ୍ଥିତି ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଆର୍‌ବିଆଇରୁ ୧୨,୦୦୦ କୋଟି ଟଙ୍କାର ଋଣ ମାଗିଛନ୍ତି । ଋଣର ପ୍ରଥମ କିସ୍ତି ଭାବରେ ୪,୦୦୦ କୋଟି ଟଙ୍କା ଏପ୍ରିଲ୍ ଶେଷ ସପ୍ତାହ ସୁଦ୍ଧା ଏବଂ ବାକି ମେ ଏବଂ ଜୁନ୍ ମାସରେ ଯୋଗାଇ ଦିଆଯିବ । କିନ୍ତୁ ଏହି ପଦକ୍ଷେପ ରାଜ୍ୟର ଶୋଚନୀୟ ଅର୍ଥନୈତିକ ସଙ୍କଟକୁ ଉଜାଗର କରିଛି । ଦୁଇ ମାସ ଧରି ସାମାଜିକ ନିରାପତ୍ତା ପେନସନ୍, ବୃଦ୍ଧ, ବିଧବା

## ପେନସନ୍ ଦେବାକୁ ଆରବିଆଇରୁ ୧୨,୦୦୦ କୋଟିର ଋଣ ମାଗିଲେ ସରକାର

ଏବଂ ଅକ୍ଷମ ଲୋକଙ୍କ ପାଇଁ ଭତ୍ତା ପ୍ରଦାନ ଆଦି ବିଳମ୍ବ ହୋଇଛି । ପ୍ରାୟ ୧ କୋଟିରୁ ଅଧିକ ଲୋକଙ୍କ ପେନସନ୍ ଅଟକି ରହିଛି । ଏହି ଆର୍ଥିକ ସଙ୍କଟ କେବଳ ପେନସନ୍‌ରେ ସୀମିତ ନାହିଁ । ଛାତ୍ର କ୍ରେଡିଟ୍ କାର୍ଡ ଯୋଜନା ଅଧୀନରେ ୫୮,୦୦୦ରୁ ଅଧିକ ଛାତ୍ରଙ୍କ ଟିଉସନ୍ ଫି ଏବଂ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ଅଟକି ରହିଛି । ଏପରିକି ରାଜ୍ୟର ବିକାଶ କାର୍ଯ୍ୟ ଏବଂ କୋଠା ନିର୍ମାଣ ପ୍ରକଳ୍ପ ମଧ୍ୟ ଅର୍ଥାଭାବରୁ ବାଧାପ୍ରାପ୍ତ ହୋଇଛି ।

ସେପଟେ ଏନେଇ ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବ ସରକାରଙ୍କ ଉପରେ ଗର୍ଜିଛନ୍ତି । ରାଜ୍ୟ ବର୍ତ୍ତମାନ ଦାୟିତ୍ୱହୀନ ଢଙ୍ଗରେ ପରିଚାଳିତ ହେଉଥିବାରୁ ରାଜକୋଷ ଖାଲି ହୋଇଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ତାଙ୍କ ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିର୍ବାଚନ ପୂର୍ବରୁ ପେନସନ୍ ପରିମାଣ ୪୦୦ ଟଙ୍କାରୁ ବୃଦ୍ଧି କରି ୧,୧୦୦ ଟଙ୍କା କରିଥିଲେ । ଏହା ମାସିକ ୧,୧୫୦ କୋଟି ଟଙ୍କାର ଅତିରିକ୍ତ ବୋଝ ସୃଷ୍ଟି କରିଛି । ଏହା ବ୍ୟତୀତ, ମହିଳା ସଶକ୍ତିକରଣ ଯୋଜନା ପାଇଁ ୧୫,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା । ଯାହା ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି । ଅନ୍ୟପକ୍ଷରେ, ଶାସକ ପକ୍ଷ ବିକାଶ ପାଇଁ ଋଣ ନେବା ଏକ ସାଧାରଣ ପ୍ରକ୍ରିୟା ବୋଲି କହିଛି । ତଥାପି, ରାଜ୍ୟର ସମୁଦାୟ ବାହ୍ୟ ଋଣ ୩.୭୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି ଏବଂ ଚଳିତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଏହା ୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାର ଆକଳନ କରାଯାଉଛି ।

# କଲ୍‌ମା ପଢ଼ିବାକୁ କହି ସୁରକ୍ଷା କର୍ମୀଙ୍କୁ ଛୁରାମାଡ଼

ନୂଆଦିଲ୍ଲୀ,୨୮ ।୪(ଏଜେନ୍ସି): ଆମେରିକାରୁ ଫେରିଥିବା ଜଣେ ଯୁବକ ମୁମ୍ବାଇର ନୟାନଗର ଅଞ୍ଚଳରେ ଦୁଇଜଣ ସୁରକ୍ଷାକର୍ମୀଙ୍କୁ ଛୁରାମାଡ଼ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି । ଅଭିଯୁକ୍ତ ଜଣକ ଆକ୍ରମଣ ପୂର୍ବରୁ ସୁରକ୍ଷାକର୍ମୀଙ୍କ ଧର୍ମ ପଚାରିବା ସହ ସେମାନଙ୍କୁ 'କଲମା' ପଢ଼ିବାକୁ ବାଧ୍ୟ କରିଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୁଲିସ୍ ଏବଂ ଏଟିଏସ୍ ଘଟଣାର ତଦନ୍ତ ଜାରି ରଖିଛନ୍ତି । ଗତ ସୋମବାର ପ୍ରତ୍ୟୁଷ ପ୍ରାୟ ୪ଟା ସମୟରେ ମୁମ୍ବାଇର ଏକ ନିର୍ମାଣାଧୀନ କୋଠା ନିକଟରେ କାର୍ଯ୍ୟରତ ଦୁଇ ସୁରକ୍ଷାକର୍ମୀ ରାଜକୁମାର ମିଶ୍ର ଏବଂ ସୁବ୍ରତ ସେନ୍‌ଙ୍କୁ ଅଭିଯୁକ୍ତ ଜୈବ ଜୁବେର ଅନସାରୀ (୩୧) ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଗୁରୁତର ଆହତ ଅବସ୍ଥାରେ ଉଭୟଙ୍କୁ ନିକଟସ୍ଥ ୱକହାର୍ଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସିସିଟିଭି ଫୁଟେଜ୍ ସାହାଯ୍ୟରେ ପୁଲିସ୍ ମାତ୍ର ୯୦ ମିନିଟ୍ ମଧ୍ୟରେ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଥିଲା । ତଦନ୍ତକାରୀ ସଂସ୍ଥା ଅଭିଯୁକ୍ତର ମୋବାଇଲ୍ ଏବଂ ବ୍ୟକ୍ତିଗତ ନୋଟ୍‌ବୁକ୍‌ରୁ ଚାଞ୍ଚଲ୍ୟକର ତଥ୍ୟ ପାଇଛନ୍ତି । ସୂଚନା ମୁତାବକ, ଅନସାରୀଙ୍କ ନୋଟ୍‌ରେ ଆଇଏସ୍‌ଆଇଏସ୍, ଲୋନ ଉଲ୍‌ଫ, ଜିହାଦ ଏବଂ ଗାଜା ପରି ଶବ୍ଦଗୁଡ଼ିକ ଉଲ୍ଲେଖ ରହିଥିଲା । ଜୈବ କିଛି ବର୍ଷ ଆମେରିକାରେ ରହୁଥିଲେ ଏବଂ ସେଠାରେ ଚାକିରି ନପାଇବାରୁ ଭାରତ ଫେରିଆସିଥିଲେ । ସେ ମିରା ରୋଡ୍‌ରେ ଏକାକୀ ରହି ଅନଲାଇନ୍ କେମିଷ୍ଟ୍ରି କ୍ଲାସ୍ ନେଉଥିଲେ । ଇଣ୍ଟରନେଟ୍ ମାଧ୍ୟମରେ ସେ ଧର୍ମାନ୍ଧ ହୋଇ ଏଭଳି କାଣ୍ଡ ଭିଆଇଥିବା ସନ୍ଦେହ କରାଯାଉଛି । ଅଭିଯୁକ୍ତ ବିରୋଧରେ ହତ୍ୟା ଉଦ୍ୟମ ଏବଂ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଭଳି ସଙ୍ଗୀନ ଧାରାରେ ମାମଲା ରୁଜୁ କରାଯାଇଛି । ଥାଣେ କୋର୍ଟ ତାଙ୍କୁ ମେ ୪ ତାରିଖ ପର୍ଯ୍ୟନ୍ତ ପୁଲିସ୍ ହେପାଜତକୁ ପଠାଇଛନ୍ତି । ଏହି ଘଟଣାରେ କୌଣସି ବଡ଼ ଧରଣର ଷଡ଼ଯନ୍ତ୍ର ରହିଛି କି ନାହିଁ, ତାହା ଜାଣିବା ପାଇଁ ଏଟିଏସ୍ ତୀକ୍ଷ୍ଣ ନଜର ରଖିଛି ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୨୬ • ପାଉଣ୍ଡ ୧୨୭.୨୪
- ୟୁରୋ ୧୧୦.୫୮ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୩୫୦ (ଭୁବନେଶ୍ୱର)
- ରୁପା : ୨,୬୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୬,୮୮୬.୦୦
- ନିଫ୍ଟି ୨୩,୯୯୫.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ଯୁଦ୍ଧକୁ ୬୦ ଦିନ**

# ଏସିଆରେ ବ୍ଲାକ୍ ଆଉଟ୍ ଆଶଙ୍କା

ନୂଆଦିଲ୍ଲୀ,୨୮।୪(ଏଜେନ୍ସି): ଇତିମଧ୍ୟରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବାର ଦୁଇ ମାସରୁ ଅଧିକ ସମୟ ବିତିଗଲାଣି। ଏହାର ପ୍ରତିକୂଳ ପ୍ରଭାବ ଏବେ ଏସିଆର ଅର୍ଥନୀତି ଉପରେ ଅନୁଭୂତ ହେଉଛି। ହରମୁଜ୍ ପ୍ରଣାଳୀ ଦେଇ ପରିବହନ ବନ୍ଦ ହେବା ଯୋଗୁଁ ଏସିଆକୁ ଅଶୋଧିତ ତୈଳ ଏବଂ ଗ୍ୟାସ ଯୋଗାଣ ପ୍ରାୟ ବନ୍ଦ ହୋଇଯାଇଛି। ବର୍ତ୍ତମାନ ପରିସ୍ଥିତି ଏତେ ଭୟଙ୍କର ହୋଇଛି ଯେ ଭାରତ, ଚୀନ୍, ଜାପାନ ଏବଂ ପାକିସ୍ତାନ ଭଳି ଦେଶଗୁଡ଼ିକୁ ଶକ୍ତି ସୁରକ୍ଷା ଚିନ୍ତା ଘାରିବାରେ ଲାଗିଛି।



ବିଶ୍ୱର ତୃତୀୟ ବୃହତ ତୈଳ ଆମଦାନୀକାରୀ ଭାରତ ଏବେ ସଙ୍କଟରେ। ଶକ୍ତି ସମସ୍ୟାର ସମାଧାନ ପାଇଁ ରୁଷ ଏବଂ ଭେନେଜୁଏଲା ଭରସାରେ ଭାରତ। ଭାରତ ମେ' ଏବଂ ଜୁନ୍ ମାସରେ ଭେନେଜୁଏଲାରୁ ୧୬ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ପାଇବାକୁ ଆଶା କରୁଛି। ତଥାପି, ଦେଶ ଭିତରେ ତୈଳ ଚାହିଦାକୁ ନେଇ ଚାପ ସ୍ପଷ୍ଟ ଭାବରେ ଦେଖାଯାଉଛି। ଅନେକ ରାଜ୍ୟର ଟ୍ରକ୍ ଅପରେଟରମାନେ ସୀମିତ ଡିଜେଲ ଯୋଗାଣ ନେଇ ଅଭିଯୋଗ କରିଛନ୍ତି। ସରକାରୀ ତୈଳ କମ୍ପାନୀଗୁଡ଼ିକୁ ଦର ନିୟନ୍ତ୍ରଣରେ ରଖିବା ପାଇଁ ମୂଲ୍ୟ ବୃଦ୍ଧି ନ କରିବାକୁ ସରକାର କହିଛନ୍ତି। ଅପରପକ୍ଷେ ୧.୪ ବିଲିୟନ ବ୍ୟାରେଲର ବିଶାଳ ତୈଳ ଭଣ୍ଡାର ସହିତ

## ବିପଦରେ ଭାରତ, ଚୀନ୍, ଜାପାନ ଏବଂ ପାକିସ୍ତାନ

ଚୀନ ଏବେ ଶକ୍ତି କ୍ଷେତ୍ରରେ ସୁରକ୍ଷିତ। ଏହାର ତୈଳ ବିଶୋଧନାଗାରଗୁଡ଼ିକ ସୁଲଭ ମୂଲ୍ୟରେ କାର୍ଯ୍ୟ ଜାରି ରଖିଛି। ଜାପାନ ଏହାର ତୈଳ ଆବଶ୍ୟକତାର ୯୦% ପାଇଁ ମଧ୍ୟପ୍ରାଚ୍ୟ ଉପରେ ନିର୍ଭର କରେ। ଏହି ଅଭାବକୁ ଦୂର କରିବା ପାଇଁ, ଜାପାନ ଏବେ ଗ୍ୟାସ୍ ଅଭାବ ଦୂର କରିବା ପାଇଁ ଏହାର ପୁରୁଣା କୋଇଲା ବିଦ୍ୟୁତ୍ ବ୍ୟବହାର କରୁଛି।

ଅପରପକ୍ଷେ ଶକ୍ତି ସଙ୍କଟ ମଧ୍ୟରେ ପାକିସ୍ତାନର ପରିସ୍ଥିତି ଭୟଙ୍କର ହେବାରେ ଲାଗିଛି। ଦେଶର ଗ୍ରାମାଞ୍ଚଳରେ ୧୪ ଘଣ୍ଟା ପାଇଁ ବିଦ୍ୟୁତ୍ କାଟ ହେଉଛି। ସରକାର ଇନ୍ଧନ ସଞ୍ଚୟ କରିବା ଏବଂ ସରକାରୀ ଯାନବାହନ ପାଇଁ ଚାରି ଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିଛନ୍ତି। କ୍ରିକେଟ ପ୍ରେମୀଙ୍କୁ ଷ୍ଟାଡିୟମକୁ ଯିବା ପରିବର୍ତ୍ତେ ଘରେ ମ୍ୟାଚ୍ ଦେଖିବାକୁ ପରାମର୍ଶ ଦିଆଯାଇଛି। କୃଷି ଏବଂ ଇନ୍ଧନ ପାଇଁ ରୁଷ ଏବଂ ଓମାନ ସହିତ ଆଲୋଚନାରେ ଥାଇଲ୍ୟାଣ୍ଡ ଏହା ଆରମ୍ଭ ହୋଇଥିଲା ଯେତେବେଳେ ମାଲେସିଆ ପେଟ୍ରୋଲ ଉପରେ ମାସିକ ୧.୮ ବିଲିୟନ ଡଲାର ସବସିଡି ପ୍ରଦାନ କରେ। ମାଲେସିଆ ଏପ୍ରିଲରୁ ସରକାରୀ କର୍ମଚାରୀଙ୍କ ଟ୍ରାଫିକ ଭିଡ଼ ଏବଂ ଇନ୍ଧନ ବ୍ୟବହାର ହ୍ରାସ କରିବ। ଗୃହ କାର୍ଯ୍ୟ ବାଧ୍ୟତାମୂଳକ କରାଯାଇଛି। ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆରେ କଠୋର ପଦକ୍ଷେପ। ସିଙ୍ଗାପୁର ଏୟାର କଣ୍ଡିସନିଂ ତାପମାତ୍ରା ୨୫ ଡିଗ୍ରୀ ସେଲସିୟସ୍, ଯେତେବେଳେ ଅଷ୍ଟ୍ରେଲିଆ ଏହାର ଦୁଇଟି ରିଫାଇନାରୀ ମଧ୍ୟରୁ ଗୋଟିଏ ପରିଚାଳନା କରେ। ସେମାନଙ୍କ ମଧ୍ୟରୁ ଗୋଟିଏରେ ଅଗ୍ନିକାଣ୍ଡ ପରେ, ଆମେରିକା ଏବଂ ମେକ୍ସିକୋ ତେଲ ଦାବି କରିବା ଆରମ୍ଭ କଲେ। ଅଷ୍ଟ୍ରେଲିଆରେ ଲୋକମାନଙ୍କୁ ବ୍ୟକ୍ତିଗତ ଯାନ ବ୍ୟବହାର କରିବାରୁ ନିରୁତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ରହିଛି। ଏହି ଅଞ୍ଚଳରେ ସାଧାରଣ ପରିବହନ ମାଗଣା। ଅର୍ଥନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ପଦକ୍ଷେପଗୁଡ଼ିକ କେବଳ ଏକ ଅସ୍ଥାୟୀ ସମାଧାନ। ଯଦି ହରମୁଜ୍ ପ୍ରଣାଳୀ ଦୀର୍ଘ ସମୟ ପାଇଁ ବନ୍ଦ ରହେ, ତେବେ ଏହା ଏସିଆରେ ଏକ ବଡ଼ ସଙ୍କଟ ସୃଷ୍ଟି କରିପାରେ।

**ବାରଣାସୀ ମହିଳା ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଯୋଗଦାନ**


# ୬୩୫୦ କୋଟିର ବିକାଶ ପ୍ରକଳ୍ପ ଉଦଘାଟିତ ଏବଂ ଶିଳାନ୍ୟାସ



ବାରଣାସୀ,୨୮।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବାରଣାସୀରେ ଏକ ସମ୍ମିଳନୀରେ ମହିଳାମାନଙ୍କ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି ସେଠାରେ ୬୩୫୦ କୋଟିର ବିକାଶ ପ୍ରକଳ୍ପ ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ନାରୀ ଶକ୍ତି ଏବଂ ବିକାଶ ଉଭୟକୁ ପାଳନ କରାଯାଇଥିବା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ କାଶୀରେ ପ୍ରତ୍ୟେକ ପ୍ରକାରର ବିକାଶକୁ ଅନ୍ତର୍ଭୁକ୍ତ କରୁଥିବା ପ୍ରକଳ୍ପଗୁଡ଼ିକର ଉଦଘାଟନ କରାଯାଇଛି। ଏହା ସହିତ କାଶୀ ଏବଂ ଅଯୋଧ୍ୟା ମଧ୍ୟରେ ସଂଯୋଗ ବୃଦ୍ଧି କରିବା କାର୍ଯ୍ୟ ମଧ୍ୟ କରାଯାଇଛି। କାଶୀରୁ ପୁନେ ଏବଂ ଅଯୋଧ୍ୟାରୁ ମୁମ୍ବାଇ ପର୍ଯ୍ୟନ୍ତ ଦୁଇଟି ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା, ଯାହା ମହାରାଷ୍ଟ୍ରର ଲୋକମାନଙ୍କୁ ଏହି ପବିତ୍ର ସହରଗୁଡ଼ିକରେ ପହଞ୍ଚିବା ପାଇଁ ଆଧୁନିକ ସଂଯୋଗ ବିକଳ୍ପ ପ୍ରଦାନ କରିବ। "ଏହା ଉତ୍ତର ପ୍ରଦେଶ ଏବଂ ମହାରାଷ୍ଟ୍ର ମଧ୍ୟରେ ସଂଯୋଗକୁ ଆହୁରି ଉନ୍ନତ କରିବ, ଲୋକଙ୍କୁ ଅଯୋଧ୍ୟା ଧାମ ଏବଂ କାଶୀ ବିଶ୍ୱନାଥ ଧାମରେ ପହଞ୍ଚିବା ପାଇଁ ଆଉ ଏକ ଆଧୁନିକ ବିକଳ୍ପ ଦେବ ବୋଲି ମୋଦୀ କହିଥିଲେ। ମହିଳା ସଶକ୍ତିକରଣର ପରିବର୍ତ୍ତନକାରୀ ଶକ୍ତିକୁ ରେଖାଙ୍କିତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଯେତେବେଳେ ଜଣେ ମହିଳା ପରିବାରରେ ସଶକ୍ତ ହୁଅନ୍ତି, ସେତେବେଳେ ସମଗ୍ର ପରିବାର ଶକ୍ତି ଲାଭ କରେ, ଯାହା ଫଳରେ ସମାଜ ଏବଂ ଦେଶ ମଜବୁତ ହୋଇଥାଏ। ଭାରତୀୟ ମହିଳାମାନେ ସମ୍ମୁଖୀନ ହେଉଥିବା ଭେଦଭାବ ତଥା ପ୍ରତିବନ୍ଧକଗୁଡ଼ିକ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏପରି ଭେଦଭାବ କେବଳ କାଶୀ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ସମଗ୍ର ଦେଶରେ ଉପସ୍ଥିତ ଥିଲା ବୋଲି ସ୍ୱୀକାର କରିଥିଲେ।

**କଲମ୍ବିଆ ସରକାରଙ୍କୁ ଅନନ୍ତ ଅମ୍ବାନୀଙ୍କ ଅନୁରୋଧ**

# ୮୦ ଜଳହସ୍ତୀଙ୍କୁ ମାରନି, ଆମେ ବନ୍ତାରାରେ ରଖିବୁ



ନୂଆଦିଲ୍ଲୀ,୨୮।୪: ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆର ମାଗଡାଲେନା ନଦୀ ଉପତ୍ୟକାରେ ରହୁଥିବା ୮୦ ଟି ଜଳହସ୍ତୀଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ଆଗେଇ ଆସିଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ବିଶ୍ୱର ସର୍ବବୃହତ ବନ୍ୟପ୍ରାଣୀ ଉଦ୍ଧାର ଏବଂ ସଂରକ୍ଷଣ କେନ୍ଦ୍ର ମଧ୍ୟରୁ ଗୋଟିଏ, ବନ୍ତାରାର ପ୍ରତିଷ୍ଠାତା ଅନନ୍ତ ମୁକେଶ ଅମ୍ବାନୀ।

ଏହି ଜଳହସ୍ତୀଙ୍କ ଜୀବନ ରକ୍ଷା କରିବାକୁ କଲମ୍ବିଆ ସରକାରଙ୍କୁ ଆନୁଷ୍ଠାନିକ ଭାବରେ ସେ ଅନୁରୋଧ କରିଛନ୍ତି। କେବଳ ସେତିକି ନୁହେଁ, ସେ ଏକ ମାନବୀୟ ବିକଳ୍ପ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। କଲୋମ୍ବିଆ ସରକାର ଚାହିଁଲେ ସେହି ପ୍ରାଣୀମାନଙ୍କୁ ସୁରକ୍ଷିତ ଏବଂ ବୈଜ୍ଞାନିକ ଭାବରେ ଗୁଜରାଟର ଜାମନଗରରେ ଅବସ୍ଥିତ ବନ୍ତାରାକୁ ଅଣାଯାଇପାରିବ। ସେଠାରେ ସେମାନଙ୍କୁ ସ୍ଥାୟୀ ଭାବେ ରଖାଯାଇପାରିବ ବୋଲି ଅନନ୍ତ ଅମ୍ବାନୀ ପରାମର୍ଶ ଦେଇଛନ୍ତି। ଏ ନେଇ ଅନନ୍ତ ଅମ୍ବାନୀ କଲମ୍ବିଆର ପରିବେଶ ମନ୍ତ୍ରୀ ଇରେନ୍ ଭେଲେଜ୍ ଟୋରେସଙ୍କୁ ଏକ ଚିଠି ଲେଖିଛନ୍ତି। ଏହି ଜଳହସ୍ତୀମାନଙ୍କୁ କଲମ୍ବିଆ କର୍ତ୍ତୃପକ୍ଷଙ୍କ ତଦାରଖ କରିପାରିବେ ଓ ପ୍ରଶାସନିକ ଅନୁମୋଦନ ପାଇଁ ବନ୍ତାରା ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଅନନ୍ତ ଅମ୍ବାନୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରସ୍ତାବ ଅନନ୍ତ ଅମ୍ବାନୀଙ୍କ ପ୍ରାଣୀ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ତାଙ୍କର ପ୍ରାଣୀ ପ୍ରେମ ପାଇଁ ଅନନ୍ତଙ୍କୁ ସମ୍ପ୍ରତି ଗ୍ଲୋବାଲ୍ ହ୍ୟୁମାନ୍ ଆୱାର୍ଡ ସମ୍ମାନିତ କରାଯାଇଛି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସ୍କ ବ୍ୟକ୍ତି ଏବଂ ପ୍ରଥମ ଏସୀୟ ହୋଇପାରିଛନ୍ତି। ଏହି ଚିଠିରେ ବନ୍ତାରା ପକ୍ଷରୁ କଲମ୍ବିଆ କର୍ତ୍ତୃପକ୍ଷଙ୍କୁ ଏକ ବିସ୍ତୃତ ଯୋଜନା ଦିଆଯାଇଛି। ଯେଉଁଥିରେ ପଶୁଚିକିତ୍ସା ବିଶେଷଜ୍ଞଙ୍କ ଏକ ଦଳ, ସୁରକ୍ଷିତ ପରିବହନ ବ୍ୟବସ୍ଥା, ଜୈବ ସୁରକ୍ଷା ପ୍ରୋଟୋକଲ ଏବଂ ସେମାନଙ୍କର ପ୍ରାକୃତିକ ପରିବେଶ ସହିତ ସମାନ ବାସସ୍ଥାନ ସୁବିଧା ପ୍ରଦାନ କରାଯିବ ବୋଲି କୁହାଯାଉଛି।

# ଓପେକ୍, ଓପେକ୍ ପ୍ଲସ୍ ଛାଡିଲା ୟୁଏଇ

**ବିଶ୍ୱ ଶକ୍ତି ବଜାରରେ ହଇଚଇ**

**ସାଉଦି ଆରବକୁ ଏକ ବଡ଼ ଝଟ୍‌କା**

**ଟ୍ରମ୍ପଙ୍କ ରଣନୈତିକ ବିଜୟ**




ନୂଆଦିଲ୍ଲୀ,୨୮।୪(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପେଟ୍ରୋଲିୟମ ରପ୍ତାନିକାରୀ ଦେଶ ସଂଗଠନ (ଓପେକ୍) ଏବଂ ଓପେକ୍ ପ୍ଲସ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି। ଏହାକୁ ବିଶ୍ୱ ଶକ୍ତି ବଜାର ଏବଂ କୂଟନୈତିକ ସ୍ତରରେ ଏକ ଐତିହାସିକ ବିକାଶ ଭାବେ ଦେଖାଯାଉଛି। ଓପେକ୍ ଏବଂ ଓପେକ୍ ପ୍ଲସ୍ ଛାଡିବା ନେଇ ମଙ୍ଗଳବାର ୟୁଏଇ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଇରାନ ଯୁଦ୍ଧ ଏବଂ ଅସ୍ଥିର ବିଶ୍ୱ ଅର୍ଥନୀତି ଯୋଗୁଁ ପୂର୍ବରୁ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟ ମଧ୍ୟରେ ନିଆଯାଇଥିବା ଏହି ପଦକ୍ଷେପକୁ ଓପେକ୍ ଗୋଷ୍ଠୀ ଏବଂ ଏହାର ଅଘୋଷିତ ନେତା ସାଉଦି ଆରବ ପାଇଁ ଏକ ବଡ଼ ଝଟ୍‌କା ବୋଲି ବିବେଚନା କରାଯାଉଛି।

ୟୁଏଇର ଦୀର୍ଘକାଳୀନ ପ୍ରମୁଖ ସଦସ୍ୟ ୟୁଏଇ ଆଉ ଏହି ସଂଗଠନର ଅଂଶ ନାହିଁ। ଏହି ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ତୈଳ ରପ୍ତାନିକାରୀ ଦେଶଗୁଡ଼ିକର ଏହି ଗୋଷ୍ଠୀ ମଧ୍ୟରେ ବିଶୃଙ୍ଖଳା ଏବଂ ଦୁର୍ବଳ ହେବାର ସମ୍ଭାବନାକୁ ଯଥେଷ୍ଟ ବୃଦ୍ଧି କରିଛି। ଭୂ-ରାଜନୈତିକ ପ୍ରସଙ୍ଗଠାରୁ ଆରମ୍ଭ କରି ଉତ୍ପାଦନ କୋଟା ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ମତଭେଦ ସତ୍ତ୍ୱେ ଓପେକ୍ ସର୍ବଦା ଏକତା ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛି, କିନ୍ତୁ ଓପେକ୍‌ରୁ ୟୁଏଇ ହଟିବା ଏହି ଏକତା ଉପରେ ସନ୍ଦେହ ସୃଷ୍ଟି କରିଛି। ଏହି ବିକାଶ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି ଯେତେବେଳେ ଉପସାଗରୀୟ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ହର୍ମୁଜ୍ ପ୍ରଣାଳୀ ମାଧ୍ୟମରେ ସେମାନଙ୍କର ରପ୍ତାନି ବଜାୟ ରଖିବା ପାଇଁ ସଂଘର୍ଷ କରୁଛନ୍ତି। ଓପେକ୍‌ରୁ ୟୁଏଇ ଓହରିଯିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଏକ ପ୍ରମୁଖ ରଣନୈତିକ ବିଜୟ ବୋଲି କୁହାଯାଉଛି। ରାଷ୍ଟ୍ରପତି ଟ୍ରମ୍ପ ଦୀର୍ଘ ସମୟ ଧରି ଓପେକ୍ ଉପରେ ତୈଳ ମୂଲ୍ୟ ବୃଦ୍ଧି କରିବାକୁ ଚାପ ପକାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଟ୍ରମ୍ପ ଉପସାଗରୀୟ ଦେଶଗୁଡ଼ିକ ପାଇଁ ଆମେରିକାର ସାମରିକ ସମର୍ଥନକୁ ତୈଳ ମୂଲ୍ୟ ସହିତ ସିଧାସଳଖ ଯୋଡ଼ିଛନ୍ତି। ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆମେରିକା ଓପେକ୍ ସଦସ୍ୟମାନଙ୍କୁ ସୁରକ୍ଷା ଦେଉଥିବାବେଳେ, ଏହି ଦେଶଗୁଡ଼ିକ ଉଚ୍ଚ ତୈଳ ମୂଲ୍ୟ ଲାଗୁ କରି ଆମେରିକା ଏବଂ ବିଶ୍ୱକୁ ଶୋଷଣ କରୁଛନ୍ତି।

ଅପରପକ୍ଷେ ପଶ୍ଚିମ ଏସିଆର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଏବଂ ୱାଶିଂଟନର ନିକଟତମ ସହଯୋଗୀଙ୍କ ମଧ୍ୟରୁ ଗୋଟିଏ ଭାବରେ ୟୁଏଇ ସମ୍ପ୍ରତି ତା'ର ସହଯୋଗୀ ଆରବ ଦେଶଗୁଡ଼ିକ ଉପରେ ଅସନ୍ତୁଷ୍ଟ ରହିଛି। କାରଣ ଯୁଦ୍ଧ ସମୟରେ ଆରବ ଦେଶଗୁଡ଼ିକ ଏହାକୁ ଅନେକ ଇରାନୀ ଆକ୍ରମଣରୁ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନ ଥିଲେ। ସୋମବାର ଗଲ୍ଫ ଇନଫ୍ଲୁଏନ୍ସର୍ସ ଫୋରମ୍‌ରେ ୟୁଏଇ ରାଷ୍ଟ୍ରପତିଙ୍କ କୂଟନୈତିକ ପରାମର୍ଶଦାତା ଅନୱର ଗାରଗାଶ ସାର୍ବଜନୀନ ଭାବରେ ଏ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ଇରାନୀ ଆକ୍ରମଣ ପ୍ରତି ଆରବ ଏବଂ ଉପସାଗରୀୟ ଦେଶଗୁଡ଼ିକର ପ୍ରତିକ୍ରିୟାକୁ କଡ଼ା ସମାଲୋଚନା କରିଥିଲେ। ସେ ଏପରି ମଧ୍ୟ କହିଥିଲେ ଯେ, ସେ ଆରବ ଲିଗରୁ ଏପରି ଦୁର୍ବଳ ଦୃଷ୍ଟିକୋଣ ଆଶା କରୁଥିଲେ ମଧ୍ୟ ଗଲ୍ଫ ସହଯୋଗ ପରିଷଦରୁ ଏପରି କିଛି ଆଶା କରି ନ ଥିଲେ, ଯାହା ତାଙ୍କୁ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ କରିଛି। ୟୁଏଇର ଏହି ପଦକ୍ଷେପ କେବଳ ପଶ୍ଚିମ ଏସୀୟ ଭୂ-ରାଜନୀତିରେ ଏକ ଗଭୀର ଫାଟକୁ ଦେଖାଉନାହିଁ, ବରଂ ବିଶ୍ୱ ତୈଳ ଯୋଗାଣ ଶୃଙ୍ଖଳାର ସ୍ଥିରତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଆଗାମୀ ଦିନରେ ଏହା ଦେଖିବା ଗୁରୁତ୍ୱପୂର୍ଣ୍ଣ ହେବ ଯେ ୟୁଏଇର ସ୍ୱାଧୀନ ଉତ୍ପାଦନ ନୀତି ଅଶୋଧିତ ତୈଳ ମୂଲ୍ୟକୁ କେଉଁ ଦିଗରେ ନେବ ଏବଂ ଓପେକ୍ ଗୋଷ୍ଠୀ ଏହାର ଅସ୍ତିତ୍ୱ ଏବଂ ବଜାର ପ୍ରାଧାନ୍ୟ ବଜାୟ ରଖିବା ପାଇଁ କେଉଁ ନୂତନ ରଣନୀତି ଗ୍ରହଣ କରିବ।

# ରୁଷରୁ ତେଲ ଆମଦାନୀ ହ୍ରାସ

ନୂଆଦିଲ୍ଲୀ,୨୮।୪(ଏଜେନ୍ସି): ଇରାନ ଯୁଦ୍ଧକୁ ଇତିମଧ୍ୟରେ ଦୁଇ ମାସ ବିତିଗଲାଣି। ଏହି ସମୟରେ ଭାରତ ସମେତ ବିଶ୍ୱର ଅନେକ ଦେଶ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଥିଲେ। ଏହି ସଙ୍କଟ ସମୟରେ ଭାରତକୁ ରୁଷୀୟ ତୈଳରୁ ସମର୍ଥନ ମିଳିଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ପୁଣି ବଦଳିଯାଇଥିବା ପରି ମନେହେଉଛି।

**ଏପ୍ରିଲରେ କମିଲା ୨୦%**

ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ଏବଂ ଜାରି ଯୋଗାଣ ସଙ୍କଟ ସତ୍ତ୍ୱେ ଏପ୍ରିଲରେ ରୁଷରୁ ଭାରତର ଅଶୋଧିତ ତୈଳ ଆମଦାନୀ ହ୍ରାସ ପାଇଛି। ଭାରତୀୟ ରିଫାଇନାରୀମାନେ ମାର୍ଚ୍ଚରେ ରେକର୍ଡ ପରିମାଣର ରୁଷୀୟ ତୈଳ କିଣିଥିଲେ, କିନ୍ତୁ ଏପ୍ରିଲରେ ଏହି ପରିମାଣ ପ୍ରାୟ ୨୦% ହ୍ରାସ ପାଇଛି। ଭାରତ ଏପ୍ରିଲରେ ରୁଷରୁ ଦୈନିକ ହାରାହାରି ୧.୫୭ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରିଥିଲା, ଯାହା ମାର୍ଚ୍ଚରେ ପ୍ରାୟ ୨ ନିୟୁତ ବ୍ୟାରେଲ୍ ଥିବା କେପ୍‌ଲରପ କ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ମାର୍ଚ୍ଚରେ, ଆମେରିକା-ଇରାନ ଯୁଦ୍ଧ ଏବଂ ହର୍ମୁଜ୍ ପ୍ରଣାଳୀ ସଙ୍କଟ ଯୋଗୁଁ ମଧ୍ୟପ୍ରାଚ୍ୟରୁ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଫଳସ୍ୱରୂପ, ଭାରତୀୟ କମ୍ପାନୀଗୁଡ଼ିକ ରୁଷରୁ ଭାସମାନ କାର୍ଗୋ କ୍ରୟ ବୃଦ୍ଧି କରିଥିଲେ। ଏହା ବ୍ୟତୀତ, ଆମେରିକାର କଟକଣାରୁ ଅସ୍ଥାୟୀ ଆଶ୍ୱସ୍ତି ମଧ୍ୟ କ୍ରୟକୁ ସହଜ କରିଥିଲା। କେପ୍‌ଲର ରିପୋର୍ଟ ଅନୁଯାୟୀ, ଏପ୍ରିଲରେ ରୁଷରୁ ତୈଳ ଆମଦାନୀରେ ହ୍ରାସର ତିନୋଟି ମୁଖ୍ୟ କାରଣ ହେଉଛି, ରୁଷିଆର ରପ୍ତାନି ଟର୍ମିନାଲ ଉପରେ ୟୁକ୍ରେନ ଆକ୍ରମଣ ଲୋଡିଂକୁ ପ୍ରଭାବିତ କରିଥିଲା। ଦ୍ୱିତୀୟତଃ ମାର୍ଚ୍ଚରେ ଉପଲବ୍ଧ ଭାସମାନ କାର୍ଗୋ ଶେଷ ହୋଇଯାଇଥିଲା। ଶେଷ କାରଣ ଟି ହେଉଛି, ରୁଷର କିଛି ରିଫାଇନାରୀକୁ ରକ୍ଷଣାବେକ୍ଷଣ କାର୍ଯ୍ୟ ଯୋଗୁ ବନ୍ଦ କରାଯାଇଥିଲା।

# ୯୪୦୦ରୁ ଅଧିକ ଆକାଉଣ୍ଟ ନିଷିଦ୍ଧ କଲା ହ୍ୱାଟ୍ସଆପ୍

ନୂଆଦିଲ୍ଲୀ,୨୮।୪(ଏଜେନ୍ସି): "ଡିଜିଟାଲ୍ ଆରେଷ୍ଟ" ସ୍କାମ ବା ଠକେଇ ରୋକିବା ପାଇଁ ହ୍ୱାଟ୍ସଆପ୍ ୯,୪୦୦ରୁ ଅଧିକ ସନ୍ଦିଗ୍ଧ ଆକାଉଣ୍ଟ ନିଷିଦ୍ଧ କରିଛି। ଚଳିତବର୍ଷ ଜାନୁଆରୀରୁ ଆରମ୍ଭ ହୋଇ ୧୨ ସପ୍ତାହ ଧରି ସରକାରୀ ତଦନ୍ତକାରୀ ଏଜେନ୍ସୀ ଏବଂ କମ୍ପାନି ଇଣ୍ଟରନାଲ ତଦନ୍ତ ରିପୋର୍ଟରୁ ମିଳିଥିବା ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ସୂଚନା ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି ସୁପ୍ରିମକୋର୍ଟକୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ଦେଶରେ ଡିଜିଟାଲ ଠକେଇ ବଢୁଥିବା ବେଳେ କୋର୍ଟ ନିଜ ଆଡୁ ସଂଜ୍ଞାନ ନେଇ ମାମଲାର ଶୁଣାଣି କରୁଛନ୍ତି। ବିଶେଷ କରି ଯେଉଁଥିରେ ଠକମାନେ ପୋଲିସ କିମ୍ବା ସରକାରୀ ଅଧିକାରୀ ପରିଚୟ ଦେଇ ଲୋକଙ୍କ ଟଙ୍କା ଠକୁଛନ୍ତି।

ହ୍ୱାଟ୍ସଆପ୍ ତଦନ୍ତରୁ ଜଣାପଡ଼ିଛି ଯେ, ଭାରତୀୟ ୟୁଜର୍ସଙ୍କୁ ଟାର୍ଗେଟ କରୁଥିବା ଅଧିକାଂଶ ଆକାଉଣ୍ଟ କାମ୍ବୋଡିଆର ଠକେଇ କେନ୍ଦ୍ରଗୁଡ଼ିକରୁ ପରିଚାଳିତ ହେଉଥିଲା। ଠକମାନେ ଲୋକମାନଙ୍କୁ ଭୟଭୀତ କରିବା ପାଇଁ ସେମାନଙ୍କର ପ୍ରୋଫାଇଲ୍ ଫଟୋ ଏବଂ ନାଁରେ ଦିଲ୍ଲୀ ପୋଲିସ, ମୁମ୍ବାଇ ମୁଖ୍ୟାଳୟ, ସିବିଆଇ ଏବଂ ଏଟିଏସ୍ ବିଭାଗ ଭଳି ସରକାରୀ ଶବ୍ଦ ଏବଂ ଲୋଗୋ ବ୍ୟବହାର କରିଥିଲେ। ହ୍ୱାଟସଆପ୍ କହିଛି ଯେ, ସମ୍ପୂର୍ଣ୍ଣ ଅପରାଧିକ ନେଟୱାର୍କକୁ ଖୋଜିବା ଏବଂ ଏହାକୁ ନଷ୍ଟ କରିବା ପାଇଁ ମିଳୁଥିବା ସବୁ ତଥ୍ୟର ତର୍ଜମା କରୁଛି। ସରକାର ୩,୮୦୦ ଆକାଉଣ୍ଟ ରିପୋର୍ଟ କରିଥିବା ବେଳେ, ହ୍ୱାଟସଆପ୍ ନିଜେ ମଧ୍ୟ ହଜାର ହଜାର ଆକାଉଣ୍ଟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏକ ବୃଦ୍ଧ ଦମ୍ପତି ସୁପ୍ରିମକୋର୍ଟକୁ ଚିଠି ଲେଖିବା ପରେ ମାମଲା ୨୦୨୫ ଅକ୍ଟୋବରରେ ଆରମ୍ଭ



## କାମ୍ବୋଡିଆରୁ ଭାରତରେ କରୁଥିଲେ ଡିଜିଟାଲ ଆରେଷ୍ଟ

ହୋଇଥିଲା। ତାଙ୍କ ସହ ସିବିଆଇ ଏବଂ ଆଇବି ଅଧିକାରୀ ପରିଚୟ ଦେଇ ୧.୫ କୋଟି ଟଙ୍କା ଠକେଇ ହୋଇଥିଲା। ଠକ ଭିଡିଓ କଲ୍ ଦ୍ୱାରା ଫେକ୍ କୋର୍ଟ ଆଦେଶ ଦେଖାଇ ତାଙ୍କୁ ଡରାଇଥିଲା। କୋର୍ଟ ଏହା ପରେ ପୂରା ଦେଶରେ ବଢୁଥିବା ଏହି ମାମଲା ଉପରେ କେନ୍ଦ୍ର ଏବଂ ଏଜେନ୍ସୀଙ୍କଠାରୁ ଜବାବ ମାଗିଥିଲେ।

## ଆମେରିକା ଔଷଧ କମ୍ପାନୀ ଅର୍ଗାନନ୍‌କୁ କିଣିବ ସନ୍ ଫାର୍ମା

ନୂଆଦିଲ୍ଲୀ,୨୮।୪(ଏଜେନ୍ସି):ଆମେରିକାର ଔଷଧ ନିର୍ମାତାକୁ କିଣିବ ଭାରତୀୟ ଔଷଧ କମ୍ପାନୀ। ଭାରତୀୟ କମ୍ପାନୀ ସନ୍ ଫାର୍ମା ଆମେରିକା ନ୍ୟୁଜର୍ସିର ବୃହତ୍ ଔଷଧ କମ୍ପାନୀ ଅର୍ଗାନନକୁ ୧.୧୦ ଲକ୍ଷ କୋଟି ଟଙ୍କାରେ ଅଧିଗ୍ରହଣ କରିବ। ଏହା କୌଣସି ଭାରତୀୟ ଔଷଧ କମ୍ପାନୀ ଦ୍ୱାରା ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ବିଦେଶୀ ଚୁକ୍ତି। ସୋମବାର ଏହି ଚୁକ୍ତି ସମ୍ପର୍କରେ ଦୁଇ କମ୍ପାନୀ ଏକ ମିଳିତ ବିବୃତ୍ତି ଜାରି କରିଛନ୍ତି। ଚୁକ୍ତିନାମା ଅନୁଯାୟୀ,ସନ୍ ଫାର୍ମା ଅର୍ଗାନନ୍‌ର ପ୍ରତି ବକେୟା ସେୟାର ୧୪ ଡଲାର ମୂଲ୍ୟରେ ଅଧିଗ୍ରହଣ କରିବ। ସମ୍ପୂର୍ଣ୍ଣ କାରବାର ନଗଦରେ ହେବ। ଏହି ଅଧିଗ୍ରହଣ ପରେ ବିଶ୍ୱ ବଜାରରେ ସନ୍ ଫାର୍ମାର ସ୍ଥିତି ମଜଭୁତ ହୋଇଯିବ। ଫଳରେ କମ୍ପାନୀ ବିଶ୍ୱର ଶ୍ରେଷ୍ଠ ୨୫ ଔଷଧ କମ୍ପାନୀ ମଧ୍ୟରେ ସାମିଲ୍ ହୋଇଯିବ। ବର୍ତ୍ତମାନ ସନ୍ ଫାର୍ମା ୧୫୦ଟି ଦେଶରେ ନିଜ ବ୍ୟବସାୟ ଜାରି ରଖିଛି। ଏହି ଅଧିଗ୍ରହଣ ପରେ ବାୟୋସିମିଲର୍ସ ଜୈବିକ ଔଷଧ କମ୍ପାନୀରେ ସନ ଫାର୍ମା ବିଶ୍ୱର ସପ୍ତମ ବୃହତ୍ତମ କମ୍ପାନୀ ହୋଇଯିବ। ଏହାର ୧୮ଟି ପ୍ରମୁଖ ବଜାର ଉପରେ ନିୟନ୍ତ୍ରଣ ରହିବ ଯାହାର ପ୍ରତ୍ୟେକର ରାଜସ୍ୱ ୯୦୦ କୋଟି ଟଙ୍କା ହେବ।

**ଦେଶକୁ ୭୨% ୟୁରିଆ ମଧ୍ୟ ପ୍ରାଚ୍ୟରୁ ହେଉଛି ଆମଦାନୀ**

# ଭାରତ-ରୁଷ ସ୍ଥାପନ କରିବେ ୟୁରିଆ ପ୍ଲାଣ୍ଟ

ନୂଆଦିଲ୍ଲୀ,୨୮।୪(ଏଜେନ୍ସି): ଇରାନ ଯୁଦ୍ଧ ଯୋଗୁ ସୃଷ୍ଟି ହୋଇଥିବା ୟୁରିଆ ସଙ୍କଟ ମଧ୍ୟରେ ଭାରତ ଏବଂ ରୁଷ ଯୌଥ ଉଦ୍ୟୋଗରେ ୟୁରିଆ ସାର କାରଖାନା ସ୍ଥାପନ କରିବାକୁ ଯାଉଛନ୍ତି। ଏହି କାରଖାନା ରଷର ସମାରାରେ ପ୍ରତିଷ୍ଠା ହେବ। ଏହି ପ୍ରକଳ୍ପ ବିଷୟରେ ଆଲୋଚନା କରିବା ପାଇଁ ଏକ ଭାରତୀୟ ପ୍ରତିନିଧିମଣ୍ଡଳ ନିକଟରେ ରୁଷ ଗସ୍ତ କରିସାରିଛନ୍ତି। ଭାରତ ଓ ରୁଷର ଏହି ମିଳିତ ପ୍ରକଳ୍ପରେ ପ୍ରାୟ ୨୦ ହଜାର କୋଟି ଟଙ୍କାର ନିବେଶ ହେବ। ଏହି କାରଖାନାର ଉତ୍ପାଦନ କ୍ଷମତା ୨୦ ଲକ୍ଷ ଟନ୍ ରହିବ। ଏହି ଯୌଥ ଉଦ୍ୟୋଗରେ ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍, ଆର୍‌ସିଏଫ୍ ଏବଂ ଏନ୍‌ଏଫ୍‌ଏଲ୍ ଭଳି କମ୍ପାନୀ ସାମିଲ ଅଛନ୍ତି। ଉକ୍ତ ପ୍ରକଳ୍ପ ମାଧ୍ୟମରେ, ଭାରତ ସାର ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ଭାରତ କୃଷି କ୍ଷେତ୍ର ପାଇଁ ନାଇଟ୍ରୋଜେନ୍-ଭିତ୍ତିକ ସାର ୟୁରିଆ ଉପରେ ବହୁତ ନିର୍ଭର କରେ। ବର୍ତ୍ତମାନ, ଭାରତ ଏହାର ଆବଶ୍ୟକତାର ପ୍ରାୟ ୭୧% ୟୁରିଆ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆମଦାନୀ କରୁଛି। ତେଣୁ ଦେଶ ମଧ୍ୟପ୍ରାଚ୍ୟ ଉପରେ ଏହି ନିର୍ଭରଶୀଳତା ହ୍ରାସ କରିବାକୁ ଚାହୁଁଛି। ରଷରେ ହେବାକୁ ଥିବା ଏହି ପ୍ରକଳ୍ପରେ ଭାରତର ୩ ସରକାରୀ କମ୍ପାନୀ କାର୍ଯ୍ୟ କରୁଛନ୍ତି। ଭାରତୀୟ କମ୍ପାନୀ ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍, ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର୍ସ ଲିମିଟେଡ୍ (ଆର୍‌ସିଏଫ୍‌ଏଲ୍) ଏବଂ ନ୍ୟାସନାଲ୍ ଫର୍ଟିଲାଇଜର୍ସ ଲିମିଟେଡ୍ (ଏନ୍‌ଏଫ୍‌ଏଲ୍) ମିଳିତ ଭାବରେ ୧୦ ହଜାର କୋଟି ଟଙ୍କା



**୨ ବର୍ଷ ମଧ୍ୟରେ ଆରମ୍ଭ ହେବ ଉତ୍ପାଦନ**

ନିବେଶ କରିବେ। ବାକି ୧୦ ହଜାର କୋଟି ରୁଷିଆନ୍ ରାସାୟନିକ କମ୍ପାନୀ ୟୁରାଲକେମ୍ ଗ୍ରୁପ୍ ଦ୍ୱାରା ନିବେଶ କରାଯିବ। ଇଣ୍ଡିଆନ୍ ପୋଟାସ୍ ଏଏମ୍ଡି ପିଏସ୍ ଗେହଲଟ୍ କହିଛନ୍ତି ଯେ ଏହି ପ୍ରୋଜେକ୍ଟ କନସଲ୍ଟାଣ୍ଟ ପିଡିଆଇଏଲ୍, ତାଙ୍କର ରିପୋର୍ଟ ଦାଖଲ କରିଛି। ଏହି ପ୍ଲାଣ୍ଟ ଭାରତ ପାଇଁ ୟୁରିଆର ଏକ ସ୍ଥାୟୀ ଉତ୍ସ ହେବ।

ଆମେରିକା-ଇରାନ ଉତ୍ତେଜନା ଯୋଗୁ ସୃଷ୍ଟି ହୋଇଥିବା ସଙ୍କଟ ସମୟରେ ଆଗୁଆ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ, ସରକାର ୨୦୨୬ ପାଇଁ ୨.୫ ଲକ୍ଷ ଟନ୍ ୟୁରିଆ ଆମଦାନୀକୁ ଅନୁମୋଦନ କରିଛନ୍ତି। ଏହି ଯୋଗାଣ ହର୍ମୁଜ ପ୍ରଣାଳୀକୁ ବାଏସପାସ୍ କରି ସିଧାସଳଖ ଆଲଜେରିଆ, ନାଇଜେରିଆ, ଓମାନ ଏବଂ ରୁଷରୁ ଆମଦାନୀ କରାଯାଉଛି। ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ଡିସେମ୍ବର ୨୦୨୫ରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ସମୟରେ ସ୍ଥାପନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁଟିନଙ୍କ ଉପସ୍ଥିତିରେ ଦୁଇ ଦେଶ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା।

# ପଞ୍ଜାବର ଅପରାଜେୟ ଧାରା ଭାଙ୍ଗିଲା ରାଜସ୍ଥାନ

ମୁଲାନପୁର, ୨୮ ।୪ (ଏଜେନ୍ସି):

ଚଳିତ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସର ଅପରାଜେୟ ଧାରା ଭାଙ୍ଗିଛି । ମଙ୍ଗଳବାର ସ୍ଥାନୀୟ ମହାରାଜ ଯାଦବିନ୍ଦର ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୪୦ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୬ ୱିକେଟରେ ଘରୋଇ ପଞ୍ଜାବକୁ ପରାସ୍ତ କରିଛି । ୨୨୩ ରନର ବିଶାଳ ଲକ୍ଷ୍ୟକୁ ରାଜସ୍ଥାନ ୪ଟି ବଲ୍ ବକଳା ଥାଇ ୪ ୱିକେଟ ହରାଇ ହାସଲ କରିନେଇଥିଲା । ଫଳରେ ସିଜନରେ କ୍ରମାଗତ ୭ଟି ମ୍ୟାଚ୍ ଧରି ଅପରାଜେୟ ରହିଥିବା ପଞ୍ଜାବ ଶେଷରେ ପରାଜୟ ସ୍ୱାଦ ଚାଖିଛି । ନବମ ମ୍ୟାଚରୁ ୬ଷ୍ଠ ବିଜୟ ସହ ରାଜସ୍ଥାନ ୧୨ ପଏଣ୍ଟ ପାଇ ଟେବଲର ୩ୟ ସ୍ଥାନକୁ ଉଠିଛି । ଅପରପକ୍ଷରେ ୮ମ ମ୍ୟାଚରୁ ୬ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ବାତିଲ ସହ ପଞ୍ଜାବ ୧୩ ପଏଣ୍ଟ ପାଇ ପୂର୍ବଭଳି ଶୀର୍ଷରେ ସୁରକ୍ଷିତ ରହିଛି ।



### ସୂର୍ଯ୍ୟବଂଶୀ-ଜୟସ୍ୱାଲ-ଫେରେରାଙ୍କ ବିସ୍ଫୋରଣ

ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୨୨୩ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ରାଜସ୍ଥାନ ଦମ୍‌ଦାର ଆରମ୍ଭ କରିଥିଲା । ଦୁଇ ବାମହାତୀ ବିସ୍ଫୋରକ ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ୩.୧ ଓଭରରେ ଦଳୀୟ ସ୍କୋରକୁ ୫୦ ରନ ପାର୍ କରାଇଥିଲେ । ତେବେ ଅତ୍ୟନ୍ତ ବିଧ୍ୱଂସୀ ବ୍ୟାଟିଂ କରି କ୍ରିଜରେ ଜମିଆସୁଥିବା ସୂର୍ଯ୍ୟବଂଶୀଙ୍କୁ ଆଉଟ୍ କରି ଅର୍ଶଦୀପ୍ ସିଂହ ପଞ୍ଜାବ ଶିବିରରେ ଉତ୍ସାହ ଭରି ଦେଇଥିଲେ । ସୂର୍ଯ୍ୟବଂଶୀ ମାତ୍ର ୧୬ଟି ବଲରେ ୪୩ ରନ କରି ଅର୍ଶଦୀପଙ୍କୁ କ୍ରମାଗତ ଛକା ମାରିବା ଚକ୍କରରେ କ୍ୟାଚ୍ ଆଉଟ୍ ହୋଇଥିଲେ । ଏହି ସଂକ୍ଷିପ୍ତ ପାଳିରେ ସେ ୫ଟି ଛକା ଓ ୩ଟି ଚୌକା ମାରିଥିଲେ । ତେବେ ଅନ୍ୟତମ ଓପନର୍ ଜୟସ୍ୱାଲଙ୍କ ସମେତ ପରବର୍ତ୍ତୀ ବ୍ୟାଟରଙ୍କ ଉପଯୋଗୀ ପାଳି ଯୋଗୁ ରାଜସ୍ଥାନ ୧୯.୪ ଓଭରରେ ୪ ୱିକେଟ୍ ହରାଇ ଟାର୍ଗେଟ୍ ହାସଲ କରିନେଇଥିଲା । ଆଉଟ୍ ହୋଇଥିବା ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଜୟସ୍ୱାଲ ୨୭ ବଲରେ ୫୧ ରନ, ଧ୍ରୁବ ଜୁରେଲ ୧୬, ଅଧିନାୟକ ରିୟାନ ପରାଗ ୨୯ ରନ କରିଥିଲେ । ତେବେ ଆଫ୍ରିକୀୟ ଅଲରାଉଣ୍ଡର ଡୋନୋଭା ୫୨ (୨୬ ବଲ, ୬ ଚୌକା ଓ ୩ ଛକା) ଓ ଶୁଭମ ଦୁବେ ୩୧ (୧୨ ବଲ, ୩ ଚୌକା ଓ ୨ ଛକା) ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ୬ଷ୍ଠ ବିଜୟ ଭେଟି ଦେଇଥିଲେ । ଅସମାପ୍ତ ୫ମ ୱିକେଟ ଭାଗୀଦାରିରେ ଉଭୟ ୩୨ ବଲରେ ୭୭ ରନ ସଂଗ୍ରହ କରି ପଞ୍ଜାବ ନିକଟରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ । ପଞ୍ଜାବ ପକ୍ଷରୁ ୟୁଜବେନ୍ଦ୍ର ଚହଲ ୩ ଓ ଅର୍ଶଦୀପ ଗୋଟିଏ ୱିକେଟ୍ ନେଇଥିଲେ ।

### ପ୍ରଭସିମରନ-ଷ୍ଟୋଇନିସଙ୍କ ଅର୍ଦ୍ଧଶତକ

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ପାଇଁ ଓପନର ପ୍ରଭସିମରନ ସିଂହ ଓ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଫଳରେ ପଞ୍ଜାବ ୪ ୱିକେଟରେ ୨୨୨ ରନର ଚ୍ୟାଲେଞ୍ଜିଂ ସ୍କୋର ଠିଆ କରାଇଥିଲା । ଷ୍ଟୋଇନିସ ୬ଟି ଛକା ଓ ୪ଟି ଚୌକା ବଳରେ ମାତ୍ର ୨୨ ବଲରେ ଅପରାଜିତ ୬୨ ରନର ପାଳି ଖେଳିଥିଲେ । ସେହିଭଳି ପ୍ରଭସିମରନ ୪୪ ବଲରେ ୫୯ ରନ, ପ୍ରିୟାଂଶ ଆର୍ଯ୍ୟ ୧୧ ବଲରେ ୨୯ ରନ, କୁପର କୋନଲୀ ୧୪ ବଲରେ ୩୦ ରନ ଓ ଅଧିନାୟକ ଶ୍ରେୟାସ ଆୟର ୨୭ ବଲରେ ୩୦ ରନ କରିଥିଲେ । ବୋଲିଂରେ ରାଜସ୍ଥାନ ପାଇଁ ଲେଗ୍-ସ୍ପିନର ଯଶରାଜ ପୁନିଆ ୨ଟି ୱିକେଟ ନେଇଥିଲେ ।




**ଆଜିର ଆଇପିଏଲ୍ ମ୍ୟାଚ୍**
ମୁମ୍ବଇ ବନାମ ହାଇଦରାବାଦ୍
ଭେନ୍ୟୁ - ମୁମ୍ବଇ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ପଞ୍ଜାବ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ବେଙ୍ଗାଲୁରୁ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ରାଜସ୍ଥାନ | ୯ | ୬ | ୩ | ୦ | ୧୨ | +୦.୬୧୭ |
| ହାଇଦରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ଗୁଜରାଟ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ | ୮ | ୩ | ୫ | ୦ | ୬ | -୧.୦୬୦ |
| କୋଲକାତା | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ | ୮ | ୨ | ୬ | ୦ | ୪ | -୧.୧୦୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଫିଟ୍‌ଥିଲେ ମଧ୍ୟ କାହିଁକି ଖେଳିଲେନି ଲୁଙ୍ଗି ଏନ୍‌ଗିଡି

ନୂଆଦିଲ୍ଲୀ, ୨୮ ।୪(ସମିସ): ଦିଲ୍ଲୀ କ୍ୟାପିଟାଲ୍ସର ଆହତ ଫାଷ୍ଟ ବୋଲର ଲୁଙ୍ଗି ଏନ୍‌ଗିଡି ଫିଟ୍ ଥିଲେ ମଧ୍ୟ ଏପ୍ରିଲ ୨୭ରେ ଅନୁଷ୍ଠିତ ଆର୍‌ସିବି ବିପକ୍ଷ ମ୍ୟାଚ୍‌ରେ ଖେଳି ନ ଥିଲେ । ଏପ୍ରିଲ ୨୫ ତାରିଖରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ଖେଳୁଥିଲାବେଳେ ଫିଲ୍ଡିଂ କରିବାକୁ ଯାଇ ସେ ଆହତ ହୋଇଥିଲେ । ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ୧୦ ମିନିଟ୍ ଖେଳ ବନ୍ଦ ରହିବା ପରେ ପଡ଼ିଆରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା । ସେଠାରେ ମୁଣ୍ଡ ସ୍କାନ ହେବା ପରେ ଗୁରୁତର ଆଘାତ ନ ଥିବାରୁ ତାଙ୍କୁ ହସ୍ପିଟାଲ୍‌ରୁ ଛାଡିଦିଆଯାଇଥିଲା । ଏହା ପରେ ଟିମ୍ ଡାକ୍ତର ତାଙ୍କୁ ଫିଟ୍ ଘୋଷଣା କରିଥିଲେ । କିନ୍ତୁ ଦୁଇଦିନ ପରେ ଆର୍‌ସିବି ବପକ୍ଷରେ ତାଙ୍କୁ ଦଳରେ ସାମିଲ କରାଯାଇ ନ ଥିଲା, କିମ୍ବା ମେ' ୧ରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ତାଙ୍କୁ ଖେଳିବାକୁ ସୁଯୋଗ ମିଳିବ ନାହିଁ । ଏହାର କାରଣ ହେଲା ଆଇସିସି ନିୟମ । ଆଇସିସି ନିୟମ ଅନୁଯାୟୀ ଜଣେ ଖେଳାଳିଙ୍କୁ କନକସନ ଘୋଷଣା କରାଯିବା ପରେ ତାଙ୍କୁ ଅତିକମ୍‌ରେ ୭ ଦିନ ବିଶ୍ରାମ ଦେବା ବାଧ୍ୟତାମୂଳକ । ଏଣୁ ଫିଟ୍ ଥିଲେ ମଧ୍ୟ ତାଙ୍କୁ ଦିଲ୍ଲୀର ପରବର୍ତ୍ତୀ ମ୍ୟାଚ୍ ଦୁଇଟିରେ ଖେଳିବାକୁ ସୁଯୋଗ ମିଳିଲା ନାହିଁ । ଆଇପିଏଲ୍ ପ୍ଲେଇଂ କଣ୍ଡିସନରେ ଏଭି କିଛି ନିୟମ ନାହିଁ ।

## ସାଣ୍ଟନର ବିଦା, ମହାରାଜ ସାମିଲ

ନୂଆଦିଲ୍ଲୀ,୨୮ ।୪(ଏଜେନ୍ସି): ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବା ନ୍ୟୁଜିଲାଣ୍ଡ ଟି-୨୦ ଦଳର ଅଧିନାୟକ ତଥା ବାମହାତୀ ସ୍ପିନର ମିଚେଲ ସାଣ୍ଟନର ଚଳିତ ଆଇପିଏଲ୍‌ରେ ଅବଶିଷ୍ଟ ମ୍ୟାଚ୍ ଖେଳିପାରିବେ ନାହିଁ । ତାଙ୍କ କାନ୍ଧରେ ଆଘାତ ଲାଗିଥିବାରୁ ମୁମ୍ବଇ ଇଣ୍ଡିଆନ୍ସ ତାଙ୍କୁ ଦଳରୁ ବାଦ୍ ଦେଇଛି । ସାଣ୍ଟନରଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ବରିଷ୍ଠ ଖେଳାଳି କେଶବ ମହାରାଜଙ୍କୁ ଅବଶିଷ୍ଟ ମ୍ୟାଚ୍ ଲାଗି ମୁମ୍ବଇ ଇଣ୍ଡିଆନ୍ସ ଦଳରେ ସାମିଲ କରିଛି । ଏପ୍ରିଲ ୨୯ରେ ସନ୍‌ରାଇଜର୍ସ ସହ ମୁମ୍ବଇ ତାହାର ପରବର୍ତ୍ତୀ ମ୍ୟାଚ୍ ଖେଳିବ । ୭ଟି ମ୍ୟାଚ୍ ପରେ ମୁମ୍ବଇ ୫ଟି ପରାଜୟ ସହ ପଏଣ୍ଟ ଟେବଲର ୯ମ ସ୍ଥାନରେ ରହିଛି ।

**● ଟି-୨୦ ମହିଳା ବିଶ୍ୱକପ୍ କ୍ରିକେଟ**

## ଇଂଲଣ୍ଡ ଦଳରେ ଅନ୍‌କ୍ୟାପ୍‌ଡ ଟିଲି



ଲଣ୍ଡନ, ୨୮ ।୪(ସମିସ): ସରେର ୧୮ ବର୍ଷିୟା ଅନ୍‌କ୍ୟାପ୍‌ଡ ବା କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନ ଥିବା ବାମହାତୀ ସ୍ପିନର ଟିଲି କୋର୍ଟିନ-କୋଲମ୍ୟାନ୍‌ଙ୍କୁ ଟି-୨୦ ମହିଳା ବିଶ୍ୱକପ୍ ଲାଗି ଇଂଲଣ୍ଡ ଦଳରେ ସାମିଲ କରାଯାଇଛି । ୧୬ ବର୍ଷ ବୟସରୁ କ୍ରିକେଟ ଖେଳୁଥିବା ଏହି ପ୍ରତିଭାବାନ ଖେଳାଳି ନିକଟରେ ଶେଷ ହୋଇଥିବା ଦ ହଣ୍ଡ୍ରେଡ୍‌ରେ ୯ଟି ମ୍ୟାଚ୍ ଖେଳି ୧୧ଟି ୱିକେଟ ପାଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଓଭରପ୍ରତି ୫.୭୫ ହାରରେ ରନ୍ ବ୍ୟୟ କରିଥିଲେ । ଘରୋଇ ଦିନିକିଆ ମ୍ୟାଚ୍‌ରେ ମଧ୍ୟ ସେ ୭ଟି ମ୍ୟାଚ୍ ଖେଳି ୧୦ଟି ୱିକେଟ ପାଇଥିଲେ । ଘରୋଇ ମାଟିରେ ଟି-୨୦ ବିଶ୍ୱକପ୍ ଖେଳାଯାଉଥିବାରୁ ଟିଲିଙ୍କ ଉପସ୍ଥିତି ଦଳ ଲାଗି ଲାଭଜନକ ହେବ ବୋଲି ଇଂଲଣ୍ଡ ଚୟନକର୍ତ୍ତାମାନେ ଆଶା କରୁଛନ୍ତି । ନାତାଲି ସିଭର-ବ୍ରଣ୍ଟଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ପ୍ରାୟ ଅନ୍ୟ ସମସ୍ତ ନିୟମିତ ଖେଳାଳି ସ୍ଥାନ ପାଇଛନ୍ତି । ପୂର୍ବତନ ଅଧିନାୟିକା ଟାମି ବିଉମାଉଣ୍ଟଙ୍କୁ ଦଳରେ ସ୍ଥାନ ମିଳି ନ ଥିଲାବେଳେ ଏହି ଦଳ ନ୍ୟୁଜିଲାଣ୍ଡ ଓ ଭାରତ ବିପକ୍ଷରେ ମଧ୍ୟ ଟି-୨୦ ସିରିଜ୍ ଖେଳିବ । ଇଂଲଣ୍ଡ ଓ ୱେଲ୍ସରେ ଟି-୨୦ ମହିଳା ବିଶ୍ୱକପ୍ ଜୁନ୍ ୧୨ରୁ ଜୁଲାଇ ୫ ଯାଏ ଖେଳାଯିବ ।

**● ଉବର କପ୍ ବ୍ୟାଡମିଣ୍ଟନ**

## ଚୀନଠାରୁ ହାରି ଭାରତ ବିଦା

ହର୍ଷେନ୍ସ, ଡେନ୍‌ମାର୍କ, ୨୮ ।୪(ଏଜେନ୍ସି): ଶକ୍ତିଶାଳୀ ଚୀନ୍‌ଠାରୁ ୫-୦ ଗେମ୍‌ରେ ପରାଜିତ ହୋଇ ଭାରତ ଏଠାରେ ଚାଲିଥିବା ଉବରକପ୍ ମହିଳା ଟିମ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରୁ ବିଦାୟ ନେଇଛି । ଚୀନ୍‌ଠାରୁ ହାରିବା ପରେ ଦଳ ଗ୍ରୁପ୍‌ରେ ଦ୍ୱିତୀୟ ପରାଜୟ ବରଣ କରିଥିଲା । ଫଳରେ ନକ୍‌ଆଉଟକୁ ଯାଇ ନ ପାରି ଲିଗ୍ ପର୍ଯ୍ୟାୟରୁ ବିଦା ହୋଇଛି ଭାରତ । ପିଭି ସିନ୍ଧୁଙ୍କ ନେତୃତ୍ୱରେ ଖେଳୁଥିବା ଭାରତ ପ୍ରଥମ ମୁକାବିଲାରେ ଡେନମାର୍କଠାରୁ ୨-୩ ଗେମ୍‌ରେ ପରାଜିତ ହୋଇଥିଲା । ଏହା ପରେ ୪-୧ରେ ୟୁକ୍ରେନ୍‌କୁ ପରାସ୍ତ କରି ଦଳ ପ୍ରତ୍ୟାବର୍ତ୍ତନ କରିଥିଲା । ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍ ବିପକ୍ଷରେ ଦଳ ଲଢ଼ୁଆ ଖେଳିବ ବୋଲି ଆଶା କରାଯାଉଥିଲା । କିନ୍ତୁ ସିନ୍ଧୁ ଓ ଇଶାରାଣୀ ବରୁଆଙ୍କୁ ବାଦ୍‌ଦେଲେ ଅନ୍ୟ କେହି ଲଢ଼ିପାରି ନ ଥିଲେ । ୧୬ଥରର ଚାମ୍ପିଅନ ଚୀନ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ପୂର୍ବରୁ ଭାରତୀୟ ପୁରୁଷ ଦଳ ମଧ୍ୟ ଥୋମାସ କପ୍‌ରେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

**ଆଇପିଏଲ୍-୧୯**

## ଚର୍ଚ୍ଚାରେ ଅମ୍ପାୟାର ଅଜିତେଷ ଓ ଏସିପି ସଞ୍ଜୟ

ନୂଆଦିଲ୍ଲୀ, ୨୮ ।୪ (ଏଜେନ୍ସି): ଆଇପିଏଲ୍ ୧୯ତମ ସଂସ୍କରଣର ଅଧାରୁ ଅଧିକ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି । ଏହି ଅବସରରେ ଆଉ ଦୁଇଜଣଙ୍କୁ ନେଇ ସବୁଠି ଚର୍ଚ୍ଚା । ସେମାନେ ହେଲେ ଅମ୍ପାୟର ଅଜିତେଷ ଅର୍ଗଲ ଓ ଦିଲ୍ଲୀ ପୋଲିସ ଏସିପି ସଞ୍ଜୟ ସିଂ । ଗତକାଲି ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ ବିପକ୍ଷ ମ୍ୟାଚ୍ ଜିତିବା ପରେ ଫିଲ୍ଡ ଅମ୍ପାୟର ଅଜିତେଷଙ୍କ ସହ କୋହଲି ବହୁ ସମୟ ଧରି ହସଖୁସିରେ ବାର୍ତ୍ତାଳାପ କରୁଥିବାର ଦେଖିବାକୁ ମିଳିଥିଲା । ଏହି ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଅମ୍ପାୟାର ଅଜିତେଷଙ୍କ ସମ୍ପର୍କରେ କ୍ରିକେଟପ୍ରେମୀ ଜାଣିବାକୁ ଆଗ୍ରହୀ ହୋଇପଡ଼ିଥିଲେ । ପରେ ଜଣାପଡ଼ିଥିଲା ଯେ ଅମ୍ପାୟାର ଅଜିତେଷ ହେଉଛନ୍ତି ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ପୂର୍ବତନ ଖେଳାଳି । ୨୦୦୮ରେ କୋହଲିଙ୍କ ନେତୃତ୍ୱରେ ଭାରତ ଯେତେବେଳେ ଯୁବ ବିଶ୍ୱକପ୍ ଜିତିଥିଲା ଅଜିତେଷ ଜଣେ ପ୍ରମୁଖ ଖେଳାଳି ଥିଲେ । ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚରେ ସେ ୫ ଓଭର ବୋଲିଂ କରି ୭ ରନ ବ୍ୟୟରେ ୨ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ । ବରୋଦାର ଅଜିତେଷ ଇନକମ୍ ଟ୍ୟାକ୍ସ ବିଭାଗରେ କ୍ରୀଡ଼ା କୋଟାରେ ଚାକିରି ପାଇଥିଲେ । ପରେ ୨୦୨୩ରେ ସେ ବିସିସିଆଇ ଅମ୍ପାୟାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।



ଅପରପକ୍ଷରେ ଦିଲ୍ଲୀ ପୁଲିସର ଏସିପି ସଞ୍ଜୟ ସିଂ ମଧ୍ୟ ଗ୍ରୀନ କରିଡର କରି ଦିଲ୍ଲୀ କ୍ୟାପିଟାଲ୍ସର ଦ୍ରୁତ ବୋଲର ଲୁନଗି ଏନଗିଡିଙ୍କୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ଏପ୍ରିଲ ୨୫ରେ ଅରୁଣ ଜେଟଲୀରେ ପଞ୍ଜାବ ବିପକ୍ଷ ମ୍ୟାଚରେ ଦିଲ୍ଲୀର ଦ୍ରୁତ ବୋଲର ଏନଗିଡି ଫିଲ୍ଡିଂ କରୁଥିବାବେଳ ମୁଣ୍ଡରେ ଗୁରୁତର ଆଘାତ ପାଇଥିଲେ । ଏହି ସମୟରେ ଷ୍ଟାଡିୟମରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା । ଦିଲ୍ଲୀର ବ୍ୟସ୍ତବହୁଳ ଟ୍ରାଫିକ ସମସ୍ୟା ମଧ୍ୟରେ ଗ୍ରୀନ କରିଡର କରି ଏସିପି ସଞ୍ଜୟ ଆମ୍ବୁଲାନ୍ସକୁ ୩୦ ମିନିଟ ବଦଳରେ ମାତ୍ର ୧୧ ମିନିଟରେ ହସ୍ପିଟାଲରେ ପହଞ୍ଚାଇ ଦେଇଥିଲେ । ଫଳରେ ଏନଗିଡିଙ୍କୁ ଜରୁରୀକାଳୀନ ଚିକିତ୍ସା ଠିକ୍ ସମୟରେ ମିଳିପାରିଥିଲା । ଉଲ୍ଲେଖନୀୟ କଥା ହେଉଛି ଏସିପି ସଞ୍ଜୟ ଜଣେ ପୂର୍ବତନ କ୍ରିକେଟର୍ । ସେ ଗୌତମ ଗମ୍ଭୀର ଓ କୋହଲିଙ୍କ ସହ ଏକାଠି କ୍ଲବସ୍ତରରେ ମ୍ୟାଚ୍ ଖେଳିଥିଲେ । ତେଣୁ ଏନଗିଡିଙ୍କ ଆଘାତ ସମସ୍ୟାକୁ ବୁଝି ତାଙ୍କୁ ଠିକ୍ ସମୟରେ ହସ୍ପିଟାଲ ପହଞ୍ଚାଇବା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ସେ ବୁଝିଥିଲେ ।

**କଳିଙ୍ଗରେ ନ୍ୟାସନାଲ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍**

## ୟୁପିର ଦାମୋଦରନ ୫ମ ସ୍ୱର୍ଣ୍ଣ ଜିତିଲେ

ଭୁବନେଶ୍ୱର,୨୮ ।୪ (ସମିସ): ଉତ୍ତର ପ୍ରଦେଶର ହର୍ଷିତ୍ ଦାମୋଦରନ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍‌ରେ ରେକର୍ଡ ୫ମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଅଲରାଉଣ୍ଡ ସଫଳତା ପାଇଥିବା ଦାମୋଦରନ ପରେ ଅନୁଷ୍ଠିତ ଇଣ୍ଡିଭିଜୁଆଲ ଆପାରଟସର ୪ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । କନିଷ୍ଠ ବିଭାଗ ଫ୍ଲୋର ଏକ୍ସରସାଇଜ୍, ରିଙ୍ଗ୍‌ସ, ଭଲ୍ଟ ଓ ହୋରାଇଜୋଣ୍ଟାଲ ବାର୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । କେବଳ ପୋମେଲ ହର୍ଷରେ ଏମ୍‌ପିର ସ୍ୱର୍ଣ୍ଣିକ ଜୟସ୍ୱାଲ ଓ ପାରାଲେଲ ବାରରେ ମହାରାଷ୍ଟ୍ରର ନିଶାଦ ନର୍ବାଣେ ପ୍ରଥମ ହୋଇଥିଲେ ।



ପୁରୁଷ ବିଭାଗ ଇଣ୍ଡିଭିଜୁଆଲ ଆପାରଟସରେ ରେଲୱେର ସତ୍ୟଜିତ ମଣ୍ଡଳ ୨ଟି ବିଭାଗରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ସେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ତାଙ୍କ ସହ ରେଲୱେକୁ ୪ଟି ବିଭାଗରେ ସ୍ୱର୍ଣ୍ଣପଦକ ମିଳିଛି । ଅନ୍ୟ ଦୁଇଟି ହେଲା ପୋମେଲ ହର୍ଷରେ ସିଦ୍ଧାର୍ଥ ବର୍ମା ଓ ହୋରାଇଜୋଣ୍ଟାଲ ବାର୍‌ରେ ଶାୟାନ ଶର୍ମା । ପାରାଲେଲ ବାରସରେ ସର୍ଭିସେସ୍‌ର ଗୌରବ କୁମାର ଓ ରିଙ୍ଗ୍‌ରେ ଛତିଶଗଡ଼ର ଆଦାରି ନବୀନ ସାଇ କ୍ରିଷ୍ଣା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଓଡ଼ିଶାରୁ କୌଣସି ଖେଳାଳି ଆଜି ଉଭୟ ବିଭାଗରେ ପଦକ ଜିତିବାରେ ସମର୍ଥ ହୋଇ ପାରି ନାହାନ୍ତି ।

## ଗୋଟିଏ ମ୍ୟାଚ୍ ଜିତିଲେ ୧୭ ବର୍ଷରୁ ଫିଫା ବିଶ୍ୱକପ୍ ଖେଳିବ ଭାରତ



ନୂଆଦିଲ୍ଲୀ, ୨୮ ।୪(ଏଜେନ୍ସି): ୧୭ ବର୍ଷରୁ କମ୍ ଏସିଆନ୍ କପ୍ ମୁକାବିଲାରୁ ଉତ୍ତର କୋରିଆ ଓହରିଯିବା ପରେ ଭାରତର ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବା ସୁଯୋଗ ସୃଷ୍ଟି ହୋଇଛି । ୨୦୧୭ରେ ଆୟୋଜକ ଭାବେ ଭାରତ ପ୍ରଥମଥର ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ ଖେଳିଥିଲା । ଏଥର ଆୟୋଜକ କତାର ସମେତ ଏସିଆ ମହାଦେଶରୁ ୯ଟି ଦଳ ବିଶ୍ୱକପ୍ ଖେଳିବାକୁ ସୁଯୋଗ ପାଇବେ । ଏବେ ଅଂଶଗ୍ରହଣକାରୀ ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇଟି ଦଳ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ । ଏବେ ଭାରତ ସାମିଲ ହୋଇଥିବା ଗ୍ରୁପ୍‌ରୁ ଉତ୍ତର କୋରିଆ ଓହରିଯାଇଛି । ଏବେ ଗ୍ରୁପ୍‌ରେ ଭାରତ, ଅଷ୍ଟ୍ରେଲିଆ ଓ ଉଜ୍‌ବେକିସ୍ତାନ ରହିଛନ୍ତି । ପ୍ରତ୍ୟେକ ଦଳ ୨ଟି ଲେଖାଏଁ ମ୍ୟାଚ୍ ଖେଳିବେ । ଏହା ଫଳରେ ଗୋଟିଏ ମ୍ୟାଚ୍ ଜିତି ଅନ୍ୟଟି ଡ୍ର ରଖିପାରିଲେ ଦଳ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ । ଗ୍ରୁପ୍‌ରେ ଯଦି ପ୍ରଥମ ଦୁଇଟି ଦଳ ମଧ୍ୟରେ ଭାରତ ସ୍ଥାନ ହାସଲ କରେ ତେବେ ଦଳ ନିଶ୍ଚିତ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟ ବିବେଚିତ ହେବ ।

**ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

## ସେମିଫାଇନାଲରେ ସୁନ୍ଦରଗଡ଼

ଭୁବନେଶ୍ୱର, ୨୮ ।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହୋଇଛି । ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଭୁବନେଶ୍ୱର-ଏ, କଟକ-ଏ, ଖୋର୍ଦ୍ଧା ଓ ସୁନ୍ଦରଗଡ଼ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି ।

ଡ୍ରିମ୍ସ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୧୦ ରନରେ ଗଞ୍ଜାମକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୪୩.୨ ଓଭରରେ ୧୭୪ ରନରେ ଅଲ୍‌ଆଉଟ୍ ହୋଇଥିଲା । ଗଞ୍ଜାମର ସୁପ୍ରିତ ପାଢ଼ୀ ଓ ରାହୁଲ ପରିଡ଼ା ୪ଟି ଲେଖାଏ ୱିକେଟ୍ ନେଇଥିଲେ । ଜବାବରେ ଗଞ୍ଜାମ ୨୧.୧ ଓଭରରେ ୬୪ ରନରେ ସୀମିତ ରହିଥିଲା । ବିଜୟୀ ଭୁବନେଶ୍ୱର-ଏ'ର ନୀଲେଶ ଦାସ (୩ ୱିକେଟ) ଓ ଲିଓନେଲ ମେହେର (୩୮ ରନ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ କଟକ-ଏ ବିପକ୍ଷରେ ଯାଜପୁର ୧୬୩ ରନରେ ଅଲଆଉଟ୍ ହୋଇଥିଲା । ଦଳ ପକ୍ଷରୁ ସେଖ ଟି ଅହମ୍ମଦ୍ ୪୧ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ପ୍ରୀତିଶ ମିଶ୍ର ୫ ୱିକେଟ୍ ସଫଳତା ପାଇଥିଲେ । ପ୍ରତ୍ୟୁତ୍ତରରେ କଟକ-ଏ ପ୍ରିୟାଂଶୁ ସାମଲଙ୍କ ୩୯ ରନ ବଳରେ ୪ ୱିକେଟ ହରାଇ ୩୯.୩ ଓଭରରେ ବିଜୟୀ ହୋଇଥିଲା । ନିମପୁର ଗ୍ରାଉଣ୍ଡରେ ସୁନ୍ଦରଗଡ଼ ପକ୍ଷରୁ ଧାର୍ଯ୍ୟ ୧୭୯ ରନର ଲକ୍ଷ୍ୟକୁ ପିଛା କରି ଭୁବନେଶ୍ୱର-ବି ଦଳ ୪୩ ଓଭରରେ ୧୧୮ ରନରେ ସମସ୍ତ ୱିକେଟ୍ ହରାଇଥିଲା । ସୁନ୍ଦରଗଡ଼ର ଶିବମ୍ ଏଚ୍ ରାମ ୪ଟି ୱିକେଟ୍ ନେଇଥିଲେ । ସନସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ୫୨ ରନରେ କେନ୍ଦୁଝରକୁ ପରାସ୍ତ କରି ସେମିକୁ ଅଗ୍ରଗତି କରିଛି । ଖୋର୍ଦ୍ଧାର ଶୁଭ୍ରାଂଶୁ ଭୋଇ ୩ଟି ୱିକେଟ୍ ନେଇଥିଲେ ।


ପ୍ରୀତିଶ ମିଶ୍ର


ଶିବମ୍ ଏଚ୍ ରାମ

### ଏସିଆନ ବିଚ୍ ଗେମ୍ସ : କବାଡ଼ିରେ ଭାରତକୁ ସ୍ୱର୍ଣ୍ଣ ଓ ରୌପ୍ୟ

ନୂଆଦିଲ୍ଲୀ, ୨୮ ।୪ (ଏଜେନ୍ସି): ଚାଇନାର ସାନ୍ୟାରେ ଚାଲିଥିବା ଏସିଆନ ବିଚ୍ ଗେମ୍ସରେ ଭାରତ କବାଡ଼ିରେ ଦୁଇଟି ପଦକ ଜିତିବାରେ ସଫଳ ହୋଇଛି । ଭାରତୀୟ ମହିଳା ଦଳ ଚାମ୍ପିଅନ ହୋଇଥିବାବେଳେ ପୁରୁଷ ଦଳ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି । ମହିଳା କବାଡ଼ି ଫାଇନାଲରେ ଭାରତ ୪୭-୩୧ ପଏଣ୍ଟରେ ଶ୍ରୀଲଙ୍କାକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା । ଏଥିପୂର୍ବରୁ ସେମିଫାଇନାଲରେ ଭାରତ ୫୦-୩୧ରେ ବାଂଲାଦେଶକୁ ହରାଇ ଫାଇନାଲକୁ ଉଠିଥିଲା । ଅପରପକ୍ଷରେ ଭାରତୀୟ ପୁରୁଷ ଦଳ ଫାଇନାଲରେ ୩୧-୪୪ରେ ଶକ୍ତିଶାଳୀ ଇରାନ ନିକଟରୁ ହାରି ରୌପ୍ୟ ପଦକ ହାସଲ କରିଛି ।

## ନୀଳାଚଳ ଟ୍ରଫି ଫାଇନାଲରେ ୟୁନିଅନ୍ ସ୍ପୋର୍ଟିଂ

ପୁରୀ,୨୮ ।୪(ସମିସ)

କଟକର ୟୁନିଅନ ସ୍ପୋର୍ଟିଂ ୧୭ତମ ଜଗଦୀଶଚନ୍ଦ୍ର ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି । ପୁରୀର ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ଆଜି ଖେଳାଯାଇଥିବା ରୋମାଞ୍ଚକ ପ୍ରଥମ ସେମିଫାଇନାଲରେ ୟୁନିଅନ୍ ସ୍ପୋର୍ଟିଂ ମାତ୍ର ୭ ରନ୍‌ରେ ଭୁବନେଶ୍ୱରର ତାରକା ଖଚିତ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଏହି ମ୍ୟାଚ୍‌ରେ ବିଜୟୀ ୟୁନିଅନ ସ୍ପୋର୍ଟିଂ ପକ୍ଷରୁ ଦେବୀପ୍ରସାଦ ମହାପାତ୍ର ୫୫ ରନ୍ କରିବା ସହ ୨୦ରନ୍‌ରେ ୩ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଏହି ମ୍ୟାଚରେ ମାତ୍ର ୧୮ ରନ୍ ଦେଇ ୪ଟି ୱିକେଟ ନେଇଥିବା ଆଶୁତୋଷ ମାରାଣ୍ଡିଙ୍କୁ ଶ୍ରେଷ୍ଠ ଇମ୍ପାକ୍ଟ ଖେଳାଳି ଭାବେ ପୁରସ୍କୃତ କରାଯାଇଛି । ଆସନ୍ତାକାଲିଠାରୁ ଗ୍ରୁପ୍-ବି'ର ଲିଗ୍ ପର୍ଯ୍ୟାୟ ବା ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯିବ । ଏଥିରେ କୋଲକାତାର ଲକ୍ଷ୍ମୀରତନ ଶୁକ୍ଲା କ୍ରିକେଟ ଏକାଡେମୀ ସହ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମୁକାବିଲା କରିବେ ।




ଆଜି ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ୟୁନିଅନ ସ୍ପୋର୍ଟିଂ ୩୬.୩ ଓଭରରେ ୧୭୫ରନ୍ କରି ଅଲଆଉଟ ହୋଇଥିଲା । ଦେବୀଙ୍କ ୫୫ରନ୍ ବ୍ୟତୀତ ସୁଜିତ କୁମାର ଲେଙ୍କା ୫୪ ରନ୍ କରିଥିଲେ । ମୁକ୍ତେଶ୍ୱରର ଆଶୁତୋଙ୍କ ୪ ୱିକେଟ ବ୍ୟତୀତ ସ୍ୱପ୍ ଏସ୍ ଭୂୟାଁ, ପ୍ରତୀକ ସ୍ୱାଇଁ ଓ ଚନ୍ଦ୍ରାଂଶୁ ବାଘେଲ ୨ଟି ଲେଖାଏଁ ୱିକେଟ ପାଇଥିଲେ । ଜବାବରେ ମୁକ୍ତେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୯ ୱିକେଟ ହରାଇ ୧୬୮ ରନ୍ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ଓପନର ତନୟକୁମାର ବିଶ୍ୱାଳ ସର୍ବାଧିକ ୭୭ ଓ ଦିନେଶ କୁମାର ମାଝୀ ୨୯ ରନ୍ କରିଥିଲେ । ବିଜୟୀ କଟକ ଦଳ ପକ୍ଷରୁ ଦେବୀ ୩ଟି, ବିଶ୍ୱଜିତ ପ୍ରଧାନ ଓ ପ୍ରଶାନ୍ତ କୁମାର ରଣା ୨ଟି ଲେଖାଏଁ ୱିକେଟ ପାଇଥିଲେ ।

ଖେଳ ଶେଷରେ ୱଣ୍ଡର ୱାର୍ଲ୍ଡର ଏମ୍‌ଡି ନିରଞ୍ଜନ ପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଙ୍କୁ, ଡାଏକିନ୍‌ର ମୁଖ୍ୟ ପ୍ରଦୀପ୍ତ ମିଶ୍ର ଓ ସତ୍ୟକେତନ ମିଶ୍ର ଇମ୍ପାକ୍ଟ ଖେଳାଳିଙ୍କୁ ଓ ଦର୍ଶକଙ୍କ ମଧ୍ୟରେ ଲକି ଡ୍ର'ରେ ମୋବାଇଲ ଜିତିଥିବା ଶୁଭମ ସିଂଙ୍କୁ ଷ୍ଟର୍ଲିଂ ରିସର୍ଟର ଉପସଭାପତି ସିତାଂଶୁ ଭାର୍ଗବ ପୁରସ୍କୃତ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ, ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।


**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୪୮ - ସୁପ୍ରସିଦ୍ଧ ଚିତ୍ରକର ରାଜା ରବି ବର୍ମାଙ୍କ ଜନ୍ମ।
- ୧୯୩୯ - ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସରୁ ଇସ୍ତଫା ଦେଲେ।
- ୧୯୪୫- ଜାପାନ ସେନା ରେଙ୍ଗୁନ୍ ଛାଡ଼ିଲା।
- ୧୯୯୧- ବଂଲାଦେଶରେ ଆସିଥିବା ତୋଫାନ ଯୋଗୁଁ ଏକ ଲକ୍ଷ ୩୮ ହଜାର ଲୋକଙ୍କ ମୃତ୍ୟୁ, ଦଶ ଲକ୍ଷ ଲୋକ ବାସହରା ହୋଇଥିଲେ।

## ଆଜି ବାହୁଡ଼ିଥିଲେ

# ଧୂଳିମାଟିର ସନ୍ଥ



ଗୋପବନ୍ଧୁ ଚୌଧୁରୀ ଜଣେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ଏବଂ ଗାନ୍ଧୀବାଦୀ ନେତା ଥିଲେ। ତାଙ୍କର ନିରାଡ଼ମ୍ବର ଜୀବନଶୈଳୀ ଏବଂ ଜନସେବା ପାଇଁ ତାଙ୍କୁ 'ଧୂଳିମାଟିର ସନ୍ଥ' ବୋଲି କୁହାଯାଏ। ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ସେ ଆଜୀବନ ଚାଲିଥିଲେ। ସେ ଜୀବନର ୩୭ ବର୍ଷ ଓଡ଼ିଶାର ଗ୍ରାମାଞ୍ଚଳରେ ଗାନ୍ଧୀବାଦୀ କର୍ମଧାରାର ପ୍ରଚାର ପ୍ରସାର କରାଇଥିଲେ। ସେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଏବଂ ଭୂଦାନ ଆନ୍ଦୋଳନର ଅଗ୍ରଣୀ ନେତା ଥିଲେ। ବିଶେଷ କରି ଆଚାର୍ଯ୍ୟ ବିନୋବା ଭାବେଙ୍କ 'ଭୂଦାନ ଆନ୍ଦୋଳନ'କୁ ସେ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚାଇଥିଲେ। ଗୋପବନ୍ଧୁ ଚୌଧୁରୀ ୧୮୯୫ ମେ ୮ରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପୈତୃକ ଗ୍ରାମ ଜଗତସିଂହପୁର ଜିଲ୍ଲାର ଖେରସରେ ଶିକ୍ଷାରମ୍ଭ କରି, ସେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲ ଓ ରେଭେନ୍ସା ମହାବିଦ୍ୟାଳୟ ହୋଇ କଲିକତାର ପ୍ରେସିଡେନ୍ସି କଲେଜରୁ କୃତିତ୍ୱର ସହ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। କଲିକତାରେ ଆଇନ ପରୀକ୍ଷାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡେପୁଟି ମାଜିଷ୍ଟ୍ରେଟ୍ ଭାବେ ତାଙ୍କର ଚାକିରି ଜୀବନ ଆରମ୍ଭ ହୋଇଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନ ଭାଇ ଗୋପାଳବଲ୍ଲଭଙ୍କ କନ୍ୟା ରମାଦେବୀଙ୍କୁ ସେ ବିବାହ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ କାରାବରଣ କରିଥିଲେ। ଗୋପବନ୍ଧୁ ଯାଜପୁରର ଡେପୁଟି ମାଜିଷ୍ଟ୍ରେଟ୍ ଥିବା ସମୟରେ ବନ୍ୟା ବିଧ୍ୱସ୍ତ ଜେନାପୁର ଓ ଅନ୍ୟଗ୍ରାମକୁ ଦେଖି ସରକାରଙ୍କ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଅନୁଭବ କରି ଅଧିକ ସାହାଯ୍ୟ ଦାବି କରିଥିଲେ। ବ୍ରିଟିଶ ସରକାର ତାଙ୍କ ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ। ତା' ପରେ ସତ୍ୟବାଦୀ ଯାଇ ଗୋପବନ୍ଧୁ ଦାସଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ସେ ଗୋପବନ୍ଧୁଙ୍କ ପ୍ରେରଣା ପାଇ ଗାନ୍ଧିବାଦକୁ ଗ୍ରହଣ କରିଥିଲେ ଏବଂ ଓଡ଼ିଶାର ଗ୍ରାମାଞ୍ଚଳରେ ଗାନ୍ଧୀ ଚିନ୍ତନ ଓ କର୍ମଧାରାର ପ୍ରଚାର ପ୍ରସାର କରାଇଥିଲେ। ଜଗତସିଂହପୁରରେ 'ଅଳକାଶ୍ରମ' ଗଢ଼ି ଗୋପବନ୍ଧୁ ଦେଶସେବାରେ ନିଜକୁ ପୂର୍ଣ୍ଣ ସମର୍ପିତ କରିଥିଲେ। ଏ ଆଶ୍ରମରେ ସ୍ଥାନୀୟ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା, ଖଦି ସୂତା ପ୍ରସ୍ତୁତି, ଉନ୍ନତ ଚାଷ ପ୍ରଣାଳୀ, କୁଟୀର ଶିଳ୍ପର ବିକାଶ, ମ୍ୟାଲେରିଆ ଓ ହଇଜାରୁ ରକ୍ଷା ପାଇବା ପାଇଁ ଉପାୟ ଶିକ୍ଷା ଦିଆଗଲା। ଗୋପବନ୍ଧୁ ୧୯୨୧ରେ ଭାରତୀୟ ଜାତୀୟ କଂଗ୍ରେସ କମିଟିର ସଭ୍ୟ ହେଲେ ଓ ସ୍ୱାଧୀନ ଭାରତ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଲେ। ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପ୍ରୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ। ୧୯୫୮ ମସିହା ଏପ୍ରିଲ୍ ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଥିଲା।

# ଅନ୍ତର୍ଜାତୀୟ ନୃତ୍ୟ ଦିବସ



ପ୍ରତିବର୍ଷ ଏପ୍ରିଲ ୨୯ ତାରିଖରେ ଆନ୍ତର୍ଜାତିକ ନୃତ୍ୟ ଦିବସ ପାଳନ କରାଯାଏ। ଏହି ଦିନଟି ନୃତ୍ୟ କଳାର ପ୍ରଚାର, ପ୍ରସାର ଏବଂ ଏହାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ନୃତ୍ୟ ଏପରି ଏକ କଳା ଯେଉଁଠି ନାଟ୍ୟ, ସଙ୍ଗୀତ, ଚିତ୍ରକଳା, ନୀରବତାର ଅପୂର୍ବ ସମ୍ମିଶ୍ରଣ ଦେଖିବାକୁ ମିଳେ। ସିନେମାରୁ ଆରମ୍ଭ କରି ଉତ୍ସବ, ମହୋତ୍ସବ ପର୍ଯ୍ୟନ୍ତ ନୃତ୍ୟ ବିନା ସବୁକିଛି ଅଧା ଅଧୁରା। ସାରା ବିଶ୍ୱରେ ଯେତେପ୍ରକାରର ନୃତ୍ୟ ଧାରା ରହିଛି ତା'ର ପ୍ରଚାର ପ୍ରସାର କରିବା ତଥା ଏହି କଳାକୁ ବଞ୍ଚାଇ ରଖିବା ପାଇଁ ସରକାର ଏବଂ ବିଭିନ୍ନ ବର୍ଗର ଲୋକଙ୍କ ପ୍ରୋତ୍ସାହନ ହାସଲ କରିବା ଉଦ୍ଦେଶ୍ୟରେ ଏପ୍ରିଲ୍ ୨୯ ତାରିଖରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଉଛି। ୟୁନେସ୍କୋ ସହଯୋଗରେ ଇଣ୍ଟରନ୍ୟାସନାଲ୍ ଥିଏଟର୍ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ୧୯୮୨ ମସିହା ଏପ୍ରିଲ୍ ୨୯ ତାରିଖରେ ପାଳନ ପାଇଁ ନିଷ୍ପତ୍ତି ନେଇଥିଲା। ସେବେଠାରୁ ଏହି ଦିବସ ପାଳନ କରାଯାଉଛି। ଭାରତର କୋଣ ଅନୁକୋଣରେ ଅନେକ ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଚଳିତ। ଭାରତର ଶାସ୍ତ୍ରୀୟ ନୃତ୍ୟର ଆଦର ସାରା ବିଶ୍ୱରେ। ଯେଉଁଥିରେ ଓଡ଼ିଶୀ, ଭାରତନାଟ୍ୟମ୍, କଥକ, କୁଚୁପୁଡ଼ି, ମୋହିନୀଅଟ୍ଟମ୍, ମଣିପୁରୀ, କଥାକଳି ଆଦି ରହିଛି। ଆମ ଓଡ଼ିଶାରେ ମଧ୍ୟ ନୃତ୍ୟର ଅନେକ ଧାରା ରହିଛି। ଓଡ଼ିଶାରେ ଛଉ, ସମ୍ବଲପୁରୀ, ମାହାରୀ, ରଣପା ଏବଂ ବାଘ ନାଚ ଭଳି ଅନେକ ସମୃଦ୍ଧ ଲୋକ ନୃତ୍ୟ ପରମ୍ପରା ରହିଛି। ନୃତ୍ୟ କେବଳ ମନୋରଞ୍ଜନ ନୁହେଁ, ବରଂ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ବୋଲି ଏହି ଦିବସ ବାର୍ତ୍ତା ଦେଇଥାଏ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ନୃତ୍ୟାନୁଷ୍ଠାନ, ବିଦ୍ୟାଳୟ ଏବଂ ସାଂସ୍କୃତିକ ସଂଗଠନ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା, କର୍ମଶାଳା ଏବଂ ପ୍ରଦର୍ଶନୀର ଆୟୋଜନ କରାଯାଏ।

# 'କକ୍‌ଟେଲ୍ ୨'ରେ ଦୀପିକା



ଯେବେଠୁ 'କକ୍‌ଟେଲ୍ ୨' ଫିଲ୍ମ ବିଷୟରେ ଘୋଷଣା କରାଯାଇଛି, ସେବେଠୁ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଶାହିଦ୍ କପୁର, କ୍ରିତି ସାନନ୍ ଓ ରଶ୍ମିକା ମନ୍ଦାନା ଏଥିରେ ଲିଡ୍ ରୋଲରେ ନଜର ଆସିବେ। ଏବେ ଏଥିରେ ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ନଜର ଆସିବେ ବୋଲି ଜଣାପଡ଼ିଛି। ଅବଶ୍ୟ ଦୀପିକା ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ସେ ମୂଳ ଫିଲ୍ମ(କକ୍‌ଟେଲ୍)ର ବେରୋନିକା ଭୂମିକାକୁ ଫେରିବେ। କିଛି ଦିନ ପୂର୍ବରୁ ଦୀପିକା ମ୍ୟାଡକକ୍ ଫିଲ୍ମସ୍ ଅଫିସ୍‌କୁ ଯାଇଥିଲେ। ଏଥିରୁ ସେ 'ମହାବତାର' ଫିଲ୍ମରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଦୀପିକାଙ୍କୁ 'କକ୍‌ଟେଲ୍ ୨'ରେ ବେରୋନିକା ଚରିତ୍ରକୁ ଫେରିବା ପାଇଁ ଅଫର୍ ଦିଆଯାଇଥିବା ଜଣାପଡ଼ିଛି। ଦୀପିକା ଇତିମଧ୍ୟରେ ତାଙ୍କ ଭାଗର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ଅବଶ୍ୟ ଫିଲ୍ମରେ ଦୀପିକାଙ୍କ ଏଣ୍ଟ୍ରି ବିଷୟରେ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ୨୦୧୨ ମସିହାରେ 'କକ୍‌ଟେଲ୍' ଫିଲ୍ମ ଆସିଥିଲା। ଏଥିରେ ବେରୋନିକା (ଦୀପିକା), ତାଙ୍କ ପ୍ରିୟ ବାନ୍ଧବୀ ମୀରା( ଡାଏନା ପେଣ୍ଟି) ଓ ତାଙ୍କ ପ୍ରେମିକ ଗୌତମ (ସୈଫ୍ ଅଲ୍ଲୀ ଖାନ୍)ଙ୍କ ପ୍ରେମ ମଧ୍ୟରେ ଫସି ଯାଉଥିବାର ଦେଖାଯାଇଥିଲା। 'କକ୍‌ଟେଲ୍ ୨' ଆସନ୍ତା ଜୁନ୍ ୧୯ରେ ପରଦାକୁ ଆସିବ। ହୋମି ଅଜଦାନିଆ ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'କକ୍‌ଟେଲ ୨' ୨୦୧୨ରେ ଆସିଥିବା ଫିଲ୍ମ 'କକ୍‌ଟେଲ୍'ର ସିକ୍ୱେଲ।


# ସମ୍ଭାବନା



## ସଫଳତା ପାଇଁ ନିଜକୁ ସୁଧାରନ୍ତୁ

**ସଫଳତା ପାଇବା ପାଇଁ ଜୀବନରେ ସନ୍ତୁଳନ ବଜାୟ ରଖିବା ଖୁବ୍ ଜରୁରି। ନିଜକୁ ସୁଧାରିବା, ନିଜ କ୍ଷମତାକୁ ଚିହ୍ନଟ କରିବା ଦରକାର। ଏହା ହିଁ ଜଣକୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ। ତେଣୁ ଆତ୍ମ ସୁଧାର ବା ନିଜକୁ ସୁଧାରିବା ଦିଗରେ କ'ଣ କରାଯାଇପାରିବ, ସେ ସମ୍ପର୍କରେ ଜାଣିବା।**

- ନିଜ ଉପରେ ସମୟ ନିବେଶ କରନ୍ତୁ। ଜ୍ଞାନ ଓ ନୂତନ କୌଶଳ ଉପରେ ନିବେଶ କରାଯାଇଥିବା ସମୟ ଭବିଷ୍ୟତରେ ସଫଳତା ହାସଲ କରିବା ଦିଗରେ ସାହାଯ୍ୟ କରେ। ନିଜ ଉପରେ ଜଣେ ଯେତେ ସମୟ ନିବେଶ କରିବ, ସେତିକି ପରିମାଣରେ ଆତ୍ମ ସୁଧାର ହୋଇପାରିବ।
- ନିଜ କାମ ଓ ପଦ ପାଇଁ କେଉଁ କୌଶଳ ଦରକାର, ସେ ସମ୍ପର୍କରେ ଜାଣି ନିଜକୁ ସୁଧାରନ୍ତୁ।
- ସେହିପରି ସଫଳ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବା ଦରକାର। କାରଣ ପ୍ରତ୍ୟେକ ସଫଳ ବ୍ୟକ୍ତି ଅନ୍ୟ ସହିତ ନୁହେଁ, ନିଜ ସହିତ ପ୍ରତିଯୋଗିତା କରନ୍ତି। ସେଥିପାଇଁ ନିଜକୁ ସୁଧାରିବା ଦିଗରେ ଏହି ପ୍ରଚେଷ୍ଟା କରିବା ଦରକାର।
- କିଛି ଅଭାବ ନିଜ ଭିତରେ ଥାଏ, ଯାହାକୁ ଅଣଦେଖା କରାଯାଏ। ତେଣୁ ନିଜକୁ ସୁଧାରିବାର ପ୍ରୟାସ କଲେ ନିଜର ଦୁର୍ବଳତା ସାମ୍ନାକୁ ଆସେ।
- ନିଜ ପ୍ରଗତିର ସମୀକ୍ଷା କରନ୍ତୁ ଏବଂ ଆବଶ୍ୟକତା ଅନୁସାରେ ଏହାର ଦିଗ ପରିବର୍ତ୍ତନ କରନ୍ତୁ।
- ଅଭିଯୋଗ କରିବା ସ୍ୱଭାବ ଥିଲେ ସେଥିରେ ପରିବର୍ତ୍ତନ ଆଣନ୍ତୁ। ସକାରାତ୍ମକ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ।
- ନିଜର ଛୋଟ ଛୋଟ ଲକ୍ଷ୍ୟ ନିର୍ଦ୍ଧାରଣ କରନ୍ତୁ। ନିଜର ଭୁଲ୍‌କୁ ଟ୍ରାକ୍ କଲେ ସଫଳତାର ରାସ୍ତା ଉନ୍ମୁକ୍ତ ହୁଏ।



## ହ୍ୱାଟ୍ସଆପ୍‌ରେ ମୋବାଇଲ ରିଚାର୍ଜ

**ହ୍ୱାଟ୍ସଆପ୍ ଭାରତରେ ବ୍ୟବହାରକାରୀଙ୍କ ଲାଗି 'ମୋବାଇଲ ରିଚାର୍ଜ ଫିଚର୍' ଲଞ୍ଚ୍ କରିଛି। ଏହା ଦ୍ୱାରା ଚାଟିଂ କରିବା ସମୟରେ ଏହି ଆପ୍‌ରୁ ହିଁ ମୋବାଇଲ ରିଚାର୍ଜ କରାଯାଇପାରିବ। ଏ ଲାଗି ହ୍ୱାଟ୍ସଆପ୍ 'ପେ ୟୁ' ନାମକ ଏକ ପେମେଣ୍ଟ କମ୍ପାନି ସହିତ ହାତ ମିଶାଇଛି।**




ଏହି ନୂଆ ସୁବିଧା ବ୍ୟବହାରକାରୀଙ୍କୁ କିଛି ସପ୍ତାହ ମଧ୍ୟରେ ଆଣ୍ଡ୍ରଏଡ ଏବଂ ଆଇଫୋନରେ ଉପଲବ୍ଧ ହେବ। ପୂର୍ବରୁ ହ୍ୱାଟ୍ସଆପ୍‌ରେ ବିଲ୍ ଭରିବା ତଥା କିଛି ସହରରେ ମେଟ୍ରୋ ଟିକେଟ୍ ବୁକ୍ କରିବାର ସୁବିଧା ରହିଛି। ଏବେ ଏଥିରେ ରିଚାର୍ଜ କରିବା ସୁବିଧା ଯୋଡ଼ି ହୋଇଯିବା ପରେ ଏହା ଆହୁରି ଲୋକଙ୍କ ପାଇଁ ବ୍ୟବହାରଯୋଗ୍ୟ ହୋଇଯିବା କୁହାଯାଉଛି। ତେବେ ଏୟାରଟେଲ୍, ଜିଓ, ଭୋଡାଫୋନ୍-ଆଇଡିଆର ପ୍ରିପେଡ୍ ବ୍ୟବହାରକାରୀ ନିଜ ମନପସନ୍ଦର ପ୍ଲାନକୁ ବାଛି ମୋବାଇଲ ରିଚାର୍ଜ କରିପାରିବେ।

ବିଶେଷକଥା ହେଉଛି ଏ ଲାଗି ହ୍ୱାଟ୍ସଆପ୍‌କୁ ବନ୍ଦ କରି ଅନ୍ୟ କୌଣସି ଆପ୍‌କୁ ଯିବାକୁ ପଡ଼ିବ ନାହିଁ। ସେହିପରି ରିଚାର୍ଜ ଏବଂ ପେମେଣ୍ଟକୁ ସହଜ କରିବା ଲାଗି ଏଥିରେ ଏକ ଛୋଟ ପରିବର୍ତ୍ତନ କରାଯାଇଛି। ତେଣୁ ଏବେ ଏହି ଆପ୍‌ର ହୋମ୍‌ସ୍କ୍ରିନ୍‌ରେ କ୍ୟାମେରା ଆଇକନ୍ ପାର୍ଶ୍ୱରେ ଟଙ୍କାର ଏକ ନୂଆ ଆଇକନ୍ ଦୃଷ୍ଟିଗୋଚର ହେବ। ଏହା ଉପରେ କ୍ଲିକ୍ କଲେ ପେମେଣ୍ଟ ବିଭାଗରେ ପହଞ୍ଚିବେ। ଏଠାରୁ ମୋବାଇଲ ରିଚାର୍ଜ କରିବା, ୟୁପିଆଇରୁ ଟଙ୍କା ପଠାଇବା, ମେଟ୍ରୋ ଟିକେଟ୍ ବୁକ୍ କରିବା ଆଦି କାମ ଗୋଟିଏ ସ୍ଥାନରୁ ହୋଇଯିବ। ସେହିପରି ଏଥିରେ ରିଚାର୍ଜ ସଫଳତାପୂର୍ବକ ହୋଇଯାଇଥିଲେ ସ୍କ୍ରିନ୍‌କୁ କନଫରମେସନ ମେସେଜ ଆସିବ।

## ସୋସିଆଲ ମିଡିଆ ମ୍ୟାନେଜରଙ୍କ ଚାହିଦା ବଢ଼ୁଛି

**ବିଭିନ୍ନ କମ୍ପାନିର ସୋସିଆଲ ମିଡିଆ ପ୍ରୋଫାଇଲକୁ ସୋସିଆଲ ମିଡିଆ ଏକ୍ସପର୍ଟ ତଥା ମ୍ୟାନେଜର ସମ୍ଭାଳି ଥାନ୍ତି। ତେବେ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାର ସଉକ ଥିଲେ ଡିଜିଟାଲ ମାର୍କେଟିଂ କୋର୍ସ ମାଧ୍ୟମରେ ସୋସିଆଲ ମିଡିଆ ମ୍ୟାନେଜର ପଦବିରେ ନିଯୁକ୍ତି ମିଳିପାରିବ।**



ସୋସିଆଲ ମିଡିଆ ମ୍ୟାନେଜରଙ୍କ କାମ ହେଉଛି ଯେକୌଣସି କମ୍ପାନିର ସୋସିଆଲ ମିଡିଆ ପୋଷ୍ଟ ପାଇଁ ରଣନୀତି ପ୍ରସ୍ତୁତ କରିବା। ବ୍ରାଣ୍ଡକୁ ନେଇ ସଚେତନତା ବୃଦ୍ଧି କରିବା, ଗ୍ରାହକ ସେବା ଉନ୍ନତ କରିବା, ୱେବସାଇଟ୍ ଟ୍ରାଫିକ୍‌ର ପ୍ରଗତି ଦିଗରେ କାର୍ଯ୍ୟ କରିବା। ସେହିପରି ସୋସିଆଲ ମିଡିଆ ପେଜ୍ ଲାଗି କଣ୍ଟେଣ୍ଟ ପ୍ରସ୍ତୁତ କରିବା, ସୋସିଆଲ ମିଡିଆ ବିଜ୍ଞାପନ କ୍ୟାମ୍ପେନକୁ ମ୍ୟାନେଜ କରିବାକୁ ହୋଇଥାଏ। ଏହାବାଦ୍ ୟୁଜରଙ୍କ କମେଣ୍ଟ ମେସେଜର ଉତ୍ତର ରଖିବାକୁ ପଡ଼େ।

କେବଳ ସେତିକି ନୁହେଁ, ସୋସିଆଲ ମିଡିଆର ନୂଆ ଟ୍ରେଣ୍ଡ, ଟେକ୍ନିକ୍ ପ୍ରତି ସଚେତନ ରହିବାକୁ ହୁଏ। ବ୍ରାଣ୍ଡ, ହେଉ ଅବା ଉତ୍ପାଦ କିମ୍ବା ସେଲିବ୍ରିଟି, ଯାହା ପାଇଁ କାମ କରିବା ଦରକାର, ସେସବୁକୁ ସୋସିଆଲ ମିଡିଆରେ ପ୍ରମୋଟ କରିବାକୁ ପଡ଼ିଥାଏ। ଏହା ହେଉଛି ଏମିତି ଏକ କାମ ଯେଉଁଥିରେ, ଫେସବୁକ୍, ଇନଷ୍ଟାଗ୍ରାମ୍, ଟ୍ୱିଟର ଆଦି ମାଧ୍ୟମରେ ଲୋକ ଏବଂ ବ୍ରାଣ୍ଡ ମଧ୍ୟରେ ଏକ ଉତ୍ତମ ସମ୍ବନ୍ଧ ସ୍ଥାପନ କରିବା। ସେହିପରି ଏ କ୍ଷେତ୍ରରେ ମାସକୁ ଦରମା ପ୍ରାରମ୍ଭିକ ସମୟରେ ୩୦ରୁ ୮୦ ହଜାର ରହିଥାଏ।

ତେବେ ସୋସିଆଲ ମିଡିଆରେ ବିଭିନ୍ନ କମ୍ପାନିର ଉତ୍ପାଦ, ପର୍ବପର୍ବାଣି କୁପନ୍ ବାବଦରେ ଦେଖିବାକୁ ମିଳିଥାଏ। କମ୍ପାନିମାନଙ୍କର ଏ ପ୍ରକାର ପ୍ରୋଫାଇଲ ମ୍ୟାନେଜ କରିବା ଲାଗି ସୋସିଆଲ ମିଡିଆ ଏକ୍ସପର୍ଟଙ୍କ ଆବଶ୍ୟକତା ପଡ଼ିଥାଏ। ଆଜିର ସମୟରେ ବଡ଼ ବଡ଼ ସୋସିଆଲ ମିଡିଆ ଇନଫ୍ଲୁଏନସରମାନେ ମଧ୍ୟ ନିଜର ପ୍ରୋଫାଇଲ ମ୍ୟାନେଜ କରିବା ଲାଗି ସୋସିଆଲ ମିଡିଆ ଏକ୍ସପର୍ଟ ଟିମ୍ ରଖୁଛନ୍ତି। ତେଣୁ ଏବେ ବଜାରରେ ସୋସିଆଲ ମିଡିଆ ମ୍ୟାନେଜରର ଚାହିଦା ବଢ଼ୁଛି।

## ଗୁରୁତ୍ୱ ବହନ କରେ ପ୍ରଥମ ଚାକିରି

**ପ୍ରଥମ ଚାକିରି କ୍ୟାରିୟରର ଦିଗ ନିର୍ଣ୍ଣୟ କରେ। ପ୍ରଥମ ଚାକିରିରେ ଆଗକୁ ବଢ଼ିବାର ଅର୍ଥ କେବଳ କାମ ପୂରା କରିବାରେ ସୀମିତ ନ ଥାଏ। ପ୍ରାରମ୍ଭିକ ସମୟରେ ଅଫିସରେ ଟିମ୍ ପରିବେଶ, ମାଲିକଙ୍କ ଆଶା ଆଦିକୁ ବୁଝି ନିଜ କାମରେ ଆଗକୁ ବଢ଼ିବା ଦରକାର। ସେହିପରି ଅଫିସ୍ ତଥା କାମର ଶୈଳୀକୁ ବୁଝିବା, ଟିମ୍‌ରେ କିଭଳି କାମ କରାଯାଏ ଶିଖିବା, ବସ୍‌ଙ୍କ ଆଶା କାମକୁ ନେଇ କ'ଣ ରହିଛି, ସେକଥା ଜାଣିବାକୁ ପଡ଼େ। ଏ ଦୃଷ୍ଟିରୁ ଜୀବନରେ ପ୍ରଥମ ଚାକିରି ସବୁବେଳେ ଗୁରୁତ୍ୱ ବହନ କରେ।**



- ନିଜ ପରିଶ୍ରମ ଏବଂ ଦାୟିତ୍ୱବୋଧ ଦ୍ୱାରା କାମକୁ ଆକୃଷ୍ଟ କରିବା ଦରକାର।
- ପ୍ରେଜେଣ୍ଟେସନକୁ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ ଦେବା ଜରୁରି।
- ନିତିଦିନର କାମ ଓ ପ୍ରୋଜେକ୍ଟକୁ ଟିମ୍ ଓ ବରିଷ୍ଠ ଅଧିକାରୀଙ୍କ ସହିତ ସେୟାର୍ କରନ୍ତୁ। ଏହାଦ୍ୱାରା ନିଜର ଯୋଗଦାନ ଉପରେ ସମସ୍ତଙ୍କ ନଜର ରହିବ।
- କୌଣସି ଭରସାଯୋଗ୍ୟ ସହଯୋଗୀଙ୍କଠାରୁ ପ୍ରତିକ୍ରିୟା ନିଅନ୍ତୁ। ଏହା କାମର ବିକାଶରେ ସାହାଯ୍ୟ କରିବ। ଏହା ଦ୍ୱାରା ଶୀଘ୍ର ଶିଖିବା ସହ ଭୁଲ କମ୍ ହେବ। ତା' ସହ କାମର ଦକ୍ଷତା ବୃଦ୍ଧି ପାଏ।
- ଯଦି କୌଣସି କାମ କ୍ଷମତାଠୁ ବାହାରେ ଏବଂ କମ୍ ସମୟରେ କରିବାର ଥିଲେ ନମ୍ରତାପୂର୍ବକ ମନା କରିବା ଶିଖନ୍ତୁ। ଏହା କାମ ଠକିବାକୁ ଇଙ୍ଗିତ କରି ନ ଥାଏ।

